# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୧/୨୦୨୫ (୧୪ ପୃଷ୍ଠା) | Bhubaneswar, Monday, September 1/2025 | Page 14 | ₹ 7.00

୫୧ଶ ଭାଗ ୨୭୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 277 | ମୂଲ୍ୟ ₹୭/-





**ପାକିସ୍ତାନରେ ବନ୍ୟା: ୩୩ ମୃତ**

ପାକିସ୍ତାନ ପଞ୍ଜାବ ପ୍ରଦେଶରେ ରବିବାର ସୁଦ୍ଧା ବନ୍ୟା ମୃତ୍ୟୁ ସଂଖ୍ୟା ୩୩ରେ ପହଞ୍ଚିଛି। ବନ୍ୟାରେ ପ୍ରଦେଶର ୨,୨୦୦ ଗ୍ରାମ ପ୍ରଭାବିତ ହୋଇଥିବାବେଳେ ପ୍ରାୟ ୭ ଲକ୍ଷ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ସମୁଦାୟ ୨୦ ଲକ୍ଷ ଲୋକ ଏହି ବନ୍ୟାରେ ପ୍ରଭାବିତ ହୋଇଥିବା ନେଇ ପଞ୍ଜାବର ବରିଷ୍ଠ ମନ୍ତ୍ରୀ ମରିୟମ ଔରଙ୍ଗଜେବ ସୂଚନା ଦେଇଛନ୍ତି।



**ଦିଲ୍ଲୀରେ ଆଜି**



ଦିଲ୍ଲୀର ଲାଲକିଲ୍ଲା ମଇଦାନରେ ଦଶହରାରେ ହେବାକୁ ଥିବା ରାମଲୀଳା ପାଇଁ ଭୂମିପୂଜନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଯୋଗ ଦେଇଛନ୍ତି। ବରିଷ୍ଠ ଭାଜପା ନେତା ମୁରଲୀ ମନୋହର ଜୋଷୀ ଉପସ୍ଥିତ ଅଛନ୍ତି। (ଫଟୋ-ଚମନ ଗୌତମ)

# ସର୍ବସାଧାରଣ ସ୍ଥାନରେ ଯାନ ବ୍ୟବହାର ହେଉ ନ ଥିଲେ ଟିକସ ଆଦାୟ ବନ୍ଦ ହେଉ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୩୧।୮(ପି.ଟି.)

ଯାନ ଯଦି ବ୍ୟବହୃତ ହେଉ ନ ଥାଏ କିମ୍ବା ସର୍ବସାଧାରଣ ସ୍ଥାନରେ ବ୍ୟବହାର ପାଇଁ ରଖାଯାଇ ନ ଥାଏ, ତେବେ ଏହାର ମାଲିକଙ୍କ ଉପରେ ସମ୍ପୃକ୍ତ ସମୟ ପାଇଁ ମୋଟରଯାନ ଟିକସ ବୋଝ ପକାଯିବା ଉଚିତ ନୁହେଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଆନ୍ଧ୍ରପ୍ରଦେଶ ହାଇକୋର୍ଟଙ୍କ ୨୦୨୪ ଡିସେମ୍ବରର ଏକ ରାୟକୁ ଚ୍ୟାଲେଞ୍ଜ କରି ହୋଇଥିବା ଆବେଦନ ଉପରେ ଜଷ୍ଟିସ୍ ମନୋଜ ମିଶ୍ରା ଏବଂ ଉଜ୍ଜଳ ଭୂୟାଁଙ୍କ ଖଣ୍ଡପୀଠ ଉପରୋକ୍ତ ରାୟ ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, ମୋଟରଯାନ ଟିକସ ପ୍ରତିପୂରକ ପ୍ରକୃତିର। ଶେଷ ବ୍ୟବହାର ସହ ଏହାର ପ୍ରତ୍ୟକ୍ଷ ସମ୍ପର୍କ ରହିଛି। ଯଦି ଜଣେ ବ୍ୟକ୍ତି ରାସ୍ତା, ରାଜପଥ ଆଦି ସର୍ବସାଧାରଣ ସ୍ଥାନ ବ୍ୟବହାର କରୁଥିବେ, ତେବେ ତାଙ୍କ ଉପରେ ମୋଟରଯାନ ଟିକସ ଧାର୍ଯ୍ୟ କରାଯିବ ଓ ସେ ଏଭଳି ବ୍ୟବହାର ପାଇଁ ଟିକସ ପୈଠ କରିବେ। ଆନ୍ଧ୍ରପ୍ରଦେଶ ମୋଟରଯାନ ଟିକସ ଆଦାୟ ଆଇନ, ୧୯୬୩ର ଧାରା ୩ରେ ଥିବା ବ୍ୟବସ୍ଥାରେ ବ୍ୟବସ୍ଥାପିକା 'ସର୍ବସାଧାରଣ ସ୍ଥାନ' ଶବ୍ଦକୁ ସଚେତନତାର ସହ ବ୍ୟବହାର କରାଯାଇଛି। ସର୍ବସାଧାରଣ ସ୍ଥାନରେ ଯଦି ମୋଟରଯାନ ବ୍ୟବହାର ହେଉନାହିଁ କିମ୍ବା ରଖାଯାଇ ନାହିଁ, ତେବେ ସମ୍ପୃକ୍ତ ବ୍ୟକ୍ତି ସର୍ବସାଧାରଣ ଭିତ୍ତିଭୂମିର ଲାଭ ପାଉ ନାହାନ୍ତି। ତେଣୁ ତାଙ୍କ ଉପରେ ଉକ୍ତ ସମୟ ପାଇଁ ଟିକସ ବୋଝ ପକାଯିବା ଉଚିତ ନୁହେଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି।

# ସେପ୍ଟେମ୍ବରରେ ବନ୍ୟା, ଭୂସ୍ଖଳନ ନେଇ ଆଇଏମ୍‌ଡିର ସତର୍କତା

ନୂଆଦିଲ୍ଲୀ, ୩୧।୮(ପି.ଟି.)

ଅଗଷ୍ଟ ମାସରେ ଦେଶର ବିଭିନ୍ନ ଅଞ୍ଚଳରେ ଲଗାଣ ବର୍ଷା ଯୋଗୁ ଅନେକ ବିପର୍ଯ୍ୟୟ ଘଟିଥିବା ବେଳେ ସେପ୍ଟେମ୍ବର ମାସରେ ମଧ୍ୟ ଉତ୍ତର ଭାରତର ବିଭିନ୍ନ ରାଜ୍ୟରେ ବନ୍ୟା, ଭୂସ୍ଖଳନ ପରି ପ୍ରାକୃତିକ ବିପର୍ଯ୍ୟୟ ଘଟିପାରେ ବୋଲି ରବିବାର ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ସତର୍କତା ଜାରି କରିଛି। ସେହିପରି ସେପ୍ଟେମ୍ବରରେ ଦେଶର ଅଧିକାଂଶ ଅଞ୍ଚଳରେ ସ୍ୱାଭାବିକଠାରୁ ଅଧିକ ବର୍ଷା ରେକର୍ଡ ହେବ ବୋଲି ଆଇଏମ୍‌ଡି ସୂଚନା ଦେଇଛି। ସେପ୍ଟେମ୍ବର ମାସର ହାରାହାରି ବର୍ଷା ସ୍ୱାଭାବିକ ବର୍ଷା ୧୬୭.୯ ମି.ମି. ତୁଳନାରେ ୧୦୯%ରୁ ଅଧିକ ରହିବ ବୋଲି ଆଇଏମ୍‌ଡି ଆକଳନ କରିଛି। ଆକଳନ ଅନୁଯାୟୀ, ସେପ୍ଟେମ୍ବରରେ ଦେଶର ଅଧିକାଂଶ ଅଞ୍ଚଳରେ ସ୍ୱାଭାବିକଠାରୁ ଅଧିକ ବର୍ଷା ରେକର୍ଡ ହେବ। ତେବେ ଉତ୍ତର-ପୂର୍ବ,

**ସ୍ୱାଭାବିକଠାରୁ ଅଧିକ ବର୍ଷା ହେବ**

ପୂର୍ବ ଭାରତର କିଛି ଅଞ୍ଚଳ, ଦକ୍ଷିଣ ଉପଦ୍ୱୀପ ଭାରତର ଅନେକ ଅଞ୍ଚଳ ଏବଂ ଉତ୍ତର-ପଶ୍ଚିମ ଭାରତର କିଛି ସ୍ଥାନରେ ସ୍ୱାଭାବିକଠାରୁ କମ୍ ବର୍ଷା ରେକର୍ଡ ହେବ। ସେପ୍ଟେମ୍ବରରେ ପ୍ରବଳ ବର୍ଷା ଯୋଗୁ ଉତ୍ତରାଖଣ୍ଡରେ ଭୂସ୍ଖଳନ ଓ ବନ୍ୟା ସ୍ଥିତି ସୃଷ୍ଟି ହେବା ସହ ଦକ୍ଷିଣ ହରିୟାଣା, ଦିଲ୍ଲୀ ଏବଂ ଉତ୍ତର ରାଜସ୍ଥାନରେ ସାଧାରଣ ଜନଜୀବନ ପ୍ରଭାବିତ ହୋଇପାରେ ବୋଲି ରବିବାର ଏକ ଅନ୍‌ଲାଇନ ଖବରଦାତା ସମ୍ମିଳନୀ କରି ଆଇଏମ୍‌ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର ସତର୍କତା ଜାରି କରିଛନ୍ତି। ଅନେକ ନଦୀର ଉତ୍ପତ୍ତି ଉତ୍ତରାଖଣ୍ଡରୁ ହୋଇଛି। ତେଣୁ ପ୍ରବଳ ବର୍ଷାରେ ନଦୀଗୁଡ଼ିକ ଫୁଲିବା ସହ ତଳି ଅଞ୍ଚଳରେ ଥିବା ସହରଗୁଡ଼ିକରେ ବନ୍ୟା ସ୍ଥିତି ସୃଷ୍ଟି ହୋଇପାରେ।

# ପଞ୍ଜାବରେ ବନ୍ୟା: କେନ୍ଦ୍ରକୁ ୬୦ ହଜାର କୋଟି ମାଗିଲେ ମାନ୍

ଚଣ୍ଡିଗଡ଼, ୩୧।୮

ପଞ୍ଜାବରେ ବନ୍ୟା ସ୍ଥିତି ଉତ୍କଟ ରୂପ ଧାରଣ କରିବାରେ ଲାଗିଛି। ଗତ କିଛିଦିନ ମଧ୍ୟରେ ରାଜ୍ୟରେ ଲଗାଣ ବର୍ଷା ଯୋଗୁ ରାବି, ସତ୍‌ଲେଜ, ଘାଘର ଆଦି ନଦୀ ଫୁଲି ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ବନ୍ୟାରେ ରାଜ୍ୟର ୨୩ ଜିଲା ମଧ୍ୟରୁ ୨୨ ଜିଲା ପ୍ରଭାବିତ ହୋଇଥିବା ବେଳେ ସମୁଦାୟ ୧.୨୫ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ରାଜ୍ୟର ୧,୩୧୨ ଗ୍ରାମ ପ୍ରଭାବିତ ହୋଇଥିବାବେଳେ ପ୍ରାୟ ୩ ଲକ୍ଷ ଏକର ଜମି ପ୍ରଭାବିତ ହୋଇଥିବା ନେଇ ରାଜ୍ୟର ମୁଖ୍ୟ ଶାସନ ସଚିବ ସୂଚନା ଦେଇଛନ୍ତି। ବନ୍ୟାରେ ରବିବାର ସୁଦ୍ଧା ପଞ୍ଜାବର ୨୬ ଜଣଙ୍କର ମୃତ୍ୟୁ ହୋଇଥିବା ନେଇ ଏକ ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗଓ୍ୱନ୍ତ ମାନ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି କେନ୍ଦ୍ର ନିକଟରେ ପଡ଼ିରହିଥିବା ରାଜ୍ୟ ପାଣ୍ଠିରୁ ୬୦ ହଜାର କୋଟି ଟଙ୍କା ପ୍ରଦାନ କରିବାକୁ ଅନୁରୋଧ କରିଛନ୍ତି।

# ସିବିଆଇ ତଦନ୍ତ କରିଥିବା ୭ ହଜାର ଦୁର୍ନୀତି ମାମଲା କୋର୍ଟରେ ବିଚାରାଧୀନ

ନୂଆଦିଲ୍ଲୀ, ୩୧।୮(ପି.ଟି.)

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ଦ୍ୱାରା ତଦନ୍ତ କରାଯାଇଥିବା ୭,୦୭୨ ଦୁର୍ନୀତି ମାମଲା ଏବେ ବିଭିନ୍ନ କୋର୍ଟରେ ବିଚାରାଧୀନ ରହିଛି। ସେଥିମଧ୍ୟରୁ ୩୭୯ଟି ମାମଲା ୨୦ ବର୍ଷରୁ ଅଧିକ ଦିନଧରି ବିଚାରାଧୀନ ଥିବା ନେଇ ସେଣ୍ଟ୍ରାଲ ଭିଜିଲାନ୍ସ କମିଶନ(ସିଭିସି)ର ସଦ୍ୟତମ ବାର୍ଷିକ ରିପୋର୍ଟରୁ ଜଣାପଡ଼ିଛି। ୨୦୨୪ ଡିସେମ୍ବର ୩୧ ସୁଦ୍ଧା ୧୫୦୬ଟି ଦୁର୍ନୀତି ମାମଲା ୩ ବର୍ଷରୁ କମ୍ ସମୟ ଧରି ବିଭିନ୍ନ କୋର୍ଟରେ ବିଚାରାଧୀନ ଥିବା ବେଳେ ୭୯୧ ମାମଲା ୩ ବର୍ଷରୁ ଅଧିକ ଏବଂ ୫ ବର୍ଷରୁ କମ୍, ୨୧୧୫ ମାମଲା ୫ ବର୍ଷରୁ ଅଧିକ ଏବଂ ୧୦ ବର୍ଷରୁ କମ୍, ୨୨୮୧ ମାମଲା ୧୦ ବର୍ଷରୁ ଅଧିକ ଏବଂ ୨୦ ବର୍ଷରୁ କମ୍ ସମୟ ଧରି କୋର୍ଟରେ ବିଚାରାଧୀନ ଥିବା ନେଇ ରିପୋର୍ଟରେ କୁହାଯାଇଛି।

# ସୀମାରେ ଶାନ୍ତି ବୀମା ପଲିସି ସଦୃଶ

## ମତଭେଦକୁ ବିବାଦରେ ପରିଣତ ହେବାକୁ ଦିଆ ନ ଯାଉ

ତିଆଞ୍ଜିନ୍,୩୧।୮

ଭାରତ ଓ ଚାଇନା ସୀମାରେ ଶାନ୍ତି ତଥା ସ୍ଥିରତା ବଜାୟ ରଖିବା ଦ୍ୱିପାକ୍ଷିକ ସମ୍ପର୍କ ପାଇଁ ଏକ ବୀମା ପଲିସି ସଦୃଶ ବୋଲି ରବିବାର ନୂଆଦିଲ୍ଲୀ ପକ୍ଷରୁ ବେଜିଂକୁ କୁହାଯାଇଛି। ତିଆଞ୍ଜିନ୍‌ରେ ସାଂଘାଇ ସହଯୋଗ ସଙ୍ଗଠନ (ଏସ୍‌ସିଓ) ସମ୍ମିଳନୀ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କ ସହ ଆଲୋଚନାବେଳେ ଭାରତର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ଦ୍ୱିପାକ୍ଷିକ ଆଲୋଚନା ସମ୍ପର୍କରେ ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ବିକ୍ରମ ମିସ୍ତ୍ରି ଗଣମାଧ୍ୟମକୁ ଅବଗତ କରାଇଛନ୍ତି।

ପୂର୍ବ ଲଦାଖରେ ସୀମା ବିବାଦକୁ ନେଇ ଭାରତ ଓ ଚାଇନା ସୈନ୍ୟ ମଧ୍ୟରେ ରକ୍ତାକ୍ତ ସଂଘର୍ଷର ପ୍ରାୟ ୪ ବର୍ଷ ପରେ ୨୦୨୪ ଅକ୍ଟୋବରରେ ପ୍ରଧାନମନ୍ତ୍ରୀ ମୋଦି ଓ ରାଷ୍ଟ୍ରପତି ଜିନ୍‌ପିଙ୍ଗ୍ ରୁଷିଆରେ ପରସ୍ପରକୁ ଭେଟିଥିଲେ। ଏହା ପରେ ରବିବାର ଅନୁଷ୍ଠିତ ଦ୍ୱିପାକ୍ଷିକ ବୈଠକରେ ସୀମା ବିବାଦ ସମେତ ଅନେକ ପ୍ରସଙ୍ଗରେ ଆଲୋଚନା ହୋଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ସୀମାପାର ଆତଙ୍କବାଦକୁ ନେଇ ରହିଥିବା ଆହ୍ୱାନ ପ୍ରସଙ୍ଗ ଉଠାଇବା ସହ ଭାରତ ଓ ଚାଇନା ଏହାର ମୁକାବିଲା ପାଇଁ ପରସ୍ପରକୁ ସହଯୋଗ କରିବା ଉଚିତ ବୋଲି ମତ ଦେଇଛନ୍ତି। ମୋଦି କହିଛନ୍ତି, ସୀମାପାର ଆତଙ୍କବାଦ ପରିପ୍ରେକ୍ଷୀରେ ବର୍ତ୍ତମାନର ଏସ୍‌ସିଓ ସମିଟ୍ ପରିପ୍ରେକ୍ଷୀରେ ଆମେ ଚାଇନାଠାରୁ ସହଯୋଗ ପାଇଛୁ। ଦ୍ୱିପାକ୍ଷିକ ସମ୍ପର୍କ ପାଇଁ ଉଭୟ ପକ୍ଷଙ୍କ ସିଦ୍ଧାନ୍ତ ଭବିଷ୍ୟତରେ ସହାୟକ ହେବ। ଏହି ସମ୍ପର୍କ ଭାରତ ଓ ଚାଇନାର ୨.୮ ବିଲିୟନ୍ ଲୋକଙ୍କୁ ସୁବିଧା ଦେବ। ଏହି ଅବସରରେ ରାଷ୍ଟ୍ରପତି ଜିନ୍‌ପିଙ୍ଗ୍ ସମ୍ପର୍କ ବୃଦ୍ଧି ପାଇଁ ୪ଟି ପ୍ରସ୍ତାବ ଦେଇଛନ୍ତି। ସେଗୁଡ଼ିକ ହେଲା ରଣନୈତିକ ଯୋଗାଯୋଗକୁ ସୁଦୃଢ଼ କରି ପାରସ୍ପରିକ ଆସ୍ଥାକୁ ମଜଭୁତ କରିବା, ପାରସ୍ପରିକ ଲାଭ ହାସଲ ପାଇଁ ବିନିମୟ ଓ ସହଯୋଗକୁ ବିସ୍ତାର କରିବା, ପରସ୍ପରର ଅସୁବିଧା ଦୂରକରିବା ଏବଂ ସମାନ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ପାରସ୍ପରିକ ସହଯୋଗକୁ ଆଗକୁ ବଢ଼ାଇବା। ଏହି ସମସ୍ତ ପ୍ରସ୍ତାବକୁ ପ୍ରଧାନମନ୍ତ୍ରୀ ମୋଦି ସକାରାତ୍ମକ ଭାବେ ଗ୍ରହଣ କରିଛନ୍ତି। ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ସୀମାରେ ଶାନ୍ତି ଓ ସ୍ଥିରତା ଆଣିବା ଉପରେ ମଧ୍ୟ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଭାରତ ଓ ଚାଇନା ମଧ୍ୟରେ କୌଣସି ମତଭେଦକୁ ବିବାଦରେ ପରିଣତ ହେବାକୁ ଦିଆଯିବା ଅନୁଚିତ ବୋଲି ଦୁଇନେତା ସହମତି ପ୍ରକାଶ କରିଥିବା ମିସ୍ତ୍ରି କହିଛନ୍ତି।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍।

# ୩୮ ବର୍ଷୀୟା ଅଭିନେତ୍ରୀ ପ୍ରିୟା ମରାଠେଙ୍କ ପରଲୋକ



ମୁମ୍ବାଇ, ୩୧।୮ (ପି.ଟି.)

ଟିଭି ଅଭିନେତ୍ରୀ ପ୍ରିୟା ମରାଠେ(୩୮)ଙ୍କର ରବିବାର ପରଲୋକ ହୋଇଯାଇଛି। ମୁମ୍ବାଇର ମୀରା ରୋଡ଼ସ୍ଥିତ ନିଜ ବାସଭବନରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ଗତ ୨ ବର୍ଷ ଧରି ସେ କର୍କଟ ରୋଗ ସହ ଲଢ଼େଇ କରୁଥିଲେ। ବିଭିନ୍ନ ହିନ୍ଦୀ ଏବଂ ମରାଠୀ ଧାରାବାହିକରେ ପ୍ରିୟା ଅଭିନୟ କରିଥିଲେ। 'ପବିତ୍ର ରିସ୍ତା', 'କଶମ ସେ' ପରି ଧାରାବାହିକ ତାଙ୍କୁ ଲୋକପ୍ରିୟ କରାଇଥିଲା।

# ଇସ୍ରାଏଲ୍ ଆକ୍ରମଣରେ ହମାସ୍ ମୁଖପାତ୍ର ନିହତ

ଡେଇର୍ ଅଲ୍-ବଲାହ,୩୧।୮

ଇସ୍ରାଏଲୀ ସେନା ଆକ୍ରମଣରେ ହମାସ୍ ସଶସ୍ତ୍ର ଶାଖାର ମୁଖପାତ୍ର ଅବୁ ଅବେଇଦା ନିହତ ହୋଇଛନ୍ତି। ଇସ୍ରାଏଲ୍ ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ କାଟ୍‌ଜ ରବିବାର ଏହା ଘୋଷଣା କରିଛନ୍ତି। ଗାଜା ସିଟିରେ ଇସ୍ରାଏଲ୍ ଶୁକ୍ରବାର ନୂଆ ସାମରିକ ଆକ୍ରମଣ ଆରମ୍ଭ କରିବା ଦିନ ଓବେଇଦା ଶେଷ ମନ୍ତବ୍ୟ ଦେଇଥିଲେ। ଇସ୍ରାଏଲର ଦାବି ଉପରେ ହମାସ୍ କୌଣସି ମନ୍ତବ୍ୟ ଦେଇନାହିଁ। ହମାସ୍‌ର କସମ ବ୍ରିଗେଡ୍‌ରେ ଦୀର୍ଘଦିନ ଧରି ମୁଖପାତ୍ର ରହିଆସିଥିବା ଓବେଇଦାଙ୍କ ଉପରେ ଆକ୍ରମଣ ହୋଇଥିବା ପୂର୍ବରୁ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ସୂଚନା ଦେଇଥିବାବେଳେ ସେ ମୃତ କି ଜୀବିତ ଜାଣି ନ ଥିବା କହିଥିଲେ। ଗାଜା ସିଟିରେ ଦୁଇଦିନ ଧରି ଚାଲିଥିବା ଆକ୍ରମଣରେ ଅନ୍ୟୂନ ୪୩ ପାଲେଷ୍ଟିନୀୟ ନିହତ ହୋଇଛନ୍ତି। ଶିଫା ହସ୍ପିଟାଲକୁ ଶନିବାର ୨୯ଟି ମୃତଦେହ ଅଣାଯାଇଥିବାବେଳେ ରବିବାର ସକାଳେ ଆଉ ୧୧ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୋଟ ମୃତକଙ୍କ ମଧ୍ୟରେ ସହାୟତା ପାଇଁ ଯାଇ ପ୍ରାଣ ହରାଇଥିବା ୧୭ ଜଣ ରହିଛନ୍ତି।



ଅବୁ ଅବେଇଦା

# ମହୁଆ ମୋଇତ୍ରଙ୍କ ନାଁରେ ମାମଲା

ରାୟପୁର, ୩୧।୮

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ବିରୋଧରେ ଆପତ୍ତିଜନକ ଟିପ୍ପଣୀକୁ ନେଇ ରବିବାର ଟିଏମ୍‌ସି ଏମ୍‌ପି ମହୁଆ ମୋଇତ୍ରଙ୍କ ନାଁରେ ଛତିଶଗଡ଼ ରାୟପୁରରେ ମାମଲା ରୁଜୁ ହୋଇଛି। ଗୁରୁବାର ପଶ୍ଚିମବଙ୍ଗର ନଦିଆ ଜିଲାରେ ଏକ ସଭା କରୁଥିବା ବେଳେ ମହୁଆ କହିଥିଲେ, ଯଦି ଶାହା ବାଂଲାଦେଶରୁ ଅନୁପ୍ରବେଶ ରୋକିବାରେ ବିଫଳ ହେଉଛନ୍ତି ତେବେ ତାଙ୍କ ମୁଣ୍ଡକାଟ ହେବା ଉଚିତ୍। ମହୁଆଙ୍କ ଏପରି ମନ୍ତବ୍ୟକୁ ବିରୋଧକରି ସୋମବାର ଅପରାହ୍ନ ୨ଟାରେ କୋଲ୍‌କାତାରେ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ କରାଯିବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି।

# ଭାରତୀୟ ଆପ୍ରବାସନ ବୃଦ୍ଧି ବିରୋଧରେ ଅଷ୍ଟ୍ରେଲିଆରେ ବିକ୍ଷୋଭ

କାନ୍‌ବେରା,୩୧।୮(ପି.ଟି.)

ଅଷ୍ଟ୍ରେଲିଆରେ ଭାରତୀୟଙ୍କ ଆପ୍ରବାସନ ବଢୁଥିବାରୁ ଏହା ବିରୋଧରେ ବିଭିନ୍ନ ସହରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ତେବେ ଅଷ୍ଟ୍ରେଲିଆ ସରକାର ଏଭଳି ବିକ୍ଷୋଭ ଅଭିଯାନକୁ ନିନ୍ଦା କରିଛନ୍ତି। ବର୍ଣ୍ଣବୈଷମ୍ୟ ଓ ଜାତୀୟତାବାଦ ଉପରେ ଆଧାରିତ ଅତି ଦକ୍ଷିଣପନ୍ଥୀ କାର୍ଯ୍ୟକଳାପର ଦେଶରେ କୌଣସି ସ୍ଥାନ ନାହିଁ ବୋଲି ସରକାର କହିଛନ୍ତି। ଆପ୍ରବାସନ ବିରୋଧରେ ଅଷ୍ଟ୍ରେଲୀୟଙ୍କ ରାଲି ସିଡ୍‌ନୀ, ମେଲବର୍ଣ୍ଣ, ବ୍ରିସ୍‌ବେନ୍, କାନ୍‌ବେରା, ଆଡିଲେଡ୍, ପର୍ଥ, ହୋବାର୍ଟ ସମେତ ବିଭିନ୍ନ ସହରରେ ଅନୁଷ୍ଠିତ ହୋଇଛି। ଐତିହ୍ୟ ନିର୍ବିଶେଷରେ ସବୁ ଅଷ୍ଟ୍ରେଲୀୟଙ୍କର ନିରାପଦ ଅନୁଭବ କରିବାର ଅଧିକାର ରହିଛି ଓ ଆମ ସମ୍ପ୍ରଦାୟରେ ସ୍ୱାଗତଯୋଗ୍ୟ ବୋଲି ସରକାରଙ୍କ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ସାମାଜିକ ଏକତାକୁ ଭାଗ ଭାଗ କରିବାକୁ ଓ ଏହାକୁ ନୀଚା ଦେଖାଉବାକୁ ଚାହୁଁଥିବା ଲୋକଙ୍କର ଆମ ଦେଶରେ ସ୍ଥାନ ନାହିଁ ବୋଲି ସେଠାର ଗୃହମନ୍ତ୍ରୀ ଟୋନି ବୁର୍କେ କହିଛନ୍ତି। ବହୁସଂସ୍କୃତିବାଦ ଆମ ଜାତୀୟ ପରିଚୟର ଏକ ଅଭିନ୍ନ ଓ ମୂଲ୍ୟବାନ୍ ଭାଗ ବୋଲି ବହୁସଂସ୍କୃତି ବିଭାଗ ମନ୍ତ୍ରୀ ଆନି ଆଲି କହିଛନ୍ତି।




# ସ୍ୱଦେଶୀ ସାମଗ୍ରୀ ଉପରେ ଗର୍ବ କରିବାକୁ ମୋଦିଙ୍କ ପରାମର୍ଶ

**ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍**

ନୂଆଦିଲ୍ଲୀ,୩୧।୮

ଆଗକୁ ପାର୍ବଣ ଋତୁ ଆସୁଥିବାରୁ ସ୍ୱଦେଶୀ ସାମଗ୍ରୀ ଉପରେ ଗର୍ବ ଅନୁଭବ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି। 'ଭୋକାଲ ଫର୍ ଲୋକାଲ' ମନ୍ତ୍ର ଉପରେ ସେ ଜୋର୍ ଦେବା ସହ ଆତ୍ମନିର୍ଭର ଭାରତ ମାର୍ଗ ଦେଶକୁ ବିକଶିତ କରିବ ବୋଲି କହିଛନ୍ତି। ମନ୍ କୀ ବାତ୍ ମାସିକ ରେଡିଓ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଦୈନନ୍ଦିନ ଜୀବନରେ ଯାହାସବୁ ଦରକାର, ତାହା ସ୍ୱଦେଶୀ ହେବା ଆବଶ୍ୟକ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତୀୟ ସାମଗ୍ରୀ ଉପରେ ୫୦ ପ୍ରତିଶତ ଟାରିଫ୍ ଲଗାଇଥିବାବେଳେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ଖରାପ ହୋଇଛି। ଏଭଳି ସମୟରେ ପ୍ରଧାନମନ୍ତ୍ରୀ ଦେଶକୁ ଆତ୍ମନିର୍ଭର କରାଇବା ଉପରେ ସର୍ବାଧିକ ଗୁରୁତ୍ୱ ଦେଇଛନ୍ତି। ଦେଶର ବିଭିନ୍ନ ଭାଗରେ ଗଣେଶ ପୂଜା ପାଳିତ ହେଉଥିବାବେଳେ ଆଗକୁ ଦୁର୍ଗାପୂଜା ଓ ଦୀପାବଳି ଆସୁଛି। ଏହି ସମୟରେ ଉପହାର, ପୋଷାକ, ଘରସଜ୍ଜା ସାମଗ୍ରୀ ଯାହା କିଛି କିଣୁଛନ୍ତି, ସ୍ୱଦେଶୀ ଉତ୍ପାଦ କିଣିବାରେ ଆଦୌ ଭୁଲନ୍ତୁ ନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ମନ୍ କୀ ବାତ୍‌ର ୧୨୫ତମ ସଂସ୍କରଣରେ ପ୍ରଧାନମନ୍ତ୍ରୀ ବର୍ଷାଋତୁରେ ଦେଶର ବିଭିନ୍ନ ଭାଗରେ ବନ୍ୟା, ଭୂସ୍ଖଳନ ଭଳି ପ୍ରାକୃତିକ ବିପର୍ଯ୍ୟୟ ଘଟଣାକୁ ନେଇ ଦୁଃଖପ୍ରକାଶ କରିଛନ୍ତି। ପ୍ରାକୃତିକ ବିପର୍ଯ୍ୟୟଗୁଡ଼ିକ ଦେଶର ପରୀକ୍ଷା ନେଉଥିବା ସେ କହିଛନ୍ତି। ଏଭଳି ସଙ୍କଟ ସମୟରେ ସୁରକ୍ଷା ବଳ, ସ୍ଥାନୀୟ ଜନସାଧାରଣ, ସାମାଜିକ କର୍ମୀ, ଡାକ୍ତର, ପ୍ରଶାସନ ପକ୍ଷରୁ ଯଥାସମ୍ଭବ ଉଦ୍ୟମ କରାଯାଉଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀନଗରର ଡାଲ୍ ହ୍ରଦରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ଜଳକ୍ରୀଡ଼ା ଉତ୍ସବରେ ନୌଚାଳନାରେ ଚାମ୍ପିଅନ୍ ହୋଇଥିବା ଓଡ଼ିଆ ଝିଅ ରଶ୍ମିତା ସାହୁଙ୍କ ସଫଳତା ସମ୍ପର୍କରେ କହିବା ସହ ତାଙ୍କର ଉଚ୍ଚ ପ୍ରଶଂସା କରିଛନ୍ତି।

# 'ଏଜୁକେଟ୍ ଗର୍ଲ୍ସ'କୁ ମାଗ୍‌ସେସେ ପୁରସ୍କାର

ମାନିଲା,୩୧।୮(ପି.ଟି.)

ସ୍କୁଲ ବାହାରେ ଦୁର୍ଗମ ଗ୍ରାମାଞ୍ଚଳରେ ଝିଅମାନଙ୍କୁ ଶିକ୍ଷାଦାନ କରୁଥିବା ଭାରତୀୟ ଏନ୍‌ଜିଓ 'ଏଜୁକେଟ୍ ଗର୍ଲ୍ସ' ଚଳିତ ବର୍ଷର ରମୋନ ମାଗ୍‌ସେସେ ପୁରସ୍କାର ପାଇଁ ମନୋନୀତ ହୋଇଥିବା ରବିବାର ଫାଉଣ୍ଡେଶନ ପକ୍ଷରୁ ଘୋଷଣା କରାଯାଇଛି। ଏହି ମର୍ଯ୍ୟାଦାଜନକ ପୁରସ୍କାର ପାଇବାରେ ଏଜୁକେଟ୍ ଗର୍ଲ୍ସ ପ୍ରଥମ ଭାରତୀୟ ସଂଗଠନ ବୋଲି ରମୋନ ମାଗ୍‌ସେସେ ଆୱାର୍ଡ ଫାଉଣ୍ଡେଶନ (ଆର୍‌ଏମ୍‌ଏଏଫ୍) ପକ୍ଷରୁ ଏକ ବିବୃତିରେ କୁହାଯାଇଛି।

ରମୋନ ମାଗ୍‌ସେସେ ପୁରସ୍କାର ଏସିଆରେ ନୋବେଲ ପୁରସ୍କାର ସମକକ୍ଷ। ଏସିଆରେ ନିଃସ୍ୱାର୍ଥପର ସେବା ମନୋଭାବର ମହାନତାର ସ୍ୱୀକୃତି ସ୍ୱରୂପ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ପୁରସ୍କାରର ଅନ୍ୟ ୨ ବିଜେତା ହେଲେ ମାଲଦ୍ୱୀପର ସାହିନା ଅଲି ଏବଂ ଫିଲିପାଇନ୍ସର ଫ୍ଲାଭିଆନୋ ଆଣ୍ଟୋନିଓ ଏଲ୍ ଭିଲାନୁଏଭା। ପରିବେଶ ବିକାଶ ଦିଗରେ ସାହିନାଙ୍କ କାର୍ଯ୍ୟ ପାଇଁ ତାଙ୍କୁ ଏହି ପୁରସ୍କାର ନିମନ୍ତେ ମନୋନୀତ କରାଯାଇଛି। ପୁରସ୍କାର ବାବଦରେ ପ୍ରତ୍ୟେକଙ୍କୁ ରାଷ୍ଟ୍ରପତି ରମୋନ ମାଗାସେସେଙ୍କ ଫଟୋ ଥିବା ମେଡାଲ, ପ୍ରଶସ୍ତିପତ୍ର ଓ ନଗଦ ଅର୍ଥରାଶି ପ୍ରଦାନ କରାଯିବ। ୬୭ତମ ରମୋନ ମାଗ୍‌ସେସେ ପୁରସ୍କାର ପ୍ରଦାନ ଉତ୍ସବ ନଭେମ୍ବର ୭ରେ ମାନିଲାର ମେଟ୍ରୋପଲିଟାନ ଥିଏଟରରେ ଅନୁଷ୍ଠିତ ହେବାକୁ ଥିବାବେଳେ ଏସିଆର ଏହି ସର୍ବଶ୍ରେଷ୍ଠ ପୁରସ୍କାର ପାଇଁ ସଫିନା ହୁସେନ୍‌ଙ୍କ ଦ୍ୱାରା ପ୍ରତିଷ୍ଠିତ ଏଜୁକେଟ୍ ଗର୍ଲ୍ସ ମନୋନୀତ ହୋଇଛି। ଝିଅ ଏବଂ କମ୍ ବୟସ୍କା ମହିଳାମାନଙ୍କୁ ଶିକ୍ଷା ପ୍ରଦାନ ଜରିଆରେ ସେମାନଙ୍କୁ ନିରକ୍ଷରତାର ବନ୍ଧନରୁ ମୁକ୍ତ କରିବା ସହ ଦକ୍ଷ ଏବଂ ସାହସୀ କରାଇବା ଓ ପୂର୍ଣ୍ଣ ମାନବୀୟ ସାମର୍ଥ୍ୟ ହାସଲ କରାଇବା ଦିଗରେ ଏହି ସଂସ୍ଥା କାର୍ଯ୍ୟ କରିଥାଏ। ଲଣ୍ଡନ ସ୍କୁଲ୍ ଅଫ୍ ଇକୋନୋମିକ୍ସରୁ ସ୍ନାତକ ଡିଗ୍ରୀ ପରେ ସାନ୍‌ଫ୍ରାନ୍ସିସ୍କୋରେ କାର୍ଯ୍ୟ କରୁଥିବା ସଫିନା ହୁସେନ୍ ନାରୀ ନିରକ୍ଷରତା ଆହ୍ୱାନକୁ ଗ୍ରହଣ କରି ୨୦୦୭ରେ ଏଜୁକେଟ୍ ଗର୍ଲ୍ସ ପ୍ରତିଷ୍ଠା କରିଥିଲେ। ପ୍ରଥମେ ରାଜସ୍ଥାନରେ ଏହି ସଂସ୍ଥା କାର୍ଯ୍ୟ ଆରମ୍ଭ କରିଥିଲା। ଆଦୌ ସ୍କୁଲ୍ ଯାଇ ନ ଥିବା ଓ ସ୍କୁଲ୍‌ଶିକ୍ଷାରୁ ବାଦ୍ ପଡ଼ିଥିବା ଝିଅମାନଙ୍କୁ ଆଣି ସେମାନଙ୍କୁ ଶିକ୍ଷା ପ୍ରଦାନ କରିବା ସହ ଉଚ୍ଚଶିକ୍ଷା ଗ୍ରହଣ ପାଇଁ ସମର୍ଥ ହେବା ଓ ଲାଭଦାୟକ ନିଯୁକ୍ତି ପାଇବା ପର୍ଯ୍ୟନ୍ତ ପାଖରେ ରଖିଥାଏ। ୨୦୧୫ରେ ଏହା ସାରା ଦେଶର ୩୦ ହଜାରରୁ ଊର୍ଦ୍ଧ୍ୱ ଗ୍ରାମରେ ୫୦ ପାଇଲଟ୍ ଭିଲେଜ ସ୍କୁଲ୍ ଆରମ୍ଭ କରିଥିଲା, ଯେଉଁଥିରେ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଝିଅ ସାମିଲ ହୋଇଛନ୍ତି।

ଧରିତ୍ରୀ 51 Years

DHARITRI

ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୧/୨୦୨୫ | Bhubaneswar, Monday, September 1/2025 | ପୃଷ୍ଠା-୧




**କ୍ରିଶନଙ୍କ ୧୫୦ତମ ମ୍ୟାଚ**

ଏସିଆ କପ୍ ହକି ଟୁର୍ନାମେଣ୍ଟର ଜାପାନ ବିପକ୍ଷ ମ୍ୟାଚରେ କ୍ୟାରିୟରର ୧୫୦ତମ ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି ଭାରତ ଗୋଲକିପର କ୍ରିଶନ ବାହାଦୁର ପାଠକ।

୧୨

୦୨

**ବନାଗ୍ନିକୁ ନେଇ 'ଜୁଗ୍‌ନୁମା'**

ଅଭିନେତା ମନୋଜ ବାଜପେୟୀଙ୍କ 'ଜୁଗ୍‌ନୁମା' ଫିଲ୍ମର ଟ୍ରେଲର ରିଲିଜ୍ ହୋଇଛି। ବନାଗ୍ନିକୁ ନେଇ ଏହି ଫିଲ୍ମର କାହାଣୀ ଆଧାରିତ।





ଇସ୍ରାଏଲ ସେନା ଆକ୍ରମଣ ଯୋଗୁ ରବିବାର ଗାଜାରେ ବିସ୍ଫୋରଣ ପରେ ଧୂଆଁ ଉଠୁଛି। (ଫଟୋ-ରଏଟର୍ସ)

# ସମ୍ପର୍କ ସୁଧାରିବାକୁ ଭାରତ-ଚାଇନା ସହମତ

**ପରିବର୍ତ୍ତିତ ଭୂରାଜନୈତିକ ପରିବେଶ ସମ୍ପ୍ରତି ଭାରତ ଓ ଚାଇନାକୁ ନିକଟତର କରାଇଛି। ଆମେରିକାର ଟାରିଫ୍ ନୀତି ଦୁଇ ପଡ଼ୋଶୀଙ୍କୁ କେବଳ ଅତୀତର ମତଭେଦ ଭୁଲିବାକୁ ସୁଯୋଗ ଦେଇନାହିଁ, ବରଂ ରଣନୈତିକ ଓ ବାଣିଜ୍ୟିକ ସହଯୋଗୀ ପାଲଟିବା ପାଇଁ ଏକପ୍ରକାର ବାଧ କରିଛି। ଏହି ପରିପ୍ରେକ୍ଷୀରେ ଚାଇନା ସହ ଦ୍ୱିପାକ୍ଷିକ ସମ୍ପର୍କ ସୁଧାରିବା ପାଇଁ ଭାରତ ପ୍ରତିଶ୍ରୁତିବଦ୍ଧ ବୋଲି ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତିଆଞ୍ଜିନ୍‌ରେ ପ୍ରକାଶ କରିଛନ୍ତି। ଏହା ହେଉଛି ୭ ବର୍ଷ ମଧ୍ୟରେ ମୋଦିଙ୍କ ପ୍ରଥମ ଚାଇନା ଗସ୍ତ। ଏହି ଗସ୍ତବେଳେ ମୋଦି ସୋମବାର ଗ୍ଲୋବାଲ ସାଉଥ୍‌ର ଏକତାକୁ ଗୁରୁତ୍ୱ ଦେଇ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଏବଂ କେନ୍ଦ୍ରୀୟ, ଦକ୍ଷିଣ, ଦକ୍ଷିଣପୂର୍ବ ଏସିଆ ତଥା ମଧ୍ୟପ୍ରାଚ୍ୟର ଅନ୍ୟ ନେତାମାନଙ୍କୁ ଭେଟିବା କାର୍ଯ୍ୟକ୍ରମ ରହିଛି।**



ତିଆଞ୍ଜିନ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍

**ତିଆଞ୍ଜିନ୍,୩୧।୮ (ରଏଟର୍ସ/ପି.ଟି.)**

ଭାରତ ଓ ଚାଇନା ମଧ୍ୟରେ ୩,୮୦୦ କି.ମି. (୨,୪୦୦ ମାଇଲ) ବିସ୍ତୃତ ସୀମା ରହିଛି। ଏହି ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍ଏସି)କୁ ଉପଯୁକ୍ତ ପରିମାପ କରାଯାଇ ନ ଥିବାରୁ ୧୯୫୦ ଦଶକରୁ ଦୁଇ ପଡ଼ୋଶୀ ମଧ୍ୟରେ ସୀମା ବିବାଦ ଲାଗିରହିଛି। ୨୦୨୦ ଜୁନ୍ ୨୦ରେ ପୂର୍ବ ଲଦାଖର ଗଲୱାନ୍ ଉପତ୍ୟକାରେ ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ହୋଇଥିଲା। ଏଥିରେ ଉଭୟ ପକ୍ଷଙ୍କ ସୈନ୍ୟ ମୃତାହତ ହୋଇଥିଲେ। ଗଲୱାନ୍ ସଂଘର୍ଷ ପରଠୁ ଦୁଇଦେଶର ସମ୍ପର୍କରେ ତିକ୍ତତା ଲାଗିରହିଥିବାବେଳେ ଗତବର୍ଷ ରୁଷିଆରେ ଅନୁଷ୍ଠିତ ବ୍ରିକ୍ସ ସମ୍ମିଳନୀ ଅବସରରେ ମୋଦି ଓ ଜିନ୍‌ପିଙ୍ଗ୍ ପରସ୍ପରକୁ ସାକ୍ଷାତ କରିଥିଲେ। ସେବେଠୁ ଦ୍ୱିପାକ୍ଷିକ ସମ୍ପର୍କରେ କ୍ରମଶଃ ଉନ୍ନତି ଆସୁଥିବାରୁ ଏହାକୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ସ୍ୱାଗତ କରିଛନ୍ତି।

ଚାଇନାର ତିଆଞ୍ଜିନ୍‌ରେ ରବିବାରଠାରୁ ଦୁଇଦିନିଆ ସାଂଘାଇ ସହଯୋଗ ସଙ୍ଗଠନ (ଏସ୍‌ସିଓ)ର ୨୫ତମ ବାର୍ଷିକ ସମ୍ମିଳନୀ ଆରମ୍ଭ ହୋଇଛି। ☞ପୃଷ୍ଠା-୨

# ରାଜ୍ୟରେ ନୂଆ ୧୬ ଏନ୍ଏସି, ୭ ମ୍ୟୁନିସିପାଲିଟି

**ସ୍ୱାୟତ୍ତ ଶାସନ ଦିବସ ଅବସରରେ ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ନୂଆ ୧୬ ଏନ୍ଏସି ଏବଂ ୭ ମ୍ୟୁନିସିପାଲିଟି ନାଁ ଘୋଷଣା କରିଛନ୍ତି। ସହରାଞ୍ଚଳରେ ଶାସନ ବ୍ୟବସ୍ଥାରେ ଉଲ୍ଲେଖନୀୟ ପ୍ରଗତି ଆଣିବା ସହ ପୌର ପ୍ରଶାସନକୁ ଅଧିକ ଗତିଶୀଳ କରିବା ଲକ୍ଷ୍ୟରେ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ପୂର୍ବରୁ ଗତ ୧୬ ତାରିଖରେ ୧୨ ନୂଆ ଏନ୍ଏସି ଘୋଷଣା କରାଯାଇଥିଲା। ଏବେ ସଦ୍ୟ ଘୋଷଣା ସହ ରାଜ୍ୟରେ ମୋଟ ଏନ୍ଏସି ସଂଖ୍ୟା ୮୩ରେ ପହଞ୍ଚିଛି। ସେହିପରି ୭ ନୂଆ ମ୍ୟୁନିସିପାଲିଟି ଘୋଷଣା ପରେ ଏହାର ସଂଖ୍ୟା ୫୫ରେ ପହଞ୍ଚିଛି।**

**୭ ମ୍ୟୁନିସିପାଲିଟି**

କରଞ୍ଜିଆ, ବୌଦ୍ଧ, ଭଞ୍ଜନଗର, ଆସ୍କା, ଛତ୍ରପୁର, କବିସୂର୍ଯ୍ୟନଗର, ପୋଲସରା



❝ ଲୋକଙ୍କ ଆଶା ପୂରଣ ଦିଗରେ ସ୍ଥାନୀୟ ଜନପ୍ରତିନିଧି ଯତ୍ନବାନ୍ ହୁଅନ୍ତୁ

| ୧୬ ନୂଆ ଏନ୍ଏସି | |
|---|---|
| ବଲାଙ୍ଗୀର | ଲୋଇସିଂହା |
| ବରଗଡ଼ | ସୋହେଲା |
| କଟକ | ବଡ଼ମ୍ବା, ନରସିଂହପୁର, ସାଲେପୁର |
| ଢେଙ୍କାନାଳ | ଗଁଦିଆ |
| ଗଞ୍ଜାମ | ଜଗନ୍ନାଥପ୍ରସାଦ, ପାତ୍ରପୁର |
| ଯାଜପୁର | ଚଣ୍ଡିଖୋଲ |
| କଳାହାଣ୍ଡି | ନର୍ଲା, ଜୟପାଟଣା |
| ଖୋର୍ଦ୍ଧା | ଟାଙ୍ଗୀ |
| କୋରାପୁଟ | ବୋରିଗୁମ୍ମା |
| ମୟୂରଭଞ୍ଜ | କପ୍ତିପଦା, ଯଶୀପୁର, ରାସଗୋବିନ୍ଦପୁର |

**ଭୁବନେଶ୍ୱର,୩୧।୮ (ରବିନାରାୟଣ ଜେନା)**

ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ସ୍ଥାନୀୟ ରେଲ୍ ଅଡିଟୋରିୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ରାଜ୍ୟରେ ସହରାଞ୍ଚଳ ବିକାଶ ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି, ରାଜ୍ୟର ସହରାଞ୍ଚଳ ହେଉଛି ବିକାଶର ପ୍ରତିଛବି। ସହରାଞ୍ଚଳଗୁଡ଼ିକର ରାସ୍ତାଘାଟ ଯଦି ପରିଷ୍କାର ପରିଚ୍ଛନ୍ନ ସହ ଗର୍ତ୍ତମୁକ୍ତ ନ ରୁହେ ତେବେ ଆମ ଲକ୍ଷ୍ୟ ଅପୂରଣୀୟ ରହିବ। ତେଣୁ ଆସନ୍ତା ୨୦୨୬ ଏପ୍ରିଲ ମଧ୍ୟରେ ରାଜ୍ୟର ସମସ୍ତ ପୌରାଞ୍ଚଳର ରାସ୍ତାଘାଟଗୁଡ଼ିକ ଯେପରି ଗର୍ତ୍ତମୁକ୍ତ ହେବ, ତାହାକୁ ସୁନିଶ୍ଚିତ କରିବା ଦିଗରେ ବିଭାଗ ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟରେ ୧୬ଟି ନୂତନ ଏନ୍ଏସି ଓ ୭ଟି ନୂଆ ମ୍ୟୁନିସିପାଲିଟିର ନାମ ଘୋଷଣା କରିଛନ୍ତି। ନିକଟରେ ମୁଖ୍ୟମନ୍ତ୍ରୀ ୨୧ଟି ନୂତନ ଏନ୍ଏସି ସମ୍ପର୍କରେ ଘୋଷଣା କରିଥିଲେ। ତନ୍ମଧ୍ୟରୁ ୧୨ଟି ଏନ୍ଏସି ଗଠିତ ହେବା ସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ ପାଇସାରିଛି। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ଏହି ୧୨ଟି ନୂତନ ବିଜ୍ଞପିତ ଏନ୍ଏସି ସହିତ ଆଉ ୧୬ଟି ନୂଆ ଏନ୍ଏସି ସୃଷ୍ଟି ହେବ। ସମୁଦାୟ ୨୮ଟି ନୂଆ ଏନ୍ଏସି ଓ ୭ଟି ନୂଆ ମ୍ୟୁନିସିପାଲିଟି ସୃଷ୍ଟିହେବ। ଏହାଦ୍ୱାରା ରାଜ୍ୟର ଅଧିକ ଲୋକଙ୍କୁ ସହରର ମୌଳିକ ସୁବିଧା ଉପଲବ୍ଧ ହୋଇପାରିବ ବୋଲି ସେ କହିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ, ଜନସାଧାରଣ ଅନେକ ଛୋଟ ଛୋଟ ସମସ୍ୟା ନେଇ ସ୍ଥାନୀୟ ପ୍ରତିନିଧିଙ୍କ ନିକଟକୁ ଧାଇଁ ଆସିଥାନ୍ତି। ଅନେକ ସମୟରେ ତାହା ପୂରଣ ନ ହେବାରୁ ବିଧାୟକ କିମ୍ବା ସାଂସଦଙ୍କୁ ଅନୁରୋଧ କରିଥାନ୍ତି। ଯଦି ସ୍ଥାନୀୟ ସଂସ୍ଥାର ଅଧିକାରୀ କିମ୍ବା ଜନପ୍ରତିନିଧି ସେମାନଙ୍କ ଦାୟିତ୍ୱ ସୁଚାରୁରୂପେ ପାଳନ କରନ୍ତେ ତେବେ ମନ୍ତ୍ରୀ, ବିଧାୟକ, ସାଂସଦଙ୍କୁ ଏସବୁ ସମସ୍ୟାରେ ମୁଣ୍ଡ ପୂରାଇବାକୁ ପଡ଼ନ୍ତା ନାହିଁ। ସ୍ଥାନୀୟ ଜନପ୍ରତିନିଧିମାନେ ଲୋକଙ୍କ ସମସ୍ୟାର ସମାଧାନକୁ ଗୁରୁତ୍ୱ ଦେବା ଦିଗରେ ଯତ୍ନବାନ୍ ହେବାର ଆବଶ୍ୟକତା ରହିଛି। ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ, ଶାସନ ବ୍ୟବସ୍ଥାକୁ ସମାଜର ଶେଷସ୍ତରକୁ ଆଣିବା ପାଇଁ, ଶେଷଧାଡ଼ିରେ ଥିବା ଲୋକଙ୍କୁ ଗୁଣାତ୍ମକ ସେବା ଯୋଗାଇଦେବା କ୍ଷେତ୍ରରେ ସ୍ୱାୟତ୍ତ ଶାସନ ଏକ ମହତ୍ତ୍ୱପୂର୍ଣ୍ଣ ବ୍ୟବସ୍ଥା। ଆମ ସରକାର ଏକ ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ରଖି ସହରାଞ୍ଚଳ ଲୋକଙ୍କ ପାଇଁ ଆଧୁନିକ ଭିତ୍ତିଭୂମି ଏବଂ ଗୁଣାତ୍ମକ ମୌଳିକ ସେବା ଯୋଗାଇଦେବାକୁ ଅନେକ ସୁଦୂରପ୍ରସାରୀ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଲୋକେ ଯେଭଳି ଏସବୁର ସୁବିଧା ସୁଯୋଗ ପାଇପାରିବେ ସେଥିପ୍ରତି ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ରବିବାରଠାରୁ ସହରର ସମସ୍ତ ଲୋକଙ୍କ ପାଇଁ ସରକାରୀ ଯୋଜନାଗୁଡ଼ିକର ଲାଭ ସୁବିଧାରେ ପହଞ୍ଚାଇବା ପାଇଁ ରାଜ୍ୟର ସମସ୍ତ ପୌରାଞ୍ଚଳକୁ 'ସହଯୋଗ' କାର୍ଯ୍ୟକ୍ରମ ସମ୍ପ୍ରସାରିତ ନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏହାସହ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ, ପ୍ରଶ୍ନ କିମ୍ବା ପ୍ରସ୍ତାବ ପାଇଁ ଟୋଲ୍ ଫ୍ରି ନମ୍ବର-୧୯୨୯, ସହର ସାଥୀ, ଆମ ବସ୍ ଆପ୍ ଭଳି ବିଭିନ୍ନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର କହିଲେ, ସମସ୍ତ ସ୍ଥାନୀୟ ଲୋକପ୍ରତିନିଧି ଯେପରି ସ୍ୱାୟତ୍ତ ଶାସନର ପ୍ରକୃତ ମୂଲ୍ୟ ପାଇପାରିବେ ସେଥିପ୍ରତି ଜନପ୍ରତିନିଧି ସଜାଗ ରହିବା ଆବଶ୍ୟକ। ରାଜ୍ୟରେ ଲୋକମାନେ ଅଧିକ ସୁବିଧା ଓ ସୁଯୋଗର ଆକାଂକ୍ଷା ନେଇ ସହରମୁହାଁ ହେଉଛନ୍ତି। ଏହାଦ୍ୱାରା ସହରର କଳେବର ବୃଦ୍ଧି ହେଉଛି। ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ☞ପୃଷ୍ଠା-୨

# ନିଖୋଜ ମହିଳାଙ୍କ ମୃତଦେହ ଭେଣ୍ଡିଂ ଜୋନ୍ କ୍ୟାବିନ୍‌ରୁ ମିଳିଲା

**ଧାର ଟଙ୍କାକୁ ନେଇ ହତ୍ୟା ସନ୍ଦେହ**

**ପଟ୍ଟାମୁଣ୍ଡାଇ, ୩୧।୮ (କଳ୍ପତରୁ ନାୟକ)**

୪ ଦିନ ହେଲା ନିଖୋଜ ଥିବା ଜଣେ ମହିଳାଙ୍କ ଅର୍ଦ୍ଧଦଗ୍ଧ ଗଳିତ ମୃତଦେହ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧୀନ ଏଲ୍ଆଇସି କାର୍ଯ୍ୟାଳୟ ସମ୍ମୁଖ ମ୍ୟୁନିସିପାଲଟି ଭେଣ୍ଡିଂ ଜୋନ୍ କ୍ୟାବିନ୍‌ରୁ ରବିବାର ମିଳିଛି। ସେ ହେଲେ ଆଳି ଥାନା ନରେନ୍ଦ୍ରପୁର ଗ୍ରାମର ବନ୍ଦିତା ରାଉତ। ତାଙ୍କ ସ୍ୱାମୀ ବିଦେଶରେ ରହୁଥିବାବେଳେ ସେ ତାଙ୍କର ୮ ବର୍ଷ ପୁଅର ପାଠପଢ଼ା ପାଇଁ ଦେଢ଼ବର୍ଷ ହେଲା ପଟ୍ଟାମୁଣ୍ଡାଇ ବେଲତଳ ଗ୍ରାମରେ ଭଡ଼ାରେ ରହି ଆସୁଥିଲେ। ସେ ଗତ ୨୮ ତାରିଖରେ ପୁଅକୁ ଛାଡ଼ି କୌଣସି କାମରେ ବଜାରକୁ ଯାଇ ଆଉ ଫେରି ନ ଥିଲେ। ଏ ନେଇ ତାଙ୍କ ମା' ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ନିଖୋଜ ମାମଲା (ନଂ. ୮୧/୨୫) ରୁଜୁ କରି ତଦନ୍ତ ଚଳାଇଥିଲା। ହେଲେ ରବିବାର ସକାଳେ ତାଙ୍କ ଗଳିତ ମୃତଦେହ ଠାବ ହେବା ପରେ ପୋଲିସ ଓ ସାଇଣ୍ଟିଫିକ ଟିମ୍ ତାହାକୁ ଜବତ କରି ☞ପୃଷ୍ଠା-୨

# ଭଗବାନ୍‌ଙ୍କ ଉପରେ ପ୍ରତିଶୋଧ ପାଇଁ ଚୋରି

**ଦୁର୍ଗ, ୩୧।୮**

ପ୍ରାୟ ୧୨ ବର୍ଷ ଧରି ଛତିଶଗଡ଼ର ଦୁର୍ଗ ଓ ଏହାର ଆଖପାଖ ଅଞ୍ଚଳରେ ଥିବା ମନ୍ଦିରଗୁଡ଼ିକର ଦାନବାକ୍ସରୁ ଟଙ୍କା ଗାଏବ ହୋଇଯାଉଥିଲା। ତାଲା ଭାଙ୍ଗି ଦାନ ବାକ୍ସଗୁଡିକରୁ ଟଙ୍କା ଚୋରି ହେଉଥିଲା। ଶନିବାର ଦୁର୍ଗ ପୋଲିସ ଯଶୱନ୍ତ ଉପାଧ୍ୟାୟ (୪୫) ନାମକ ଜଣେ ଏଚ୍ଆଇଭି ପଜିଟିଭ ବ୍ୟକ୍ତିଙ୍କୁ ଗିରଫ କରିବା ପରେ ସେ ଦୋଷ ସ୍ୱୀକାର କରିଛନ୍ତି। ତାଙ୍କୁ ଏଚ୍ଆଇଭି ସଂକ୍ରମଣ ହୋଇଥିବାରୁ ଏଥିପାଇଁ ସେ ଭଗବାନ୍‌ଙ୍କୁ ଦାୟୀ କରିଛନ୍ତି। ଭଗବାନଙ୍କ ଉପରେ ପ୍ରତିଶୋଧ ନେବା ପାଇଁ ସେ ୧୨ ବର୍ଷ ହେବ ବିଭିନ୍ନ ମନ୍ଦିରର ଦାନବାକ୍ସରୁ ଟଙ୍କା ଚୋରାଉଥିଲେ ବୋଲି ଯଶୱନ୍ତ କହିଛନ୍ତି। ୨୦୧୨ରେ ଏକ ମାର୍‌ପିଟ ମାମଲାରେ ଜେଲରେ ଥିବା ସମୟରେ ସେ ଏଚ୍ଆଇଭି ଆକ୍ରାନ୍ତ ହୋଇଥିଲେ। ଏହାପରେ ଧର୍ମ ଏବଂ ଈଶ୍ୱରଙ୍କ ଉପରୁ ତାଙ୍କର ଭରସା ଉଠିଯାଇଥିଲା। ଏଚ୍ଆଇଭି ସଂକ୍ରମଣକୁ ସେ ଭଗବାନଙ୍କ ଖେଳ ବୋଲି ବିବେଚନା କରି ଈଶ୍ୱରଙ୍କ ବିରୋଧରେ ପ୍ରତିଶୋଧ ନେବାକୁ ସ୍ଥିର କରିଥିଲେ ଏବଂ ୨୦୧୩ରେ ପ୍ରଥମ ଥର ପାଇଁ ମନ୍ଦିରରେ ଚୋରି କରିଥିଲେ। ପୋଲିସ ସୂଚନା ଅନୁଯାୟୀ, ଯଶୱନ୍ତ ଦୁର୍ଗ ଓ ଏହାର ଆଖପାଖ ମନ୍ଦିରରେ ଅତି କମ୍‌ରେ ୧୦ଟି ଚୋରି କରିଥିବାର ସ୍ୱୀକାର କରିଛନ୍ତି। ତେବେ ସେ ଆହୁରି ଅଧିକ ଚୋରି କରିଥାଇପାରନ୍ତି ବୋଲି ପୋଲିସ ଆଶଙ୍କା କରୁଛି। ପ୍ରତ୍ୟେକ ଥର ସେ ସମାନ ଶୈଳୀରେ ଚୋରି କରୁଥିଲେ। ସେ ଦାନବାକ୍ସ ମଧ୍ୟରୁ କେବଳ ନଗଦ ଟଙ୍କା ଚୋରି କରୁଥିଲେ ଏବଂ ଅଳଙ୍କାରଗୁଡ଼ିକୁ ହାତ ମାରୁ ନ ଥିଲେ। ପ୍ରତ୍ୟେକ ଥର ଚୋରି ପୂର୍ବରୁ ଏବଂ ପରେ ସେ ପୋଷାକ ପରିବର୍ତ୍ତନ କରୁଥିଲେ, ଯାହାଦ୍ୱାରା ସିସିଟିଭି କ୍ୟାମେରାରେ ତାଙ୍କୁ ଚିହ୍ନଟ କରାଯାଇ ପାରୁ ନ ଥିଲା। ସେହିପରି ସେ ସବୁବେଳେ ନିଜ ସ୍କୁଟିକୁ ମନ୍ଦିରଠାରୁ ବହୁ ଦୂରରେ ପାର୍କିଂ କରୁଥିଲେ।



ଯଶୱନ୍ତ ଉପାଧ୍ୟାୟ

## ଉତ୍ତରାଖଣ୍ଡରେ ଭୂସ୍ଖଳନ: ଫସିଥିଲେ ଏନ୍ଏଚ୍‌ପିସିର ୧୯ ଶ୍ରମିକ, ୮ ଉଦ୍ଧାର

**ପିଥୋରାଗଡ଼,୩୧।୮ (ପି.ଟି.)**

ଉତ୍ତରାଖଣ୍ଡର ପିଥୋରାଗଡ଼ରେ ପ୍ରବଳ ବର୍ଷା ଯୋଗୁ ରବିବାର ଭୂସ୍ଖଳନ ଘଟି ଧଉଲିଗଙ୍ଗା ବିଦ୍ୟୁତ୍ ପ୍ରକଳ୍ପର ସ୍ୱାଭାବିକ ଓ ଜରୁରୀ ସୁଡ଼ଙ୍ଗ ଅବରୋଧ ହୋଇଛି। ଫଳରେ ଏକ ପାୱାର ହାଉସ୍ ଭିତରେ ଜାତୀୟ ଜଳବିଦ୍ୟୁତ୍ ନିଗମ ଲିଃ (ଏନ୍ଏଚ୍‌ପିସି)ର ୧୯ ଜଣ ଶ୍ରମିକ ଫସିଥିବାବେଳେ ସେମାନଙ୍କ ମଧ୍ୟରୁ ୮ ଜଣଙ୍କୁ ଉଦ୍ଧାର କରାଯାଇଛି। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ମହରଗରୁ କାନ୍ତାରରେ**


DHARITRI YOUTH CONCLAVE 2025

DHARITRI YOUTH CONCLAVE 2025

**ଧରିତ୍ରୀ କ୍ଲାଇମେଟ ଗ୍ରାଣ୍ଟ**

ସ୍ଥାନୀୟ ଅଞ୍ଚଳରେ ଜଳବାୟୁ ପରିବର୍ତ୍ତନର ମୁକାବିଲା କ୍ଷେତ୍ରରେ ଓତପ୍ରୋତ ଭାବେ ଜଡ଼ିତ ରହି କାର୍ଯ୍ୟ କରୁଥିବା ଓଡ଼ିଶାର ଯୁବପିଢ଼ି ଏବଂ ସଂଗଠନଗୁଡ଼ିକଠାରୁ ଆବେଦନ ପତ୍ର ଆହ୍ୱାନ କରାଯାଉଛି ।

ଆପଣ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରିଥିବା ସମ୍ପର୍କରେ (୨୫୦ରୁ ୩୦୦ଶବ୍ଦ ମଧ୍ୟରେ) ଏକ ସରଳ ବିବରଣୀ ଆମ ପାଖକୁ ପଠାନ୍ତୁ । ଏଥିସହ ୪ଟି ହାଇ ରିଜୋଲ୍ୟୁଶନ ଫଟୋ ଏବଂ ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତୀୟ ନେଇଥିବା ପଦକ୍ଷେପ ସହ ଭବିଷ୍ୟତର ଯୋଜନା ସମ୍ପର୍କିତ ଗୋଟିଏ ଭିଡିଓ ମଧ୍ୟ ପଠାନ୍ତୁ, ଯାହାଦ୍ୱାରା ଆପଣମାନେ 'ଧରିତ୍ରୀ କ୍ଲାଇମେଟ ଗ୍ରାଣ୍ଟ'ରେ ବିଜୟୀ ହେବାର ସୁଯୋଗ ପାଇବେ ।

ଅନୁରୂପ ପ୍ରକ୍ରିୟା ଅନୁସରଣ କରି ଆପଣ ଅନ୍ୟ ଜଣଙ୍କୁ ମଧ୍ୟ ମନୋନୀତ କରିପାରିବେ ।

ମନୋନୀତ ବ୍ୟକ୍ତି କିମ୍ବା ସଂଗଠନକୁ ପ୍ରୋତ୍ସାହନ ସ୍ୱରୂପ ଆସନ୍ତା ନଭେମ୍ବରରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା 'ଧରିତ୍ରୀ ୟୁଥ୍ କନ୍‌କ୍ଲେଭ-୨୦୨୫'ରେ

**ଧରିତ୍ରୀ କ୍ଲାଇମେଟ ଗ୍ରାଣ୍ଟ**

ପୁରସ୍କାର ପ୍ରଦାନ କରାଯିବ ।

ଏହି ସ୍ୱୀକୃତି ଯୁବ ପରିବେଶବିତ୍‌ଙ୍କୁ ପରିବେଶ ଏବଂ ଜଳବାୟୁ ସୁରକ୍ଷା ଦିଗରେ ଅଧିକ ଅଗ୍ରସର କରାଇବ ।

ମନୋନୀତ ଯୁବ ପରିବେଶବିତ୍ ଏବଂ ସଂଗଠନକୁ ଧରିତ୍ରୀ ୟୁଥ୍ କନ୍‌କ୍ଲେଭରେ ଯୁବ ପରିବେଶ ଯୋଦ୍ଧା ଏବଂ ବିଶେଷଜ୍ଞମାନଙ୍କ ସହ ଆଲୋଚନାରେ ଭାଗ ନେବାକୁ ନିମନ୍ତ୍ରଣ କରାଯିବ ।

**ଆବେଦନର ଶେଷ ତାରିଖ : ୧୦ ଅକ୍ଟୋବର ୨୦୨୫**

ଦୟାକରି ନିଜ ବିବରଣୀ dharitriyouthconclave@gmail.com କୁ ପଠାନ୍ତୁ।

ଅଧିକ ଜାଣିବା ପାଇଁ www.dharitriyouthconclave.com କୁ ଦେଖନ୍ତୁ।

APPLY NOW

https://tinyurl.com/yk7ct969




# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ୧୦୦ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଖବରଦାତା ସମ୍ମିଳନୀ, ସ୍ଥାନ: ଭଗବତୀ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷର ୪୩ତମ ପ୍ରତିଷ୍ଠା ଦିବସ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୧ ଟା।
- ଏଆଇସିସିଟିୟୁ ପକ୍ଷରୁ ଟ୍ରମ୍ପଙ୍କ ୫୦% ଟାରିଫ୍ ବିରୋଧରେ ପ୍ରତିବାଦ, ସ୍ଥାନ: ମାଷ୍ଟର କ୍ୟାଣ୍ଟିନ୍ ଛକ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଅସ୍ଥାୟୀ ବନ କର୍ମଚାରୀ ସଂଘ ପକ୍ଷରୁ ଧାରଣା, ସ୍ଥାନ: ଅରଣ୍ୟ ଭବନ, ସମୟ: ପୂର୍ବାହ୍ନ ୧୧ଟା।

## କଟକ
- ଭସାଣି ଶୋଭାଯାତ୍ରା ମଝିରେ ସାଉଣ୍ଡ ସିଷ୍ଟମ ବାହାର କରିବା ପ୍ରତିବାଦରେ ସୁଭାସ ସଙ୍ଗଠନ ପକ୍ଷରୁ ଡିସିପିଙ୍କୁ ଦାବିପତ୍ର, ସ୍ଥାନ: ଡିସିପି କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।
- ପୂର୍ବତନ କାଉନସିଲର ତଥା ସମାଜସେବୀ ମହେଶ୍ୱର ଦାସଙ୍କ ଉଦ୍ଦେଶ୍ୟରେ ଶୋକସଭା, ସ୍ଥାନ: କଟକ ଲେଖକ ସହଯୋଗ ସମିତି, ଖାନନଗର, ସମୟ: ଅପରାହ୍ନ ୫ଟା।
- କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ)ର ୪୩ତମ ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: କଟକ ନେତାଜୀ ବସ୍ ଟର୍ମିନାଲ, ସମୟ: ଅପରାହ୍ନ ୫ଟା।

## ପୁରୀ
- ଅତିବଡ଼ି ଜଗନ୍ନାଥ ଦାସଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ସାତଲହଡ଼ି ମଠ, ସମୟ: ପୂର୍ବାହ୍ନ ୧୦ଟା।
- ଭାଗବତ ସଚେତନତା ସଂକୀର୍ତ୍ତନ ପଦଯାତ୍ରା, ସ୍ଥାନ: ସିଂହଦ୍ୱାର ସମ୍ମୁଖ, ସମୟ: ସକାଳ ୯ଟା।
- ସଂକଳ୍ପ ଫାଉଣ୍ଡେଶନ ପକ୍ଷରୁ ବିଶ୍ୱ ନାରିକେଳ ଦିବସ ପାଳନ, ସ୍ଥାନ: ଖଡ଼ିପଦା ମେଳନ ପଡ଼ିଆ, ସମୟ: ଅପରାହ୍ନ ୪ଟା୩୦।
- ଶ୍ରୀଜଗନ୍ନାଥାୟନ କାର୍ଯ୍ୟକ୍ରମ ଅବସରରେ ନାଟକ ନୀଳାଦ୍ରି ବିହାର, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୭ଟା୩୦।

## ଖୋର୍ଦ୍ଧା
- ଜିଲାସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ଜିଲାପରିଷଦ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଏମ୍‌ଜିଏନ୍‌ଆରଇଜିଏସ୍ ଦୁର୍ନୀତି ପ୍ରତିବାଦରେ ଧାରଣା, ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦାବିରେ ଗଣଧାରଣା,ସ୍ଥାନ:ତହସିଲ କାର୍ଯ୍ୟାଳୟ ସମ୍ମୁଖ, ଜଳେଶ୍ୱର,ସମୟ:ପୂର୍ବାହ୍ନ ୧୦ଟା।
- ଖବରଦାତା ସମ୍ମିଳନୀ,ସ୍ଥାନ:ଜିଲା କଂଗ୍ରେସ କାର୍ଯ୍ୟାଳୟ, ବାଲେଶ୍ୱର,ସମୟ: ଅପରାହ୍ନ ୪ଟା।

## ଭଦ୍ରକ
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ
- ମିଳିତ ଜନଅଭିଯୋଗ ଶୁଣାଣି ଶିବିର,ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ଚିତ୍ରଡ଼ା ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ,ସ୍ଥାନ: ମହାବିଦ୍ୟାଳୟ ପରିସର,ଚିତ୍ରଡ଼ା, ମୋରଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ହ୍ୟାଣ୍ଡଲୁମ ଫେବ ପ୍ରଦର୍ଶନୀ ମେଳା,ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ:ପୂର୍ବାହ୍ନ ୧୧ଟା।

## ଗଞ୍ଜାମ
- ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ଧନନ୍ତର ଗ୍ରାମ ପଞ୍ଚାୟତ, ସମୟ: ସକାଳ ୧୦ଟା ।
- ଦିଗପହଣ୍ଡି: ଗ୍ରାମପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ପଦ୍ମନାଭପୁର ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା୩୦।

## ଗଜପତି
- ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପାରଳାଖେମୁଣ୍ଡି, ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରା, ସ୍ଥାନ: ଢେଙ୍କାନାଳ ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା୩୦।

## ଅନୁଗୋଳ
- ଜିଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ : ବ୍ଲକ କାର୍ଯ୍ୟାଳୟ ନିକଟସ୍ଥ ସଭାଗୃହ , ସମୟ : ପୂର୍ବାହ୍ନ ୧୦ ଟା।

## ଜଗତ୍‌ସିଂହପୁର
- ବଟମହାପୁରୁଷ ଯୁବ ସଙ୍ଗଠନ ପକ୍ଷରୁ ସଫେଇ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: କାଇଁଟୋଳ, ତିର୍ତ୍ତୋଲ, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚାୟତର ବିଭିନ୍ନ ସମସ୍ୟା ନେଇ ଜଗନ୍ନାଥପୁର ସରପଞ୍ଚଙ୍କ ଦ୍ୱାରା ପ୍ରତିବାଦ, ସ୍ଥାନ: ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ:୧୧ଟା।
- ମୁଳିସିଂ ପଞ୍ଚାୟତରେ ପାନୀୟ ଜଳ ଯୋଗାଣ ବିଭାଗର ବେନିୟମ କାର୍ଯ୍ୟ ପ୍ରତିବାଦରେ ଦାବିପତ୍ର ପ୍ରଦାନ ଓ ପ୍ରତିବାଦ, ସ୍ଥାନ: ପାନୀୟ ଜଳ ଓ ପରିମଳ ବିଭାଗ କାର୍ଯ୍ୟାଳୟ, ତିର୍ତ୍ତୋଲ, ସମୟ: ଅପରାହ୍ନ ୨ଟା୩୦।

## କେନ୍ଦ୍ରାପଡ଼ା
- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଟାଉନହଲ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ତ୍ରିଲୋଚନପୁର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ଯାଜପୁର ଜିଲା ଟାକ୍ସ ବାର ଆସୋସିଏଶନ ଆନୁକୂଲ୍ୟରେ ମଦନମୋହନ ସ୍ୱାଇଁଙ୍କ ୮୪ ତମ ଜୟନ୍ତୀ ଅବସରରେ ଆଲୋଚନାଚକ୍ର, ସ୍ଥାନ: ବ୍ୟାସଦେବ ଟାଉନ ହଲ, ବ୍ୟାସନଗର, ସମୟ: ପୂର୍ବାହ୍ନ ୧୧ଟା।

## ନୟାଗଡ଼
- ଠାକୁର ଅନୁକୂଳଚନ୍ଦ୍ରଙ୍କ ଜୟନ୍ତୀ, ସ୍ଥାନ: କଣ୍ଟିଲୋ କୁଞ୍ଜବିହାରୀ ହାଇସ୍କୁଲ ନିକଟ, ସମୟ: ସକାଳ ୮ଟା।
- ସଂସ୍କୃତ ସମ୍ଭାଷଣ ପ୍ରଶିକ୍ଷଣର ଉଦ୍‌ଯାପନ ଦିବସ, ସ୍ଥାନ: ନୟାଗଡ଼ ରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର, ସମୟ: ପୂର୍ବାହ୍ନ ୧୦.୩୦।

## ରାୟଗଡ଼ା
- ଡ.ଏପିଜେ ଅବଦୁଲ କଲାମ ଫାଉଣ୍ଡେସନ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ମା' ସମଲେଇ ଦୁର୍ଗା ମନ୍ଦିର ପ୍ରାଙ୍ଗଣ, ପାଇକ ସାହି, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର
- ଭାରତୀ କଳା ନିକେତନ ପକ୍ଷରୁ ନାଟକ ପରିବେଷଣ 'ପଞ୍ଚମ ବେଦ', ସ୍ଥାନ: ଉମରକୋଟ, କୋଣ୍ଡାଗାଁ ରୋଡ଼ସ୍ଥିତ କଲ୍ୟାଣ ମଣ୍ଡପ, ସମୟ: ସନ୍ଧ୍ୟା ୭ ଟା।

## କୋରାପୁଟ
- ଜିଲାସ୍ତରୀୟ ଜନଶୁଣାଣି, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ବତ୍ରିଶ ସିଂହାସନ ପୀଠ ଦଶହରା ପୂଜା ନେଇ ପୁରୋହିତ ବରଣ, ସ୍ଥାନ: ପାଡୁଆ ଜଗନ୍ନାଥ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ଆମ୍ବୁଲାନ୍ସ ସମସ୍ୟା ନେଇ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ, କୋରାପୁଟ, ସମୟ: ଅପରାହ୍ନ ୫ ଟା।

## ସମ୍ବଲପୁର
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ ସକାଳ ୬ଟା।
- ଜିଲା ପ୍ରଶାସନର ମିଳିତ ଜନ ଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ: ଧନକଉଡା ବ୍ଲକ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର
- ଜାତୀୟ ସ୍ତରର ସିଏମ୍‌ସି ଟ୍ରେନିଂ କାର୍ଯ୍ୟକ୍ରମ, ସ୍ଥାନ: ବଲାଙ୍ଗୀର ସରକାରୀ ଆୟୁର୍ବେଦିକ କଲେଜ ଓ ହସ୍ପିଟାଲ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା
- ଜିଲାସ୍ତରୀୟ ଜନଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଟିଟିଲାଗଡ,ସମୟ: ପୂର୍ବାହ୍ନ ୧୦ଟା ୩୦

## ରାଉରକେଲା
- ଡେଙ୍ଗୁ ଓ ମ୍ୟାଲେରିଆ ସଚେତନତା କର୍ମଶାଳା, ସ୍ଥାନ: ହରିପୁର ବସ୍ତି, ବାସନ୍ତୀ କଲୋନି, ସମୟ: ପୂର୍ବାହ୍ନ ୧୦ଟା।
- ସାହିତ୍ୟ ସଭା ଓ କବିତା ଆସର, ସ୍ଥାନ: ବାସନ୍ତୀ ପାଠାଗାର, ସମୟ: ସନ୍ଧ୍ୟା ୫ଟା ୩୦।

## ସୁନ୍ଦରଗଡ଼
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର,ସ୍ଥାନ:ହେମଗିରି ବ୍ଲକ କାର୍ଯ୍ୟାଳୟ,ସମୟ: ପୂର୍ବାହ୍ନ୧୦ଟା୩୦।

## ବରଗଡ଼
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ଭଟ୍‌ଲି ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାକକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଭବାନୀପାଟଣା ସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ସୁବର୍ଣ୍ଣପୁର
- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ସୋନପୁର ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: କେନ୍ଝିରିଆପାଲି ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରି, ସ୍ଥାନ:ସଦଭାବନା ସଭାଗୃହ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ବର୍ଦ୍ଧିତ ଅଭିଯୋଗ ଶୁଣାଣି ଶବିର, ସ୍ଥାନ:ନୂଆପଡ଼ା ସଦର ବ୍ଲକ କୋଦୋମେରି ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା।

# ବନାଗ୍ନିକୁ ନେଇ 'ଜୁଗ୍‌ନୁମା'

ମୁମ୍ବାଇ: ବଲିଉଡ୍ ଅଭିନେତା ମନୋଜ ବାଜପେୟୀଙ୍କ ଆଗାମୀ ଫିଲ୍ମ 'ଜୁଗ୍‌ନୁମା'ର ଟ୍ରେଲର ଶନିବାର ରିଲିଜ୍ ହୋଇଛି। ଏକ ପାହାଡ଼ିଆ ଅଞ୍ଚଳରେ ବନାଗ୍ନିକୁ ନେଇ ଏହି ଫିଲ୍ମର କାହାଣୀ ଆଧାରିତ ରହିଛି। ଫିଲ୍ମରେ ମନୋଜ ଏବଂ ତାଙ୍କ ପରିବାର ଉକ୍ତ ପାହାଡ଼ିଆ ଅଞ୍ଚଳରେ ଖୁସିରେ ରହୁଥିବା ବେଳେ ବନାଗ୍ନି ଘଟଣା ସେମାନଙ୍କ ଖୁସିରେ ପୂର୍ଣ୍ଣଚ୍ଛେଦ ପକାଉଛି। ବନାଗ୍ନି ଫଳରେ ଆଖପାଖ ଅଞ୍ଚଳର ଫସଲ ନଷ୍ଟ ହେବା ସହ ସ୍ଥାନୀୟ ଲୋକମାନେ ଅନେକ ସମସ୍ୟାରେ ପଡୁଛନ୍ତି। ତେବେ ଏହି ବନାଗ୍ନି କୌଣସି ପ୍ରାକୃତିକ ବିପର୍ଯ୍ୟୟ ନୁହେଁ, ବରଂ ଏହା କୌଣସି ଷଡ଼ଯନ୍ତ୍ର ହୋଇଥାଇପାରେ ବୋଲି ମନେକରି ମନୋଜ ବନାଗ୍ନିର ସତ୍ୟ ଉଜାଗର କରିବାରେ ଲାଗି ପଡୁଛନ୍ତି। ସେ କିପରି ବନାଗ୍ନି ଘଟଣାର ରହସ୍ୟ ଉନ୍ମୋଚନ କରୁଛନ୍ତି, ତାହାକୁ ନେଇ ଫିଲ୍ମର କାହାଣୀ ପର୍ଯ୍ୟବସିତ। 'ଜୁଗ୍‌ନୁମା'ର ଟ୍ରେଲରରେ ମନୋଜଙ୍କ ସ୍ତ୍ରୀଙ୍କ ଭୂମିକାରେ ଅଭିନେତ୍ରୀ ତିଲୋତ୍ତମା ଶୋମ୍ ନଜରକୁ ଆସିଛନ୍ତି। ରାମ ରେଡ୍ଡୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଅଭିନେତା ଦୀପକ ଡୋବରିଆଲ, ହିରଲ ସିଦ୍ଧୁ , ଅଭିନେତ୍ରୀ ପ୍ରିୟଙ୍କା ବୋଷ ପ୍ରମୁଖଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଗୁନୀତ ମୋଙ୍ଗା କପୁର ଓ ଅନୁରାଗ କଶ୍ୟପଙ୍କ ଦ୍ୱାରା ନିର୍ମିତ ଏହି ଫିଲ୍ମ ଆସନ୍ତା ୧୨ ତାରିଖରେ ରିଲିଜ୍ ହେବ।


ମନୋଜ ବାଜପେୟୀ

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଫୁଲ ବିଞ୍ଚଣାର ନଳି**
**କାହା ସଙ୍ଗେ ଗୋରୀ କରିଛ କଳି**
**ମୁହଁ ଯାଇଅଛି ଜଳି ।**

କଳି ଝଗଡ଼ା ହେଲେ ଅନେକ କଟୁ କଥା ଶୁଣିବାକୁ ପଡ଼ିଥାଏ, ଯାହାକି ମନକୁ କ୍ଷତାକ୍ତ କରିଦେଇଥାଏ। କଟୁ ବଚନ ଦ୍ୱାରା ଆଘାତପ୍ରାପ୍ତ ରୂପବତୀ କନ୍ୟାର ମୁଖମଣ୍ଡଳ ଦୁଃଖ ଓ ଅଭିମାନରେ ଜଳିଯାଇଥିବା ନେଇ ଏପରି ଉକ୍ତି ପ୍ରକାଶ କରାଯାଇଛି।

**ଫୁଲ ଫୁଟିଗଲା କଞ୍ଚନ**
**କାଳୀ ଦେଇଗଲା ମୁକୁନ୍ଦି ଉଖୁଡ଼ା**
**ଗୋରୀ ଦେଇଗଲା ବଚନ।**

ସାଧାରଣତଃ ପ୍ରେମରେ ପଡ଼ିଥିବା ବ୍ୟକ୍ତି ନିଜର ପ୍ରେମଭାବକୁ ପ୍ରକାଶ କରିବା ପାଇଁ ଅନେକ ସମୟରେ ଉପହାର, ଉପଢୌକନମାନ ପ୍ରଦାନ କରୁଥିବାର ଲକ୍ଷ୍ୟ କରାଯାଇଥାଏ। ସେହିପରି ପ୍ରତ୍ୟେକ ବ୍ୟକ୍ତି ପରସ୍ପରଠାରୁ ଭିନ୍ନ ଓ ସେମାନଙ୍କ ଚାଲିଚଳନ, ଆଚାର, ବିଚାର, ପ୍ରକୃତି ତଥା ସ୍ୱଭାବରେ ଅନେକ ପ୍ରଭେଦ ରହିଥାଏ। ଏପରି ସ୍ଥିତିରେ ଶ୍ୟାମଳୀ ଓ ଗୌରବର୍ଣ୍ଣା ଯୁବତୀ ନିଜର ସ୍ନେହ, ଆଦର ତଥା ଭଲ ପାଇବାକୁ ପରିପ୍ରକାଶ କରିବା ନେଇ ଭିନ୍ନ ପନ୍ଥା ଆପଣେଇ ନେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ


ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ସମ୍ପର୍କ ସୁଧାରିବାକୁ ...

ଏଥିରେ ଯୋଗଦେବା ପାଇଁ ଚାଇନା ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ମୋଦି ସେଠାକାର ରାଷ୍ଟ୍ରପତି ଜିନ୍‌ପିଙ୍ଗଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ଏହି ଅବସରରେ ଉଭୟ ନେତା ବାଣିଜ୍ୟ ବିସ୍ତାରର ଆବଶ୍ୟକତା ଏବଂ ଆମେରିକା ପକ୍ଷରୁ କଷାଯାଇଥିବା ଉଚ୍ଚ ଟାରିଫ୍ ପରିପ୍ରେକ୍ଷୀରେ ନିବେଶ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଛନ୍ତି। ଦ୍ୱିପାକ୍ଷିକ ବୈଠକକୁ ସମ୍ବୋଧିତ କରି ମୋଦି କହିଛନ୍ତି, ଭାରତ ଓ ଚାଇନା ରଣନୈତିକ ସ୍ୱାୟତ୍ତତା ବୃଦ୍ଧିକୁ ଜୋର୍ ଦେଉଥିବାବେଳେ ଦୁଇ ପଡ଼ୋଶୀଙ୍କ ସମ୍ପର୍କକୁ ଏକ ତୃତୀୟ ରାଷ୍ଟ୍ରର ଦୃଷ୍ଟିରେ ଦେଖାଯିବା ଅନୁଚିତ। ପାରସ୍ପରିକ ସମ୍ମାନ, ଆସ୍ଥା ଓ ସମ୍ବେଦନଶୀଳତା ଆଧାରିତ ସମ୍ପର୍କକୁ ଆଗକୁ ବଢ଼ାଇନେବା ପାଇଁ ଭାରତ ପ୍ରତିଶ୍ରୁତିବଦ୍ଧ ବୋଲି ସମିଟ୍‌ରେ ମୋଦି କହିଛନ୍ତି।

ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, ଭାରତ-ଚାଇନା ସୀମାରେ ଶାନ୍ତି ଓ ସ୍ଥିରତାର ଏକ ବାତାବରଣ ସୃଷ୍ଟି କରାଯାଇଛି। ଉଭୟ ଦେଶ ମଧ୍ୟରେ ସୀମା ପରିଚାଳନା ପାଇଁ ସହମତି ପ୍ରକାଶ ପାଇଛି। ରାଷ୍ଟ୍ରପତି ଜିନ୍‌ପିଙ୍ଗ୍ କହିଛନ୍ତି, ସୀମା ବିବାଦ ଆମ ସମ୍ପର୍କକୁ ପରିଭାଷିତ ନ କରୁ। ଯଦି ଉଭୟ ପକ୍ଷ ପରସ୍ପରକୁ ପ୍ରତିଦ୍ୱନ୍ଦ୍ୱୀ ପରିବର୍ତ୍ତେ ସହଭାଗୀ ଦୃଷ୍ଟିରେ ଦେଖିବେ ତେବେ ଦୁଇଦେଶର ସମ୍ପର୍କ ସ୍ଥିର ଓ ସୁଦୂରପ୍ରସାରୀ ହେବ ବୋଲି ଜିନ୍‌ପିଙ୍ଗ୍ କହିଥିବା ଚାଇନାର ସରକାରୀ ଗଣମାଧ୍ୟମ ଶିନ୍‌ହୁଆ ରିପୋର୍ଟ କରିଛି। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ୨୦୨୦ରେ କୋଭିଡ୍-୧୯ ମହାମାରୀ ପରଠାରୁ ବନ୍ଦ ଥିବା ଭାରତ ଓ ଚାଇନା ମଧ୍ୟରେ ପ୍ରତ୍ୟକ୍ଷ ବିମାନ ଚଳାଚଳକୁ ପୁଣି ଆରମ୍ଭ କରାଯାଉଛି। ତେବେ ଦୁଇଦେଶ ମଧ୍ୟରେ କେବେଠୁ ବିମାନ ଚଳାଚଳ ସ୍ୱାଭାବିକ ହେବ ସେନେଇ ମୋଦି ନିର୍ଦ୍ଦିଷ୍ଟ ଭାବେ କିଛି କହିନାହାନ୍ତି। ବୈଠକରେ ମୋଦି କୈଳାସ ମାନସରୋବର ଯାତ୍ରାର ପୁନଃ ଆରମ୍ଭ ଓ ପର୍ଯ୍ୟଟକ ଭିଜା ସମ୍ପର୍କରେ ଅବତାରଣା କରିଛନ୍ତି। କୈଳାସ ପର୍ବତ ଓ ମାନସରୋବର ହ୍ରଦକୁ ଯାତ୍ରା ଗତବର୍ଷଠାରୁ ପୁଣି ଚାଲିଥିବାବେଳେ ଗତମାସଠାରୁ ଭାରତ ଚାଇନା ନାଗରିକଙ୍କ ପାଇଁ ଟୁରିଷ୍ଟ ଭିଜା ଦେବା ଆରମ୍ଭ କରିଛି। ଉଭୟ ଯାତ୍ରା ଓ ଭିଜା ପ୍ରଦାନ ମଧ୍ୟ ୨୦୨୦ ମହାମାରୀ ସମୟରେ ବନ୍ଦ କରାଯାଇଥିଲା। ରାଷ୍ଟ୍ରପତି ଜିନ୍‌ପିଙ୍ଗ୍ କହିଛନ୍ତି, ଭାରତ ଓ ଚାଇନା ବନ୍ଧୁ ଓ ଉତ୍ତମ ପଡ଼ୋଶୀ ରହିଆସିଛନ୍ତି। ଉଭୟ ଦେଶ ଗ୍ଲୋବାଲ ସାଉଥ୍‌ର ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ହୋଇଥିବାରୁ ନାଗରିକଙ୍କ ଜୀବନରେ ଉନ୍ନତି ଆଣିବା ପାଇଁ ମିଳିତ ଭାବେ ଉତ୍ତରଦାୟିତ୍ୱ ନେବା ଉଚିତ। ମୋଦି ଓ ଜିନ୍‌ପିଙ୍ଗ୍ ଏକ ରାଜନୈତିକ ଓ ରଣନୈତିକ ଦିଗରୁ ଦ୍ୱିପାକ୍ଷିକ ବାଣିଜ୍ୟ ବିସ୍ତାର ଓ ପୁଞ୍ଜିନିବେଶ ଆଡ଼କୁ ଆଗକୁ ବଢ଼ିବାର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଛନ୍ତି। ଚାଇନା ସହ ଭାରତର ବାଣିଜ୍ୟିକ ନିଅଣ୍ଟକୁ ହ୍ରାସ କରିବା ପାଇଁ ପ୍ରଧାନମନ୍ତ୍ରୀ ଚାଇନାକୁ ପ୍ରସ୍ତାବ ଦେଇଥିବା ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେହିପରି ଦୁଇନେତା ଆତଙ୍କବାଦ ଏବଂ ବହୁପାକ୍ଷିକ ମଞ୍ଚଗୁଡ଼ିକରେ ବାଣିଜ୍ୟିକ ସହଯୋଗ ବୃଦ୍ଧି ଭଳି ଦ୍ୱିପାକ୍ଷିକ, ଆଞ୍ଚଳିକ ଓ ବୈଶ୍ୱିକ ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା କରିଛନ୍ତି।

ନୂଆଦିଲ୍ଲୀର ରୁଷୀୟ ତୈଳ କ୍ରୟକୁ ନେଇ ଅସନ୍ତୁଷ୍ଟ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ଦେଶକୁ ଭାରତରୁ ରପ୍ତାନି ହେଉଥିବା ସାମଗ୍ରୀଗୁଡ଼ିକ ଉପରେ ଲଗାଇଥିବା ୫୦% ଟାରିଫ୍ କାର୍ଯ୍ୟକାରୀ ହେବାର ୫ ଦିନ ପରେ ମୋଦି ଓ ଜିନ୍‌ପିଙ୍ଗଙ୍କ ସାକ୍ଷାତକୁ ଗୁରୁତ୍ୱପୂର୍ଣ୍ଣ ମନେକରାଯାଉଛି। ପାଶ୍ଚାତ୍ୟର ଚାପ ବିରୋଧରେ ମୋଦି ଓ ଜିନ୍‌ପିଙ୍ଗ୍ ଏକ ମିଳିତ ସାମ୍ମୁଖ୍ୟର ଅନ୍ୱେଷଣ ଦିଗରେ ଅଗ୍ରସର ହୋଇଥିବା ବିଶ୍ଳେଷକମାନେ ମତ ଦେଇଛନ୍ତି।

### ଆଜି ମୋଦି-ପୁଟିନ୍ ଆଲୋଚନା

ନାଟୋ ଭଳି ପାଶ୍ଚାତ୍ୟ ସାମରିକ ମେଣ୍ଟର ପ୍ରଭାବକୁ ସୀମିତ କରିବା ପାଇଁ ଉଦ୍ଦିଷ୍ଟ ଆଞ୍ଚଳିକ ସୁରକ୍ଷା ଗୋଷ୍ଠୀ ଏସ୍‌ସିଓରେ ଚାଇନା, ଭାରତ ଓ ରୁଷିଆ ସମେତ ୧୦ ରାଷ୍ଟ୍ର ସଦସ୍ୟ ରହିଛନ୍ତି। ଅନ୍ୟ ରାଷ୍ଟ୍ରଗୁଡ଼ିକ ହେଲେ ଇରାନ୍, କାଜାଖସ୍ତାନ, କିର୍ଗିଜସ୍ତାନ, ପାକିସ୍ତାନ, ତାଜିକିସ୍ତାନ, ଉଜ୍‌ବେକିସ୍ତାନ ଓ ବେଲାରୁଷ। ଚାଇନା ଅଧ୍ୟକ୍ଷତାରେ ଚାଲିଥିବା ଏସ୍‌ସିଓର ୨୫ତମ ସମ୍ମିଳନୀରେ ୨୦ରୁ ଊର୍ଦ୍ଧ୍ୱ ନେତାଙ୍କ ସହ ୧୦ ଅନ୍ତର୍ଜାତୀୟ ସଙ୍ଗଠନ ମୁଖ୍ୟ ଯୋଗଦେଉଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଏଥିରେ ସାମିଲ ହେବା ସହ ଆସନ୍ତା ବର୍ଷ ଭାରତ ଅଧ୍ୟକ୍ଷତା କରିବାକୁ ଥିବା ବ୍ରିକ୍ସ ସମ୍ମିଳନୀରେ ଯୋଗଦେବା ପାଇଁ ଚାଇନା ରାଷ୍ଟ୍ରପତି ଜିନ୍‌ପିଙ୍ଗଙ୍କୁ ନିମନ୍ତ୍ରଣ କରିଛନ୍ତି। ସୋମବାର ମୋଦି ଓ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ହେବ, ଯାହା ଉପରେ ଆମେରିକା ସମେତ ପାଶ୍ଚାତ୍ୟର ନଜର ରହିଛି।

## ନିଖୋଜ ମହିଳାଙ୍କ ...

ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ପୋଲିସ ମାମଲା (ନଂ. ୨୬୬/୨୫) ରୁଜୁ କରି ତଦନ୍ତ ଚଳାଇଥିବା ଆଇଆଇସି ବନ୍ଦନା ପାତ୍ର କହିଛନ୍ତି। ବନ୍ଦିତାଙ୍କୁ ଧାର ଟଙ୍କାକୁ ନେଇ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଆଇଆଇସି ପାତ୍ରଙ୍କ କହିବାନୁଯାୟୀ, ପୌର ପରିଷଦର ଭେଣ୍ଟିଂ ଜୋନ୍‌ର ୩୧ ନମ୍ବର କ୍ୟାବିନ୍ ବେଲତଳ ଗ୍ରାମର ଅମୂଲ୍ୟ ନାୟକଙ୍କ ନାମରେ ରହିଛି। ସେ ଏହି କ୍ୟାବିନ୍‌କୁ ବର୍ଷେ ହେବ ଯାଜପୁର ଜିଲା ବରୀ ଅଞ୍ଚଳର ସନ୍ତୋଷ ପରିଡ଼ା ଓରଫ ଚକୁଲିଙ୍କୁ ଭଡ଼ାରେ ଦେଇଥିଲେ। କିଛିଦିନ ହେବ କ୍ୟାବିନ୍ ବନ୍ଦ ଥିବାରୁ ରବିବାର ସକାଳେ ଅମୂଲ୍ୟ ଖୋଲିଥିଲେ। ମାତ୍ର କ୍ୟାବିନ୍ ଭିତରେ ସେ କିଛି ବନ୍ଧା ହୋଇପଡ଼ିଥିବା ଦେଖିବାକୁ ପାଇଥିଲେ ଏବଂ ସେଥିରୁ ଦୁର୍ଗନ୍ଧ ବାହାରୁଥିଲା। ସେ ତୁରନ୍ତ କ୍ୟାବିନ୍ ବନ୍ଦ କରି ଥାନାକୁ ଆସି ଜଣାଇଥିଲେ। ଅନ୍ୟପକ୍ଷରେ ମୃତା ମହିଳା ବନ୍ଦିତା ରାଉତଙ୍କ ଭାଇ ତଥା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବୋଧଗାଁର ଅରବିନ୍ଦ ଜେନାଙ୍କ ଅଭିଯୋଗ ଅନୁଯାୟୀ, ୧୦ ବର୍ଷ ତଳେ ଆଳି ଥାନା ଅଞ୍ଚଳ ନରେନ୍ଦ୍ରପୁର ଗାଁର ଅତୁଲ ରାଉତଙ୍କୁ ବୈଦିକ ରୀତିନୀତି ଅନୁସାରେ ବନ୍ଦିତା ବିବାହ କରିଥିଲେ। ତାଙ୍କ ସ୍ୱାମୀ ବିଦେଶରେ ରୁହନ୍ତି। ସେ ପୁଅର ପାଠପଢା ପାଇଁ ପଟ୍ଟାମୁଣ୍ଡାଇ ବେଲତଳ ଅଞ୍ଚଳରେ ଭଡ଼ାରେ ରହୁଥିଲେ। ଚକୁଲି ବନ୍ଦିତାଙ୍କ ପାଖରୁ ଟଙ୍କା ନେଇଥିଲେ। ଗତ ୨୮ ତାରିଖରେ ଚକୁଲି ଟଙ୍କା ଦେବାକୁ ଡାକିବାରୁ ବନ୍ଦିତା ସେଠାକୁ ଯାଇଥିଲେ। କିନ୍ତୁ ସେ ଆଉ ଫେରି ନ ଥିଲେ। ରବିବାର ସକାଳେ ଚକୁଲିଙ୍କ ଦୋକାନରେ ବନ୍ଦିତାଙ୍କ ମୃତଦେହ ଠାବହେବା ପରେ ପୋଲିସ ତାହାକୁ ପଟ୍ଟାମୁଣ୍ଡାଇ ଉପଖଣ୍ଡ ଡାକ୍ତରଖାନାକୁ ନେଇଥିଲା। ଚକୁଲି ଟଙ୍କା ନ ଦେବା ଲାଗି ବନ୍ଦିତାଙ୍କୁ ହତ୍ୟା କରିଥିବା ବାପଘର ଲୋକେ ଅଭିଯୋଗ କରିବା ସହ ଉପଖଣ୍ଡ ଚିକିତ୍ସାଳୟରେ ବସି ରହିଥିଲେ। ଯେ ପର୍ଯ୍ୟନ୍ତ ଚକୁଲିଙ୍କୁ ଗିରଫ କରା ନ ଯାଇଛି ସେ ପର୍ଯ୍ୟନ୍ତ ମୃତଦେହ ବ୍ୟବଚ୍ଛେଦ ପାଇଁ ଛଡ଼ାଯିବ ନାହିଁ ବୋଲି ଜିଦ୍ ଧରି ବସିଥିଲେ। ସନ୍ଧ୍ୟା ୬ଟାରେ ଏସ୍‌ଡିପିଓ କ୍ଷମାସାଗର ପଣ୍ଡା ସେମାନଙ୍କୁ ବୁଝାଶୁଝା କରିବା ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଛି। ଅଭିଯୁକ୍ତ ଚକୁଲି ଫେରାର ଥିବାବେଳେ ତାଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଚଳାଇଛି।

ଅନ୍ୟପକ୍ଷେ ଶାଶୁଘର ଲୋକେ ବନ୍ଦିତାଙ୍କ ଚରିତ୍ର ଉପରେ ଆକ୍ଷେପ କରି ଗଣମାଧ୍ୟମରେ କହିଥିବା ବେଳେ ପାରିପାର୍ଶ୍ୱିକ ସ୍ଥିତିକୁ ନେଇ ସାଧାରଣ ଲୋକେ ଅଲଗା କିଛି ଘଟିଥାଇ ପାରେ ବୋଲି ଆଲୋଚନା କରୁଛନ୍ତି। ୪ ଦିନ ଭଡ଼ା କ୍ୟାବିନ୍ ବନ୍ଦ ରହିବା, ଦୋକାନ ମାଲିକ ନିଜେ ଦୋକାନ ଖୋଲିବା, ଦୋକାନ ଚାବି କାହା ପାଖରୁ ଆଣି ସେ ଖୋଲିଲେ, ଯଦି ଚକୁଲି ଦୋକାନ ଚାବି ତାଙ୍କୁ ହସ୍ତାନ୍ତର କଲେ ସେ କିପରି ତନଖି ନ କରି ଚାବି ରଖିଲେ ଏବଂ ଏହି ଘଟଣାରେ ଆଉ କେତେଜଣ ସମ୍ପୃକ୍ତ ଅଛନ୍ତି ଆଦି ବିଷୟରେ ଆଲୋଚନା ଚାଲିଛି।

## ଉତ୍ତରାଖଣ୍ଡରେ ଭୂସ୍ଖଳନ...

ମାଟିପଥର ଅତଡ଼ାକୁ ହଟାଇବା କାର୍ଯ୍ୟରେ ଜେସିବି ମେଶିନ୍‌ଗୁଡ଼ିକୁ ନିୟୋଜିତ କରାଯାଇଥିବା ଧରଚୁଲା ଉପଜିଲାପାଳ କହିଛନ୍ତି। ସମସ୍ତ ଶ୍ରମିକ ସୁରକ୍ଷିତ ଅଛନ୍ତି ଓ ପାୱାର ପ୍ରୋଜେକ୍ଟରୁ ବିଦ୍ୟୁତ ଉତ୍ପାଦନ ଜାରି ରହିଥିବା ଉପଜିଲାପାଳ କହିଛନ୍ତି।

## ରାଜ୍ୟରେ ନୂଆ ...

ଅନେକ ନୂଆ ସହରାଞ୍ଚଳ ମଧ୍ୟ ଘୋଷଣା କରିଛନ୍ତି। ତେବେ ଲୋକଙ୍କୁ ଗୁଣାତ୍ମକ ସେବା ଯୋଗାଇପାରିଲେ ଏହି ବ୍ୟବସ୍ଥା ସାର୍ଥକ ହେବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଆଜି ଅଷ୍ଟମଚନ୍ଦ୍ର ହେତୁ ସ୍ୱାସ୍ଥ୍ୟହାନି କିମ୍ବା ମତପାର୍ଥକ୍ୟଜନିତ ଅଶାନ୍ତିକର ବାତାବରଣ ସୃଷ୍ଟି ହେବ। ବିଳାସକାରକ ଶୁକ୍ର କେନ୍ଦ୍ରସ୍ଥ ଯୋଗୁ ବିଳାସପ୍ରିୟ ହେବେ ଏବଂ ମନୋରଞ୍ଜନ କାର୍ଯ୍ୟରେ ବନ୍ଧୁଙ୍କ ନିମନ୍ତ୍ରଣ ପାଇବେ। ପରୋକ୍ଷ ଶତ୍ରୁତା, ବାଣିଜ୍ୟ ଓ ପରିବହନ ପାଇଁ ସମସ୍ୟା ସୃଷ୍ଟିର ଆଶଙ୍କା ରହିଛି। ପିଲାଙ୍କ ସଫଳତାରୁ ଖୁସି ହେବେ।

**ବୃଷ** — ମୁଖଭାବସ୍ଥ ବୃହସ୍ପତିଜନିତ ଆପଣଙ୍କ ପ୍ରଭାବଶାଳୀ ବକ୍ତବ୍ୟ ବହୁଜନମନ ହରଣ କରିବ। କିନ୍ତୁ ଅର୍ଥସଂକଟ ମଧ୍ୟରେ ଗତି କରିବା ସହ ମନ ଅନୁଯାୟୀ କୌଣସି କାମ କରିବା ସହଜସାଧ୍ୟ ନ ହୋଇପାରେ। ଗୃହ ନିର୍ମାଣ, ଯାନବାହନ ମରାମତି, ସଭାସମିତିରୁ ଉପକୃତ ହେବେ। ଆନୁଷ୍ଠାନିକ କାମରେ ଟେନ୍‌ସନ ଲାଗିରହିପାରେ।

**ମିଥୁନ** — କର୍ମାଧିପ ବୃହସ୍ପତି ରାଶିରେ ରହିଥିବାରୁ ଉନ୍ନତ ଚିନ୍ତା, ନୂତନ ଯୋଜନା, କର୍ମାରମ୍ଭ ପାଇଁ ଶୁଭପ୍ରଦ ରହିବ। ଆଜିର ପ୍ରତ୍ୟୁଷ ଯାତ୍ରା ଫଳପ୍ରଦ ହେବା ସହ ଇଚ୍ଛା ଓ ଅଭିଳାଷ ପୂରଣ ଦିଗରେ ସାହାଯ୍ୟ, ସହଯୋଗ ମିଳିବ। ଜମିଜମା, ପୁରୁଣା ଗାଡି ଓ ଯାନ୍ତ୍ରିକ ଜିନିଷ କିଣିବା କିମ୍ବା ବିକିବା ସକାଶେ ମନ ବଳାଇବେ।

**କର୍କଟ** — ଶୁକ୍ରଙ୍କ ପ୍ରଭାବରେ ଅର୍ଥ ସମ୍ପର୍କିତ ସଂକଟଜନକ ସ୍ଥିତିରେ ସୁଧାର ଆସିବା ସହ କାମ ହାସଲରେ ପ୍ରତିବନ୍ଧକ ରହିବନାହିଁ। ଆପଣଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହୋଇ ବନ୍ଧୁ ପଛରେ ସମାଲୋଚନା କରିପାରନ୍ତି। କଚେରି ମାମଲା ମନ୍ଥର ହେବାରୁ ଉଦ୍‌ବେଗ ବଢ଼ିବ। ପରିଜନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବାରୁ ଆଶ୍ୱସ୍ତି ଲଭିବେ।

**ସିଂହ** — ଆଜିର ଗ୍ରହସ୍ଥିତିର ପ୍ରଭାବରେ ଦୈହିକ ସୁସ୍ଥତା ସହ କର୍ମକ୍ଷେତ୍ରରେ ପଦସ୍ଥବ୍ୟକ୍ତିଙ୍କ ସାନ୍ନିଧ୍ୟ ଲଭିବେ। ଚନ୍ଦ୍ର କ୍ଷେତ୍ରରେ ଶୁକ୍ର ଆପଣଙ୍କୁ ବନ୍ଧୁଙ୍କ କଥାରେ ପ୍ରଭାବିତ କରାଇ କୌଣସି ଅକରଣୀୟକର୍ମ ପାଇଁ ପ୍ରୋତ୍ସାହିତ କରିପାରନ୍ତି। ପୁତ୍ରକନ୍ୟା ହେତୁକ ସମସ୍ୟା ଓ ବ୍ୟବସାୟ,ବାଣିଜ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଲାଗିରହିବ।

**କନ୍ୟା** — ଗୁରୁଙ୍କ ଷଡ଼ାଷ୍ଟକ ସ୍ଥିତି ଚନ୍ଦ୍ର ସହ ରହିଥିବାରୁ ଆପଣ ଲକ୍ଷ୍ୟଭ୍ରଷ୍ଟ ହେବେନି ସତ କିନ୍ତୁ ସୁବିଧାରେ କୌଣସି କାମ କରିପାରିବେ ନାହିଁ। ଶତ୍ରୁତା କରୁଥିବା ଲୋକ ମିତ୍ର ସାଜିବାକୁ ଚେଷ୍ଟିତ ହେବେ। ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ। ପ୍ରଶାସନ, ସାମ୍ବାଦିକତା, ପ୍ରକାଶନ ଓ ପରିବହନ କ୍ଷେତ୍ରରେ ଶୁଭଫଳ ପାଇପାରନ୍ତି।

**ତୁଳା** — ଭାଗ୍ୟସ୍ଥ ବୃହସ୍ପତି ହେତୁ କର୍ମକ୍ଷେତ୍ରରେ ତଥା ଆନୁଷ୍ଠାନିକ କାମରେ ଗଠନମୂଳକ ପରାମର୍ଶ ଦେଇ ବନ୍ଧୁଙ୍କ ପ୍ରିୟପାତ୍ର ହେବେ। ଅଟକି ରହିଥିବା ନିର୍ମାଣ ତଥା ବ୍ୟବସାୟଭିତ୍ତିକ କାମ ସୁରୁଖୁରୁରେ ହୋଇଯିବ। ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ପ୍ରଶଂସିତ ହେବେ। ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହୋଇପାରେ।

**ବିଛା** — ରାଶିରେ ଭାଗ୍ୟାଧିପଙ୍କ ସ୍ଥିତି ଯୋଗୁ ନୂଆ କାମଟିଏ ଆରମ୍ଭ କରିବା ପାଇଁ ଅନୁକୂଳ ଦିନଟିଏ। ବନ୍ଧୁଙ୍କ ସହ ଆଲୋଚନା କ୍ଷେତ୍ରରେ ଭାବିଚିନ୍ତି କାମ ନ କଲେ ଅସୁବିଧା ଭୋଗିବେ। କିଛି ନ ବୁଝି ଘଟଣାକୁ ଅତିରଞ୍ଜିତ କରି ପଡ଼ୋଶୀ ବିରୋଧାତ୍ମକ ମନ୍ତବ୍ୟ ଦେଇପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ବିଶେଷ ଅସୁବିଧା ହେବ ନାହିଁ ।

**ଧନୁ** — କେତୁଯୁକ୍ତ ବୁଧ ପ୍ରଭାବରେ କର୍ମକ୍ଷେତ୍ରରେ ପ୍ରତିବନ୍ଧକର ସାମ୍ନା କରି ଅଶାନ୍ତି ଅନୁଭବ କରିବେ। ବନ୍ଧୁମାନେ ଦୂରେଇ ଯିବାରୁ ପାରିବାରିକ ବିବାଦ ସମାଧାନ ବିଳମ୍ବ ହୋଇପାରେ। ସରକାରୀ ସ୍ତରରୁ ଆଶା କରୁଥିବା ଶୁଭଖବର ପାଇ ଉଲ୍ଲସିତ ହେବେ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିଥିବାରୁ ଆଶ୍ୱସ୍ତି ଅନୁଭବ କରିବେ।

**ମକର** — ଆଜି ଏକାଦଶସ୍ଥ ଚନ୍ଦ୍ର ପ୍ରଭାବରେ ପ୍ରତ୍ୟେକ କାର୍ଯ୍ୟରେ ସିଦ୍ଧିଲାଭ ଘଟିବ। ଜମିଜମା କ୍ରୟ କିମ୍ବା ବାଣିଜ୍ୟାରମ୍ଭ ପାଇଁ ମନ ବଳାଇ ପାରନ୍ତି। କିଛିଟା ଲୋଭନୀୟ ପ୍ରତିଶ୍ରୁତି ପ୍ରଦାନ କରି ବନ୍ଧୁଙ୍କ ସହ ନୂତନ ସମ୍ପର୍କରୁ ଖୁସି ରହିବେ। ଗୁରୁଜନଙ୍କ ପରାମର୍ଶ କ୍ରମେ ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିପାରେ।

**କୁମ୍ଭ** — ଶୁଭଭାବରେ ଦେବଗୁରୁଙ୍କ ଅବସ୍ଥିତିଜନିତ ଆଜିର ଯାତ୍ରା, ଆନୁଷ୍ଠାନିକ କାମ ଏବଂ ଧର୍ମକାର୍ଯ୍ୟାରମ୍ଭ ପାଇଁ ଶୁଭପ୍ରଦ ହେବ। ଯେଉଁ କାମରେ ହାତ ଦେବେ ତାହା ସହଜରେ ସମ୍ପନ୍ନ ହୋଇଯିବ। ଆକସ୍ମିକ ସମସ୍ୟାକୁ ନେଇ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ନୀଚ ସଂସର୍ଗରୁ ଦୂରେଇ ରହନ୍ତୁ,ନଚେତ୍ ସମାଲୋଚିତ ହେବାକୁ ପଡିପାରେ।

**ମୀନ** — ମଙ୍ଗଳଙ୍କ ମଙ୍ଗଳପ୍ରଦ ଦୃଷ୍ଟିରୁ କର୍ମକ୍ଷେତ୍ରରେ, ରାଜନୀତିରେ ଆଶାପୂରଣ କରିପାରିବେ। ସାମାଜିକ ସ୍ତରରେ କୌଣସି ନୀଚ ଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହେବେ। ଆନୁଷ୍ଠାନିକ କାମରୁ କିମ୍ବା ସଭାସମିତିରେ ସଫଳତା ହାସଲ କରିବେ। ସମ୍ପର୍କୀୟଙ୍କ ସହ ସମ୍ପର୍କହାନି ଯୋଗୁ ଚିନ୍ତାପ୍ରକଟ କରବାର ସୂଚନା ରହିଛି।

ଆଜି ସେପ୍ଟେମ୍ବର ୧ ତାରିଖ, ଜାତୀୟ ପରିପୁଷ୍ଟି ସପ୍ତାହ ଆରମ୍ଭ, ଭାଦ୍ରବ ଶୁକ୍ଳପକ୍ଷର ତାଳନବମୀ ସୋମବାର, ରାଶିନକ୍ଷତ୍ର-ଜ୍ୟେଷ୍ଠା/ବିଛା, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୩୪ ଗତେ ଘ.୦୭.୦୭ ମଧ୍ୟେ, ଘ.୧୦.୩୨ ଗତେ ଘ.୦୧.୦୦ ମଧ୍ୟେ ଶୁଦ୍ଧ ଶୁଭ ବେଳା । ସକାଳ ଘ.୦୭.୦୭ ଗତେ ଘ.୦୮.୪୦ ମଧ୍ୟେ ରାହୁ କାଳ ।

# ସାମୂହିକ ସଚେତନତା ମଧୁମେହ ରୋଗକୁ ଦୂର କରିପାରିବ: ରାଜ୍ୟପାଳ

## ଆର୍‌ଏସ୍‌ଏସ୍‌ଡିଆଇ ଓଡ଼ିଶା ଚାପ୍ଟରର ୧୩ତମ ବାର୍ଷିକ ସମ୍ମିଳନୀ ଉଦ୍‌ଘାଟିତ

କଟକ,୩୧।୮ (ଶିଳ୍ପା ପ୍ରିୟଦର୍ଶିନୀ)

ସାମ୍ପ୍ରତିକ ସମୟରେ ମଧୁମେହ ରୋଗୀଙ୍କ ସଂଖ୍ୟା ବଢ଼ି ଚାଲିଛି। ମଧୁମେହର ଶିକାର ହେବା ସହ ହୃଦ୍‌ରୋଗ, କିଡ୍‌ନୀ ଭଳି ଅନ୍ୟାନ୍ୟ ମାରାତ୍ମକ ରୋଗ ମଣିଷ ଶରୀରକୁ ଘାରୁଛି। ନୀରବ ଘାତକ ମଧୁମେହ ରୋଗର ମୁକାବିଲା ପାଇଁ ସାମୂହିକ ସଚେତନତା ଏକାନ୍ତ ଆବଶ୍ୟକ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି ରିସର୍ଚ୍ଚ ସୋସାଇଟି ଫର୍ ଦି ଷ୍ଟଡି ଅଫ୍ ଡାଇବେଟିସ ଇନ ଇଣ୍ଡିଆ (ଆର୍‌ଏସ୍‌ଏସ୍‌ଡିଆଇ) ଓଡ଼ିଶା ଚାପ୍ଟରର ୧୩ତମ ବାର୍ଷିକ ସମ୍ମିଳନୀର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଛନ୍ତି। ରାଜ୍ୟପାଳ କହିଛନ୍ତି ଯେ, ସମାଜର ସମସ୍ତ ବର୍ଗର ଜନସାଧାରଣ ସୁସ୍ଥ ଜୀବନଶୈଳୀ ଆପଣେଇବା ସହ ସ୍ୱାସ୍ଥ୍ୟ ସଚେତନତାର ସଂସ୍କୃତି ସୃଷ୍ଟି ପାଇଁ ସାମୂହିକ ଭାବେ କାର୍ଯ୍ୟ କରିବା ଆବଶ୍ୟକ। ମଧୁମେହ ରୋଗ ଏକ ନୀରବ ମହାମାରୀ। ଏହା କେବଳ ବ୍ୟକ୍ତି ବିଶେଷଙ୍କୁ ପ୍ରଭାବିତ କରେ ନାହିଁ ବରଂ ପରିବାର, ଗୋଷ୍ଠୀ ଏବଂ ଅର୍ଥନୀତିକୁ ପ୍ରଭାବିତ କରିଥାଏ। ସନ୍ତୁଳିତ ପୁଷ୍ଟିସାର, ନିୟମିତ ବ୍ୟାୟାମ, ମାନସିକ ଚାପ ପରିଚାଳନା ଓ ସମୟ ଅନୁଯାୟୀ ସ୍ୱାସ୍ଥ୍ୟ ପରୀକ୍ଷା ବିପଦକୁ ଯଥେଷ୍ଟ ହ୍ରାସ କରିପାରିବ। ଏ ଦିଗରେ ସ୍ୱାସ୍ଥ୍ୟ ସଚେତନତାକୁ ପ୍ରୋତ୍ସାହିତ କରିବା ପାଇଁ ବିଦ୍ୟାଳୟ, ମହାବିଦ୍ୟାଳୟ, କର୍ମକ୍ଷେତ୍ର, ନାଗରିକ ସମାଜ ଏବଂ ଗଣମାଧ୍ୟମ ଆଗେଇ ଆସିବା ଜରୁରୀ। ମଧୁମେହ ବିରୋଧରେ ଜିତିବା ପାଇଁ ସେହିପରି ସାମୂହିକ ମନୋଭାବ ଆବଶ୍ୟକ। କର୍କଟ, ମଧୁମେହ, ହୃଦ୍‌ରୋଗ ଏବଂ ଷ୍ଟ୍ରୋକ ନିବାରଣ ଓ ନିୟନ୍ତ୍ରଣ କାର୍ଯ୍ୟକ୍ରମ (ଏନ୍‌ପିସିଡିସିଏସ୍) ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପଦକ୍ଷେପ ପ୍ରଶଂସନୀୟ। ସମ୍ମିଳନୀରେ ଅଂଶଗ୍ରହଣକାରୀମାନେ ଏଠାରେ ପ୍ରାପ୍ତଜ୍ଞାନ ଓ ଅନ୍ତର୍ଦୃଷ୍ଟିକୁ ଆଗକୁ ବଢ଼ାଇ ଅର୍ଥପୂର୍ଣ୍ଣ ଭାବେ ଏହାକୁ କାର୍ଯ୍ୟରେ ବିନିଯୋଗ କଲେ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଆଶା ଏବଂ ଆରୋଗ୍ୟ ଆଣିପାରିବେ। ଏକ ସୁସ୍ଥ ଓଡ଼ିଶା ଏବଂ ସଶକ୍ତ ଭାରତ ଗଠନ ପାଇଁ ନିଜକୁ ଉତ୍ସର୍ଗୀକୃତ କରିବାକୁ ରାଜ୍ୟପାଳ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ହାଇଦ୍ରାବାଦ ଆପୋଲୋ ହସ୍ପିଟାଲ ଡା. ସି.ଏଚ୍. ବସନ୍ତ କୁମାର କହିଛନ୍ତି ଯେ, ମଣିଷର ଜୀବନ ଶୈଳୀରେ ପରିବର୍ତ୍ତନ ସହ ପ୍ରାଥମିକସ୍ତରରେ ଚିକିତ୍ସା କରାଇଲେ ରୋଗରୁ ମୁକ୍ତି ପାଇପାରିବେ। ଅନ୍ୟତମ ଅତିଥି ଭାବେ ଆର୍‌ଏସ୍‌ଏସ୍‌ଡିଆଇ ଓଡ଼ିଶା ସମ୍ପାଦକ ସୁରେଶ କୁମାର ବଂଶଲ, ଆର୍‌ଏସ୍‌ଏସ୍‌ଡିଆଇ ଓଡ଼ିଶା ଅଧ୍ୟକ୍ଷ ରମେଶ ଗୋଏଙ୍କା, ଆର୍‌ଏସ୍‌ଏସ୍‌ଡିଆଇ ଓଡିଶାର ପାଟ୍ରୋନ ପ୍ରଫେସର ଡା. ସିଦ୍ଧାର୍ଥ ଦାସ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅତିଥିମାନଙ୍କ ଦ୍ୱାରା ଏକ ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ଏହି ଅବସରରେ ପ୍ରଫେସର ଡା. ସିଦ୍ଧାର୍ଥ ଦାସଙ୍କୁ ଜୀବନବ୍ୟାପୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ରାଜ୍ୟପାଳ ଆର୍‌ଏସ୍‌ଏସ୍‌ଡିଆଇ ରୁରାଲ ଆଉଟ୍‌ରିଚ ଓଡ଼ିଶା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଆର୍‌ଏସ୍‌ଏସ୍‌ଡିଆଇ ଆୟୋଜନ କମିଟି ଅଧ୍ୟକ୍ଷ ଡା. ଜୟନ୍ତ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଆୟୋଜକ କମିଟି ସମ୍ପାଦକ ଡା. ଦେବାର୍ଚ୍ଚନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।



ଆର୍‌ଏସ୍‌ଏସ୍‌ଡିଆଇ ଓଡ଼ିଶା ଚାପ୍ଟରର ବାର୍ଷିକ ସମ୍ମିଳନୀରେ ପ୍ରଫେସର ଡା. ସିଦ୍ଧାର୍ଥ ଦାସଙ୍କୁ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି ଜୀବନବ୍ୟାପୀ ସମ୍ମାନରେ ସମ୍ମାନିତ କରୁଛନ୍ତି।

### ପ୍ରଫେସର ଡା. ସିଦ୍ଧାର୍ଥ ଦାସ ଜୀବନବ୍ୟାପୀ ସମ୍ମାନରେ ସମ୍ମାନିତ

# ଆଇ ଶୁଦ୍ଧିକ୍ରିୟାରେ ନାବାଳକ ନାତି ପାଣିରେ ବୁଡ଼ି ମୃତ

କାମାକ୍ଷାନଗର,୩୧।୮ (ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ବଡସୁଆଲୋ ଗ୍ରାମରେ ରବିବାର ଏକ ଅଭାବନୀୟ ଘଟଣା ଘଟିଯାଇଛି। ଆଇ ଶୁଦ୍ଧିକ୍ରିୟା ନିମନ୍ତେ ପରିବାର ଓ ବନ୍ଧୁବାନ୍ଧବଙ୍କ ସହ ନଦୀକୁ ଯାଇଥିବାବେଳେ ପାଣିରେ ବୁଡି ୧୧ ବର୍ଷୀୟ ନାବାଳକ ନାତିର ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ଯାଜପୁର ଜିଲା ଟମ୍‌କା ଅଞ୍ଚଳର ସୁରେଶ ବାରିକଙ୍କ ନାବାଳକ ପୁଅ ମିହିର ବାରିକ ଆଇଙ୍କ ଶୁଦ୍ଧିକ୍ରିୟା ନିମନ୍ତେ କାମାକ୍ଷାନଗର ଥାନା ହାଟୁଆରୀ ଗ୍ରାମକୁ ଆସିଥିଲେ। ପରିବାର ଓ ବନ୍ଧୁବାନ୍ଧବଙ୍କ ସହ ସ୍ଥାନୀୟ ରାମିଆଳ ନଦୀକୁ ଯାଇଥିବାବେଳେ ମିହିରଙ୍କ ଗୋଡ଼ ଗଭୀର ଜଳରେ ଖସିଯାଇଥିଲା। ତୁରନ୍ତ ପରିବାର ଲୋକ ଖୋଜାଖୋଜି ଆରମ୍ଭ କରି ମିହିରଙ୍କୁ ଉଦ୍ଧାର କରି ବାଇକ୍ ଯୋଗେ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କାମାକ୍ଷାନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି।

LIC
ଏଲ.ଆଇ.ସି. ସ୍ୱର୍ଣ୍ଣଜୟନ୍ତୀ ଫାଉଣ୍ଡେସନ
LIC GOLDEN JUBILEE FOUNDATION

ଏଲଆଇସି ଜିଜେଏଫ୍ ସ୍କଲାର୍‌ଶିପ୍ ସଂଖ୍ୟା ତିନି ଗୁଣ ବଢ଼ାଇ କରିଛି 11200

ଏଲଆଇସି ଗୋଲ୍‌ଡେନ୍ ଜୁବିଲୀ ସ୍କଲାର୍‌ଶିପ୍ ସ୍କିମ୍ 2025
ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ପରିବାରର ଛାତ୍ରଛାତ୍ରୀଙ୍କ ପାଇଁ

ଏଲଆଇସି ଗୋଲ୍‌ଡେନ୍ ଜୁବିଲୀ ଫାଉଣ୍ଡେଶନ୍ ସହର୍ଷେ ଘୋଷଣା କରୁଛି ସ୍କଲାର୍‌ଶିପ୍‌ସ ଅଖିଳ ଭାରତୀୟ ସ୍ତରରେ ସେ ସମସ୍ତ ଛାତ୍ରଙ୍କୁ, ଯେଉଁମାନେ 10ମ/12ମ/ଡିପ୍ଲୋମା ବା ତତ୍‌ସମ ପରୀକ୍ଷା ଅତି କମରେ 60% ବା ତତ୍‌ସମ ସିଜିପିଏ ଗ୍ରେଡ୍ ଶିକ୍ଷା ବର୍ଷ 2022-23, 2023-24 ବା 2024-25 ରେ ପାସ୍ କରିଥିବେ ଏବଂ ଶିକ୍ଷା ବର୍ଷ 2025-26 ରେ ପ୍ରଥମ ବର୍ଷରେ ଆଡ୍‌ମିଶନ୍ ନେଇଥିବେ ।

- ବାଳକ ଓ ବାଳିକାଙ୍କ ପାଇଁ ଜେନେରାଲ୍ ସ୍କଲାର୍‌ଶିପ୍‌ସ, ଯିଏ ଅଣ୍ଡର୍ ଗ୍ରାଜୁଏଟ୍ ଷ୍ଟଡୀ କରୁଛନ୍ତି ଏସବୁରେ;
  (i) ମେଡିସିନ୍, ଇଞ୍ଜିନିଅରିଙ୍ଗ, ଅନ୍ୟ କିଛି ଶିକ୍ଷଣ ଧାରା ବା ଅନ୍ୟ କ୍ଷେତ୍ରରେ ଡିପ୍ଲୋମା କୋର୍ସ ଅଥବା ଇଣ୍ଟିଗ୍ରେଟେଡ୍ କୋର୍ସେସ୍।
  (ii) ସରକାରୀ ମାନ୍ୟତାପ୍ରାପ୍ତ କଲେଜେସ୍/ଇନ୍‌ଷ୍ଟିଚ୍ୟୁଟ୍‌ସ ଜରିଆରେ ଭୋକେଶନାଲ୍ କୋର୍ସ କିମ୍ବା ଇଣ୍ଡଷ୍ଟ୍ରିଆଲ୍ ଟ୍ରେନିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍‌ସ (ଆଇଟିଆଇ) ରେ କୋର୍ସେସ୍
- ସ୍ପେଶାଲ୍ ସ୍କଲାର୍‌ଶିପ୍‌ସ ବାଳିକାମାନଙ୍କ ପାଇଁ, ଯିଏ ଅଧ୍ୟୟନ କରୁଛନ୍ତି ଏଥିରେ;
  (i) କ୍ଲାସ୍ 11ମ/10+2 ପ୍ୟାଟର୍ନ ଅନ୍ତର୍ଗତ ଇଣ୍ଟରମିଡିଏଟ୍ ।
  (ii) 10ମ ପରେ ଯେକୌଣସି କ୍ଷେତ୍ରରେ ଦୁଇ ବର୍ଷ ସକାଶେ ଡିପ୍ଲୋମା କୋର୍ସ ।

ଅନ୍‌ଲାଇନ୍ ଆବେଦନ, ଅନ୍ୟାନ୍ୟ ଯୋଗ୍ୟତା ସର୍ତ୍ତ ଏବଂ ସ୍କିମ୍'ର ବିଶଦ ବିବରଣୀ ପାଇଁ ଦେଖନ୍ତୁ https://licindia.in
ଅନ୍‌ଲାଇନ୍ ଆବେଦନ ପଠାଇବାର ଅନ୍ତିମ ଦିନାଙ୍କ 22.09.2025

# ରାଜନେତା ଗଣତନ୍ତ୍ରକୁ ନିୟନ୍ତ୍ରଣ କରିବା ଶୁଭଙ୍କର ନୁହେଁ: ପରଞ୍ଜୟ ଗୁହା

## ସମତା କନ୍‌କ୍ଲେଭ-୨୦୨୫

### ଲୋକଙ୍କୁ ଅଧିକାର ପାଇଁ ଆନ୍ଦୋଳନ: ଭକ୍ତ

ଭୁବନେଶ୍ୱର,୩୧।୮ (ରବିନାରାୟଣ ଜେନା)

ଦେଶର ସମ୍ବିଧାନ ପ୍ରତ୍ୟେକ ନାଗରିକଙ୍କୁ ବାକ୍ ସ୍ୱାଧୀନତା ଦେଇଛି। ହେଲେ ଏବେ ଏହାକୁ ବିଭିନ୍ନ ମାଧ୍ୟମରେ କଣ୍ଠରୋଧ କରାଯାଉଛି। କେତେବେଳେ ରାଜନେତାମାନେ ବାକ୍ ସ୍ୱାଧୀନତାକୁ ଚାପି ଦେଉଛନ୍ତି ତ ଆଉ କେତେବେଳେ କର୍ପୋରେଟର ବଡ଼ ହସ୍ତୀ ଓ ଧନିକମାନେ ଚାପି ଦେଉଛନ୍ତି, ଯାହା ଏକ ସୁସ୍ଥ ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ ବୋଲି ବରିଷ୍ଠ ଖବରଦାତା ପରଞ୍ଜୟ ଗୁହା ଠାକୁର୍ତ୍ତା କହିଛନ୍ତି।

ଭୁବନେଶ୍ୱର ପ୍ରେସ୍ କ୍ଲବ୍‌ଠାରେ ରବିବାର ଅନୁଷ୍ଠିତ ଦୁଇଦିନିଆ ସମତା କନ୍‌କ୍ଲେଭ୍‌ର ଉଦ୍‌ଯାପନୀ ସମାରୋହରେ ଯୋଗଦେଇ ପରଞ୍ଜୟ କହିଥିଲେ, ବର୍ତ୍ତମାନ ସମୟରେ ବାକ୍ ସ୍ୱାଧୀନତା ବଜାୟ ରଖିବା କ୍ଷେତ୍ରରେ ଏପରି ସମ୍ମିଳନୀର ଗୁରୁତ୍ୱ ରହିଛି। ସରକାରଙ୍କ ପାଖରେ ଅନେକ ଆଇନ ଅଛି, ଯାହାକୁ ସେମାନେ ପରିବର୍ତ୍ତନ କରିଛନ୍ତି ଓ କାର୍ଯ୍ୟକାରୀ କରୁଛନ୍ତି, ଯାହା ତଥ୍ୟ ପ୍ରଯୁକ୍ତି, ଡିଜିଟାଲ୍ ଡାଟା ଗୋପନୀୟତା, ପୁସ୍ତକ ପ୍ରକାଶନ ଇତ୍ୟାଦି ମାଧ୍ୟମରେ ମତ ପ୍ରକାଶର ସ୍ୱାଧୀନତାକୁ ସୀମିତ କରୁଛି। ଗଣତନ୍ତ୍ରରେ ମାଧ୍ୟମଗୁଡ଼ିକୁ ସ୍ୱାଧୀନ ରହିବାକୁ ଦିଆଯିବା ଉଚିତ୍, ଯାହାଦ୍ୱାରା ସେମାନଙ୍କର ଅଧିକାର ସୁରକ୍ଷିତ ରହିପାରିବ। ଯଦି ରାଜନୀତିଜ୍ଞମାନେ ମାଧ୍ୟମଗୁଡ଼ିକୁ ନିୟନ୍ତ୍ରଣ କରିବେ ତେବେ ଗଣତନ୍ତ୍ର ପାଇଁ ଏହା ଆଦୌ ଶୁଭଙ୍କର ନୁହେଁ ବୋଲି ସେ କହିଥିଲେ।

ଏଥିସହ ପରଞ୍ଜୟ କହିଥିଲେ, ଗତ ୧୩ ବର୍ଷ ଧରି ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାମ୍ବାଦିକ ସମ୍ମିଳନୀ କରୁନାହାନ୍ତି। ଏହା ପଛରେ ଅନେକ କାରଣ ରହିଛି। ଯଦି ସେ ସବୁଦୃଷ୍ଟିରୁ ସ୍ୱଚ୍ଛ ଅଛନ୍ତି ତେବେ ନିଶ୍ଚିତ ଭାବେ ଗଣମାଧ୍ୟମକୁ ସାମ୍ନା କରିବା ଆବଶ୍ୟକ। ତେବେ ଗତ ସାଧାରଣ ନିର୍ବାଚନ ବେଳେ ମୋଦି କହିଥିଲେ, ଅବ୍‌କୀ ବାର୍ ୪୦୦ ପାର୍। ହେଲେ କ'ଣ ହେଲା, ସାରା ଦେଶରେ ମୋଦିଙ୍କ ଲୋକପ୍ରିୟତା ଏବେ କେତେ ଯେ କମିଛି ତାହା ନିର୍ବାଚନ ଫଳାଫଳ କହିସାରିଛି। ଯେଉଁ ମୋଦି ଦିନେ କହୁଥିଲେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମୋର ବନ୍ଧୁ, ଏବେ ସେ କାହିଁକି ତାଙ୍କ ସହ କଥା ହୋଇପାରୁ ନାହାନ୍ତି। ଦେଶରେ ଆମେରିକା ଯେଉଁ ୫୦ ପ୍ରତିଶତ ଟାରିଫ୍ ଲଗାଇଲା, ସେତେବେଳେ ବନ୍ଧୁତ୍ୱ କୁଆଡ଼େ ଯାଇଥିଲା ବୋଲି ସେ ପ୍ରଶ୍ନ କରିଥିଲେ।

ଏହି ଅବସରରେ ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ବାଲେଶ୍ୱର ଛାତ୍ରୀ ଆତ୍ମାହୁତିବେଳେ କଂଗ୍ରେସ ପକ୍ଷରୁ କରାଯାଇଥିବା ଓଡ଼ିଶା ବନ୍ଦ ଡାକରା ଦ୍ୱାରା ସାଧାରଣ ଲୋକେ ପ୍ରଭାବିତ ହୋଇଥିବା ପ୍ରଶ୍ନର ଉତ୍ତରରେ କହିଥିଲେ, ଏହା ଗାନ୍ଧୀଙ୍କ ଅହିଂସା ଆନ୍ଦୋଳନର ଏକ ଉପାୟ। ଯାହାଦ୍ୱାରା ରାଜ୍ୟବାସୀ କିଭଳି ଭାବେ ହୃଦୟରୁ ସମର୍ଥନ ଦେଲେ ତାହା ଜଣାପଡ଼ିଲା। ସମାଜକୁ ସଚେତନ କରିବା ତଥା ଲୋକଙ୍କୁ ଅଧିକାର ଓ ନ୍ୟାୟ ଦେବା ଲାଗି ଆନ୍ଦୋଳନ କରାଯାଇଥାଏ, ତା'ମାନେ ନୁହେଁ ଯେ ହିଂସାକାଣ୍ଡ ଭିଆଇବା ବୋଲି ଭକ୍ତ କହିଥିଲେ। ଏଥିସହ ସେ କହିଥିଲେ, କଂଗ୍ରେସର ଜନସମର୍ଥନ ଦିନକୁ ଦିନ ବୃଦ୍ଧି ପାଉଛି। ଯଦି ଆମ ପାଖରେ ୫୧ ବିଧାୟକ ଥା'ନ୍ତେ, ତେବେ ରାଜ୍ୟରେ ଯେଉଁ ନାରୀ ନିର୍ଯାତନା ବଢ଼ିଚାଲିଛି ତାକୁ ନେଇ ଭାଜପା ସରକାରର ଅବସ୍ଥା କ'ଣ ହୁଅନ୍ତା ତାହା କହିହେବ ନାହିଁ। ମାତ୍ର ରାଜ୍ୟରେ ଏବେ ଭାଜପା କଥାରେ ବିଜେଡି ପରିଚାଳିତ ହେଉଛି। ତେଣୁ କଂଗ୍ରେସର ଅନାସ୍ଥା ପ୍ରସ୍ତାବ ସମ୍ପର୍କରେ ଏପର୍ଯ୍ୟନ୍ତ ବିଜେଡି ସ୍ପଷ୍ଟ କରିପାରୁନାହିଁ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଏହି ଦୁଇଦିନିଆ ସମତା କନ୍‌କ୍ଲେଭ୍ 'ଗଣତନ୍ତ୍ର ଓ ମତପ୍ରକାଶ ସ୍ୱାଧୀନତାର ଉତ୍ସବ'କୁ ପୂର୍ବତନ ଓଡ଼ିଶା ମୁଖ୍ୟ ବିଚାରପତି ଏସ୍. ମୁରଲିଧର ଉଦ୍‌ଘାଟନ କରିଥିଲେ। କନ୍‌କ୍ଲେଭ୍‌ରେ ପ୍ରେସ୍ ସ୍ୱାଧୀନତା, ନ୍ୟାୟପାଳିକା ଓ ସାମ୍ବିଧାନିକ ଅଧିକାର, ଗଣତନ୍ତ୍ରୀୟ ସଂସ୍ଥାପନା ପ୍ରତି ଆସ୍ଥା ଓ ମତପ୍ରକାଶ, ସ୍ୱାଧୀନତା ସୁରକ୍ଷାରେ ସାମ୍ବାଦିକ, ସାହିତ୍ୟିକ ଓ କଳାକାରମାନଙ୍କ ଭୂମିକାକୁ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ସମାରୋହରେ ରାଜନେତା, ବରିଷ୍ଠ ଖବରଦାତା ଉପସ୍ଥିତ ଥିଲେ।




ପ୍ରେସ୍ କ୍ଲବ୍‌ଠାରେ ରବିବାର ଅନୁଷ୍ଠିତ ଦୁଇଦିନିଆ ସମତା କନ୍‌କ୍ଲେଭ୍‌ର ଉଦ୍‌ଯାପନୀ ସମାରୋହରେ ପରଞ୍ଜୟ ଗୁହା ଠାକୁର୍ତ୍ତା (ଡାହାଣରୁ ଦ୍ୱିତୀୟ) ଓ ଅନ୍ୟମାନେ। **(ଫଟୋ: ବିକାଶ ନାୟକ)**

# ୨ରେ ଲଘୁଚାପ

### ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା

ଭୁବନେଶ୍ୱର,୩୧।୮ (ବନ୍ଦନା ସେଠୀ)

ବର୍ତ୍ତମାନ ରାଜ୍ୟରେ ଘୂର୍ଣ୍ଣିବଳୟ ସହ ମୌସୁମୀ ଟ୍ରଫ୍ ପ୍ରଭାବରେ ବର୍ଷା ଲାଗିରହିଛି। ଗତ ୨୪ଘଣ୍ଟାରେ ସର୍ବାଧିକ କନ୍ଧମାଳ ଜିଲା ଫିରିଙ୍ଗିଆ ଅଞ୍ଚଳରେ ୧୨.୫ ସେ.ମି ବର୍ଷା ରେକର୍ଡ କରାଯାଇଛି। ତେବେ ଆସନ୍ତା ୨ ତାରିଖ ବେଳକୁ ଉତ୍ତରପଶ୍ଚିମ ବଙ୍ଗୋପସାଗର ଅଞ୍ଚଳରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ସତର୍କତା ଜାରି କରିଛି। ଏହା ପ୍ରଭାବରେ ୩ ତାରିଖ ଯାଏ ପ୍ରବଳ ବର୍ଷା ସମ୍ଭାବନା ରହିଛି। ବିଶେଷକରି ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ମେଘୁଆ ପାଗ ସହ ପବନର ବେଗକୁ ନେଇ ସମୁଦ୍ର ଅଶାନ୍ତ ରହିବ। ତେଣୁ ସେପ୍ଟେମ୍ବର ୨ରୁ ୪ ତାରିଖ ମଧ୍ୟରେ ସମୁଦ୍ର ମଧ୍ୟକୁ ନ ଯିବାକୁ ପରାମର୍ଶ ଦିଆଯାଇଛି। ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ଆସନ୍ତା ୨୪ଘଣ୍ଟାରେ ସାରା ରାଜ୍ୟରେ ମାଧ୍ୟମ ଧରଣର ବର୍ଷା ହେବ। ସୋମବାର କଳାହାଣ୍ଡି, କନ୍ଧମାଳ, କୋରାପୁଟ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତ୍‌ସିଂହପୁର, ନୟାଗଡ଼, ଖୋର୍ଦ୍ଧା, ପୁରୀ, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୋନପୁର, ବୌଦ୍ଧ ଜିଲାରେ ବର୍ଷା ସହ ପବନ ବହିବ। ଏଥିସହ ସ୍ଥାନେ ସ୍ଥାନେ ବିଜୁଳି ଘଡ଼ଘଡ଼ି ନେଇ ସତର୍କ କରିଛି ପାଣିପାଗ କେନ୍ଦ୍ର। କଳାହାଣ୍ଡି, କନ୍ଧମାଳ ଓ କୋରାପୁଟ ଜିଲାରେ ବିଜୁଳି ଓ ଘଡ଼ଘଡି ସହ ଘଣ୍ଟାପ୍ରତି ୩୦-୪୦ କି.ମି. ବେଗରେ ପବନ ବହିବାର ସମ୍ଭାବନା ରହିଛି।




# ଅବୈଧ ଅର୍ଥ କାରବାର ରୋକିବା ଉପରେ ଗୁରୁତ୍ୱ



### କଟକରେ ଏସ୍ଆଇଟି ବୈଠକ

କଟକ,୩୧।୮ (କାର୍ତ୍ତିକ ସାହୁ)

କଳାଧନ ଓ ଦୁର୍ନୀତି ରୋକିବା ନିମନ୍ତେ ଗଠିତ ସ୍ପେଶାଲ ଇନଭେଷ୍ଟିଗେଶନ ଟିମ୍ (ଏସ୍ଆଇଟି)ର ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଦେଶରେ ଅବୈଧ ଅର୍ଥ କାରବାର ରୋକାଯିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି।

ଏସ୍ଆଇଟି ଉପାଧ୍ୟକ୍ଷ ଜଷ୍ଟିସ ଅରିଜିତ ପଶାୟତଙ୍କ ଅଧ୍ୟକ୍ଷତାରେ ତେଲେଙ୍ଗାବଜାରସ୍ଥିତ ତାଙ୍କ ବାସଭବନରେ ଅନୁଷ୍ଠିତ ବୈଠକରେ ଦୁର୍ନୀତିର ବିଭିନ୍ନ ଦିଗ ଓ ସେଗୁଡ଼ିକୁ ନିରାକରଣ ଉପରେ ଅଧିକାରୀମାନଙ୍କ ଭୂମିକା ଉପରେ ଆଲୋକପାତ କରାଯାଇଥିଲା। ଦୁର୍ନୀତି ରୋକିବା ଦିଗରେ କାର୍ଯ୍ୟ କରୁଥିବା ସରକାରୀ ସଂସ୍ଥାଗୁଡ଼ିକର ବରିଷ୍ଠ ଅଧିକାରୀମାନେ ନିଜ ସଂସ୍ଥାର କାର୍ଯ୍ୟାନୁଷ୍ଠାନ ଓ କାର୍ଯ୍ୟପନ୍ଥା ଉପରେ ଅବଗତ କରାଇଥିଲେ। ବିଶେଷ କରି ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀଙ୍କ ବିରୋଧରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଓ ଏପର୍ଯ୍ୟନ୍ତ ଧରାହୋଇଥିବା କଳାଧନ ପରିମାଣ ସଂକ୍ରାନ୍ତରେ ଅଧିକାରୀମାନେ ସୂଚନା ଦେଇଥିଲେ। ଏଥିସହ ଆଗାମୀ ଦିନରେ ଦୁର୍ନୀତି ରୋକିବା ଦିଗରେ ହୋଇଥିବା ରଣନୀତି ବାବଦରେ ଅଧିକାରୀମାନେ ତଥ୍ୟ ଉପସ୍ଥାପନ କରିଥିଲେ। ବିଭିନ୍ନ ସଂସ୍ଥା ସେମାନଙ୍କର ଅଗ୍ରଗତି ରିପୋର୍ଟ ଦାଖଲ କରିଥିଲେ। ଧରାହୋଇଥିବା ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀମାନଙ୍କ ଉପରେ ନିଆଯାଉଥିବା କାର୍ଯ୍ୟାନୁଷ୍ଠାନ ଉପରେ ସମୀକ୍ଷା କରାଯାଇଥିଲା। ବିଭିନ୍ନ ତଦନ୍ତକାରୀ ସଂସ୍ଥା ପରସ୍ପର ମଧ୍ୟରେ ସମନ୍ୱୟ ରଖି ତଥ୍ୟ ଆଦାନ ପ୍ରଦାନ ଜରିଆରେ କାର୍ଯ୍ୟ କଲେ ଅଧିକ ଫଳପ୍ରଦ ହୋଇପାରିବ ବୋଲି ଉପାଧ୍ୟକ୍ଷ ଅଧିକାରୀମାନଙ୍କୁ କହିଥିଲେ। କ୍ରାଇମବ୍ରାଞ୍ଚ ଆଇଜି, ଭିଜିଲାନ୍ସ ଏସ୍‌ପି, ଆୟକର ବିଭାଗ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଅଧିକାରୀଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ବୈଠକରେ ଯୋଗଦେଇଥିଲେ।



କୌଣସି କୌଣସି ଯୁଗରେ ଆମର ଏହି ପୃଥିବୀର ଜୀବନ ଅଲୌକିକ ଭାବେ ଅନେକ ସୋପାନ ପାରି ହୋଇ ଅଳ୍ପସମୟରେ ବହୁ ଊର୍ଦ୍ଧ୍ୱକୁ ଉଠିଯାଏ । କିନ୍ତୁ ଅନ୍ୟ ସବୁ ସମୟରେ ସେତିକି ପଥ ଯିବାକୁ ତାକୁ ହଜାର ହଜାର ବର୍ଷ ଲାଗିଯାଏ । -ଶ୍ରୀମା

-ତାଳ ନବମୀ ଓ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜୟନ୍ତୀ



# ମହରଗରୁ କାନ୍ତାରରେ

ଚାଇନାର ତିଆନ୍‌ଜିନ୍‌ଠାରେ ସାଂଘାଇ ସହଯୋଗ ସଙ୍ଗଠନ (ଏସ୍‌ସିଓ) ନେତାଙ୍କ ସମ୍ମିଳନୀ ୩୧ ଅଗଷ୍ଟ ୨୦୨୫ରେ ଆରମ୍ଭ ହୋଇଛି । ସମ୍ମିଳନୀ ପୂର୍ବରୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ ଏକ ଘଣ୍ଟା ଧରି ଆଲୋଚନା କରିଛନ୍ତି । କଥାବାର୍ତ୍ତା ଲାଗି ୪୦ ମିନିଟ୍ ସମୟ ରହିଥିବା ବେଳେ ଦୁଇ ନେତା ଗପୁଗପୁ ଏକ ଘଣ୍ଟା ହୋଇଯାଇଥିବା ଭାରତୀୟ ଗଣମାଧ୍ୟମରୁ ଖବର ମିଳିଛି । ମନେପକାଇ ଦିଆଯାଇପାରେ ଯେ, ରୁଷିଆର କାଜାନଠାରେ ଗତବର୍ଷ ଅକ୍ଟୋବର ୨୩ରେ ହୋଇଥିବା ବ୍ରିକ୍ସ ଶିଖର ସମ୍ମିଳନୀ ପୃଷ୍ଠଭୂମିରେ ଉଭୟ ନେତା ପରସ୍ପରକୁ ଭେଟି ସୀମା ବିବାଦ ନେଇ ଆଲୋଚନା କରିଥିଲେ । ତେବେ ଜନସଂଖ୍ୟା ୨.୮ ବିଲିୟନ ଧାରଣ କରିଥିବା ଏହି ଦୁଇ ଦେଶର ଶୀର୍ଷ ନେତାଙ୍କ ଭେଟଘାଟ ଏବେ ଗୁରୁତ୍ୱ ବହନ କରିବାର ଏକାଧିକ କାରଣ ରହିଛି । ପ୍ରମୁଖ କାରଣ ହେଲା ଭାରତ ଉପରେ ଆମେରିକା ୫୦ ପ୍ରତିଶତ ଟାରିଫ୍ ଲଗାଇବା ପରେ ମୋଦି ଓ ଟ୍ରମ୍ପଙ୍କ ମଧ୍ୟରେ ସମ୍ପର୍କ ବିଗିଡ଼ି ଯାଇଛି । ଏହି ପରିପ୍ରେକ୍ଷୀରେ ବିଶ୍ୱର ପ୍ରାଚୀନ ଦୁଇ ପ୍ରାଚ୍ୟ ସଭ୍ୟତା ଚାଇନା ଓ ଭାରତ ମଧ୍ୟରେ ଦୀର୍ଘବର୍ଷ ହେବ ରହିଆସିଥିବା ଶତ୍ରୁତାରେ ମୋଦି ଓ ଜିନ୍‌ପିଙ୍ଗ୍ ଆଲୋଚନା କିଭଳି ପ୍ରଭାବ ପକାଇବ ବୋଲି ଚର୍ଚ୍ଚା ହେଉଥିଲା । କିନ୍ତୁ ଯେଉଁ ବାଣିଜ୍ୟ ପ୍ରସଙ୍ଗକୁ ନେଇ ଗୋଟେ ବଡ଼ ଡିଲ୍ ହୋଇପାରେ ବୋଲି ଆଶା କରାଯାଉଥିଲା, କଥାବାର୍ତ୍ତାରୁ ସେଭଳି ଅଗ୍ରଗତି ହେଲା ଭଳି ପ୍ରତୀୟମାନ ହୋଇନାହିଁ । ମନେପଡ଼େ ୨୦୧୪ ସେପ୍ଟେମ୍ବରରେ ମୋଦି ଓ ଜିଙ୍ଗପିଙ୍ଗ୍ ଗୁଜରାଟର ଅହମଦାବାଦଠାରେ ଦୋଳି ଖେଳିବା ସହ ଅନେକ ବ୍ୟକ୍ତିଗତ ବନ୍ଧୁତ୍ୱ ପ୍ରଦର୍ଶନ କରିଥିଲେ । ଏହା ପରେ ଡୋକ୍‌ଲାମରେ ଭାରତ-ଚାଇନା ସେନା ମୁହାଁମୁହିଁ ହେବାରୁ ଏକପ୍ରକାର ଯୁଦ୍ଧ ସ୍ଥିତି ଦେଖାଦେଇଥିଲା, ଯାହା ପରେ ଭାରତ ଜମି ଛାଡ଼ିବା ପାଇଁ ବାଧ୍ୟ ହୋଇଥିଲା । ସେହିପରି ୨୦୧୯ ଅକ୍ଟୋବରରେ ତାମିଲନାଡୁର ମହାବଳିପୁରମ୍‌ରେ ଉଭୟଙ୍କ ବନ୍ଧୁତ୍ୱ ଚର୍ଚ୍ଚାକୁ ଆସିଥିଲା । ତା'ର କିଛିମାସ ପରେ ୨୦୨୦ ଜୁନ୍‌ରେ ଗଲୱାନ୍‌ରେ ୨୦ ଭାରତୀୟ ଯବାନଙ୍କୁ ଚାଇନା ସୈନ୍ୟ ହତ୍ୟା କରିଥିଲେ । ଏବେ ତିଆନଜିନ୍‌ଠାରେ ମୋଦି-ଜିନ୍‌ପିଙ୍ଗଙ୍କ ଆଲୋଚନା ସୀମାରେ ଶାନ୍ତି ବଜାୟ ରଖିବା ସହ ପାରସ୍ପରିକ ବିଶ୍ୱାସ ବଢ଼ାଇବା ଓ ଦୀର୍ଘ ୫ ବର୍ଷ ପରେ ଦୁଇ ଦେଶ ମଧ୍ୟରେ ସିଧାସଳଖ ବିମାନ ଚଳାଚଳ କରିବା ବିଷୟ ସ୍ଥାନ ପାଇଛି । ଏହାର ବାସ୍ତବ ପ୍ରତିଫଳନ କେଉଁଭଳି ହେବ ତାହା ଜାଣିବା ପାଇଁ ଅପେକ୍ଷା କରିବାକୁ ପଡ଼ିବ ।

ଆମେରିକାଠାରୁ ଭାରତ ମୁହଁ ଫେରାଇ ଚାଇନା ଆଡ଼କୁ ଢଳିବାକୁ ନେଇ ଆଶା କରାଯାଉଥିଲା ଯେ କିଛି ଗୋଟେ ବଡ଼ ବାଣିଜ୍ୟିକ ଆଶ୍ୱାସନା ମିଳିପାରେ । କିନ୍ତୁ ଜଣାପଡ଼ିଛି, ଉଭୟେ ଦେଶ ଦ୍ୱିପାକ୍ଷିକ ବାଣିଜ୍ୟ ଓ ପୁଞ୍ଜିନିବେଶ ବୃଦ୍ଧି କରିବା ସହ ବାଣିଜ୍ୟିକ ନିଅଣ୍ଟକୁ ହ୍ରାସ କରିବେ ବୋଲି କଥା ହୋଇଛନ୍ତି । ବିଶ୍ୱ ବାଣିଜ୍ୟରେ ସ୍ଥିରତା ଆଣିବା ଦିଗରେ ଚାଇନା ଓ ଭାରତର ଭୂମିକାକୁ ଜିନ୍‌ପିଙ୍ଗ ସ୍ୱୀକୃତି ଦେଇଥିବା ବିଷୟ ଆଲୋଚନା ହୋଇଛି । ଚାଇନାର ଜଣେ କୂଟନୀତିଜ୍ଞ କହିଛନ୍ତି, ଆମେରିକା ଯେଉଁଭଳି ଭାବେ ଭାରତ ଉପରେ ଅତ୍ୟଧିକ ଟାରିଫ୍ ଲାଗୁ କରିଛି ସେହି ଦୃଷ୍ଟିରୁ ନୂଆଦିଲ୍ଲୀକୁ ବେଜିଂ ସମର୍ଥନ ଦେବ । ତେବେ ମନେରଖିବାକୁ ହେବ ଯେ, ଚାଇନା ନିଜ ସୀମା ବାହାରେ କୌଣସି ଶିଳ୍ପ ବସାଇବାର ନଜିର ନାହିଁ । କେବଳ ଭିତ୍ତିଭୂମି ଯଥା ପାଣିଜାହାଜ ପାଇଁ ବନ୍ଦର, ଓବର ଭଳି ଯୋଜନାରେ ରାସ୍ତା, ବିମାନବନ୍ଦର ଆଦିରେ ପୁଞ୍ଜି ବିନିଯୋଗ କରି ଚାଇନା ତା'ର ପ୍ରଭାବ ବିସ୍ତାର କରିଆସୁଛି । ସେଥିପାଇଁ ଆମେରିକା ସହିତ ଅଡ଼ୁଆ ହେବା ପରେ ଚାଇନା ସହିତ ବନ୍ଧୁତ୍ୱ କରିବା ଭାରତ ପାଇଁ ଅତ୍ୟନ୍ତ ବିପଜ୍ଜନକ ହୋଇପାରେ । ଭାରତର କୂଟନୀତିରେ ଚାଇନାକୁ ନେଇ ୧୯୬୨ରୁ ଯେଉଁ ସନ୍ଦେହ ରହିଆସିଛି, ସେହି ସ୍ଥିତିରେ କୌଣସି ପରିବର୍ତ୍ତନ ଆସିଥିଲା ଭଳି ମନେହେଉନାହିଁ । ଆଜି ଯଦି ଚାଇନା କୋଳରେ ବସିବା ପାଇଁ ପ୍ରଧାନମନ୍ତ୍ରୀ ମୋଦି ନିଷ୍ପତ୍ତି ନିଅନ୍ତି, ତେବେ ତାହା ଭବିଷ୍ୟତରେ ଭାରତର ନିରାପତ୍ତାକୁ କ୍ଷୁଣ୍ଣ କରିପାରେ । ଯଦି ବାସ୍ତବରେ ଭାରତର ଅର୍ଥନୀତି ଶକ୍ତିଶାଳୀ ହେଉଛି ଏବଂ ୭.୮ ଜିଡିପି ଅଭିବୃଦ୍ଧି ଘଟିବା ସହିତ ଭାରତ ଏବେ ବିଶ୍ୱର ୪ର୍ଥ ବୃହତ୍ ଅର୍ଥନୀତି ହୋଇଗଲାଣି, ତେବେ କୌଣସି ପଡ଼ୋଶୀ ଦେଶର ବୋଲକରା ହେବା ପରିବର୍ତ୍ତେ ନିଜ ଗୋଡ଼ରେ ଛିଡ଼ା ହେବାପାଇଁ ଭାରତ ଉଦ୍ୟମ କରିବା ଦରକାର । ଏଠାରେ ମନେପଡ଼େ ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ମୁଲାୟମ ସିଂ ଯାଦବ ସଂସଦରେ ବାରମ୍ବାର ଦେଇଥିବା ଚେତାବନୀ । ତାଙ୍କ ପାର୍ଲାମେଣ୍ଟ ଭାଷଣରେ ସେ ଚାଇନାକୁ ଭାରତର ମୁଖ୍ୟ ଶତ୍ରୁ ଭାବେ ଦୋହରାଇଥିଲେ । ଏହା ପରେ ୧୯୯୮ରେ ଜର୍ଜ ଫର୍ଣ୍ଣାଣ୍ଡିଜ୍ ପ୍ରତିରକ୍ଷାମନ୍ତ୍ରୀ ଥିବାବେଳେ ଚାଇନା ଭାରତର ଏକନମ୍ବର ଶତ୍ରୁ ବୋଲି ଆଖ୍ୟା ଦେଇଥିଲେ । ଇତିହାସକୁ ଦେଖିଲେ ପ୍ରତ୍ୟେକ ଥର ମୋଦି-ଜିନ୍‌ପିଙ୍ଗଙ୍କ ଭେଟ ହୋଇଛି, ତା'ପରେ ସାମରିକ ଅଘଟଣ ଘଟିଛି ; ଯେଉଁଥିରେ ପ୍ରମାଣ ମିଳୁଛି ଯେ ଚାଇନା ତା'ର ବନ୍ଧୁତ୍ୱକୁ ଦୁଇପଇସାରେ ଖାତିର କରେନାହିଁ । ତଥାପି ସେହି ଦେଶରୁ ସବୁ ପ୍ରକାର ସାମଗ୍ରୀ ଭାରତକୁ ଆସିବାରେ ଲାଗିଛି ଏବଂ ଏଥିରେ କୌଣସି ରୋକ୍ ଲଗାଇଯାଇ ପାରୁନାହିଁ । ପରିସଂଖ୍ୟାନ ଦେଖିଲେ ଚାଇନା ସହ ଭାରତର ବାଣିଜ୍ୟିକ ନିଅଣ୍ଟ ୯୯.୨ ବିଲିୟନ ଆମେରିକୀୟ ଡଲାର ରହିଛି । ଅର୍ଥାତ୍ ୨୦୨୪-୨୫ ଆର୍ଥିକ ବର୍ଷରେ ଭାରତର ରପ୍ତାନି ଚାଇନାକୁ ୧୪.୨୫ ବିଲିୟନ ଆମେରିକୀୟ ଡଲାର ରହିଥିବା ବେଳେ ଆମଦାନୀ ୧୧୩.୫ ବିଲିୟନ ଆମେରିକୀୟ ଡଲାର ରହିଛି । ଏହି ବିଶାଳ ବ୍ୟବଧାନ କମିବା ନେଇ କେତେ ବର୍ଷ ଲାଗିବ କହିବା ମୁସ୍କିଲ । କାରଣ ଚାଇନାର ଚରିତ୍ରକୁ ଦେଖିଲେ ଏହା ସର୍ବଦା ନିଜ ବ୍ୟବସାୟିକ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇଥାଏ । ଯୁଦ୍ଧ କିମ୍ବା ଅନ୍ୟାନ୍ୟ ସଂଘର୍ଷରେ ବେଶି ମୁଣ୍ଡ ନ ଖେଳାଇ କିଭଳି ତା'ର ସାମଗ୍ରୀ ସମଗ୍ର ବିଶ୍ୱବଜାରରେ ଜବରଦସ୍ତ ଉପଲବ୍ଧ ହେବ ସେହି ଦିଗରେ କାର୍ଯ୍ୟ କରୁଥାଏ । ବର୍ତ୍ତମାନର ଘଡ଼ିସନ୍ଧି ମୁହୂର୍ତ୍ତରେ ଅନ୍ୟ ବାଣିଜ୍ୟିକ ସହଯୋଗୀ ଖୋଜି ତା' ସହ ଦୃଢ଼ ଆର୍ଥିକ ସମ୍ବନ୍ଧ ବାନ୍ଧିବା ଭାରତ ପାଇଁ କାଠିକର ପାଠ ହୋଇପଡ଼ିବ । ଭାରତ ଉପରେ ଆମେରିକା ୫୦ ପ୍ରତିଶତ ଟାରିଫ୍ ଲାଗୁ କରିବା ପରେ ଭାରତୀୟ ମୁଦ୍ରା ଆମେରିକୀୟ ଡଲାର ତୁଳନାରେ ସର୍ବକାଳୀନ ନିମ୍ନସ୍ତରରେ ପହଞ୍ଚିଯାଇଛି । ଏହାର ପ୍ରଭାବ ଭାରତର ଗୁରୁତ୍ୱପୂର୍ଣ୍ଣ ଆମଦାନୀ ଉପରେ ଦରବୃଦ୍ଧି ଭଳି ପ୍ରଭାବ ପକାଇବ । ଭାରତୀୟ ଟଙ୍କାକୁ ଯେଉଁଭଳି ବିମୁଦ୍ରୀକରଣ ପରେ ଦୁର୍ବଳ କରିଦିଆଯାଇଛି, ତାହା ଫଳରେ ପଡ଼ୋଶୀ ଦେଶଗୁଡ଼ିକ ମଧ୍ୟ ଏବେ ଭାରତୀୟ ଟଙ୍କାରେ ଭାରତ ସହିତ ବ୍ୟବସାୟ କରିବାକୁ ଅମଙ୍ଗ ହେଉଛନ୍ତି । ଇତିମଧ୍ୟରେ ବୟନ, ଚିଙ୍ଗୁଡ଼ି, ଔଷଧୀୟ ସାମଗ୍ରୀ ରପ୍ତାନିକୁ କ୍ଷତି ପହଞ୍ଚି ସାରିଲାଣି । ଆଗକୁ ଏହାର ଭୟଙ୍କର ପ୍ରଭାବ ଅନ୍ୟାନ୍ୟ କ୍ଷେତ୍ର ଉପରେ ପଡ଼ିବା ଥୟ । ଯଦି ଭାରତର ଘରୋଇ ଆର୍ଥିକ ସମସ୍ୟାକୁ ଦେଖାଯାଏ, ନଭେମ୍ବର ୨୦୧୬ ବିମୁଦ୍ରୀକରଣ ଓ ୨୦୧୭ ଜୁଲାଇରୁ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଲାଗୁ ହେବା ପରଠାରୁ କ୍ଷୁଦ୍ର ଓ ମଧ୍ୟମ ଧରଣର ଶିଳ୍ପଗୁଡ଼ିକ ଉପରକୁ ଉଠିପାରି ନାହାନ୍ତି । ଯେଉଁ କେତୋଟି ମୁଣ୍ଡ ଟେକୁଥିଲେ ସେଗୁଡ଼ିକ ଟ୍ରମ୍ପ୍ ଟାରିଫ୍‌ରେ ଭୂପତିତ ।

ଭାରତର ନେତୃତ୍ୱ ବିଶ୍ୱ ବହିର୍ବ୍ୟାପାର ଓ ବାଣିଜ୍ୟିକ ନୀତିକୁ ଖୁବ୍ ହାଲୁକା ଭାବେ ଦେଖିବାରୁ ଆଜି ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଉଛି । ଜର୍ମାନୀର ଏକ ଖବରକାଗଜ ଅନୁଯାୟୀ ନିକଟରେ ଟ୍ରମ୍ପଙ୍କ ୪ ଥର ଫୋନ୍ କଲ୍‌କୁ କାଳେ ମୋଦି ଉଠାଇ ନ ଥିଲେ । ଘଟଣା ସତ୍ୟ ହୋଇଥିଲେ ସାଂଘାତିକ । ବିଶ୍ୱବାସୀ ଜାଣିଛନ୍ତି ଟ୍ରମ୍ପ୍ ଜଣେ ଏକଜିଦିଆ ନେତା । ତାଙ୍କୁ ଯିଏ ଅମାନ୍ୟ କରିବେ ତାଙ୍କ ପ୍ରତି ପ୍ରତିଶୋଧପରାୟଣ ହେବା ଥୟ । ମୋଦିଙ୍କ ସହ ଟାରିଫ୍ ପ୍ରସଙ୍ଗରେ କଥା ହେବାକୁ ଆଶା ରଖି ଯଦି ସେ ଫୋନ୍ କରିଥିବେ ଓ ତାହା ସମ୍ଭବ ନ ହେବାରୁ ସ୍ଥିତି ବିଗିଡ଼ି ଯାଇଥିବା ଅନୁମାନ କରାଯାଇପାରେ । ଗୋଟେ ବଡ଼ ଆର୍ଥିକ ବିଶ୍ୱଶକ୍ତିକୁ କିଭଳି କୌଶଳକ୍ରମେ ପରିଚାଳନା କରିବା ହେବା କଥା ଭାରତର କୂଟନୀତି । ସେଥିରେ ବିଫଳ ହେବା ପରେ ଏବେ ଅନ୍ୟଆଡ଼େ ଥୋପ ପକାଇଲେ ହୁଏତ ତାହା ଖୁବ୍‌ଶୀଘ୍ର ଫଳ ଦେବ ବୋଲି କହି ହେବ ନାହିଁ । ବିଶେଷକରି ଚାଇନା ସହିତ କୌଣସି ପ୍ରକାର ବନ୍ଧୁତ୍ୱ ସୃଷ୍ଟି କରିବା ଭାରତ ପାଇଁ ନିଶ୍ଚିତ ଭାବେ କ୍ଷତିକାରକ ହେବ । ଓଡ଼ିଆରେ ଢଗ ଅଛି- 'ମହରଗରୁ ଯାଇ କାନ୍ତାରରେ ପଡ଼ିବା' । ଭାରତର ଅବସ୍ଥା ବର୍ତ୍ତମାନ ସେଇଆ ।

# ସାମାଜିକ ଚକ୍ରରେ ପ୍ରୌଢ଼ାବସ୍ଥା



ପ୍ରକାଶ ତ୍ରିପାଠୀ

ଗତ ଜୁଲାଇ ମାସରେ ଉତ୍ତରପ୍ରଦେଶର ଅଯୋଧ୍ୟାଠାରେ ଏକ ଲଜ୍ଜାଜନକ ତଥା ଅମାନବୀୟ ଘଟଣା ସାମ୍ନାକୁ ଆସିଛି । କିଶନ ଦାସପୁର ନିକଟରେ, ନିଜ ପରିବାର ଲୋକେ ବିଳମ୍ବିତ ରାତିରେ ଜଣେ ରୋଗିଣା ବୃଦ୍ଧା ମହିଳାଙ୍କୁ ଗୋଟିଏ ଇ-ରିକ୍ସାରେ ଆଣି ରାସ୍ତାକଡ଼ରେ ଛାଡ଼ି ଚାଲି ଯାଇଥିଲେ । ପୋଲିସ କୌଣସି ସୂତ୍ରରୁ ଖବର ପାଇ ଉକ୍ତ ବୃଦ୍ଧା ମହିଳାଙ୍କୁ ଡାକ୍ତରଖାନା ନେଇଥିଲେ, ଯେଉଁଠାରେ କି ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ । ଏହା ଗୋଟିଏ ସିସି କ୍ୟାମେରାରେ ରେକର୍ଡିଂ ହୋଇଯାଇଥିବାରୁ ଓ ପରେ ସୋସିଆଲ ମିଡିଆ ଭାଇରାଲ ହେବା ଯୋଗୁ ଘଟଣାଟି ଲୋକଲୋଚନକୁ ଆସିଥିଲା । ଏହାର କିଛିଦିନ ପୂର୍ବରୁ ମୁମ୍ବାଇରେ ଏହିଭଳି ଆଉ ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଥିଲା, ଯେଉଁଠାରେ ଜଣେ ଯୁବକ ତାଙ୍କର କର୍କଟ ପୀଡ଼ିତା ଜେଜେମା'ଙ୍କୁ ଅଳିଆ ଗଦାରେ ଫିଙ୍ଗି ଦେଇ ଚାଲି ଯାଇଥିଲେ । ଏହା ପରେ ପୋଲିସ ପୀଡ଼ିତା ମହିଳାଙ୍କୁ ସେଠାରୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଇ ଥିଲେ । ଏହି ଦୁଇଟି ଘଟଣା କେବଳ ଏକ ନମୁନା । ଆମେ ଏବେ ପ୍ରାୟତଃ ବୟସ୍କଙ୍କ ପ୍ରତି ଅପମାନ, ନିର୍ଯ୍ୟାତନା, ଅବମାନନା ଏବଂ ସମ୍ବେଦନହୀନ ଆଚରଣର ଖବର ଶୁଣୁଛୁ ଏବଂ ପଢୁଛୁ । ଆମର ସାମାଜିକ ଚିତ୍ର ଅନେକ ବଦଳି ଗଲାଣି । କାରଣ, ଆମେ ନୈତିକଦୃଷ୍ଟିରୁ ଏତେ ଦାୟିତ୍ୱହୀନ ହୋଇ ଗଲୁଣି ଯେ ଆମକୁ ଆମର ବୃଦ୍ଧ ମାତାପିତାଙ୍କ ଯତ୍ନ ନେବା ପାଇଁ ଆଇନ ତିଆରି କରିବାକୁ ପଡୁଛି । ଏହାଠାରୁ ଅଧିକ ଦୁର୍ଭାଗ୍ୟଜନକ କଥା ଆଉ କ'ଣ ହୋଇପାରେ । ପ୍ରୌଢ଼ ସମୟ ମାନବ ଜୀବନର ଏକ ସମ୍ବେଦନଶୀଳ ପର୍ଯ୍ୟାୟ । ଏକ ନିର୍ଦ୍ଦିଷ୍ଟ ବୟସ ପରେ, ସେମାନଙ୍କୁ ଅନେକ ପ୍ରକାରର ଶାରୀରିକ ଏବଂ ମାନସିକ ସମସ୍ୟା ଦେଇ ଗତି କରିବାକୁ ପଡ଼ିଥାଏ । ମନରେ ଏକ ଅଜବ ମାନସିକ ଭୟ ଏବଂ ଅସୁରକ୍ଷାର ଭାବନା ବାସ କରିବାକୁ ଲାଗେ । କିନ୍ତୁ ଅଧିକାଂଶ ଲୋକ ଏହା ବୁଝିପାରନ୍ତି ନାହିଁ ଏବଂ ପ୍ରୌଢ଼ବ୍ୟକ୍ତିଙ୍କ ସହିତ ଅନୁପଯୁକ୍ତ ବ୍ୟବହାର ପ୍ରଦର୍ଶନ କରନ୍ତି । ସେମାନେ ବୁଝିପାରନ୍ତି ନାହିଁ ଯେ ପ୍ରୌଢ଼ ବ୍ୟକ୍ତିମାନେ ଟଙ୍କା ନୁହେଁ, ଟିକେ ସ୍ନେହ, ଆଦର, ଭଲପାଇବା ଏବଂ ସମ୍ମାନ ପାଇବା ପାଇଁ ଆଶା ରଖନ୍ତି ।

ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଭାରତରେ ଏବେ ପ୍ରାୟ ସାତଶହରୁ ଊର୍ଦ୍ଧ୍ୱ ବୃଦ୍ଧାଶ୍ରମ ଅଛି । ୨୦୫୦ ସୁଦ୍ଧା ଏହି ସଂଖ୍ୟା ତିନି ଗୁଣ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି । ଦେଶରେ ଶିଳ୍ପାୟନ ଏବଂ ସହରୀକରଣର ପ୍ରସାର ସହିତ, ପରିବାରର ମୌଳିକ ରୂପରେ ବ୍ୟାପକ ପରିବର୍ତ୍ତନ ଆସିଛି । ପରିବର୍ତ୍ତିତ ସାମାଜିକ ପରିବେଶରେ ଯୌଥ ପରିବାରଗୁଡ଼ିକ ଅଣୁ ପରିବାରକୁ ରୂପାନ୍ତରିତ



ହୋଇଛି । ଗୋଟିଏ ପଟେ, ଆଜିର ତଥାକଥିତ ଆଧୁନିକ ପିଢ଼ି ପାରମ୍ପରିକ ପାରିବାରିକ ଚଳଣି, ସାମାଜିକ ମୂଲ୍ୟବୋଧ ଏବଂ ପରମ୍ପରାଠାରୁ ଦୂରେଇ ଯାଉଛନ୍ତି ଓ ଅନ୍ୟପଟେ, ଅଣୁ ବା କ୍ଷୁଦ୍ର ପାରିବାରିକ ବ୍ୟବସ୍ଥା ବୃଦ୍ଧମାନଙ୍କୁ ଏକାକୀ ଜୀବନଯାପନ କରିବାକୁ ବାଧ୍ୟ କରିଛି । ପରିବର୍ତ୍ତନଶୀଳ ସମୟ ସହିତ, ପିଲାମାନେ ଉତ୍ତମ ଜୀବନଯାପନ ଲକ୍ଷ୍ୟରେ ବିଭିନ୍ନ ସହର କିମ୍ବା ବିଭିନ୍ନ ଦେଶକୁ ଚାଲି ଯାଉଛନ୍ତି । ସେମାନଙ୍କ ମାତାପିତା ଏକଲା ହୋଇଯାଉଛନ୍ତି । ପରବର୍ତ୍ତୀ ସମୟରେ ପିଲାମାନେ ମା'-ବାପାମାନଙ୍କୁ ଏକ ବୋଝ ଏବଂ ଦାୟିତ୍ୱ ଭାବରେ ଦେଖିବା ଆରମ୍ଭ କରୁଛନ୍ତି । ଦେଶରେ ବୟସ୍କମାନଙ୍କର ଏକ ବର୍ଗ ଅଛନ୍ତି, ଯେଉଁମାନେ ନିଜ ଘରେ ଏକ ଘୃଣ୍ୟ ଏବଂ ଅବହେଳିତ ଜୀବନ ବିତାଉଛନ୍ତି କିମ୍ବା ବୃଦ୍ଧାଶ୍ରମରେ ଅସହାୟତାର ଛାୟାରେ ଜୀବନ ବିତାଇବାକୁ ବାଧ୍ୟ ହେଉଛନ୍ତି । ସମାଜରେ ବୃଦ୍ଧାବୃଦ୍ଧଙ୍କ ଉପରେ ମାନସିକ ଏବଂ ଶାରୀରିକ ଅତ୍ୟାଚାରର ଦ୍ରୁତ ବୃଦ୍ଧି ମଧ୍ୟ ଚିନ୍ତାର ବିଷୟ । ପରିବାର ସଦସ୍ୟଙ୍କ ଦ୍ୱାରା ନିରନ୍ତର ଅବହେଳା, ଅସମ୍ମାନ ଆଚରଣ ବୃଦ୍ଧାବୃଦ୍ଧମାନଙ୍କୁ ବହୁତ ଦୁର୍ବଳ କରିଦେଇଛି । ସେମାନେ ପ୍ରାପ୍ୟ ସମ୍ମାନ ପାଉନାହାନ୍ତି । ଏହା ସେମାନଙ୍କ ଦୁଃଖର ମୁଖ୍ୟ କାରଣ । ଭାରତ ବର୍ତ୍ତମାନ ବିଶ୍ୱର ଏକ ବୃହତ୍ ଯୁବ ଦେଶ । ଏଠାରେ ଯୁବଗୋଷ୍ଠୀଙ୍କ ସଂଖ୍ୟା ପଞ୍ଚଷଠି ପ୍ରତିଶତ । ଆମେରିକାର ଜନସଂଖ୍ୟା ରେଫରେନ୍ସ ବ୍ୟୁରୋ ଦ୍ୱାରା ସମ୍ପ୍ରତି କରାଯାଇଥିବା ଏକ ଅଧ୍ୟୟନ ଅନୁଯାୟୀ, ଆଜିର ଯୁବ ଭାରତ ୨୦୫୦ ସୁଦ୍ଧା 'ବୃଦ୍ଧ' ହୋଇଯିବ । ସେହି ସମୟରେ, ଦେଶରେ ପଞ୍ଚଷଠି ବର୍ଷରୁ ଅଧିକ ବୟସର ଲୋକଙ୍କ ସଂଖ୍ୟା ତିନି ଗୁଣ ବୃଦ୍ଧି ପାଇବ । ପ୍ରଶ୍ନ ହେଉଛି, ଆମେ କ'ଣ ଆମର 'ବୃଦ୍ଧ' ଜନସଂଖ୍ୟାର ଉପଯୁକ୍ତ ଯତ୍ନ ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା କରିପାରିବୁ? ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଆକଳନ କରିଛି ଯେ ବିଶ୍ୱ ସ୍ତରରେ ପ୍ରତି ଛଅ ଜଣ ବୟସ୍କଙ୍କ ମଧ୍ୟରୁ ଏକ ଜଣ କୌଣସି ପ୍ରକାରର ନିର୍ଯ୍ୟାତନାର ସମ୍ମୁଖୀନ ହୁଅନ୍ତି । କିନ୍ତୁ ଏହି ସଂଖ୍ୟା ବାସ୍ତବତାଠାରୁ ବହୁତ କମ୍ କାରଣ ଅଧିକାଂଶ ବୟସ୍କବ୍ୟକ୍ତି ଅପମାନ କିମ୍ବା ଭୟ ଯୋଗୁ ଏହି ଘଟଣାଗୁଡ଼ିକ ବାହାରେ ପ୍ରକାଶ କରି ନ ଥାନ୍ତି । ଏକ ଗବେଷଣା ଅନୁଯାୟୀ, ଭାରତୀୟ ଘରେ ବୃଦ୍ଧାବୃଦ୍ଧଙ୍କୁ ଅନେକ ପ୍ରକାରେ ହଇରାଣ କରାଯାଉଛି । ଏଥିରେ ପରିବାର ସଦସ୍ୟଙ୍କ ଦ୍ୱାରା ଅପମାନ, ଦୁର୍ବ୍ୟବହାର, ଅବହେଳା, ଆର୍ଥିକ ଶୋଷଣ ଏବଂ ଶାରୀରିକ ହଇରାଣ ଭଳି ଅମାନବୀୟ ପଦ୍ଧତି ଅନ୍ତର୍ଭୁକ୍ତ । ରିପୋର୍ଟରେ ଦର୍ଶାଯାଇଛି ଯେ ହଇରାଣ ହେଉଥିବା ୮୨ ପ୍ରତିଶତ ବୃଦ୍ଧାବୃଦ୍ଧ ସେମାନଙ୍କ ପ୍ରତି ହୋଇଥିବା ଦୁର୍ବ୍ୟବହାରର ଅଭିଯୋଗ କରନ୍ତି ନାହିଁ । ସେମାନେ ଏହି ବିଷୟଗୁଡ଼ିକୁ ପାରିବାରିକ ବିଷୟ ଭାବି ଛାଡ଼ି ଦିଅନ୍ତି କିମ୍ବା ଭବିଷ୍ୟତର ଅସୁରକ୍ଷା ବିଷୟରେ ଚିନ୍ତା କରି ଭୁଲି ଯିବାକୁ ପସନ୍ଦ କରନ୍ତି । ତଥାପି, ଦେଶରେ ବୟସ୍କଙ୍କ ପ୍ରତି ସମ୍ମାନ ଯେଉଁ ଗତିରେ ହ୍ରାସ ପାଇଛି ତାହା ଆମର ସାମାଜିକ-ସାଂସ୍କୃତିକ ମୂଲ୍ୟବୋଧର ଅବମୂଲ୍ୟାୟନକୁ ପ୍ରତିଫଳିତ କରେ ।

ବୟସ୍କଙ୍କ ସେବା ଏବଂ ସୁରକ୍ଷା ପାଇଁ ଭାରତରେ ଅନେକ ଆଇନ ତିଆରି ହୋଇଛି । ଭାରତରେ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ପାଇଁ କେନ୍ଦ୍ର ସରକାର ୧୯୯୯ରେ ଏକ ଜାତୀୟ ନୀତି ପ୍ରସ୍ତୁତ କରିଥିଲେ । ଏହା ପରେ, ୨୦୦୭ରେ ସଂସଦରେ 'ମାତାପିତା ଏବଂ ବରିଷ୍ଠ ନାଗରିକ ଭରଣପୋଷଣ ବିଲ୍' ପାରିତ ହୋଇଥିଲା । ୨୦୧୫ରେ ସରକାର ଏକ କଠୋର ଆଇନ ତିଆରି କରିଥିଲେ, ଯାହା ଦ୍ୱାରା ବୃଦ୍ଧାବୃଦ୍ଧମାନେ ସେମାନଙ୍କ ସମ୍ପର୍କୀୟଙ୍କଠାରୁ କୌଣସି ପ୍ରକାରର ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି । ଏହା ବ୍ୟତୀତ, ଅନେକ ରାଜ୍ୟ ସରକାର ବୃଦ୍ଧାଶ୍ରମ, ମାଗଣା ଚିକିତ୍ସା ସେବା ଏବଂ ହେଲ୍ପଲାଇନ ଭଳି ପଦକ୍ଷେପ ନେଇଛନ୍ତି । ସମ୍ପ୍ରତି, ସଂସଦରେ ଏକ ପ୍ରଶ୍ନର ଉତ୍ତରରେ, କେନ୍ଦ୍ର କାର୍ମିକ ରାଷ୍ଟ୍ରମନ୍ତ୍ରୀ ଉତ୍ତର ଦେଇଥିଲେ ଯେ କେନ୍ଦ୍ରୀୟ କର୍ମଚାରୀମାନେ ସେମାନଙ୍କର ବୃଦ୍ଧ ମାତାପିତାଙ୍କ ଯତ୍ନ ନେବା ପାଇଁ ୩୦ ଦିନର ଛୁଟି ନେଇପାରିବେ । ଆଇନ ନୁହେଁ, ସମାଜର ଚେତନା ଜାଗ୍ରତ ହେଲେ ହିଁ ଆଇନ ପ୍ରଭାବଶାଳୀ ହୋଇପାରିବ । ଭାରତ ସର୍ବଦା ଏକ ଉଚ୍ଚ ପରମ୍ପରାର ଦେଶ ହୋଇଆସିଛି, ଯେଉଁଠାରେ ଜନ୍ମରୁ ପିଲାମାନଙ୍କୁ ସମ୍ମାନ ସ୍ୱରୂପ ବଡ଼ମାନଙ୍କ ପାଦ ଛୁଇଁବାକୁ ଶିକ୍ଷା ଦିଆଯାଏ । ମାତାପିତାଙ୍କୁ ବୃଦ୍ଧାଶ୍ରମରେ ଛାଡ଼ିବା, ସେମାନଙ୍କ ଅପରାହ୍ନ ବୟସରେ ସେମାନଙ୍କର ପ୍ରତିପାଳନ ନ କରିବା ଏକ ଅପମାନ ବୋଲି ବିବେଚନା କରାଯାଏ । ବୃଦ୍ଧମାନଙ୍କୁ ଅବହେଳା କରିବା କେବଳ ସେମାନଙ୍କ ଜୀବନକୁ ନୁହେଁ ବରଂ ଆମର ଭବିଷ୍ୟତକୁ ମଧ୍ୟ ପ୍ରଭାବିତ କରେ । ଆଜି ଯେଉଁ ପିଢ଼ି ଯୁବା, ସେମାନେ କାଲି ବୃଦ୍ଧାବସ୍ଥାରେ ପହଞ୍ଚିବେ । ଯଦି ଆମେ ଆଜି ଆମ ବୃଦ୍ଧ ମାତାପିତାଙ୍କ ପ୍ରତି ସମ୍ବେଦନଶୀଳ ନ ହେବା, ତେବେ ଆଗାମୀ ପିଢ଼ି ଆମ ପ୍ରତି ସମାନ ଆଚରଣ ପ୍ରଦର୍ଶନ କରିବେ । ଏହା ଏକ ସାମାଜିକ ଚକ୍ର, ଯେଉଁଥିରେ ମାନବ ଆଚରଣର ମୌଳିକ ଭାବନା ବଜାୟ ରଖିବା ଆବଶ୍ୟକ । ଆମେ କେବଳ ପ୍ରୌଢ଼ମାନଙ୍କ ଅଧିକାର ପାଇଁ ସ୍ୱର ଉଠାଇବା ଉଚିତ ନୁହେଁ, ବରଂ ସେମାନଙ୍କୁ ସେମାନଙ୍କର ପ୍ରାପ୍ୟ ମର୍ଯ୍ୟାଦା, ସମ୍ମାନ ଓ ଅଧିକାର ମଧ୍ୟ ଦେବା ଉଚିତ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ପରିବାରର ମୁଖ୍ୟ ହେବା ସହିତ, ସେମାନେ ମାର୍ଗଦର୍ଶକ ଭାବରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି । ଏହା ପରିତାପର ବିଷୟ ଯେ ଆଧୁନିକତାର ଏହି ଦୌଡ଼ରେ ଆମେ ସେମାନଙ୍କ ଗୁରୁତ୍ୱକୁ ଭୁଲିଯାଉଛୁ ।

ମୋ:୯୪୩୭୨୩୨୪୬୩

# ମୃତ୍ୟୁକୁ ଜୀବନ



ଡ. ନରେନ୍ଦ୍ର ସେଠୀ

ମୃତ୍ୟୁ ସତ୍ୟ । କିନ୍ତୁ ମୋହ ମାୟା ମଣିଷକୁ ଏପରି ଗ୍ରାସକରି ରଖେ ଯେ, ଯେ କେହିବି ସଂସାରରେ ମରିବାକୁ ଚାହାନ୍ତି ନାହିଁ । ମୃତ୍ୟୁ ପର୍ଯ୍ୟନ୍ତ ମଣିଷ ବନ୍ଧନରେ ବାନ୍ଧି ହୋଇ ରହେ । ମର୍ତ୍ତ୍ୟ ମଣ୍ଡଳେ ଦେହ ବହି, ଦେବତା ହୋଇଲେ ମରଇ, ଭାଗବତର ଏହି ମର୍ମସ୍ପର୍ଶୀ ବାଣୀର ଅର୍ଥ ହେଲା: ଯିଏ ଜନ୍ମ ନେବ ତା'ର ମୃତ୍ୟୁ ନିଶ୍ଚିତ । ସତ କହିବାକୁ ଗଲେ ଆମେ କେହି ମରିବାକୁ ଚାହୁଁନା । ତେବେ ସବୁଦିନ ପାଇଁ ବଞ୍ଚିବା ଲାଗି ମଣିଷର ପ୍ରବଳ ଇଚ୍ଛା ପୂରଣ କରିବା ସକାଶେ ବିଜ୍ଞାନ ଅହରହ ପ୍ରଚେଷ୍ଟା ଚଳାଇଛି । ମଣିଷ ଶରୀର ଅନେକ କୋଷକୁ ନେଇ ଗଠିତ । କୋଷଗୁଡ଼ିକ ଏକରୁ ଦୁଇ, ଦୁଇରୁ ଚାରି ହୋଇ ବିଭାଜନ ପ୍ରକ୍ରିୟାରେ ବଢ଼ିଥାନ୍ତି । ଶରୀରର ଗୋଟିଏ କୋଷ ଏହିପରି ୫୦ ଥର ବିଭାଜନ ହେଲା ପରେ ମୃତ୍ୟୁବରଣ କରିଥାଏ ବୋଲି ପରୀକ୍ଷାରୁ ଜଣାପଡ଼ିଛି । ତିରିଶ ବର୍ଷ ପରେ ମଣିଷ ଶରୀର ଧୀରେ ଧୀରେ ଶିଥିଳ ହୋଇ ଆସେ ଓ ବାର୍ଦ୍ଧକ୍ୟ ଆଡ଼କୁ ପାଦ ପକାଏ । କିନ୍ତୁ ରୋଚକ କଥା ହେଲା, ମଣିଷ ଶରୀରରେ କିଛି ଏମିତି କୋଷ ଅଛି ଯାହା ମରେ ନାହିଁ । ଉଦାହରଣ ସ୍ୱରୂପ, କର୍କଟ ଆକ୍ରାନ୍ତ କୋଷଗୁଡ଼ିକ ମରିବାର ସବୁ ଗୁଣ ହରେଇ ବସିଥାନ୍ତି । ଷ୍ଟେମସେଲ ଓ ଜର୍ମ ସେଲର ମଧ୍ୟ ଏହି ଗୁଣ ଅଛି । ଯେହେତୁ ଗୁଣସୂତ୍ର ବା ଜିନ୍ ମଣିଷର ବାର୍ଦ୍ଧକ୍ୟ ପାଇଁ ମୋଟାମୋଟି ଭାବେ ଦାୟୀ, ବୈଜ୍ଞାନିକମାନେ ଏବେ ଏପରି ଜିନ୍‌ର ସନ୍ଧାନରେ ଅଛନ୍ତି, ଯାହା ବୟସକୁ ଅଟକେଇ ପାରିବ । କେତେଜଣ ବୈଜ୍ଞାନିକ ମଣିଷକୁ ଅମର କରିବାର କୌଶଳ ଖୋଜିବାରେ ଲାଗିପଡ଼ିଥିବା ବେଳେ ଆଉ କେତେକେ ମରିବା ପରେ କିପରି ମୃତ ଶରୀରକୁ ଜୀବନ ଦେଇ ହେବ ସେଥିପାଇଁ ଚେଷ୍ଟା ଚଳାଇଛନ୍ତି । ଆଧୁନିକ ବିଜ୍ଞାନ ଯଦି କେବେ ମୃତ ଶରୀରରେ ଜୀବନ ଦେବାରେ ସଫଳ ହୁଏ, ତାହାଲେ ମଣିଷ ଶରୀର ପ୍ରାକୃତିକ ଉପାୟରେ ମରିବା ପରେ ପୁଣି ବଞ୍ଚିପାରିବ । ମୃତ୍ୟୁହେବା ମାତ୍ରେ ଶରୀରରେ ବିଘଟନ ପ୍ରକ୍ରିୟା ଆରମ୍ଭ ହୋଇ ଯାଉଥିବାରୁ ବଞ୍ଚିବାର କୌଶଳ ପ୍ରୟୋଗ କରିବା ପର୍ଯ୍ୟନ୍ତ ତାହାକୁ ସାଇତି ରଖିବା ନିହାତି ପ୍ରୟୋଜନ । ଏହି କ୍ରମରେ ବର୍ଲିନର ଏକ ସଂସ୍ଥା ଆଗେଇ ଆସି ଭବିଷ୍ୟତରେ ଯେଉଁମାନେ ଜିଇବାର ଲାଳସା ରଖନ୍ତି, ମରିବାପରେ ନିଜର ଶରୀରକୁ ସାଇତି ରଖିବାକୁ ସୁଯୋଗ ଦେଉଛି । ଏପର୍ଯ୍ୟନ୍ତ ୭୦୦ରୁ ଅଧିକ ନିଜର ମୃତଦେହ ସାଇତି ରଖିବା ପାଇଁ ଚୁକ୍ତି ସ୍ୱାକ୍ଷର କରିସାରିଲେଣି । ଏଥିପାଇଁ ଟୁମୋରୋ ବାଓ ନାମକ ଏହି ସଂସ୍ଥାକୁ ଶରୀର ପିଛା ପ୍ରାୟ ୨କୋଟି ଟଙ୍କା ଦେବାକୁ ପଡ଼ିବ । ଏଥିରେ ଆପଣ ନିଜର ପ୍ରିୟ ଗୃହପାଳିତ ପଶୁର ଶରୀର ମଧ୍ୟ ସାଇତି ରଖିପାରିବେ ।

ରୋଚକ ତଥ୍ୟ ହେଲା, ଆପଣ ଏଥିପାଇଁ ସଂସ୍ଥାର ୱେବ୍‌ସାଇଟକୁ ଯାଇ ନିଜ ଶରୀର



ବିଷୟରେ ଅବଗତ କରାଇଲେ ସଂସ୍ଥା ଆପଣଙ୍କ ମୃତଦେହ ପାଇଁ କେତେ ଟଙ୍କା ନେବେ ତାହା ଜାଣିପାରିବେ । ମୃତଦେହ ସହିତ ଏହି ସଂସ୍ଥା ଜୀବିତ ଅବସ୍ଥାରେ ଥିବା ସ୍ମରଣ ଶକ୍ତି, ପରିଚୟ ଓ ବ୍ୟକ୍ତିତ୍ୱକୁ ମଧ୍ୟ ସାଇତି ରଖିବାର ଦାବି କରୁଛି । ଏହା ଯଦି ସଫଳ ହୁଏ, ତା'ହେଲେ ମରିଯାଇଥିବା ବ୍ୟକ୍ତି ଭବିଷ୍ୟତରେ ପୁଣି ଥରେ ଜୀବନ ଲାଭ କରି ପୁରୁଣା ସଂସାରକୁ ଫେରିପାଇବ । ତେବେ ୟୁରୋପର ଟୁମୋରୋ ବାଓ ୨ଲକ୍ଷ ଡଲାର ବଦଳରେ ମୃତ୍ୟୁକୁ ନାଲିଆଖି ଦେଖେଇ ପୁଣି ଜୀବନ ଫେରେଇ ଆଣିବାର ଲାଳସା ମଣିଷ ମନରେ ଭରି ଦେଇଛି । ଟୁମୋରୋ ବାଓର ଏମିତି ଏକ ଲୋଭନୀୟ ତଥା ଅପ୍ରତ୍ୟାଶିତ ଚେଷ୍ଟା ପଛରେ କିଛି ବୈଜ୍ଞାନିକ ଘଟଣା ରହିଛି । ଏହା ହେଲା ୧୯୯୯ ମସିହାରେ ଜଣେ ବ୍ୟକ୍ତି, ଯିଏକି ମରିବାର ଦୁଇଘଣ୍ଟା ପରେ ଜୀବନ ଫେରି ପାଇଥିଲେ । ତେଣୁ ମୃତ୍ୟୁ ପରେ ଯେ ଦିନେ ମଣିଷ ଜୀବନ ପାଇପାରିବ, ଏହା ଏହି ସଂସ୍ଥାର ବିଶ୍ୱାସ ଅଛି । ତେବେ ବଡ଼ କଥା ହେଲା, ଯଦି ମୃତଦେହକୁ ଜୀବନ ଦେବାରେ ବିଜ୍ଞାନ ଏଯାଏଁ ସଫଳ ହୋଇନି, ତା'ହେଲେ ଶରୀରକୁ ସାଇତି ରଖିବା କେତେଦୂର ପ୍ରଯୁଜ୍ୟ ବୋଲି ଅନେକ ମତବ୍ୟକ୍ତ କରିଛନ୍ତି । କ୍ରାଓପ୍ରିଜର୍ଭ ଭଳି ଏହି ଉପାୟରେ ଶରୀରକୁ -୨୦୦ ଡିଗ୍ରୀ ସେଣ୍ଟିଗ୍ରେଡ୍ ତାପମାତ୍ରାରେ ସାଇତି ରଖିଲେ କୋଷଗୁଡ଼ିକ ବରଫ ପାଲଟିଯାଇ ନଷ୍ଟ ହୋଇଯିବାର ସମ୍ଭାବନା ଅଛି । ମଣିଷ ଶରୀରର ୬୦% ଜଳ ହୋଇଥିବାରୁ ଅତି ନିମ୍ନ ତାପମାତ୍ରାରେ ଶରୀରକୁ ସଂରକ୍ଷଣ କଲେ ଏହା ବରଫ ପାଲଟି ନଷ୍ଟ ହୋଇଯିବାର ସମ୍ଭାବନା ଥିବାରୁ ଏହି ପ୍ରକ୍ରିୟାରେ ଶରୀର ଭିତରୁ ଜଳ ଅଂଶ ବାହାର କରି ତା'ବଦଳରେ କିଛି ରସାୟନ ପଦାର୍ଥ ଭରିଦିଆଯିବ ଓ ଶରୀରକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅପେକ୍ଷା କରିବାକୁ ପ୍ରୟୋଗଶାଳାରେ ରଖିଦିଆଯିବ । ଯେତେବେଳେ ମୃତଦେହକୁ ବଞ୍ଚାଇବା ପାଇଁ ଜ୍ଞାନ କୌଶଳ ଆସିବ, ସେପର୍ଯ୍ୟନ୍ତ ଏହି ସବୁ ଶରୀର ଅପେକ୍ଷା କରି ରହିବେ ।

ଭବିଷ୍ୟତରେ ମଣିଷ ସମ୍ପୂର୍ଣ୍ଣ ବ୍ରହ୍ମାଣ୍ଡକୁ ମନଇଚ୍ଛା ପରିବର୍ତ୍ତନ କରିବାରେ ସକ୍ଷମ ହୋଇ ଶେଷରେ ନିଜକୁ ପୁରାଣବର୍ଣ୍ଣିତ ଦେବତାଙ୍କ ସମକକ୍ଷ କରିପାରିବ ବୋଲି ଯେଉଁ ଆକଳନ କରାଯାଇଛି, ତାହା ସମ୍ଭବତଃ ପୂର୍ଣ୍ଣ ହୋଇଯିବ, ଯେଉଁଦିନ ମଣିଷ ମୃତଦେହକୁ ଜୀବନ ଦାନ କରିବ । ତେବେ ସେଥିପାଇଁ ସବୁ ପ୍ରସ୍ତୁତି ବିଜ୍ଞାନ କରିସାରିଲାଣି ଓ ପ୍ରକୃତି ଉପରେ ବିଜୟ ପାଇଁ ଅଣ୍ଟା ଭିଡ଼ିଲାଣି । ଶହେ ଦୁଇଶହ ବର୍ଷ ପରେ ଯଦି ହଠାତ୍ ମରିଥିବା ମଣିଷମାନେ ବଞ୍ଚି ଉଠିବେ, ତା'ହେଲେ ସାମାଜିକ ବ୍ୟବସ୍ଥା ଓ ପରିସ୍ଥିତିରେ କ'ଣ ସୁବିଧା ଅସୁବିଧା ସୃଷ୍ଟିହେବ ତାହାର ପରିଣାମ ବିଷୟରେ ମଧ୍ୟ କଳ୍ପନା କରିବା ଉଚିତ । ନହେଲେ ପ୍ରକୃତିର ନିୟମ ଓ ବ୍ୟବସ୍ଥାକୁ ତା'ବାଟରେ ଛାଡ଼ିଦେବା ଦରକାର । କିନ୍ତୁ ସେଥିପାଇଁ ବିଜ୍ଞାନ ପଛକୁ ଯିବା ଲାଗି ନାରାଜ । ଏପରି ସ୍ଥିତିରେ ଫଳାଫଳ ଭବିଷ୍ୟତ ହିଁ ସାକ୍ଷୀ ରହିବ ।

ମୋ: ୭୦୦୪୦୬୮୧୧୦

## ଏଇ ଭାରତରେ

ଗୋଟିଏ ଟମାଟୋ ବି ଜଣଙ୍କ ପାଇଁ ମୃତ୍ୟୁର କାରଣ ହୋଇପାରେ! କଥାଟା ଶୁଣିଲେ ଅଜବ ଲାଗିପାରେ । ହେଲେ ଏଭଳି ଏକ ଘଟଣା ଘଟିଛି ମଧ୍ୟପ୍ରଦେଶ ଅନୁପପୁର ଜିଲା ବିଜୁରୀ ଥାନା ଅଞ୍ଚଳରେ । ଏହି ଅଞ୍ଚଳରେ ଜଣେ ଯୁବକ ଗତ ସୋମବାର ରାତିରେ ପରିବା ମାର୍କେଟରେ ବୁଲୁଥିଲେ । ହଠାତ୍ ସେ ଏକ ଠେଲାଗାଡିରେ ବିକ୍ରି ହେବାକୁ ଥିବା ଟମାଟୋ ଗୋଟେ ଆଣି ଖାଇବାକୁ ଲାଗିଲେ । କିନ୍ତୁ ଠେଲା ପାଖରେ ଥିବା ଜଣେ ମହିଳା ତାଙ୍କୁ ଏପରି ନ କରିବାକୁ କହିଲେ । ବାସ୍ ତା'ପରେ ମହିଳାଙ୍କର ଭାଗ୍ୟ ଖରାପ ପଡିଗଲା । ସେହି ଯୁବକଜଣକ ଏଭଳି ପ୍ରଚଣ୍ଡଭାବରେ ରାଗିଗଲେ ଯେ ମହିଳାଙ୍କୁ ମନଇଚ୍ଛା ଗାଳି କରିବାକୁ ଲାଗିଲେ । ଗାଳି କରିବା ପରେ ବି ମନ ଶାନ୍ତ ହେଲାନି । ହଠାତ୍ ପାଖରେ ପଡିଥିବା ଏକ ବାଉଁଶ ଆଣି ଆକ୍ରମଣ କରିବାକୁ ଲାଗିଲେ । ମାତ୍ର କେଇ ମିନିଟ୍ ଭିତରେ କ'ଣ ସବୁ ଘଟିଯାଉଛି ସେ ସମ୍ପର୍କରେ ପାଖରେ ଥିବା ଲୋକେ ହଠାତ୍ ବୁଝି ପାରି ନ ଥିଲେ । ହେଲେ ମହିଳାଙ୍କ ଉପରେ ଆକ୍ରମଣ ହେବା ପରେ ସ୍ଥାନୀୟ ଲୋକେ ଆସି ପ୍ରତିରୋଧ କରିଥିଲେ । କିନ୍ତୁ ସେତେବେଳକୁ ମହିଳାଜଣକ ଲହୁଲୁହାଣ ହୋଇଯାଇଥିଲେ । ଆକ୍ରମଣକାରୀ ଯୁବକଙ୍କୁ କାବୁ କରିବା ପରେ ମହିଳାଙ୍କୁ ଲୋକେ ତୁରନ୍ତ ଡାକ୍ତରଖାନାକୁ ନେଇ ଯାଇଥିଲେ । ହେଲେ ଡାକ୍ତରଖାନାରେ ପହଞ୍ଚିବାବେଳକୁ ମହିଳାଙ୍କର ମୃତ୍ୟୁ ହୋଇଯାଇଥିଲା । ଛୋଟିଆ କଥାଟିଏର ଏଭଳି ଅନ୍ତ ଘଟିପାରେ ଏହା ବିଶ୍ୱାସ ହେଉନାହିଁ ।

## ୫୦ ବର୍ଷ ତଳର ଧରିତ୍ରୀ

୧ ସେପ୍ଟେମ୍ବର ୧୯୭୬

- ରାଜ୍ୟର ବୃହତ ଓ ମଧ୍ୟମ ଜଳସେଚନ ଯୋଜନା ନିମନ୍ତେ ଯୋଜନା କମିଶନ ୭୧ କୋଟି ଟଙ୍କା ମଞ୍ଜୁର କରିଛନ୍ତି ।
- ରାଜ୍ୟରେ ଖଣିଜ ସମ୍ପଦର ବିକାଶ ପାଇଁ ୯ କୋଟିର ଦଶବର୍ଷିଆ ମାଷ୍ଟରପ୍ଲାନ୍ ପ୍ରସ୍ତୁତ ।

## ଚିରନ୍ତନୀ

ଫୁଲେ ଫୁଲେ ଧରା ଉଠେ ଫୁଲି ଯେ
ଯୌବନ ଶିରୀ ଯାଏ ଭୁଲି
ଶିଶୁ ଯଥା ଭୁଲେ ନିଜ କାନ୍ତି
ଭୁବନେ ଜାଗିଛି ସେହି ଭ୍ରାନ୍ତି
କୋକିଳ ଭ୍ରମର ଆଜି ଗା'ନ୍ତି
ସେହି ଗୀତ ବନେ ବନେ ବୁଲି ହେ !
-(ଫଗୁଣ ଜ୍ୟୋତ୍ସ୍ନା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 9 | | 5 | 2 | | 1 | 4 | | |
| 1 | | | | 9 | | | | |
| | | | | | | 3 | | |
| 2 | | | | | | | 3 | |
| | 9 | | 4 | | 6 | | | |
| | | 7 | | | 2 | 8 | | |
| | | | 9 | | | | 6 | |
| 3 | | | | | 5 | | | |
| 7 | | | | 3 | | | 1 | 4 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ବାମ ପାର୍ଶ୍ୱରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 3 | 7 | 1 | 8 | 9 | 6 | 2 | 4 | 5 |
| 9 | 2 | 5 | 1 | 7 | 4 | 6 | 8 | 3 |
| 4 | 8 | 6 | 5 | 3 | 2 | 1 | 9 | 7 |
| 1 | 9 | 2 | 4 | 5 | 8 | 3 | 7 | 6 |
| 8 | 6 | 3 | 2 | 1 | 7 | 4 | 5 | 9 |
| 5 | 4 | 7 | 9 | 6 | 3 | 8 | 2 | 1 |
| 6 | 5 | 4 | 7 | 2 | 1 | 9 | 3 | 8 |
| 2 | 3 | 9 | 6 | 8 | 5 | 7 | 1 | 4 |
| 7 | 1 | 8 | 3 | 4 | 9 | 5 | 6 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅନ୍‌ଲାଇନ ଗେମରୁ କ୍ଷାନ୍ତ ହୁଅନ୍ତୁ

ମହାଶୟ,

ଅନ୍‌ଲାଇନ୍ ଗେମ୍ ଖେଳି ଛୋଟଠାରୁ ବଡ଼ଯାଏଁ ବହୁ ଲୋକ ଆତ୍ମହତ୍ୟା କରିବା ବାରମ୍ବାର ସମ୍ବାଦପତ୍ରରୁ ପଢ଼ିବାକୁ ମିଳୁଛି । ଦେଶର ଜଣେ ସଚେତନଶୀଳ ନାଗରିକ ଭାବେ ଘୋର ଉଦ୍‌ବେଗ ପ୍ରକାଶ କରି ଭାବୁଥିଲି କେନ୍ଦ୍ର ସରକାର ଏହି ଭୟଙ୍କର ଖେଳ ଉପରେ କାହିଁକି କଠୋର ଆଇନ ଆଣୁନାହାନ୍ତି । ଦିନକୁଦିନ ଅନ୍‌ଲାଇନ ଖେଳ ଯୋଗୁ ବହୁ ନିରୀହ ପିଲା, ବୟସ୍କ ଆତ୍ମହତ୍ୟା କରୁଛନ୍ତି । ଏକା ରାତିକେ କୋଟିପତି ହେବାର ଆଶା ରଖି ପିଲାମାନେ ଏହି ଖେଳ ଖେଳିଥା'ନ୍ତି । ହାରିଯିବା ପରେ ଆତ୍ମହତ୍ୟା କରିଥା'ନ୍ତି । ଯାହାହେଉ କେନ୍ଦ୍ର ସରକାର ବହୁଦିନ ପରେ ଏଥିପାଇଁ ଆଇନ ଆଣିଛନ୍ତି, ଯାହା ଦେଶବାସୀଙ୍କ ମନରେ ଭୟ ସୃଷ୍ଟି କରିବ । ଉଭୟ ଜେଲ, ଜରିମାନା ଦେବା ପାଇଁ ଆଇନ ଆଣି ସରକାର ଧନ୍ୟବାଦର ପାତ୍ର ହୋଇଛନ୍ତି । ବହୁ ଆଗରୁ ଏହି ଆଇନ ଆଣିବା ଉଚିତ ଥିଲା ।

-ରଞ୍ଜନ ମିଶ୍ର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ‘ନ୍ୟାଶନାଲ କମନ୍ ମୋବିଲିଟି କାର୍ଡ’ ଶୁଭାରମ୍ଭ

**ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ**

- ‘ଆମ ବସ୍’ ବୁକିଂ ପାଇଁ ହ୍ୱାଟ୍ସଆପ୍ ଟିକେଟିଂ ସେବା ଆରମ୍ଭ
- ୪୩ ବହୁମୁଖୀ ଭବନର ଲୋକାର୍ପଣ
- ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାର ଲୋଗୋ ଉନ୍ମୋଚନ
- ଭୁବନେଶ୍ୱର ମହାନଗର ନିଗମ, ଆସିକା, ଚିକିଟି ପୌରାଞ୍ଚଳ ସମ୍ବର୍ଦ୍ଧିତ

ଭୁବନେଶ୍ୱର,୩୧।୮ (ରବିନାରାୟଣ ଜେନା)



ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଣେ ହିତାଧିକାରୀଙ୍କୁ ଆବାସ ଗୃହ ଚାବିର ପ୍ରତୀକ ପ୍ରଦାନ କରୁଛନ୍ତି।

ରାଜ୍ୟର ସମସ୍ତ ସହରାଞ୍ଚଳବାସୀଙ୍କୁ କିଭଳି ଅଧିକ ସୁବିଧା ସୁଯୋଗ ମିଳିପାରିବ ତାହାକୁ ଦୃଷ୍ଟିରେରଖି ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ‘ନ୍ୟାଶନାଲ କମନ୍ ମୋବିଲିଟି କାର୍ଡ’ର ଶୁଭାରମ୍ଭ କରିଛନ୍ତି। ସ୍ଥାନୀୟ ରେଳ ଅଡିଟୋରିଅମ୍‌ରେ ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ଏହାର ଶୁଭାରମ୍ଭ କରି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଜନସାଧାରଣଙ୍କ ପାଇଁ ‘ୱାନ୍ ନେଶନ ୱାନ୍ କାର୍ଡ’ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହାଦ୍ୱାରା ଦେଶର ଜନସାଧାରଣ ଯେକୌଣସି ସହରରେ ରହି ବିଭିନ୍ନ ଟ୍ରାନ୍ସପୋର୍ଟ ସେବା ସୁବିଧାରେ ପାଇପାରିବେ। ଏବେ ଓଡ଼ିଶା ମଧ୍ୟ ଏଥିରେ ସାମିଲ ହୋଇଛି ଏବଂ ନ୍ୟାଶନାଲ କମନ୍ ମୋବିଲିଟି କାର୍ଡର ସୁବିଧା ଆଗାମୀ ଦିନରେ ଓଏସ୍ଆର୍‌ଟିସି ବସ୍‌ଗୁଡ଼ିକରେ ଲାଗୁ କରାଯିବ। ଏହାସହିତ ‘ଆମ ବସ୍’ ବୁକିଂ କରିବା ପାଇଁ ଏକ ହ୍ୱାଟ୍ସଆପ୍ ଟିକେଟିଂ ସେବା ମଧ୍ୟ ମୁଖ୍ୟମନ୍ତ୍ରୀ ଆରମ୍ଭ କରିଥିଲେ। ଏହି ଡିଜିଟାଲ ଟିକେଟରେ ମହିଳାମାନଙ୍କ ପାଇଁ ୧୫% ରିହାତି ବ୍ୟବସ୍ଥା କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିରେ ଅନ୍ୟମାନଙ୍କ ଲାଗି ୧୦% ରିହାତି ରହିଛି। ଏହି ବ୍ୟବସ୍ଥା ମହିଳାଙ୍କ ପାଇଁ ସୁଗମ ଓ ସମ୍ମାନଜନକ ଯାତ୍ରା ଆଣିଦେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରାୟ ୧୦୯ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ୪୩ଟି ବହୁମୁଖୀ ଭବନର ଲୋକାର୍ପଣ କରିବା ସହିତ ଭୁବନେଶ୍ୱର ମହାନଗର ନିଗମ ପାଇଁ ହ୍ୱାଟ୍ସଆପ୍ ବଟ୍ ସେବା ଆରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାର ଲୋଗୋ ଉନ୍ମୋଚନ ହେବା ସହ ୧୨ କୋଟି ଟଙ୍କା ବିନିଯୋଗରେ ପଲାଶୁଣୀରେ ଏକ ସାମଗ୍ରୀ ପୁନରୁଦ୍ଧାର ସୁବିଧା ଏବଂ ପ୍ରାୟ ୬ କୋଟି ଟଙ୍କା ବିନିଯୋଗରେ ଗାଡ଼କଣରେ ପ୍ଲାଜ୍‌ମା ପାଇରୋଲିସିସ୍ ୟୁନିଟ୍ ସୁବିଧାର ଶୁଭାରମ୍ଭ କରାଯାଇଛି। ଏହାବାଦ୍ ମୁଖ୍ୟମନ୍ତ୍ରୀ ୩୦ କୋଟି ଟଙ୍କା ବିନିଯୋଗରେ ୬ଟି ଗୋଶାଳା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ୪ଟି କାର୍ଯ୍ୟକ୍ରମ ଲାଗି ସମୁଦାୟ ୧୫୭ କୋଟି ଟଙ୍କା ବିନିଯୋଗ କରାଯିବାକୁ ରହିଛି।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କେତେଜଣ ହିତାଧିକାରୀଙ୍କୁ ସୁଲଭ ବାସଗୃହ, ପ୍ରଧାନମନ୍ତ୍ରୀ ଆବାସ ମଧ୍ୟ ବଣ୍ଟନ କରିଛନ୍ତି। ବିଏମ୍‌ସି ପକ୍ଷରୁ ୩୧୦ ଏବଂ ବିଡିଏ ପକ୍ଷରୁ ୩୮ଟି ଘର ଅର୍ଥନୈତିକ ଦୁର୍ବଳ ଶ୍ରେଣୀର ଲୋକଙ୍କୁ ପ୍ରଦାନ କରାଯାଇଛି। ଏହାସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ୨.୦ରେ ବିଭିନ୍ନ ବସ୍ତିର ୪୬ଟି ପରିବାରକୁ ମଧ୍ୟ ଗୃହ ଆବଣ୍ଟିତ କରାଯାଇଛି। ସ୍ୱଚ୍ଛ ସର୍ବେକ୍ଷଣରେ ପୁରସ୍କୃତ ହୋଇଥିବା ପୌରାଞ୍ଚଳ ଭୁବନେଶ୍ୱର ମହାନଗର ନିଗମ, ଆସିକା ଓ ଚିକିଟି ପୌରାଞ୍ଚଳକୁ ସମ୍ବର୍ଦ୍ଧିତ କରାଯାଇଛି। ସେହିପରି ଭଲ କାମ କରୁଥିବା ଜଳସାଥୀ, ସ୍ୱଚ୍ଛ ସାଥୀ, ପରିମଳ କର୍ମୀ ଓ ଶ୍ରେଷ୍ଠ ପୌରସଂସ୍ଥାକୁ ପୁରସ୍କାର ପ୍ରଦାନ କରାଯାଇଛି।

ସହରାଞ୍ଚଳରେ ରାଜସ୍ୱ ସଂଗ୍ରହ କ୍ଷେତ୍ରରେ ଉତ୍କର୍ଷ ହାସଲ କରିଥିବା ଧାମନଗର, ରେମୁଣା, କୋରାପୁଟ ପୌରାଞ୍ଚଳକୁ ୩କୋଟି ଟଙ୍କା ଲେଖାଏ ଏବଂ ସ୍ୱଚ୍ଛ ସର୍ବେକ୍ଷଣରେ ଜାତୀୟସ୍ତରରେ ଉତ୍କର୍ଷ ହାସଲ କରିଥିବା ଆସିକା, ଚିକିଟି ଏବଂ ଭୁବନେଶ୍ୱର ମହାନଗର ନିଗମକୁ ପୁରସ୍କୃତ କରାଯାଇଛି।

# ୬୦% ଭାରତୀୟ କର୍ମଚାରୀଙ୍କୁ ଛଟେଇ କରିବ ଏମ୍‌ପିଏଲ୍

ନୂଆଦିଲ୍ଲୀ,୩୧।୮

ଭାରତ ସରକାର ପେଡ୍ ଗେମ୍‌ଗୁଡ଼ିକୁ ନିଷିଦ୍ଧ କରିବା ପରେ ଇଣ୍ଡିଆନ୍ ଅନ୍‌ଲାଇନ ଗେମିଂ ଆପ୍ ମୋବାଇଲ୍ ପ୍ରିମିୟର ଲିଗ୍ (ଏମ୍‌ପିଏଲ୍) ଏହାର ୬୦ ପ୍ରତିଶତ ସ୍ଥାନୀୟ କର୍ମଚାରୀଙ୍କୁ ଛଟେଇ କରିବା ନିମନ୍ତେ ନିଷ୍ପତ୍ତି ନେଇଛି। ଅନ୍‌ଲାଇନ୍ ପେଡ୍ ଗେମିଂ ଆପ୍ ଯୋଗୁ ଯୁବବର୍ଗ ବିପୁଳ ଟଙ୍କା ହରାଉଥିବାରୁ ସେଗୁଡ଼ିକୁ ବ୍ୟାନ୍ କରିବା ପାଇଁ ଅଗଷ୍ଟ ମାସରେ କେନ୍ଦ୍ର ସରକାର ନୂଆ ଆଇନ ଆଣିଥିଲେ। ଫଳରେ ପେଡ୍ ଫାଣ୍ଟାସି କ୍ରିକେଟ, ରୁମି ଏବଂ ପୋକର ଗେମ୍ସ ଭଳି ବହୁ ଗେମିଂ ଆପ୍ ବନ୍ଦ ହେବାକୁ ଯାଉଛି। ଷ୍ଟାର୍ଟଅପ୍ କମ୍ପାନୀ ଓ ନୂଆ ବ୍ୟବସାୟିକ ସଂସ୍ଥାକୁ ପାଣ୍ଠି ଯୋଗାଉଥିବା ଟାଇଗର ଗ୍ଲୋବାଲ ଏବଂ ପିକ୍ଏକ୍ସଭି ପାର୍ଟନର୍ସ ଭଳି ପୁଞ୍ଜି ଲଗାଣକାରୀ ସଂସ୍ଥା ସହାୟତାରେ ଚାଲିଥିବା ଏହି ଭାରତୀୟ ଶିଳ୍ପକୁ ବଡ଼ ଝଟକା ଲାଗିଛି। ୨୦୨୯ ସୁଦ୍ଧା ଗେମିଂ ଶିଳ୍ପର କାରବାର ୩.୬ ବିଲିୟନ ଡଲାର ପହଞ୍ଚିବା ଅନୁମାନ କରାଯାଉଥିଲା। ପେଡ୍ ଫାଣ୍ଟାସି କ୍ରିକେଟ ଗେମ୍ ଜରିଆରେ ବିଜେତାମାନଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରୁଥିବା ଏମ୍‌ପିଏଲ୍ ଏବଂ ଏହାର ପ୍ରତିଦ୍ୱନ୍ଦ୍ୱୀ ଡ୍ରିମ୍ ଇଲେଭେନ୍ ବେଶ୍ ଲୋକପ୍ରିୟ ହୋଇଥିଲା। ତେବେ ଏଭଳି ଖେଳ ଦକ୍ଷତା ଉପରେ ନିର୍ଭର କରୁଥିବାରୁ ଏହାକୁ ଜୁଆ ଆଖ୍ୟା ଦିଆଯାଇପାରିବ ନାହିଁ ବୋଲି ଗେମିଂ ଇଣ୍ଡଷ୍ଟ୍ରି ପକ୍ଷରୁ କୁହାଯାଇଛି। ଏମ୍‌ପିଏଲ୍ ବର୍ତ୍ତମାନ ଆମେରିକା ବଜାରରେ ବ୍ୟବସାୟକୁ ଗୁରୁତ୍ୱ ଦେଉଥିବାରୁ ଭାରତରେ ଥିବା ଏହାର ୫୦୦ କର୍ମଚାରୀଙ୍କ ମଧ୍ୟରୁ ପ୍ରାୟ ୩୦୦ ଜଣଙ୍କୁ ଛଟେଇ କରିବ ବୋଲି ରବିବାର କମ୍ପାନୀ ସୂତ୍ରରୁ କୁହାଯାଇଛି।

## ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ରଶ୍ମିତାଙ୍କୁ ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ

**ସ୍ୱର୍ଣ୍ଣ ପଦକ ହାସଲ ପାଇଁ ଶୁଭେଚ୍ଛା ଜଣାଇଲେ**

ମଙ୍ଗୁଳି-ଜଗତପୁର/ଚୌଦ୍ୱାର,୩୧।୮ (ମାନସ ସାମଲ/ଆଶୁତୋଷ ଦାସ)



ରଶ୍ମିତା ସାହୁ

ପ୍ରଧାନମନ୍ତ୍ରୀ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ନରେନ୍ଦ୍ର ମୋଦି କଟକ ଜିଲା ଚୌଦ୍ୱାର ପୌର ପରିଷଦ ଅଧୀନ ୧ ନଂ ୱାର୍ଡ଼ ନବଗ୍ରହସାହି ଝିଅ ରଶ୍ମିତା ସାହୁଙ୍କୁ ପ୍ରଶଂସା କରିବା ସହିତ ସିଧାସଳଖ କଥା ହୋଇଛନ୍ତି। ପ୍ରଧାନମନ୍ତ୍ରୀ ରଶ୍ମିତାଙ୍କ ଯାତ୍ରା, ଶ୍ରୀନଗରରେ ସମ୍ପ୍ରତି ଅନୁଷ୍ଠିତ ଖେଲୋ ଇଣ୍ଡିଆ ଜଳକ୍ରୀଡାରେ ତାଙ୍କର ବିଜୟ ଏବଂ ଯୁବ ଖେଳାଳିମାନଙ୍କୁ ପ୍ରେରଣା ଦେବା ପାଇଁ ରଶ୍ମିତାଙ୍କର ଦୃଢ଼ ସଂକଳ୍ପକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଥିଲେ। ଖବର ପ୍ରଚାର ପରେ ଜଗତପୁରସ୍ଥିତ ସାଇସ୍ପୋର୍ଟ୍ସ ହଷ୍ଟେଲକୁ ଟାଙ୍ଗୀ-ସାଲେପୁର ବରିଷ୍ଠ ଭାଜପା ନେତା ହିମାଂଶୁ ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ, ବହୁ ସେଚ୍ଛାସେବୀ ସଙ୍ଗଠନ ଓ ନେତୃବୃନ୍ଦ ଭେଟି ଶୁଭେଚ୍ଛା ଜଣାଇଛନ୍ତି। ପ୍ରକାଶଥାଉ କି, ରଶ୍ମିତା ଚୌଦ୍ୱାର ନବଗ୍ରହସାହିରେ ଗୋଟିଏ ଗରିବ ପରିବାରରେ ଜନ୍ମ। ରଶ୍ମିତା ଛୋଟ ସମୟରେ ହିଁ ତାଙ୍କ ମା’ଙ୍କ ଦେହାନ୍ତ ହୋଇଥିଲା। କିଛି ବର୍ଷ ବ୍ୟବଧାନରେ ତାଙ୍କ ବାପା ଏକ ସଡ଼କ ଦୁର୍ଘଟଣାରେ ଭିନ୍ନକ୍ଷମ ହୋଇଥିଲେ। ଫଳରେ ରଶ୍ମିତା ଖେଳ ଛାଡ଼ିବାକୁ ବାଧ୍ୟ ହୋଇଥିଲେ। ହେଲେ ବାପାଙ୍କ ସ୍ୱପ୍ନ ଓ ପ୍ରଶିକ୍ଷକ ତାଙ୍କୁ ପୁନଃ ସାହସ ଦେବାରୁ ସେ ନୌକାଚାଳନା ପ୍ରଶିକ୍ଷଣରେ ଯୋଗଦେବା ପାଇଁ କଟକ ଜିଲା ଜଗତପୁରସ୍ଥିତ ସାଇ ସ୍ପୋର୍ଟ୍ସ କ୍ଲବରେ ପ୍ରାକ୍ଟିସ ଆରମ୍ଭ କରି ଶ୍ରୀନଗର ଖେଲୋ ଇଣ୍ଡିଆ ଜଳକ୍ରୀଡାରେ ୨ଶହ ମିଟର ନୌକାଚାଳନା ଖେଳ ପ୍ରଦର୍ଶନ କରି ରଶ୍ମିତା ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ସ୍ୱର୍ଣ୍ଣ ପଦକ ହାସଲ କରିବା ଓ ପ୍ରଧାନମନ୍ତ୍ରୀଙ୍କ କଥା ହେବା ପରେ ସବୁ ଦୁଃଖକୁ ପଛରେ ପକାଇ ତାଙ୍କର ଆଉ ତାଙ୍କ ପରିବାର ପାଇଁ ଖୁସି ଆଣି ଦେଇଛି ବୋଲି ସେ ପ୍ରକାଶ କରିଛନ୍ତି।

## ରଶ୍ମିତାଙ୍କ ସଫଳତା କହି ଯୁବପିଢ଼ିଙ୍କୁ ଉତ୍ସାହିତ କରିଛନ୍ତି ମୋଦି: ମନମୋହନ

ଭୁବନେଶ୍ୱର,୩୧।୮ (ରବିନାରାୟଣ ଜେନା)

୧୨୫ତମ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଓଡ଼ିଆ ଝିଅ ରଶ୍ମିତା ସାହୁଙ୍କ ସଫଳତା କଥା କହି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୁବପିଢ଼ିଙ୍କୁ ଜଳକ୍ରୀଡ଼ା ପାଇଁ ଉତ୍ସାହିତ କରିଛନ୍ତି ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

ରବିବାର ମନ୍ କୀ ବାତ୍ କାର୍ଯ୍ୟକ୍ରମ ଅବସରରେ ମନମୋହନ କହିଛନ୍ତି, ପ୍ରଧାନମନ୍ତ୍ରୀ କ୍ରୀଡ଼ା, ସୌରଶକ୍ତି, ସ୍ୱଦେଶୀ ଅଭିଯାନ, ଆତ୍ମନିର୍ଭର ଭାରତ, ସିଭିଲ ସର୍ଭିସ୍ ପରୀକ୍ଷାରେ ସଫଳତା ପାଇଁ ଡିଜିଟାଲ ପ୍ଲାଟ୍‌ଫର୍ମ ପ୍ରତିଭା ସେତୁ, ଭାରତୀୟ ଇଞ୍ଜିନିୟରମାନଙ୍କ ଭୂମିକା ସମେତ ଅନ୍ୟାନ୍ୟ ବିଷୟରେ ଆଲୋଚନା କରିଛନ୍ତି। ଶ୍ରୀନଗର ଡାଲ୍ ହ୍ରଦରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ଜଳକ୍ରୀଡ଼ା-୨୦୨୫ରେ ସି୨ଡବ୍ଲ୍ୟୁ ୫୦୦ଏମ୍‌ରେ ରଶ୍ମିତା ସ୍ୱର୍ଣ୍ଣ ପଦକ ଜିତି ଓଡ଼ିଶାର ନାମ ଉଜ୍ଜ୍ୱଳ କରିଛନ୍ତି। ଏହି ପ୍ରତିଭାବାନ୍ ନୌକାଳିକା ଆମ ସମସ୍ତଙ୍କ ପାଇଁ ଗୌରବ ବୋଲି ସେ କହିଛନ୍ତି।

ଏହି ଅବସରରେ ପ୍ରଧାନମନ୍ତ୍ରୀ ଭାରତକୁ ଆତ୍ମନିର୍ଭର କରିବା ପାଇଁ ଯେଉଁ ପ୍ରୟାସ ଚଳାଇଛନ୍ତି ସେଥିରେ ସମସ୍ତେ ଭାଗୀଦାରି ହେବାକୁ ଆହ୍ୱାନ ଦେଇଛନ୍ତି ବୋଲି ମନମୋହନ କହିଛନ୍ତି। କାର୍ଯ୍ୟକ୍ରମ ଅବସରରେ ୩ ଭିନ୍ନକ୍ଷମଙ୍କୁ ହୁଇଲ୍ ଚେୟାର ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଭାଜପାର ରାଷ୍ଟ୍ରୀୟ ଉପସଭାପତି ତଥା ସାଂସଦ ବୈଜୟନ୍ତ ପଣ୍ଡା, ରାଜ୍ୟ ସାଧାରଣ ସମ୍ପାଦକ ଶାରଦା ପ୍ରସାଦ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

## ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ୍ ମଜୁମଦାର ଅସୁସ୍ଥ

**ଘରୋଇ ହସ୍ପିଟାଲରେ ଚିକିତ୍ସା ଜାରି**



କଟକ,୩୧।୮ (କାର୍ତ୍ତିକ ସାହୁ)

ଓଡ଼ିଆ ସଙ୍ଗୀତ ଜଗତର ସୁନାମଧନ୍ୟ ସଙ୍ଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ଅଭିଜିତ୍ ମଜୁମଦାର ଗୁରୁତର ଅସୁସ୍ଥ ହୋଇପଡ଼ିଛନ୍ତି। ତାଙ୍କୁ ସିଡିଏସ୍ଥିତ ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଛି।

ସୂଚନାନୁସାରେ, ଅଭିଜିତ୍‌ଙ୍କ ଶରୀରରେ ସୋଡିୟମ ଲେଭଲ କମିଯିବା ଯୋଗୁ ତାଙ୍କୁ ୩ ଦିନ ତଳେ କଟକ କାଫଲାବଜାରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ନ ହେବାରୁ ତାଙ୍କୁ ସିଡିଏସ୍ଥିତ ଅନ୍ୟ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ମେଡିକାଲରେ ତାଙ୍କ ପରିବାର ଲୋକ ରହିଥିବା ବେଳେ ଓଡ଼ିଆ ସିନେମା ଜଗତର କଳାକାରମାନେ ତାଙ୍କୁ ମେଡିକାଲରେ ଭେଟିଥିଲେ। ବିଶିଷ୍ଟ ଅଭିନେତା, ନିର୍ଦ୍ଦେଶକ ପ୍ରଦ୍ୟୁମ୍ନ ଲେଙ୍କା ଓ ଅଭିନେତା ଶ୍ରୀତମ ଦାସ ପ୍ରମୁଖ ମେଡିକାଲରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିବା ଜଣାପଡ଼ିଛି।

## ଭାଜପାର ‘କପି ପେଷ୍ଟ’ ଶାସନ ଧାରା ଜାରି: ବିଜେଡି

ଭୁବନେଶ୍ୱର,୩୧।୮ (ରବିନାରାୟଣ ଜେନା)

ସହରୀକରଣର ନୂଆ ଅଭିଯାନ ଅନ୍ତର୍ଗତ ଏନ୍ଏସି ଓ ମ୍ୟୁନିସିପାଲିଟି ଘୋଷଣା କଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହୁଥିବା ବେଳେ ବାସ୍ତବରେ ଏଥିରେ କୌଣସି ନୂତନତା ନାହିଁ ବୋଲି ବିଜେଡି କହିଛି। ଏଥିରୁ ଅଧିକାଂଶ ଘୋଷଣା ପୂର୍ବରୁ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ସରକାର ସମୟରେ ହୋଇ ସାରିଥିଲା ବୋଲି ବିଜେଡି ପକ୍ଷରୁ ସାମାଜିକ ଗଣମାଧ୍ୟମରେ କୁହାଯାଇଛି।

ବିଜେଡି କହିଛି, ରବିବାର ଭାଜପା ସରକାରଙ୍କ ପକ୍ଷରୁ ଘୋଷଣା ହୋଇଥିବା ୭ ନୂଆ ମ୍ୟୁନିସିପାଲିଟି ମଧ୍ୟରୁ ୪ଟି ବୌଦ୍ଧ, କରଞ୍ଜିଆ, ଆସ୍କା ଏବଂ ଛତ୍ରପୁରକୁ ନବୀନ ପଟ୍ଟନାୟକ ଫେବୃଆରୀ ୨୦୨୪ରେ ମାନ୍ୟତା ପ୍ରଦାନ ନେଇ ଘୋଷଣା କରିଥିଲେ। ସେହିପରି ଘୋଷଣା ହୋଇଥିବା ୧୬ ନୂଆ ଏନ୍ଏସି ମଧ୍ୟରୁ ୭ଟି ନବୀନଙ୍କ ୨୦୨୪ର ଘୋଷିତ ତାଲିକା ସହ ସମାନ। ଏହା ସ୍ପଷ୍ଟ ଦର୍ଶାଉଛି ଯେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଘୋଷଣାର ଅଧିକାଂଶ କଥା ନୂଆ ନୁହେଁ, ବରଂ ବିଜେଡି ସରକାର ପ୍ରସ୍ତୁତ କରିଥିବା ବିକାଶ ନକ୍ସାର ‘କପି ପେଷ୍ଟ’। ୨୦୨୪ରେ ଘୋଷିତ ତାଲିକାରୁ ଏକାଧିକ ନାଁକୁ ଧାର ଆକାରରେ ଆଣି ନୂଆ ତାଲିକାରେ ସାମିଲ କରିବା ସ୍ପଷ୍ଟ ଭାବେ ଦର୍ଶାଉଛି। ଭାଜପା ସରକାର ‘ରି-ବ୍ରାଣ୍ଡିଙ୍ଗ’ରେ ବିଶ୍ୱାସ କରୁଛି।

## ବଣାଇଁ ବନାଞ୍ଚଳରେ ବାଘ ଭୟ

ବଣାଇଁ,୩୧।୮ (ପ୍ରଦୀପ ତ୍ରିପାଠୀ)

ବଣାଇଁ ବନଖଣ୍ଡ ଅଧୀନ ବଣାଇଁ ବନାଞ୍ଚଳରେ ଏବେ ପୁଣି ବାଘଭୟ ଦେଖାଦେଇଛି। ଏହି ବନାଞ୍ଚଳ ଅନ୍ତର୍ଗତ ଘୁଷୁରା ଜଙ୍ଗଲରେ ରବିବାର ଏକ ପାଦଚିହ୍ନ ଦେଖି ସ୍ଥାନୀୟ ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ବିଭାଗ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏହା ବାଘର ପାଦଚିହ୍ନ ନା ସେହି ଜାତୀୟ ଅନ୍ୟ କୌଣସି ପ୍ରାଣୀର ତାକୁ ନେଇ ବନ ବିଭାଗ ବିଶେଷଜ୍ଞ ଦଳର ସହାୟତା ଲୋଡ଼ାଯାଇଥିଲା। ସନ୍ଧ୍ୟାରେ ପଦଚିହ୍ନ ନିଶ୍ଚିତ ଜଙ୍ଗଲୀ ହିଂସ୍ର ଜନ୍ତୁର ବୋଲି ସ୍ପଷ୍ଟ ହେବା ପରେ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ଘୁଷୁରା, ଗୋବିନ୍ଦପୁର, ବେଲଡିହି, ପତ୍ରାପାଲି ମୁଣ୍ଡା ସାହି, ଷେଣ୍ଟପୁର ଗ୍ରାମ ଆଖପାଖରେ ସତର୍କ ସୂଚନା ଜାରି କରାଯାଇଛି। ତଦନ୍ତ ପରେ ଯଦିଓ ମହାବଳବାଘର ପାଦଚିହ୍ନ ନେଇ ସ୍ପଷ୍ଟତା ନାହିଁ, ଏହା କଲରାପତରିଆ ବା ଚିତା (ଲିଓପାର୍ଡ)ର ପାଦଚିହ୍ନ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଥିବା ତଦନ୍ତକାରୀ ଦଳ ସୂଚନା ଦେଇଛନ୍ତି। ପୁନଶ୍ଚ ବନ ବିଭାଗ ପକ୍ଷରୁ ଘୁଷୁରା ସଂରକ୍ଷିତ ଜଙ୍ଗଲର ବିଭିନ୍ନ ସ୍ଥାନରେ ଟ୍ରାପ କ୍ୟାମେରା ଲଗାଯାଇଛି ଓ ପାଟ୍ରୋଲିଂ କରାଯାଉଛି। ଅନ୍ୟ ବୈଜ୍ଞାନିକ ପଦ୍ଧତିରେ ମଧ୍ୟ ଟ୍ରାକିଂ ଚାଲିଛି। ସୂଚନାଯୋଗ୍ୟ, କିଛିଦିନ ତଳେ ବନଖଣ୍ଡର ସୋଲ ବନାଞ୍ଚଳରେ ବୁଲୁଥିବା ମହାବଳ ବାଘଭୟ ଏବେ ଚର୍ଚ୍ଚାରେ ଥିବା ନେଇ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଛି।

## ଟ୍ରେନ୍ ଆଗକୁ ଡେଇଁ ଡେଲିଭରି ବୟଙ୍କ ଆତ୍ମହତ୍ୟା

ଭୁବନେଶ୍ୱର,୩୧।୮ (ସତ୍ୟଜିତ୍ ରାଉତ)

**ଆର୍ଥିକ ସମସ୍ୟାକୁ ନେଇ ଅବସାଦରେ ଥିଲେ**



ସନ୍ଦେଶ କୁମାର ଦାସ

ଭୁବନେଶ୍ୱରରେ ଟ୍ରେନ୍ ଆଗକୁ ଡେଇଁ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଢେଙ୍କାନାଳ ଭାପୁରର ସନ୍ଦେଶ କୁମାର ଦାସ (୨୨)। ରବିବାର ସକାଳ ପ୍ରାୟ ୬ଟା ବେଳେ ଏହି ଘଟଣା ଘଟିଛି। ପୁନାମା ଗେଟ୍ ନିକଟ ରେଳଧାରଣାରୁ ତାଙ୍କ ଖଣ୍ଡବିଖଣ୍ଡିତ ମୃତଦେହକୁ ଭୁବନେଶ୍ୱର ଜିଆର୍‌ପିଥାନା ପୋଲିସ ଜବତ କରିଛି। କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଷ୍ଟେଶନ ମାଷ୍ଟରଙ୍କ ରିପୋର୍ଟ ଆଧାରରେ ପୋଲିସ ଏକ ଅପମୃତ୍ୟୁ (ନଂ.୬୧/୨୦୨୫) ରୁଜୁ କରି ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ସନ୍ଦେଶ ତାଙ୍କ ବଡ଼ଭାଇ ସନ୍ଦୀପ ଓ ଅନ୍ୟମାନଙ୍କ ସହ ସତ୍ୟନଗରରେ ଘର ଭଡ଼ାନେଇ ରହୁଥିଲେ। ସନ୍ଦେଶ ଭୁବନେଶ୍ୱରରେ ଫୁଡ୍ ଡେଲିଭରି ବୟ ଭାବେ କାମ କରୁଥିଲେ। ଅର୍ଥାଭାବକୁ ନେଇ ସେ ଅବସାଦରେ ଥିଲେ। ଶନିବାର ଦିନବେଳା ସେ ମାନସିକ ଚାପରେ ଥିବା ତାଙ୍କ ରୁମ୍‌ମେଟ୍ ଦେଖିବାକୁ ପାଇଥିଲେ। ଶନିବାର ରାତିସାରା ସନ୍ଦେଶ ଡେଲିଭରି କାମ କରିଥିଲେ। ତେବେ ସକାଳେ ସେ ପୁନମା ଗେଟ୍ ନିକଟ ରେଳ ଧାରଣା ପାର୍ଶ୍ୱରେ ବାଇକ ଥୋଇ ଏକ ମାଲବାହୀ ଟ୍ରେନ୍ ଆଗକୁ ଡେଇଁ ପଡ଼ିଥିଲେ ବୋଲି ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି। ଡେଇଁବା ପୂର୍ବରୁ ମୋବାଇଲରେ କାହା ସହ ଯୁକ୍ତିତର୍କ କରିଥିଲେ ବୋଲି ଜଣାପଡିଛି। ତେବେ ଜବତ ବାଇକଟି ବଡ଼ଭାଇ ସନ୍ଦୀପଙ୍କର ହୋଇଥିବାରୁ ପୋଲିସ ସନ୍ଦେହରେ ପଡ଼ିଥିଲା। ପରେ ସନ୍ଦୀପ ତାଙ୍କ ସାଙ୍ଗମାନଙ୍କ ସହ ଥାନାକୁ ଆସି ଉକ୍ତ ମୃତଦେହ ସାନଭାଇ ସନ୍ଦେଶଙ୍କର ବୋଲି କହିଥିଲେ। ସନ୍ଦୀପ ଓ ଅନ୍ୟମାନଙ୍କଠାରୁ ପୋଲିସ ତଥ୍ୟ ନେବା ସହ ତଦନ୍ତକୁ ଆଗକୁ ବଢ଼ାଇଛି। ମୃତ ସନ୍ଦେଶ ଅନ୍‌ଲାଇନ୍ ଗେମ୍‌ରେ ଟଙ୍କା ହରାଇଥିଲେ ବୋଲି କୁହାଯାଉଥିବାରୁ ପୋଲିସ ମଧ୍ୟ ସେନେଇ ଖୋଳତାଡ଼ କରୁଛି।

## ‘ମନ୍ କୀ ବାତ୍’ ଅସରନ୍ତି ପ୍ରେରଣାର ଉତ୍ସ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩୧।୮ (ରବିନାରାୟଣ ଜେନା)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ‘ମନ୍ କୀ ବାତ୍’ କାର୍ଯ୍ୟକ୍ରମ କୋଟି କୋଟି ଲୋକଙ୍କ ପାଇଁ ଅସରନ୍ତି ପ୍ରେରଣାର ଉତ୍ସ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ରବିବାର ଚନ୍ଦ୍ରଶେଖରପୁର ଶିଶୁବିହାରରେ ସ୍ଥାନୀୟ ଲୋକଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ୧୨୫ତମ ‘ମନ୍ କୀ ବାତ୍’ ଶୁଣିବା ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ଏଥର ଓଡ଼ିଆ ଝିଅ ରଶ୍ମିତା ସାହୁଙ୍କ ସହ କଥାହୋଇ ତାଙ୍କର ଉଚ୍ଚ ପ୍ରଶଂସା କରିଛନ୍ତି। ରଶ୍ମିତା ନିକଟରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ କାନୋଇଙ୍ଗ୍ (ଜଳକ୍ରୀଡ଼ା) ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ତେବେ ଓଡ଼ିଶା କାୟାକିଙ୍ଗ୍ ଓ କାନୋଇଙ୍ଗ୍ ଆସୋସିଏଶନର ସହଯୋଗରେ ଜଗତପୁରର ସାଇ ସ୍ପୋର୍ଟ୍ସ ଆନୁକୂଲ୍ୟରେ ଓଡ଼ିଶାର କ୍ରୀଡ଼ା ପ୍ରତିଭାମାନଙ୍କୁ ଉତ୍ତମ ପ୍ରଶିକ୍ଷଣ ଦିଆଯାଉଛି। ରଶ୍ମିତା ମଧ୍ୟ ସେଠାରେ କାନୋଇଙ୍ଗ୍ ପ୍ରଶିକ୍ଷଣ ପାଇଛନ୍ତି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ଅନେକ ଦିନ ଧରି ଓଡ଼ିଶା କାୟାକିଙ୍ଗ୍ ଓ କାନୋଇଙ୍ଗ୍ ଆସୋସିଏଶନର ସଭାପତି ଥିଲେ। ବର୍ତ୍ତମାନ ସେ ଏହି ସଂସ୍ଥାର ଚିଫ୍ ପାଟ୍ରନ୍ ଅଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମାଜସେବୀ ରାଜେନ୍ଦ୍ର ବାରିକ ଓ ବି.ବି. ମିଶ୍ର ଏବଂ ଶିଶୁବିହାର ଯୋଗକେନ୍ଦ୍ରର ପ୍ରମୁଖ ବିଶ୍ୱନାଥ ନାୟକ, ଭାରତୀ ପ୍ରଧାନ ଓ ଏଲ୍.ଡି. ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହାସହିତ ମନ୍ଦିର କମିଟି, ମହିଳା ସଂଘ ଏବଂ ୱାର୍ଡ ନଂ.୬ର ଅନ୍ୟ ସମାଜସେବୀ ସଦସ୍ୟମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରିଥିଲେ।

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ନିର୍ମାଣ କାର୍ଯ୍ୟ ପାଇଁ ଟେଣ୍ଡର ବିଜ୍ଞପ୍ତି**

**ଟେଣ୍ଡର ବିଜ୍ଞପ୍ତି ନଂ.:** ସିଏଓ/ସି/ ବିଏସ୍‌ପି/୨୫-୨୬/୧, **ତାରିଖ:** ୧୯.୦୮.୨୦୨୫ (ଖୋଲା ଟେଣ୍ଡର) (ଦୁଇ ପ୍ୟାକେଟ୍ ପ୍ରଣାଳୀ) ।
**କାର୍ଯ୍ୟର ନାମ:** ଛତିଶଗଡ଼ ରାଜ୍ୟରେ ଇପିସି ପଦ୍ଧତିରେ "ଦୁର୍ଗ-ରାଜନନ୍ଦଗାଓଁ (୩୧.୦ କିମି) ଓ ସରୋନା-ଭିଲାଇ (୧୭.୩୦ କିମି) ସେକ୍ସନ ମଧ୍ୟରେ ୪ର୍ଥ ଲାଇନ୍ ନିର୍ମାଣ" ସଂକ୍ରାନ୍ତରେ ପ୍ରତ୍ୟେକ ଆପ୍ରୋଚ୍‌ରେ ୩୦୦ ମିଟର ପର୍ଯ୍ୟନ୍ତ ଫର୍ମେଶନ୍ ସମେତ ୦୧ ଗୋଟି ଗୁରୁତ୍ୱପୂର୍ଣ୍ଣ ସେତୁ ଏବଂ ୦୪ ଗୋଟି ବଡ଼ ସେତୁର ନିର୍ମାଣ ।
**ଟେଣ୍ଡର ମୂଲ୍ୟ:** ₹୧,୨୬,୬୪,୮୨,୭୮୨.୯୪/- **ଇଏମ୍‌ଡି:** ₹୬୩,୩୨,୪୦୦.୦୦/-, **କାର୍ଯ୍ୟର ସମାପ୍ତି ଅବଧି:** ସ୍ୱୀକୃତି ପତ୍ର ତାରିଖରୁ ୭୨୦ (ସାତଶହ କୋଡ଼ିଏ) ଦିନ ।
**ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୧୭.୧୨.୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ ।
**ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ:** ତା୧୭.୧୨.୨୦୨୫ରିଖ ୧୫.୩୦ ଘଟିକାରେ ।
ଟେଣ୍ଡର ଦସ୍ତାବିଜ, ଯୋଗ୍ୟତା ମାନଦଣ୍ଡ ସମ୍ବନ୍ଧୀୟ ବିବରଣୀ ଏବଂ ଉପରୋକ୍ତ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ମୁଖ୍ୟ ପ୍ରଶାସନିକ ଅଧିକାରୀ, ସିଓଏନ୍/ଦ.ପୂ.ମ. ରେଳପଥ, ବିଳାସପୁର- ପିନ୍: ୪୯୫୦୦୪ କିମ୍ବା ଉପ ମୁଖ୍ୟ ଯନ୍ତ୍ରୀ (ସିଓଏନ୍), ଦ.ପୂ.ମ. ରେଳପଥ, ବିଳାସପୁର- ପିନ୍: ୪୯୫୦୦୪ କିମ୍ବା ଉପ ମୁଖ୍ୟ ଯନ୍ତ୍ରୀ (ସିଓଏନ୍), ଦ.ପୂ.ମ. ରେଳପଥ, ରାୟପୁର- ପିନ୍: ୪୯୨୦୦୯, ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ/ପଶ୍ଚିମ/ନିର୍ମାଣ/ଦ.ପୂ.ମ. ରେଳପଥ, ନାଗପୁର- ପିନ୍: ୪୪୦୦୦୧ଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ଅଥବା ଆମର ୱେବ୍‌ସାଇଟ୍ **www.ireps.gov.in** ଦେଖନ୍ତୁ ।

ଉପ ମୁଖ୍ୟ ଯନ୍ତ୍ରୀ/ନିର୍ମାଣ
CPR/10/FL/276 ଦ.ପୂ.ମ. ରେଳପଥ, ବିଳାସପୁର
South East Central Railway @secrail

## ଭୁଲ୍ ଇଞ୍ଜେକ୍‌ଶନ ଯୋଗୁ ଶିଶୁକନ୍ୟାଙ୍କ ମୃତ୍ୟୁ ଅଭିଯୋଗ



ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଛନ୍ତି।

ଖଇରା,୩୧।୮ (ଉତ୍କଳବନ୍ଧୁ ପଣ୍ଡା)

ଆୟୁଷ ଡାକ୍ତରଙ୍କ ଭୁଲ୍ ଇଞ୍ଜେକ୍‌ଶନ ଯୋଗୁ ବାଲେଶ୍ୱର ଜିଲା ଖଇରା ଥାନା ଗଗନଧୂଳି ପଞ୍ଚାୟତ ଅଧୀନ ରାଇଗଡ଼ିଆ ଗ୍ରାମର ଜଣେ ଶିଶୁକନ୍ୟାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତ ଶିଶୁକନ୍ୟା ହେଲେ ବଳରାମ ରାମଙ୍କ ଝିଅ ଲିପ୍ସିତା(୨ବର୍ଷ)। ଏନେଇ ଉତ୍ତେଜନା ପ୍ରକାଶ ପାଇବା ସହ ପ୍ରତିବାଦରେ ଉତ୍ତ୍ୟକ୍ତ ପରିବାର ଲୋକ ଓ ଗ୍ରାମବାସୀ ରବିବାର ଅପରାହ୍ନରେ ମୃତଦେହ ରଖି ଟାୟାର ଜାଳି ସୋର-କୁପାରୀ ରାଜ୍ୟ ରାଜପଥକୁ ତୁଡିଗଡ଼ିଆଠାରେ ଅବରୋଧ କରିଥିଲେ। ଖଇରା ତହସିଲଦାର ଅମିତ ରଞ୍ଜନ ହୋତା ଓ ଥାନା ଆଇଆଇସି ସୁଚନ୍ଦ୍ର ମହାଲିକ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା। ମାତ୍ର ସମ୍ପୃକ୍ତ ଡାକ୍ତର ଦେବକାନ୍ତ ପାଢ଼ୀଙ୍କୁ ଯଥାଶୀଘ୍ର ଗିରଫ କରିବା ଦାବିନେଇ ଲୋକେ ପୁଣି ରାସ୍ତା ଅବରୋଧ କରିଛନ୍ତି। ଖଇରା ତହସିଲଦାର ଉକ୍ତ ଘରୋଇ କ୍ଲିନିକକୁ ସିଲ୍ କରିଛନ୍ତି।

ସୂଚନା ଅନୁଯାୟୀ, ଶନିବାର ରାତିରେ ଥଣ୍ଡାଜ୍ୱରରେ ଆକ୍ରାନ୍ତ ଲିପ୍ସିତାଙ୍କୁ ମା’ବାପା ତୁଡ଼ିଗଡ଼ିଆ ବଜାରରେ ଖୋଲିଥିବା ଆୟୁଷ ଡାକ୍ତର ପାଢ଼ୀଙ୍କ ଘରୋଇ କ୍ଲିନିକ୍‌କୁ ଆଣି ଦେଖାଇଥିଲେ। ଡାକ୍ତର ପାଢ଼ୀ ଏକ ଇଞ୍ଜେକ୍‌ଶନ ଦେଇଥିଲେ। ଘରକୁ ଫେରିବା ମାତ୍ରେ ଝିଅର ଅବସ୍ଥା ଗୁରୁତର ହୋଇ ପଡ଼ିବାରୁ ପରିବାର ଲୋକେ ପ୍ରଥମେ ସୋର ଓ ପରେ ବାଲେଶ୍ୱର ମେଡିକାଲ ନେଇଥିଲେ ହେଁ ସେଠାରେ ଲିପ୍ସିତାଙ୍କ ମୃତ୍ୟୁ ଘଟିଥିଲା।

## ବାଙ୍ଗିରିପୋଷି ଗଣବଳାତ୍କାର: ପିସିସି ତଥ୍ୟ ଅନୁଧ୍ୟାନ କମିଟି ଗଠିତ

ଭୁବନେଶ୍ୱର,୩୧।୮ (ରବିନାରାୟଣ ଜେନା)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଅଞ୍ଚଳରେ ହୋଇଥିବା ଗଣବଳାତ୍କାର ଘଟଣାର ତଥ୍ୟ ଅନୁଧ୍ୟାନ ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଏକ ଅନୁଧ୍ୟାନ କମିଟି ଗଠନ କରିଛନ୍ତି। ଉକ୍ତ କମିଟିରେ ସୁଶ୍ରୀ ସୁଶୀଳା ତିରିଆ ଅଧ୍ୟକ୍ଷ ରହିଥିବା ବେଳେ ସୁସ୍ମିତା ଘୋଷାଲ, ସୁନିତା ନାୟକ, ବୃନ୍ଦାବତୀ ମହାପାତ୍ର ପ୍ରମୁଖ ସଭ୍ୟ ଭାବେ ରହିଛନ୍ତି। ଉକ୍ତ କମିଟି ତୁରନ୍ତ ଘଟଣାର ଅନୁଧ୍ୟାନ କରି ରିପୋର୍ଟ ଦାଖଲ କରିବା ପାଇଁ ପିସିସି ସଭାପତି ନିର୍ଦ୍ଦେଶ ଦେଇଛନ୍ତି।

**TPCODL**
**TP CENTRAL ODISHA**
DISTRIBUTION LIMITED
(A Joint Venture of Tata Power and Government of Odisha)

**TP CENTRAL ODISHA DISTRIBUTION LIMITED**
A Joint Venture of Tata Power and Govt. of Odisha,
1st Floor, Anuj Building, Plot No.29, Satya Nagar,
Bhubaneswar, Odisha - 751007

**NOTICE INVITING TENDER: NIT No: TPCODL/2025-26/NIT/06**

Bids are invited from eligible bidders for the following tenders:

| Sl. No. | Tender Enquiry No. | Tender Description |
|---|---|---|
| 1 | **Corrigendum to Tender Enquiry No. TPCODL/ P&S/ FY 25-26/1000004392 & TPCODL/ P&S/ FY 25-26/ 1000004394 published on Newspaper** (Pratidin, Dharitri & Statesman) **Dt.10.07.2025** "Tender document against above tender enquiry will be available on TPCODL website from **Dt.02.09.2025**" | (I) Open Tender for 02 Years Rate Contract for supply of 630 Amp, Feeder Pillar box. (TPCODL/ P&S/ FY 25-26/ 1000004392)<br>(II) Open Tender for 02 Years Rate Contract for supply of 630 KVA, 11/0.4 KV Compact Substation. (TPCODL/ P&S/ FY 25-26/1000004394) |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section at TPCODL website **https://www.tpcentralodisha.com**. All tenders will be available on TPCODL website. Future communication / corrigendum to tender documents, if any, shall be available on TPCODL website. IT is suggested to track aforesaid website for said NIT details

# ଥମୁନି ଝାରପଡ଼ା ଦୁର୍ଗା ପୂଜା ଝଡ଼

## ଖୁବ୍‌ଶୀଘ୍ର ମାଟି ଅନୁକୂଳ, ପୂଜା ସ୍ଥାନ ଘୋଷଣା କରିବ ଦୁର୍ଗାପୂଜା ସମିତି

■ ସମିତି ବ୍ୟାନର ଅପବ୍ୟବହାର ହେଉଥିବା ଅଭିଯୋଗ

ଭୁବନେଶ୍ୱର, ୩୧।୮ (ବନ୍ଦନା ସେଠୀ)



ଖବରଦାତା ସମ୍ମିଳନୀରେ ଝାରପଡା ଦୁର୍ଗାପୂଜା ସମିତି ପକ୍ଷରୁ ଅଭିଯୋଗ କରାଯିବା ସହ ଦୁର୍ଗାପୂଜା ନେଇ ସୂଚନା ଦିଆଯାଉଛି।

ଚଳିତବର୍ଷ ଝାରପଡ଼ାରେ ମା' ଦୁର୍ଗାଙ୍କ ପୂଜାକୁ ନେଇ ଆରମ୍ଭ ହୋଇଥିବା ବିବାଦ ଥମିବାର ନାଁ ନେଉନାହିଁ। ଦୁର୍ଗାପୂଜା ମଣ୍ଡପ ଉପରେ ଆଇନଗତ କଟକଣା ଥିବାରୁ ଏଥର ଦୁଇଗୋଷ୍ଠୀ ଭିନ୍ନ ଦୁଇଟି ସ୍ଥାନରେ ପୂଜା ଆୟୋଜନ କରିବା ସହ ପରସ୍ପରକୁ ଦୋଷ ଲଦିବାରେ ଲାଗିଛନ୍ତି। ଦୁଇଦିନ ତଳେ ନୂତନ ଝାରପଡ଼ା ଦୁର୍ଗାପୂଜା ସମିତି ପକ୍ଷରୁ ମାଟି ଅନୁକୂଳ କରାଯାଇଥିଲା। ମେଳଣ ପଡିଆରେ ପୂଜା ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଥିଲା। ଅପରପକ୍ଷେ ରବିବାର ପୁରୁଣା ଝାରପଡ଼ା ଦୁର୍ଗାପୂଜା ସମିତି ପକ୍ଷରୁ ମହାବୀର କ୍ଲବ୍‌ଠାରେ ଖବରଦାତା ସମ୍ମିଳନୀ କରାଯାଇ ନୂତନ ସମିତିକୁ ଆକ୍ଷେପ କରାଯାଇଛି। ଏଥିସହ ଖୁବ୍‌ଶୀଘ୍ର ସମିତି ମାଟି ଅନୁକୂଳ ତାରିଖ ଓ ଦୁର୍ଗାପୂଜା ସ୍ଥାନ ଘୋଷଣା କରିବ ବୋଲି ସମିତିର ସମ୍ପାଦକ ଧରଣୀଧର ଜେନା ସୂଚନା ଦେଇଛନ୍ତି। ସେ କହିଛନ୍ତି, ନୂତନ ସମିତିର ମୁଖ୍ୟ ଉପଦେଷ୍ଟା ଭାଜପା ନେତା ଜଗନ୍ନାଥ ପ୍ରଧାନ କେବଳ ରାଜନୀତିକ ଦୃଷ୍ଟିକୋଣରୁ ନିଜ ପତିଆରା ବୃଦ୍ଧି କରିବା ପାଇଁ ଏଭଳି ହୀନ ଚକ୍ରାନ୍ତ କରୁଛନ୍ତି। ଜଗନ୍ନାଥ ପୂର୍ବରୁ ପୁରୁଣା ସମିତିରେ ଥିଲେ। ମାତ୍ର ୨୦୧୪ରେ ଦୁର୍ଗାପୂଜା ସମିତିର ସାଧାରଣ ସମ୍ପାଦକ ପଦରୁ ଇସ୍ତଫା ଦେଇଥିଲେ। ଏହାପରେ ବାରମ୍ବାର ମୌଖିକ ଭାବେ ତାଙ୍କୁ ବିଭିନ୍ନ କାର୍ଯ୍ୟକ୍ରମରେ ଡକା ଯାଇଥିଲେ ହେଁ ସେ ଆସୁ ନ ଥିଲେ। ଏଥିସହ ସଭ୍ୟ ଚାନ୍ଦା ନ ଦେବା ଏବଂ ଦୀର୍ଘଦିନ ଧରି ପୂଜାରେ ଅସହଯୋଗ କରିବା, ସମସ୍ତ ସାଧାରଣ ସଭାରେ ନ ରହିବା କାରଣରୁ ତାଙ୍କୁ ୨୦୧୮ରେ ସମିତିରୁ ବହିଷ୍କାର କରାଯାଇଥିଲା। ଏବେ କେବଳ ରାଜନୀତି କରି ପୂଜା ଭଣ୍ଡୁର କରିବା ପାଇଁ ଜଗନ୍ନାଥ ଏପରି କରୁଥିବା ସମିତି ଅଭିଯୋଗ କରିଛି।

ଅଭିଯୋଗ ଅନୁଯାୟୀ, ଝାରପଡ଼ା ଦୁର୍ଗାପୂଜା ସମିତିରେ ଆର୍ଥିକ ଅନିୟମିତତା, ନିର୍ବାଚନ ଅନିୟମିତତା ଏବଂ ସଭାପତିଙ୍କ ବ୍ୟକ୍ତିଗତ ଚରିତ୍ର ସଂହାର ଆଦି ଅଭିଯୋଗ ନେଇ ଭୁବନେଶ୍ୱର ଅତିରିକ୍ତ ଜିଲାପାଳଙ୍କ ନିକଟରେ ଏକ ପିଟିଶନ୍ ଦାଖଲ ହୋଇଥିଲା। ସମିତି ପକ୍ଷରୁ ଏହାର ଉତ୍ତର ରଖାଯିବା ପରେ କୋର୍ଟ ଆର୍ଥିକ ଅନିୟମିତତାକୁ ଖାରଜ କରିଥିଲେ। ଏଥିସହ ସଭ୍ୟପଦ ବାବଦରେ ଆଲୋଚନା କରିବା ପାଇଁ ପୂଜା ସମିତିର କାର୍ଯ୍ୟକାରିଣୀ ବୈଠକକୁ ପରାମର୍ଶ ଦେବା ସହ ସମିତିର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରିବେ ନାହିଁ ବୋଲି କହିଥିଲେ। ମାତ୍ର ଅଗଷ୍ଟ ୧୯ରେ ବିଏନ୍‌ଏସ୍ ୧୬୩ ଧାରା ଲଗାଇ ସମିତି ସ୍ଥଳକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଥିବାରୁ ସମିତି କର୍ମକର୍ତ୍ତାମାନେ ହାଇକୋର୍ଟଙ୍କ ଦାରସ୍ଥ ହୋଇଥିଲେ। ହାଇକୋର୍ଟ ଭୁବନେଶ୍ୱର ଏଡିସିପିଙ୍କୁ ସମାଧାନ କରି ଫାଇନାଲ ଅର୍ଡର ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏନେଇ ଏଡିସିପି ଗତ ୨୭ ତାରିଖରେ ଉଭୟ ପକ୍ଷ ଓ ଲକ୍ଷ୍ମୀସାଗର ଥାନାର ଭାରପ୍ରାପ୍ତ ଅଧିକାରୀଙ୍କ ସହ ଆଲୋଚନା କରି କୋର୍ଟରେ ରିପୋର୍ଟ ଉପସ୍ଥାପନ କରିଥିଲେ। ଏଥିସହ ସମସ୍ତ ତଥ୍ୟକୁ ତର୍ଜମା କରି ଝାରପଡ଼ା ଦୁର୍ଗାପୂଜା ସମିତି ଏବଂ ଝାରପଡ଼ା ୱେଲଫେୟାର ଆସୋସିଏଶନ୍ ନାମରେ ଭିନ୍ନ ଭିନ୍ନ ସ୍ଥାନରେ ପୂଜା କରିପାରିବେ ବୋଲି ନିର୍ଦ୍ଦେଶ ଦେଇଥିଲେ। ମାତ୍ର ନୂଆଗୋଷ୍ଠୀ 'ଝାରପଡ଼ା ଦୁର୍ଗାପୂଜା ସମିତି'ର ବ୍ୟାନରକୁ ଅପବ୍ୟବହାର କରି ଚାଲିଛନ୍ତି ବୋଲି ଖବରଦାତା ସମ୍ମିଳନୀରେ ପୁରୁଣା ସମିତି କର୍ମକର୍ତ୍ତା ଅଭିଯୋଗ କରିଛନ୍ତି। ଏନେଇ ଲକ୍ଷ୍ମୀସାଗର ଥାନାର ଭାରପ୍ରାପ୍ତ ଅଧିକାରୀଙ୍କ ପାଖରେ ଏତଲା ଦିଆଯିବାସହ ଡିସିପି ଭୁବନେଶର, ପୋଲିସ କମିଶନର, ଡିଜି ଓ ଅତିରିକ୍ତ ଜିଲାପାଳଙ୍କୁ ଅବଗତ କରାଇଥିବା ସୂଚନା ଦିଆଯାଇଛି। ସମ୍ମିଳନୀରେ ଆବାହକ ଶ୍ରୀଧର ଜେନା, ସଭାପତି ଶିଖର ଚନ୍ଦ୍ର ଜେନା, ସହସମ୍ପାଦକ ଅରୁଣ କୁମାର ଜେନା, ସମ୍ପାଦକ ଦିଲ୍ଲୀପ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ଅଭିଯୋଗ ଥିଲେ ଥାନା, କୋର୍ଟକୁ ଯାଅ: ଜଗନ୍ନାଥ ପ୍ରଧାନ

ଅଭିଯୋଗ ସଂକ୍ରାନ୍ତରେ ଜଗନ୍ନାଥ ପ୍ରଧାନ କହିଛନ୍ତି, ୨୦୧୪ ନିର୍ବାଚନ ପୂର୍ବରୁ ସାଧାରଣ ସମ୍ପାଦକ ଭାବେ ଇସ୍ତଫା ଦେଇଥିଲି। ଗ୍ରାମ କମିଟିର ନିଷ୍ପତ୍ତି ଅନୁସାରେ ପୁରୁଣା କମିଟି ଭଙ୍ଗାଯାଇ ନୂଆ କମିଟି ଗଠନ ହୋଇଛି। ନୂତନ ସଭାପତି, ସମ୍ପାଦକ ନିଯୁକ୍ତ ହୋଇଛନ୍ତି। ଏଡିଏମ୍‌ଙ୍କ ପାଖରେ ଏହାର ତଥ୍ୟ ରଖାଯାଇଛି। ତେଣୁ ପୁରୁଣା କମିଟି ବା ଝାରପଡ଼ା ଦୁର୍ଗପୂଜା ସମିତି କାଏମ ନାହିଁ। ସେହିପରି ପୂର୍ବରୁ ସେମାନେ ବ୍ୟବହାର କରୁଥିବା ବ୍ୟାଙ୍କ୍ ଆକାଉଣ୍ଟ ସିଜ୍ ପାଇଁ ପ୍ରସ୍ତୁତି ଚାଲିଛି। ଆଉ ସେମାନେ ସମ୍ପୃକ୍ତ ବ୍ୟାଙ୍କ ଆକାଉଣ୍ଟ ପରିଚାଳନା କରିପାରିବେ ନାହିଁ ଏବଂ ନୂଆ କମିଟି ତା'ର ନୂତନ ବ୍ୟାଙ୍କ ଆକାଉଣ୍ଟ ଖୋଲିଛି। ସେମାନଙ୍କର କୌଣସି ଆପତ୍ତି ଅଭିଯୋଗ ଥିଲେ ସେମାନେ ପୋଲିସ କିମ୍ବା କୋର୍ଟକୁ ଯାଆନ୍ତୁ ବୋଲି ଜଗନ୍ନାଥ କହିଛନ୍ତି।

# ଗ୍ରାହକଙ୍କୁ ଛୁରି ଭୁସିଲେ, ଗାଡ଼ି ଭାଙ୍ଗିଲେ

ଭୁବନେଶ୍ୱର,୩୧।୮ (ସତ୍ୟଜିତ୍ ରାଉତ)

## ବାର୍ ସୁରକ୍ଷା କର୍ମୀଙ୍କ ଗୁଣ୍ଡାଗିରି

■ ରାତିସାରା ବାର୍ ଖୋଲା ରହୁଥିବା ଅଭିଯୋଗ



ସତ୍ୟବିହାର ସପ୍ତଶତୀ ଛକ ନିକଟରେ ଥିବା ନୋ ଲିମିଟ୍ ରେସ୍ତୋରାଁ ତଥା ବାର୍ ସାମ୍ନାରେ ରବିବାର ସକାଳ ୫ଟାରେ ଗଣ୍ଡଗୋଳ ହୋଇଛି। ବାର୍‌ର ଜଣେ ସୁରକ୍ଷା କର୍ମୀ ଓ କେତେଜଣ ଗ୍ରାହକ ହାତାହାତି ହୋଇଛନ୍ତି। ସିକ୍ୟୁରିଟି ଗାର୍ଡ ଶିବ ପ୍ରସାଦ ଦାସଙ୍କ ଛୁରାମାଡରେ ବହୁ ଗ୍ରାହକ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିବାବେଳେ ଜଣେ ଗୁରୁତର ଅଛନ୍ତି। ସେ ହେଲେ ପ୍ରତୀକ ରାଉତ। ଅନ୍ୟପକ୍ଷରେ ଘଟଣାସ୍ଥଳରେ ପାର୍କିଂ ହୋଇଥିବା ଗ୍ରାହକଙ୍କ ୨ଟି କାର୍ ଓ ଗୋଟିଏ ବୁଲେଟ୍‌କୁ ଶିବପ୍ରସାଦ ଇଟାରେ ଆକ୍ରମଣ କରି ଭଙ୍ଗାରୁଜା କରିଥିବାବେଳେ ଗ୍ରାହକଙ୍କ ପ୍ରତି ଆକ୍ରମଣରେ ଶିବପ୍ରସାଦ ମଧ୍ୟ ଆହତ ହୋଇଛନ୍ତି। ଏହି ଘଟଣାକୁ ନେଇ ସୁରକ୍ଷାକର୍ମୀ ଶିବ ପ୍ରସାଦଙ୍କ ନାମରେ ମଞ୍ଚେଶ୍ୱର ଥାନାରେ ଏତଲା ପରେ ପୋଲିସ ଏକ ମାମଲା ରୁଜୁ କରି କ୍ଷତିଗ୍ରସ୍ତ ଗାଡିଗୁଡ଼ିକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ତେବେ ଆଇନ ଉଲ୍ଲଂଘନ କରି ରାତିସାରା ବାର୍ ଖୋଲା ରହୁଥିବାରୁ ଏଭଳି ଘଟଣା ବାରମ୍ବାର ଘଟୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଶନିବାର ରାତିରେ ୫ରୁ ୬ଜଣ ଗ୍ରାହକ ଉକ୍ତ ବାର୍‌କୁ ଯାଇଥିଲେ। ବାର ବନ୍ଦ ହେବା ପରେ ମଧ୍ୟ ସେଠାରେ ସେମାନେ ରହିଥିଲେ। ସକାଳ ୫ଟା ବେଳେ ସେମାନେ ବାହାରକୁ ଆସି ନିଜ ଗାଡି ନେଉଥିବା ସମୟରେ ଗଣ୍ଡଗୋଳ ହୋଇଥିଲା। ସିକ୍ୟୁରିଟି ଗାର୍ଡ ଶିବପ୍ରସାଦ ସେହି ସମୟରେ ବାଇକରେ ବାହାରୁଥିବାବେଳେ ଗ୍ରାହକଙ୍କ ଏକ କାର୍ ତାଙ୍କ ଗାଡିକୁ ଧକ୍କା ଦେଇଥିଲା। ଏହାକୁ ନେଇ ଯୁକ୍ତିତର୍କ ହେବା ପରେ ଶିବପ୍ରସାଦ ଏକ ଛୁରି ଆଣି ଆକ୍ରମଣ କରିଥିଲେ। ଆହତ ଅବସ୍ଥାରେ ଗ୍ରାହକମାନେ ଭୟରେ ସେଠାରୁ ପଳାଇବାରୁ ଶିବ ପ୍ରସାଦ ସେମାନଙ୍କ କାର୍ ଓ ବୁଲେଟ୍‌କୁ ଇଟାରେ ଛେଚି ଭଙ୍ଗାରୁଜା କରିଥିଲେ। ଏହାର କିଛି ସମୟ ପରେ ଉକ୍ତ ଯୁବକମାନେ ସେଠାକୁ ଆସି ଶିବପ୍ରସାଦଙ୍କୁ ମାରପିଟ୍ କରିଥିଲେ।

# ଜାତିର ପରିଚୟ ସୃଷ୍ଟି, ଗୌରବ ବୃଦ୍ଧି କରେ ଭାଷା

ଭୁବନେଶ୍ୱର, ୩୧।୮ (ସୌମ୍ୟରଞ୍ଜନ ରାଉତ)

ଭାଷା ଗୋଟିଏ ଜାତିର ପରିଚୟ ସୃଷ୍ଟି କରିବା ସହ ତା'ର ଗୌରବ ବୃଦ୍ଧି କରିଥାଏ। ଭାରତବର୍ଷ ବହୁଭାଷୀ ହେଲେ ମଧ୍ୟ ଦେଶର ଭାଷା ଓ ସଂସ୍କୃତି ଭାରତୀୟମାନଙ୍କ ମଧ୍ୟରେ ସମ୍ପର୍କର ସେତୁ ତିଆରି କରିଥାଏ ବୋଲି ବେଙ୍ଗାଲୁରୁସ୍ଥିତ ଟିଜିଟି ଗ୍ରୀନ୍ ଟେରାସେସ୍ କ୍ଲବ୍ ହାଉସଠାରେ ଶୁକ୍ରବାର ଓଡ଼ିଶାର ଚଲାପଥ ଅନୁଷ୍ଠାନ ଏବଂ ହରିଓମ୍ ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ଅତିଥିମାନେ ମତପ୍ରକାଶ କରିଛନ୍ତି। ସର୍ବଭାରତୀୟ ବହୁଭାଷୀ ଭାଷା ଓ ସଂସ୍କୃତିର ବୈଭବତା ଉପରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରକୁ ଉତ୍ତରପ୍ରଦେଶ ସାହିତ୍ୟିକ କବି ଅନିଲ କୁମାର ଶ୍ରୀବାସ୍ତବ ଉଦ୍‌ଘାଟନ କରିଥିବା ବେଳେ ଅତିଥିଭାବେ ଶିଳ୍ପପତି ତଥା ସଙ୍ଗୀତଜ୍ଞ ହରିଓଁ ଅଗ୍ରୱାଲା, କଳିଙ୍ଗ ବେଙ୍ଗାଲୁରୁ ଫାଉଣ୍ଡେଶନର ପ୍ରତିଷ୍ଠାତା ଅଧ୍ୟକ୍ଷ, ନିଉଜ୍ ସେଭେନ୍‌ର ଦକ୍ଷିଣ ଭାରତ ମୁଖ୍ୟ ରଞ୍ଜନ କୁମାର ଆଚାର୍ଯ୍ୟ, ସାହିତ୍ୟିକ କମଳେଶ କୁମାର କେଶସ୍ୱାନୀ ଯୋଗଦେଇଥିଲେ। ଚଲାପଥର ପ୍ରତିଷ୍ଠାତା ସମ୍ପାଦକ ହଳଧର ଧୀର ସ୍ୱାଗତ ଭାଷଣ ଦେଇଥିଲେ। ପ୍ରମୋଦ କୁମାର ଦୋକାନିଆ, ବିମଳ କୁମାର ଦାଢ଼ା, ନଗେନ୍ଦ୍ର କୁମାର ଶ୍ରୀବାସ୍ତବ, ପ୍ରଶାନ୍ତ ପ୍ରକାଶ, ନରେନ୍ଦ୍ର ଯାଦବ, ଡ. ଏସ୍.କେ. ମାଲା, ସଞ୍ଜୀବ କୁମାର ରାଓ, ବିଜୟ କୁମାର ସାହୁ, ଡ. ରଘୁନାଥନ ପଚ୍ଚା, ପି.କେ. ରମେଶ, ଚିନ୍ମୟ ଗନରକର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ଏହି ଆଲୋଚନାଚକ୍ରରେ କର୍ନାଟକ, ମହାରାଷ୍ଟ୍ର, ତାମିଲନାଡୁ, ଗୁଜରାଟ, ଜମ୍ମୁ-କଶ୍ମୀର, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, ହରିୟାଣା, ରାଜସ୍ଥାନ, ଝାଡ଼ଖଣ୍ଡ, ଓଡ଼ିଶା, ବିହାର, ମଧ୍ୟପ୍ରଦେଶ, ଛତିଶଗଡ଼ ପ୍ରଭୃତି ରାଜ୍ୟରୁ ପ୍ରତିନିଧିମାନେ ଯୋଗଦେଇଥିଲେ।

# ଓଡ଼ିଆ ଅସ୍ମିତା ବଞ୍ଚାଇବାକୁ ଉଦ୍ୟମ କରିଥିଲେ ଅତିବଡ଼ୀ




ଅତିବଡ଼ି ଜଗନ୍ନାଥ ଦାଶଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ଯୋଗଦେଇଥିବା ଅତିଥି।

ଭୁବନେଶ୍ୱର, ୩୧।୮ (ସୌମ୍ୟରଞ୍ଜନ ରାଉତ)

## ଅତିବଡ଼ି ଜଗନ୍ନାଥ ଦାଶଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଶ୍ରୀଜଗନ୍ନାଥ ସଂସ୍କୃତିକୁ ଆଧାରକରି ରବୀନ୍ଦ୍ର ମଣ୍ଡପଠାରେ ରବିବାର ଅତିବଡ଼ି ଜଗନ୍ନାଥ ଦାଶଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶ୍ରୀଜଗନ୍ନାଥ ସଂସ୍କୃତି ଭାଷ୍ୟକାର ପ୍ରଫେସର ଡା. ଜୟକୃଷ୍ଣ ଦାସଙ୍କ ସଭାପତିତ୍ୱରେ 'ମଧ୍ୟଯୁଗୀୟ ଓଡ଼ିଆ ଭାଷା ସାହିତ୍ୟ କ୍ଷେତ୍ରରେ ଅତିବଡ଼ୀ ଜଗନ୍ନାଥ ଦାଶଙ୍କ ଭୂମିକା' ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ନିରଞ୍ଜନ ସାହୁ ଯୋଗଦେଇ ପଞ୍ଚସଖା ଯୁଗର ଏହି ଅନନ୍ୟ ସିଦ୍ଧସାଧକଙ୍କ ସାଧନା, ନିଷ୍ଠା ଓ ସର୍ବୋପରି ଶ୍ରୀଜଗନ୍ନାଥ ଓ ଭାଗବତ ଧର୍ମଭାବନାରେ ଅତିବଡ଼ିଙ୍କ ଭୂମିକା କିପରି ଥିଲା, ତାହା ଉପରେ ବକ୍ତବ୍ୟ ରଖିଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରବକ୍ତା ପରିବ୍ରାଜକ ପ୍ରମୋଦ କୁମାର ଯୋଗଦେଇ ଅତିବଡ଼ିଙ୍କ ସାରସ୍ୱତ ଅବଦାନ ସମ୍ପର୍କରେ କହିଥିଲେ। ସେ କହିଲେ, ସମାଜର କଳୁଷିତ ସଂସ୍କାରକୁ ଦୂର କରିବା ତଥା ଓଡ଼ିଆ ଅସ୍ମିତାକୁ ବଞ୍ଚାଇ ରଖିବା ପାଇଁ ଅତିବଡ଼ି ପ୍ରାଣାନ୍ତକ ଉଦ୍ୟମ ଜାରି ରଖି ଓଡ଼ିଆ ଜନଜୀବନରେ ନୂତନ ଆଶା ସଞ୍ଚାର କରିପାରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ସମାରୋହର ଆଭିମୁଖ୍ୟ ସମ୍ପର୍କରେ କହିବା ସହ ଅତିବଡ଼ିଙ୍କ କୃତି ଓ କୃତିତ୍ୱ ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ କେନ୍ଦ୍ର ପକ୍ଷରୁ ସହଯୋଗୀ କଣ୍ଠଶିଳ୍ପୀ ଓ ବାଦ୍ୟଯନ୍ତ୍ର ଦ୍ୱାରା ପାରମ୍ପରିକ ଢଙ୍ଗରେ ପର୍ଯ୍ୟାୟକ୍ରମେ ଭାଗବତର ବିଭିନ୍ନ ପଂକ୍ତି ପାଠ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ସହାସଚିବ ସଞ୍ଜୟ କୁମାର ଛୁଆଳସିଂହ ସ୍ୱାଗତ ଭାଷଣ, ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ।

# ଗଣେଶ ଭସାଣରେ ଗୋଷ୍ଠୀ ସଂଘର୍ଷ

ଭୁବନେଶ୍ୱର,୩୧।୮ (ସତ୍ୟଜିତ୍ ରାଉତ)

## ୪ରୁ ଊର୍ଦ୍ଧ୍ୱ ଆହତ

ଗଣେଶ ଭସାଣି ବେଳେ ରବିବାର ରାତିରେ ପାତ୍ରପଡ଼ାରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ ଉଭୟ ଗୋଷ୍ଠୀର ୪ରୁ ଊର୍ଦ୍ଧ୍ୱ ଯୁବକ ଆହତ ହୋଇଛନ୍ତି। ଭସାଣ ଉତ୍ସବ ଚାଲିଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ପ୍ରଥମେ ଉଭୟ ଗୋଷ୍ଠୀ ମଧ୍ୟରେ କଥା କଟାକଟି ସହ ବଚସା ହୋଇଥିଲା। ପରେ ସ୍ଥିତି ଭୟଙ୍କର ହୋଇଥିଲା। ତେବେ ଘଟଣାସ୍ଥଳରୁ ଆହତମାନଙ୍କୁ ଉଦ୍ଧାର କରାଯାଇ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେଠାରେ ଖଣ୍ଡଗିରି ପୋଲିସ ଟିମ୍ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିବା ବେଳେ ସମ୍ପୃକ୍ତ ଯୁବକମାନେ ଫେରାର ହୋଇଯାଇଛନ୍ତି। ସେହିପରି ଗଣେଶ ଭସାଣକୁ ନେଇ ୟୁନିଟ୍-୯ ମହାରାଜା ବସ୍ତି ଓ ଧବଳେଶ୍ୱର ବସ୍ତି ମଧ୍ୟରେ ଗଣ୍ଡଗୋଳ ହୋଇଛି। ଏଥିରେ ମଧ୍ୟ କେତେଜଣ ଆହତ ହୋଇଛନ୍ତି। ସେଠାରେ ପରିସ୍ଥିତି ଉତ୍ତେଜନାମୂଳକ ଥିବା ବେଳେ ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଛି।

# ୧୪ ବର୍ଷ ପରେ ଓଡ଼ିଶା ଫିଲ୍ମ ଡିଷ୍ଟ୍ରିବ୍ୟୁଶନର କର୍ମକର୍ତ୍ତା ନିର୍ବାଚିତ

ଭୁବନେଶ୍ୱର, ୩୧।୮ (ସୌମ୍ୟରଞ୍ଜନ ରାଉତ)

୧୪ବର୍ଷ ପରେ ଓଡ଼ିଶା ଫିଲ୍ମ ଡିଷ୍ଟ୍ରିବ୍ୟୁଶନ ସୋସାଇଟିର ନିର୍ବାଚନ ୟୁସିସିସି କ୍ୟାମ୍ପସ କଟକ ତଳ ତେଲେଙ୍ଗା ବଜାରଠାରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସର୍ବସମ୍ମତିକ୍ରମେ ସଭାପତି ଭାବେ ଅଶୋକ କୁମାର ନନ୍ଦ, ଉପସଭାପତି ଶ୍ରୀକାନ୍ତ ଦାସ ଓରଫ ଦୀପୁ, ଯୁଗ୍ମ ସମ୍ପାଦକ ଦେବାଶିଷ ମହାନ୍ତି ଏବଂ ଟ୍ରେଜରର ଶ୍ରୀଧର ମାର୍ଥା ନିର୍ବାଚିତ ହୋଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ସମ୍ପାଦକ ପଦବୀ ପାଇଁ ଜିତୁ ଖଣ୍ଡେଲୱାଲ ଓ ସଚ୍ଚିକାନ୍ତ ଜେନାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ସଚ୍ଚିକାନ୍ତ ଜେନା ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ସେହିଭଳି କାର୍ଯ୍ୟନିର୍ବାହୀ କମିଟିରେ ପୂର୍ଣ୍ଣଚନ୍ଦ୍ର ଦାଶ, ପ୍ରଶାନ୍ତ ବେହେରା, ମନୋଜ କୁମାର ମିଶ୍ର, ଅତୀଶ କୁମାର ରାଉତ, ପ୍ରଦୀପ୍ତ ପ୍ରକାଶ ଆଚାର୍ଯ୍ୟ ଏବଂ ଚକ୍ରଧର ଘଡେଇ ପ୍ରମୁଖ ନିର୍ବାଚିତ ହୋଇଛନ୍ତି।



ଓଡ଼ିଶା ଫିଲ୍ମ ଡିଷ୍ଟ୍ରିବ୍ୟୁଶନ ସୋସାଇଟିର ନବନିର୍ବାଚିତ କର୍ମକର୍ତ୍ତାଙ୍କ ସହ ଅନ୍ୟମାନେ।

# ଗୌରାଙ୍ଗ ସେବା ଫାଉଣ୍ଡେଶନ ପକ୍ଷରୁ ରାଧାଷ୍ଟମୀ

ଭୁବନେଶ୍ୱର, ୩୧।୮ (ସୌମ୍ୟରଞ୍ଜନ ରାଉତ)

ଗୌରାଙ୍ଗ ସେବା ଫାଉଣ୍ଡେଶନର ହରେକୃଷ୍ଣ ଭକ୍ତମାନେ ରବିବାର ରାଉରକେଲାସ୍ଥିତ ଏକ ଘରୋଇ ହୋଟେଲ୍‌ରେ ରାଧାଷ୍ଟମୀ ଉତ୍ସବର ପାଳନ କରିଥିଲେ। ରାଧାରାଣୀଙ୍କ ଜନ୍ମ ଉପଲକ୍ଷେ ଆୟୋଜିତ ଏହି ଉତ୍ସବ କୀର୍ତ୍ତନ ଏବଂ ଭଜନରୁ ଆରମ୍ଭ ହୋଇଥିଲା, ଯାହା ପରିବେଶକୁ ଆଧାତ୍ମିକ ଶକ୍ତିରେ ପରିପୂର୍ଣ୍ଣ କରିଥିଲା। ଭକ୍ତମାନେ ରାଧାକୃଷ୍ଣଙ୍କ ସ୍ତୁତି ଗାନ କରିବା ସହ ରାଧାକୃଷ୍ଣଙ୍କ ଦିବ୍ୟ ଲୀଳା ଏବଂ ଶିକ୍ଷାକୁ ମନେ ପକାଇଥିଲେ। ଏଥିସହ ଶ୍ରୀକୃଷ୍ଣଙ୍କ କରୁଣାମୟ ସ୍ୱଭାବ, ରାଧାରାଣୀଙ୍କ ମାଧ୍ୟମରେ କିପରି କୃଷ୍ଣଙ୍କ ନିକଟରେ ପହଞ୍ଚିହେବ ଓ ଶ୍ରୀ ରାଧାଷ୍ଟମୀର ମହତ୍ତ୍ୱ ବିଷୟରେ ଜ୍ଞାନପୂର୍ଣ୍ଣ ପ୍ରବଚନ ଦିଆଯାଇଥିଲା। ଏଥିସହ ଶ୍ରୀ ରାଧା କୃଷ୍ଣଙ୍କ ବିଗ୍ରହକୁ ଶୋଭାଯାତ୍ରାରେ ଭଜନ ଏବଂ କୀର୍ତ୍ତନ ସହିତ ପରିକ୍ରମା କରାଯାଇଥିଲା। ପାରମ୍ପରିକ ବୈଦିକ ସ୍ତୁତି ଗାନ ସହିତ ଭବ୍ୟ ଅଭିଷେକ ଉତ୍ସବ ଅନୁଷ୍ଠିତ ହୋବାସହ ଷୋଡଶ ଉପଚାର କରାଯାଇଥିଲା। ପରେ ଶ୍ରୀ ରାଧାକୃଷ୍ଣଙ୍କୁ ସୁଗନ୍ଧିତ ତୈଳ ଲେପନ କରାଯିବା ସହ ପଞ୍ଚାମୃତ ସ୍ନାନ ଓ ସମସ୍ତ ପବିତ୍ର ନଦୀର ଜଳରେ ସ୍ନାନ କରାଯାଇଥିଲା। ଶ୍ରୀ ରାଧା କୃଷ୍ଣଙ୍କ ନିକଟରେ ମହାମଙ୍ଗଳ ଆଳତି ଏବଂ ଛପନ ଭୋଗ ଅର୍ପଣ କରାଯାଇ ଭକ୍ତମାନଙ୍କୁ ବଣ୍ଟନ ହୋଇଥିଲା। ସମସ୍ତ ଭକ୍ତ ରାଧାଷ୍ଟମୀର ଆଶୀର୍ବାଦ ନେଇଥିଲେ।

# 'ଅନେକ ସ୍ମୃତିରେ ତରଙ୍ଗ' ପୁସ୍ତକ ଉନ୍ମୋଚିତ



ଅତିଥିମାନେ 'ଅନେକ ସ୍ମୃତିରେ ତରଙ୍ଗ' ପୁସ୍ତକ ଉନ୍ମୋଚନ କରୁଛନ୍ତି।

ପୁରୁଣା ଭୁବନେଶ୍ୱର,୩୧।୮ (ସୁବାସ ଚନ୍ଦ୍ର ପ୍ରଧାନ)

ବିଶିଷ୍ଟ ଲେଖକ ପଣ୍ଡିତ ନୀଳାମ୍ବର ନନ୍ଦଙ୍କ 'ଅନେକ ସ୍ମୃତିରେ ତରଙ୍ଗ' ପୁସ୍ତକ ରବିବାର ଉନ୍ମୋଚିତ ହୋଇଯାଇଛି। ସ୍ଥାନୀୟ ଶ୍ୟାମାଶଙ୍କର ମଠ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଏହି ପୁସ୍ତକଟିର ଲୋକାର୍ପଣ ହୋଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଶାସ୍ତ୍ର ପ୍ରଣେତା ତଥା ଶିକ୍ଷାବିତ୍ ପ୍ରଫେସର ପ୍ରଫୁଲ୍ଲ ମିଶ୍ର, ମୁଖ୍ୟବକ୍ତା ଭାବେ ଲେଖକ ସାମ୍ମୁଖ୍ୟ ସଭାପତି ଅଲେଖ ଚନ୍ଦ୍ର ପଡ଼ିଆରୀ ସମ୍ମାନିତ ଅତିଥିଭାବେ ପ୍ରଫେସର ପ୍ରଭାକର ମିଶ୍ର ଏବଂ ଅରୁଣ କୁମାର ଗାଙ୍ଗୁଲି ଯୋଗଦେଇ ଲେଖକଙ୍କ ଆତ୍ମଜୀବନୀ ଉପରେ ଆଧାରିତ ପୁସ୍ତକଟିର ଆଲୋକପାତ କରିଥିଲେ। ଏହି ଅବସରରେ ଅଲେଖ ଚନ୍ଦ୍ର ପଡ଼ିଆରୀଙ୍କୁ ନୀଳାମ୍ବର ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା।

# ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ସାର ଅଛି

ଭୁବନେଶ୍ୱର,୩୧।୮ (ରବିନାରାୟଣ ଜେନା)

## ଖରିଫ ୨୦୨୫ରେ ସାର ଯୋଗାଣସ୍ଥିତି ତ୍ୱରାନ୍ୱିତ

■ କଳାବଜାର, ନକଲି ସାର ବିକ୍ରୟ ଉପରେ ରୋକ ପାଇଁ ଏନ୍‌ଫୋର୍ସମେଣ୍ଟ ଟିମ୍‌ର ଚଢ଼ାଉ ଜାରି

■ ୧୨୦୨ ଖୁଚୁରା ବ୍ୟବସାୟୀଙ୍କୁ କାରଣ ଦର୍ଶାଅ ନୋଟିସ

■ ୩୦ ଦୋକାନ ବିକ୍ରୟ ବନ୍ଦ, ୬୨ ଡିଲରଙ୍କ ଲାଇସେନ୍ସ ବାତିଲ

ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ସାର ମହଜୁଦ ଅଛି। ଏପରି କି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ସାର ଯୋଗାଣସ୍ଥିତି ତ୍ୱରାନ୍ୱିତ କରାଯାଇଛି। ତେଣୁ ସାରର କୃତ୍ରିମ ଅଭାବ ଦର୍ଶାଇ ଚାଷୀ ଭଉଣୀଭାଇଙ୍କୁ କୌଣସି ପ୍ରକାର ବିଭ୍ରାନ୍ତିକର ତଥ୍ୟ ପ୍ରଦାନ କରି ଭୟଭୀତ କରା ନ ଯାଉ ବୋଲି କୃଷି ବିଭାଗ ତରଫରୁ ଅନୁରୋଧ କରାଯାଉଛି। ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଦ୍ୱାରା ୨୦୨୫ ପାଇଁ ୫୮.୫୦ ଲକ୍ଷ ହେକ୍ଟର ଖରିଫ ଫସଲ ଯୋଜନା (ଧାନ-୩୪.୯୪ ଲକ୍ଷ ହେକ୍ଟର ଏବଂ ଅଣ-ଧାନ ଫସଲ- ୨୩.୫୬ ଲକ୍ଷ ହେକ୍ଟର) ରହିଛି। ତଦନୁସାରେ, ରାଜ୍ୟକୁ ୧୦ଲକ୍ଷ ମେଟ୍ରିକ ଟନ୍ ସାର ଯୋଗାଣ ପାଇଁ କେନ୍ଦ୍ର ସରକାରଙ୍କୁ ଚିଠି ଲେଖା ଯାଇଥିଲା। କେନ୍ଦ୍ର ସରକାର ଖରିଫ୍ ଋତୁ ପାଇଁ ମାସିକ ଫସଲ କଭରେଜ ଉପରେ ଆଧାର କରି ରାଜ୍ୟକୁ ବିଭିନ୍ନ ଗ୍ରେଡ୍‌ର (ସିଧା ଏବଂ କମ୍ପ୍ଲେକ୍ସ ସାର) ୯.୫୫ ଲକ୍ଷ ମେଟ୍ରିକ ଟନ୍ ସାର ଆବଣ୍ଟନ କରିଥିଲେ। ଖରିଫ୍ କାର୍ଯ୍ୟ ଆରମ୍ଭ ହେବାପୂର୍ବରୁ ରାଜ୍ୟ ପକ୍ଷରୁ ମାର୍କଫେଡ୍/ପାକ୍ସ/ଲ୍ୟାମ୍ପସ/ଖୁଚୁରା ଡିଲରଙ୍କ ନିକଟରେ ବିଭିନ୍ନ ସାର ଉପଲବ୍ଧ କରାଇବା ପାଇଁ ପର୍ଯ୍ୟାପ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ୨୦୨୫ ଏପ୍ରିଲ ୧ ସୁଦ୍ଧା ବିଭିନ୍ନ ଜିଲାରେ ୨.୯୪ ଲକ୍ଷ ମେଟ୍ରିକ ଟନ ସାର ପ୍ରସ୍ତୁତ କରାଯାଇଥିଲା।

ଯୋଜନା ଅନୁଯାୟୀ, ଅଗଷ୍ଟ ଶେଷ ସୁଦ୍ଧା ଓଡ଼ିଶାକୁ ୮.୬୦ ଲକ୍ଷ ମେଟ୍ରିକ ଟନ୍ ସାର ମିଳିବା ଉଚିତ୍। ଏଥିମଧ୍ୟରୁ ରାଜ୍ୟ ପୂର୍ବରୁ ୮.୧୦ ଲକ୍ଷ ମେଟ୍ରିକ ଟନ୍ ସାର ପାଇସାରିଛି, ଯାହାଦ୍ୱାରା ମୋଟ ସାରର ଉପଲବ୍ଧତା ୧୧.୦୪ ଲକ୍ଷ ମେଟ୍ରିକ ଟନ୍ ଅଗଷ୍ଟ ୩୦ ସୁଦ୍ଧା ବୃଦ୍ଧି ପାଇଛି। ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ମଧ୍ୟ ସାର ଯୋଗାଣସ୍ଥିତିର ନିୟମିତ ସମୀକ୍ଷା କରୁଛନ୍ତି । ମାର୍କଫେଡ୍ ପର୍ଯ୍ୟାପ୍ତ ପରିମାଣରେ ଯୋଗାଣ କରିବାକୁ ମଧ୍ୟ ସାର ପ୍ରସ୍ତୁତକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ଜିଲାରେ ୧୧,୬୯୨ ମେଟ୍ରିକ ଟନ୍ ୟୁରିଆ ପହଞ୍ଚିବା ପାଇଁ ପରିବହନରେ ଅଛି। ଏହା ଆସନ୍ତା ଦୁଇଦିନ ମଧ୍ୟରେ ପାକ୍ସ ଏବଂ ଲ୍ୟାମ୍ପସରେ ପହଞ୍ଚିବ। ଷ୍ଟକ ସ୍ଥିତି ଏବଂ ଆବଶ୍ୟକତା ଅନୁସାରେ ପାକ୍ସ ଓ ଲ୍ୟାମ୍ପ୍‌ସକୁ ବିଭିନ୍ନ ଗ୍ରେଡ୍‌ର ସାର ଉପଲବ୍ଧତା ସୁନିଶ୍ଚିତ କରିବାକୁ ମାର୍କଫେଡକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ସରକାର ଠିକ୍ ମୂଲ୍ୟରେ ଗୁଣାତ୍ମକ ସାରର ସମୟସୀମା ଉପଲବ୍ଧତା ସୁନିଶ୍ଚିତ କରୁଛନ୍ତି। କଳାବଜାର/ଗଚ୍ଛିତ/ନକଲି ସାରର ବିକ୍ରୟ ରୋକିବା ପାଇଁ, କୃଷି, ରାଜସ୍ୱ ଏବଂ ପୋଲିସ ପ୍ରତିଷ୍ଠାନରୁ ଅଧିକାରୀଙ୍କୁ ନେଇ ଜିଲା ଏବଂ ବ୍ଲକସ୍ତରରେ ପ୍ରବର୍ତ୍ତନ ଦଳ ଗଠନ କରାଯାଇଛି। ଏପର୍ଯ୍ୟନ୍ତ, ୪୫୪୬ଟି ଖୁଚୁରା ଦୋକାନ ଯାଞ୍ଚ କରାଯାଇଛି। ୧୨୦୨ ଖୁଚୁରା ବ୍ୟବସାୟୀଙ୍କୁ କାରଣ ଦର୍ଶାଅ ନୋଟିସ ମଧ୍ୟ ଜାରି କରାଯାଇଛି।

ସେହିଭଳି ୩୦ଟି ମାମଲାରେ ବ୍ୟବସାୟୀଙ୍କୁ ବିକ୍ରୟ ବନ୍ଦ ନୋଟିସ ଜାରି କରାଯାଇଛି। ସାର ନିୟନ୍ତ୍ରଣ ଆଦେଶ, ୧୯୮୫ ଅନୁଯାୟୀ ଉଲ୍ଲଂଘନ ଅଭିଯୋଗରେ ୬୨ ଡିଲର ଲାଇସେନ୍ସକୁ ନିଲମ୍ବିତ/ବାତିଲ କରାଯାଇଛି। ଏହା ବ୍ୟତୀତ ୬ଟି ଡିଲରଙ୍କ କ୍ଷେତ୍ରରେ ଷ୍ଟକ ଜବତ ମଧ୍ୟ କରାଯାଇଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି। କୃଷି ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ ନିୟମିତ ଭାବେ ସାର ଯୋଗାଣ ସ୍ଥିତିର ସମୀକ୍ଷା କରି କେନ୍ଦ୍ର ସରକାରଙ୍କ ରସାୟନ ଓ ସାର ମନ୍ତ୍ରାଳୟ ସହିତ ଯୋଗାଯୋଗରେ ଅଛନ୍ତି ଏବଂ ସାର କମ୍ପାନୀମାନଙ୍କୁ ତଦନୁଯାୟୀ ପରାମର୍ଶ ଦେଉଛନ୍ତି ବୋଲି କୁହାଯାଇଛି।

## ନବୀନଙ୍କ ଚିଠି ପରେ ସରକାରଙ୍କ ନିଦ ଭାଙ୍ଗିଲା : ବିଜେଡି

ଭୁବନେଶ୍ୱର,୩୧।୮ (ରବିନାରାୟଣ ଜେନା): ଓଡ଼ିଶାରେ ସାର ନିଅଣ୍ଟିଆ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ନିଦ ଭାଙ୍ଗିଛି ବୋଲି ବିଜେଡି କହିଛି। ରବିବାର ବିଜେଡି ମୁଖପାତ୍ର ଡ. ଲେନିନ୍ ମହାନ୍ତି କହିଛନ୍ତି, ଶନିବାର ବିଜେଡି ସଭାପତି ନବୀନ ପଟ୍ଟନାୟକ କେନ୍ଦ୍ର କୃଷିମନ୍ତ୍ରୀ ଜେ.ପି. ନଡ୍ଡାଙ୍କୁ ସାର ସଙ୍କଟ ସମ୍ପର୍କରେ ପତ୍ର ଲେଖିବା ପରେ ରାଜ୍ୟ ସରକାର ତତ୍ପରତା ପ୍ରକାଶ କରିଛନ୍ତି। ସେ ଆହୁରି କହିଛନ୍ତି, ରାଜ୍ୟର କୃଷକ ସମୁଦାୟଙ୍କ ସମସ୍ୟାର ତ୍ୱରିତ ସମାଧାନ ପାଇଁ ବିଜୁ ଜନତା ଦଳ ସମର୍ପିତ। ହେଲେ ସାର ନିଅଣ୍ଟିଆ ନେଇ ରାଜ୍ୟ ସରକାର ଚଳିତବର୍ଷ ବିଳମ୍ବରେ ପଦକ୍ଷେପ ଗ୍ରହଣ କରିବା ଦ୍ୱାରା କୃଷକମାନେ ପ୍ରଭାବିତ ହେଉଛନ୍ତି। ସାରକୁ ଯୋଜନାବଦ୍ଧ ଭାବେ ଠିକ୍ ସମୟରେ କୃଷକଙ୍କ ନିକଟରେ ପହଞ୍ଚାଇବା ସରକାରଙ୍କ ଦାୟିତ୍ୱ। ରାଜ୍ୟ ସରକାର କୃଷକମାନଙ୍କ ଜୀବନଜୀବିକାକୁ ଦୃଷ୍ଟିରେ ରଖି ତୁରନ୍ତ ଉପଯୁକ୍ତ ଦୀର୍ଘମିଆଦୀ ବ୍ୟବସ୍ଥା ଗ୍ରହଣ କରନ୍ତୁ ବୋଲି ମହାନ୍ତି ଦାବି କରିଛନ୍ତି।

## ୨ ବାଇକ୍ ଧକ୍କା: ଜଣେ ମୃତ

ଆଠଗଡ ୩୧।୮(ସତ୍ୟ ପ୍ରସାଦ ରଥ) ଆଠଗଡ ଥାନା ଅନ୍ତର୍ଗତ ଇଚ୍ଛାପୁର ବିଜୁ ସେତୁ ଉପରେ ରବିବାର ୨ ବାଇକ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଜଣେ ଗୁରୁତର ହୋଇଛନ୍ତି। ଅନ୍ୟ ଜଣେ ଆହତ ହୋଇଛନ୍ତି। ମୃତକ ହେଲେ ଇଚ୍ଛାପୁର ଗ୍ରାମର ସିଦ୍ଧୁନ ରାଉତ। ସେହିପରି କଲରାଗଡ଼ର ଏସ୍‌ପି ସନ୍ଦୀପ କୁମାର ଗୁରୁତର ହୋଇଛନ୍ତି। ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଅପରପକ୍ଷେ ଆହତଙ୍କ ପରିଚୟ ମିଳିପାରିନାହିଁ। ସିଦ୍ଧୁନଙ୍କ ମୃତଦେହ ଆଠଗଡ ଉପଖଣ୍ଡ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଯାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ୩ ଶିକ୍ଷକ ମନୋନୀତ

ଟିଗିରିଆ,୩୧।୮(ଜାଫର ଖାଁ): ଚଳିତ ଶିକ୍ଷାବର୍ଷରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବା ପାଇଁ ଟିଗିରିଆ ବ୍ଲକର ୩ ଶିକ୍ଷକଙ୍କ ନାମ ଚୟନ କରାଯାଇଛି। ସେପ୍ଟେମ୍ବର ୫ ଗୁରୁଦିବସରେ କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଏହା ପ୍ରଦାନ କରାଯିବ। ଏହି ସମ୍ମାନଜନକ ପୁରସ୍କାର ପାଇବା ପାଇଁ ଟିଗିରିଆ ବ୍ଲକ ଗଦାଧରପୁର ଉଚ୍ଚ ବିଦ୍ୟାଳୟର ୨ ଶିକ୍ଷକ ବଟକୃଷ୍ଣ ଦେହୁରୀ ଓ କେଦାରନାଥ ଦଳେଇ ଓ ବଡ଼ନାଉପୁଟ ପଞ୍ଚାୟତସ୍ଥିତ ଖଣ୍ଡହତା ଗ୍ରାମର ଶ୍ରୀଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ଇଂଲିଶ୍ ଶିକ୍ଷକ ବିଦ୍ୟାଧର ରାଉତଙ୍କ ନାମ ଚୟନ କରାଯାଇଛି।

# ସରକାରୀ ବିଦ୍ୟାଳୟ ଜମିରେ ଦୋକାନ ଗୃହ ନିର୍ମାଣ

- ବିରୋଧ ଯୋଗୁ ସ୍ୱାୟତ୍ତ ଶାସନ ଦିବସରେ ହୋଇପାରିଲାନି ଉଦ୍‌ଘାଟନ
- ବିନା ସୂଚନା ଫଳକରେ ହୋଇଛି ନିର୍ମାଣ କାର୍ଯ୍ୟ
- ଉଚ୍ଚସ୍ତରୀୟ ତଦନ୍ତ ଦାବି

ବାଙ୍କୀ , ୩୧।୮ ( ଶୁଭେନ୍ଦୁ ମହାପାତ୍ର) : ବାଙ୍କୀ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ରବିବାର ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ସ୍ଥାନରେ ବହୁ ପ୍ରକଳ୍ପ ଉଦ୍‌ଘାଟିତ ହୋଇଥିଲେ ମଧ୍ୟ ବରେନ୍ଦ୍ର କୃଷ୍ଣ ବିଦ୍ୟାଳୟ ଜମିରେ ଏନ୍‌ଏସି ପକ୍ଷରୁ ନିର୍ମାଣ କରାଯାଇଥିବା ଦୋକାନ ଗୃହ (ଭେଣ୍ଡିଂ ଜୋନ) ଉଦ୍‌ଘାଟନ ହୋଇପାରି ନାହିଁ। ବାଙ୍କୀ ଏନ୍‌ଏସି ଏବଂ ବିଦ୍ୟାଳୟ ପରିଚାଳନା କମିଟି ଲୋକେ ଏହାକୁ ବିରୋଧ କରିଥିଲେ। ଅପରପକ୍ଷେ ଦୋକାନଗୃହ ନିର୍ମାଣ ସମୟରେ ସୂଚନାଫଳକ ଲଗାଯାଇ ନ ଥିବା ଅଭିଯୋଗ ହୋଇଛି। ବିନା



ବିଦ୍ୟାଳୟ ଜମିରେ ନିର୍ମାଣ ହୋଇଥିବା ଦୋକାନଗୃହ।

ସୂଚନା ଫଳକରେ କିପରି ଦୋକାନ ଗୃହ ନିର୍ମାଣ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସାଧାରଣରେ ଦାବି ହୋଇଛି।

ସୂଚନାଯୋଗ୍ୟ, ୨୦୨୩ ଅଗଷ୍ଟ ୩୧ରେ ୫୭ ତମ ସ୍ୱାୟତ୍ତ ଶାସନ ଦିବସରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ପୂର୍ବତନ ଜିଲାପାଳ ଭବାନୀଶଙ୍କର ଚଇନୀ, ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ପୂର୍ବତନ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ହେମନ୍ତ କୁମାର ସ୍ୱାଇଁ ପ୍ରମୁଖ ଏନେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେତେବେଳେ ଫଳକ ଲଗାଯାଇଥିଲା। ମାତ୍ର ସୂଚନା ଫଳକ ଲଗାଯାଇ ନଥିଲା। ଏଠାରେ ସରକାରଙ୍କ ରାଜକୋଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ବିନା ସୂଚନା ଫଳକରେ ବିଲ୍ ପାସ କରାଯାଇଥିବା ଅଭିଯୋଗ ହୋଇଛି।

ଏ ସମ୍ପର୍କରେ ବାଙ୍କୀ ଏନ୍‌ଏସି ଅଧିକାରୀ ପ୍ରଫୁଲ୍ଲ କୁମାର ବେହେରା କହିଛନ୍ତି, ଏହା ପୁରୁଣା କାମ। ଏହି କାର୍ଯ୍ୟ ପାଇଁ କେତେ ଟଙ୍କା ଆକଳନ କରାଯାଇଛି ସେ ବିଷୟରେ ସେ ଜାଣନ୍ତି ନାହିଁ। ଏହାର ବିଧିବଦ୍ଧ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

## ରାଜ୍ୟସ୍ତରୀୟ ସୋଟକାନ କରାଟେ ପ୍ରତିଯୋଗିତା



ସୋଟକାନ କରାଟେ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନେ ।

ସାଲେପୁର,୩୧।୮(ଅରବିନ୍ଦ ଭୂୟାଁ): ବାଲେଶ୍ୱରଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସୋଟକାନ କରାଟେ ପ୍ରତିଯୋଗିତାରେ ସାଲେପୁର କରାଟେ ସ୍କୁଲର ଛାତ୍ରୀଛାତ୍ରମାନେ କୃତିତ୍ୱ ହାସଲ କରିଛନ୍ତି। ଏନେଇ ସେମାନଙ୍କୁ ଚନ୍ଦ୍ରାଦେଇପୁର ପଞ୍ଚାୟତସ୍ଥ ଡ. ଭୀମ ରାଓ ଆମ୍ବେଡକର ମିଟିଂ ହଲ୍‌ରେ ରବିବାର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏଥିସହ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନଙ୍କୁ ସ୍କୁଲ ପକ୍ଷରୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଛି। ପ୍ରଶିକ୍ଷକ ବିଜୟ କୁମାର ବାରିକଙ୍କ ସଂଯୋଜନାରେ ଆୟୋଜିତ ଏହି ସମ୍ବର୍ଦ୍ଧନା ଉତ୍ସବରେ ଉଦ୍‌ଘାଟକ ଭାବେ କଟକ ଜିଲା ଖବରଦାତ ସଂଘର ସାଧାରଣ ସମ୍ପାଦକ ଶିଶିର କୁମାର ଦାଶ ଯୋଗଦେଇଥିଲେ। ଏଥିସହ କରାଟେ ଶିଖିଥିବା ଛାତ୍ରୀଛାତ୍ରମାନଙ୍କୁ ନିଜକୁ ସୁରକ୍ଷା ଦେବା ସହ ଅନ୍ୟମାନଙ୍କୁ ସୁରକ୍ଷା ଦେବା ଓ ଏହି ବିଦ୍ୟା ଫଳରେ କାହାର କ୍ଷତି ନ କରିବା ପାଇଁ ପରାମର୍ଶ ଦେଇଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ବାଲିସାହି ସରପଞ୍ଚ ପବିତ୍ର ସାମଲ ଯୋଗଦେଇ ଅନୁଷ୍ଠାନର ଉନ୍ନତି ନିମନ୍ତେ ଯଥାସାଧ୍ୟ ସହଯୋଗ କରିବେ ବୋଲି କହିଥିଲେ।

ସମ୍ମାନିତ ଅତିଥିଭାବେ ବିଦ୍ୟାଧର ଦାସ ମହାପାତ୍ର, ସିନିୟର ପ୍ରଶିକ୍ଷକ ପ୍ରଭାକର ପ୍ରଧାନ, ମୀନକେତନ ମହାପାତ୍ର ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ କୃତିତ୍ୱ ହାସଲ କରିଥିବା ସୁରଜ ସାମଲଙ୍କୁ ୧ବ୍ରୋଞ୍ଜ, ୧ ସିଲଭର, ଜଗଦୀଶ ମହାପାତ୍ରଙ୍କୁ ୧ ବ୍ରୋଞ୍ଜ, ତାଜ କିଆ ଅଖତରିଙ୍କୁ ୨ ବ୍ରୋଞ୍ଜ, ସାଦବ ଇର ପଠାନଙ୍କୁ ୨ ବ୍ରୋଞ୍ଜ ପଦକ, ପ୍ରମାଣ ପତ୍ର ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ସୁଜାତା ନାୟକ, ପ୍ରିୟଙ୍କା ପ୍ରିୟଦର୍ଶନୀ ସାହୁ, ପ୍ରଶିକ୍ଷକ ପ୍ରଫୁଲ୍ଲ ସାହୁ, ପୂର୍ଣ୍ଣିମା ପ୍ରିୟଦର୍ଶନୀ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ। ଏହି ସମ୍ବର୍ଦ୍ଧନା ଉତ୍ସବରେ କରାଟେ ସ୍କୁଲରେ ପ୍ରଶିକ୍ଷଣ ନେଉଥିବା ସମସ୍ତ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

# ଧୁମ୍‌ଧାମରେ ଶେଷ ହେଲା ପ୍ରଥମ ପର୍ଯ୍ୟାୟ ଗଣେଶ ଭସାଣି

### ହାତ ବାଜାରେ ଦୁଲୁକିଲା ସହର

କଟକ,୩୧।୮(ଶିଖା ପ୍ରିୟଦର୍ଶିନୀ): ଧୁମ୍‌ଧାମରେ ସରିଲା ପ୍ରଥମ ପର୍ଯ୍ୟାୟ ଗଣେଶ ଭସାଣି। ବିଘ୍ନବିନାଶକଙ୍କ ପୂଜାକୁ କଟକବାସିନ୍ଦା ବେଶ ଜାକଜମକରେ କରିଥିବାବେଳେ ରବିବାର ବିଘ୍ନବିନାଶକଙ୍କୁ ବିଦାୟ ଦେଇଛନ୍ତି। ସକାଳୁ କଟକରେ ପ୍ରଥମ ପର୍ଯ୍ୟାୟ ଗଣେଶ ଭସାଣି ଆରମ୍ଭ ହୋଇଥିଲା। ମୋଟ ୪ଶହ ମେଢ଼ ବିସର୍ଜନ ତାଲିକା ହୋଇଥିବାବେଳେ ସକାଳୁ ଭସାଣି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଧାଡ଼ି ଧାଡ଼ି ପତାକା, ବାଜା, ଲାଇଟର ପଟୁଆରରେ ପ୍ରତିମାଗୁଡ଼ିକ ସାହି ପରିକ୍ରମା କରି ନଦୀ ମୁହାଁ ହୋଇଥିଲେ। କଟକ ମହାନଗର ନିଗମ ପକ୍ଷରୁ ମୂର୍ତ୍ତି ବିସର୍ଜନ ପାଇଁ ପ୍ରାୟ ୧୫ଟି ଅସ୍ଥାୟୀ ପୋଖରୀର ବ୍ୟବସ୍ଥା କରାଯାଇଥିଲା। ଆଇନଶୃଙ୍ଖଳା ପାଇଁ ସହରରେ ୨୫ ପ୍ଲାଟୁନ ପୋଲିସ ସମେତ ୧୫୦ରୁ ଅଧିକ ଅଫିସରମାନଙ୍କୁ ମୁତୟନ



ଦେବୀଗଡ଼ କାଠଯୋଡ଼ି ନଦୀତଟ କୃତ୍ରିମ ପୋଖରୀରେ ଗଣେଶ ମୂର୍ତ୍ତି ବିସର୍ଜନ କରାଯାଉଛି ।

କରାଯାଇଥିଲା। ସମସ୍ତ ଅସ୍ଥାୟୀ ପୋଖରୀ ନିକଟରେ ଜଣେ ଅଧିକାରୀ ଓ ଏକ ସେକ୍ସନ ଫୋର୍ସ ମୁତୟନ କରାଯାଇଥିଲା। ସହରର ପ୍ରମୁଖ ସ୍ଥାନରେ ୧୨ଟି ଅସ୍ଥାୟୀ ଏଡ୍ ପୋଷ୍ଟ କରାଯାଇଥିଲା। ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓଙ୍କ ସମେତ ୩ ଅତିରିକ୍ତ ଡିସିପି ସୁରକ୍ଷା ବ୍ୟବସ୍ଥାର ତଦାରଖ କରିଥିଲେ। ଭସାଣିକୁ ନିଶାମୁକ୍ତ ଓ ଡିଜେମୁକ୍ତ କରାଇବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସଚେତନତା କରାଯାଇଥିବାବେଳେ ନିୟମକୁ ସମସ୍ତ କ୍ଲବ ସଦସ୍ୟ ପାଳନ କରିଥିଲେ। ବିଭିନ୍ନ କ୍ଲବ ପକ୍ଷରୁ ବାଜାକୁ ବେଶ ଗୁରୁତ୍ୱ ଦିଆଯାଇଛି। ଢୋଲ ବାଜା, ଚାଙ୍ଗୁ ବାଜା, ଦୁଲଦୁଲି ବାଜା, ସିଂହବାଜା ମୁଖ୍ୟ ଆକର୍ଷଣ ଥିଲା। ବାଜାର ତାଳରେ ଝୁମିଥିଲେ ସହରବାସୀ।

# ‘ସରକାରଙ୍କ ପାଖରେ ଉପସ୍ଥାପନ କର ଆଠଗଡ଼ର ମାଷ୍ଟର ପ୍ଲାନ୍’

### ସ୍ୱାୟତ୍ତ ଶାସନ ଦିବସ ପାଳିତ

- ଅତ୍ୟାଧୁନିକ ଶିଶୁ ଉଦ୍ୟାନ ଓ ଶୌଚାଳୟ ଲୋକାର୍ପିତ
- ବିଧାୟକଙ୍କ ପାଣ୍ଠିରୁ ୫୪ ଲକ୍ଷ ଟଙ୍କାର କାର୍ଯ୍ୟାଦେଶ ବଣ୍ଟନ

ଆଠଗଡ,୩୧।୮(ସତ୍ୟ ପ୍ରସାଦ ରଥ): ଆଠଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ରବିବାର ସର୍ବ ଭାରତୀୟ ସ୍ୱାୟତ୍ତ ଶାସନ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଭାତରେ ସମସ୍ତ ୱାର୍ଡରେ ରାମଧୁନ ପରିବେଷଣ କରାଯାଇଥଲା। ପରେ ପରିଷଦ କାର୍ଯ୍ୟାଳୟ ପରିସରରେ ଅଧକ୍ଷା ସସ୍ମିତା ରାଉତ, ନିର୍ବାହୀ ଅଧିକାରୀ ବଳୟ ଦେହୁରୀ ଓ ସହକାରୀ ଯନ୍ତ୍ରୀ ଆଦିତ୍ୟ କୁମାର ମିଶ୍ର ଓ କାଉନ୍‌ସିଲରମାନେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ପରିଷଦର





ସ୍ୱାୟତ୍ତ ଶାସନ ଦିବସ କାର୍ଯ୍ୟକ୍ରମରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟମାନେ ।

କର୍ମଚାରୀମାନଙ୍କ ପକ୍ଷରୁ ଏକ ଶୋଭାଯାତ୍ରା ବାହାରି ସହରର ବିଭିନ୍ନ ସ୍ଥାନରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏଥିସହ ଆଠଗଡ ଉପଖଣ୍ଡ ଡାକ୍ତରଖାନାରେ ଅନ୍ତେବାସୀଙ୍କୁ ଫଳ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏନ୍‌ଏସି ପକ୍ଷରୁ ନିର୍ମିତ ଅତ୍ୟାଧୁନିକ ଶିଶୁ ଉଦ୍ୟାନ ଓ ଶୌଚାଳୟ ଲୋକାର୍ପଣ କରିଥିଲେ। ସେହିପରି ପରିଷଦର କାର୍ଯ୍ୟାଳୟ ନିକଟରେ ନୂତନ ଦୋକାନ ଗୃହ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହାପରେ ବିଧାୟକ ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ପରିସରରେ ଅଧକ୍ଷା ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ସାଧାରଣ ସଭାରେ ଯୋଗଦେଇଥିଲେ। ଏଥିସହ କାର୍ଯ୍ୟରତ କାଉନ୍‌ସିଲଙ୍କ ଦ୍ୱାରା ପାରିତ ଆଠଗଡ଼ର ବିକାଶ ପାଇଁ ମାଷ୍ଟର ପ୍ଲାନ୍ ସରକାରଙ୍କ ପାଖରେ ଉପସ୍ଥାପନା କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ପରିଷଦର ବିଭିନ୍ନ ୱାର୍ଡର ୧୪ ଜଣଙ୍କୁ ମଧୁବାବୁ ପେନ୍‌ସନ ଯୋଜନାରେ ଭତ୍ତା, ସଫେଇ କର୍ମଚାରୀମାନଙ୍କୁ ସୁରକ୍ଷା କିଟ୍ ଓ ବିଧାୟକଙ୍କ ହାତ ପାଣ୍ଠିରୁ ପରିଷଦର ୧୮ଟି ୱାର୍ଡରେ ୫୪ ଲକ୍ଷ ଟଙ୍କାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ପରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ଏହି ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ଅନୁଷ୍ଠିତ ମାରାଥନ ପ୍ରତିଯୋଗୀତାର ବିଜୟୀମାନଙ୍କୁ ଅର୍ଥରାଶି ପ୍ରଦାନ କରାଯାଇଥିଲା। ଉପାଧ୍ୟକ୍ଷ ବି. ଶୁଭ୍ର ଶଙ୍କର ଜ୍ୟୋତି ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିବା ବେଳେ ବରିଷ୍ଠ ସହାୟକ ନିରଞ୍ଜନ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ସାଲେପୁରକୁ ଏନ୍‌ଏସି ଘୋଷଣା



ସାଲେପୁରକୁ ଏନ୍‌ଏସି ଘୋଷଣା ପରେ ଭାଜପା କର୍ମୀମାନେ ଖୁସି ମନାଉଛନ୍ତି ।

### ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ଅଞ୍ଚଳବାସୀ

ସାଲେପୁର,୩୧।୮(ଅରବିନ୍ଦ ଭୂୟାଁ): ସ୍ୱାୟତ୍ତ ଶାସନ ଦିବସ ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ରବିବାର ସାଲେପୁରକୁ ଏନ୍‌ଏସି ଘୋଷଣା କରାଯାଇଛି। ଏନେଇ ଅଞ୍ଚଳବାସୀ ବିଭିନ୍ନ ସଂଗଠନ ଓ ରାଜନୈତିକ ଦଳ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଓଡ଼ିଶାରେ ନୂତନ ସରକାର ଆସିବା ପରେ ପ୍ରଥମ ପର୍ଯ୍ୟାୟରେ ୧୨ଟି ସହରକୁ ଏନ୍‌ଏସି ମାନ୍ୟତା ପ୍ରଦାନ କରାଯାଇଥିଲା। କିନ୍ତୁ ସେଥିରେ ସାଲେପୁର ଏନ୍‌ଏସି ତାଲିକାରୁ ବାଦ ପଡିଥିଲା। ଏହାର ପ୍ରତିବାଦ କରି ବିଜେଡି ପକ୍ଷରୁ ସାଲେପୁର ବନ୍ଦ କରାଯାଇଥିଲା। ଏଥିସହ ଆଞ୍ଚଳିକ ଖବରଦାତା ସଂଘ, ବ୍ୟବସାୟୀ ସଂଘ ଏବଂ ବିଭିନ୍ନ ସଙ୍ଗଠନ ଏହି ପ୍ରତିବାଦକୁ ସମର୍ଥନ କରିଥିଲେ। ଏହାପରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିଭିନ୍ନ ସଙ୍ଗଠନ ଏବଂ ବ୍ୟକ୍ତି ବିଶେଷ ଏହାକୁ ସମର୍ଥନ କରିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ ଏବଂ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଜୁ ଜନତା ଦଳ ପକ୍ଷରୁ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ବାଣ ଫୁଟାଇ ବଜାର ପରିକ୍ରମା କରାଯାଇଥିଲା। ଏବଂ ମିଠା ବାଣ୍ଟା ଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକ୍ ବିଜେଡି ଯୁବ ମହାସଚିବ ଗୁଲୁରେଜ ଅଲ୍ଲୀ, ବାଲିସାହି ସରପଞ୍ଚ ପବିତ୍ର ସାମଲ, ସମିତି ସଭ୍ୟ ପ୍ରତିନିଧି ବିନୋଦ ମଲ୍ଲିକଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ। ସେହିପରି ସାଲେପୁର ଭାଜପା ପକ୍ଷରୁ ବିଧାୟକ ପ୍ରାର୍ଥୀ ଅରିନ୍ଦମ ରାୟ କର୍ମୀମାନଙ୍କ ସହ ମୋଟର ସାଇକେଲ ରାଲିରେ ବାଜା ବଜାଇ, ବାଣ ଫୁଟାଇ ବଜାର ପରିକ୍ରମା କରିବା ସହ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଛନ୍ତି। ଶୋଭାଯାତ୍ରାରେ ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ସତ୍ୟବାଦୀ ଚଇନି, ସାଲେପୁର ବ୍ଲକ ଆମ୍ବା ସଭାପତି ରମେଶ ଚନ୍ଦ୍ର ନାୟକ, ଚନ୍ଦ୍ରାଦେଇପୁର ସରପଞ୍ଚ ରଶ୍ମିତା ଦାସଙ୍କ ସମେତ ବହୁ ଯୁବ ମହିଳା କର୍ମୀ ଯୋଗ ଦେଇଥିଲେ। ଅଟଳ ସେନା ରାଜ୍ୟ ସଭାପତି ଦିବାକର ପ୍ରଧାନ ସାଲେପୁରକୁ ଏନ୍‌ଏସି ଘୋଷଣା କରିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ଶ୍ରୀମହାଭାସ୍କରଙ୍କ ପ୍ରତିଷ୍ଠା ପୂର୍ବରୁ ସାମନ୍ତରାପୁର ଗାଁ ଦାନ ଦେଇଥିଲେ ଶିବେଇ ସାମନ୍ତରା

ଡ. ସୁରେନ୍ଦ୍ର କୁମାର ମିଶ୍ର

ପୂର୍ବ ସଂଖ୍ୟାରେ ଆମେ ଅର୍କକ୍ଷେତ୍ରର ପଞ୍ଚତୀର୍ଥ ପ୍ରସଙ୍ଗ ଅବତାରଣା କରିଥିଲୁ। ପଞ୍ଚତୀର୍ଥର ମହତ୍ତ୍ୱ ଶ୍ରୀସୂର୍ଯ୍ୟଙ୍କ ଉପାସନା କାଳରେ ଗୁରୁତ୍ୱପୂର୍ଣ୍ଣ ଥିଲା। ଐତିହ୍ୟର ଅବକ୍ଷୟ ପରେ ପୂଜା ବନ୍ଦ ହୋଇଯାଇଛି। ନା ଐତିହ୍ୟକୁ ଆମେ ସଜାଡ଼ିବାରେ ସକ୍ଷମ ହୋଇଛୁ ନା ସ୍ଥାନାନ୍ତରିତ ହୋଇଥିବା ଶ୍ରୀସୂର୍ଯ୍ୟଙ୍କ ବିଗ୍ରହଙ୍କୁ ଫେରେଇ ଆଣି ପୂଜା ପ୍ରଚଳନ କରାଇପାରିଛୁ। ଆଉ କିଛି ବର୍ଷ ପରେ ଏହି ବିଡ଼ମ୍ବନାକୁ ୫୦୦ ବର୍ଷ ପୂରିଯିବ। ପଞ୍ଚତୀର୍ଥ ମଧ୍ୟରୁ ମହୋଦଧି ଓ ଚନ୍ଦ୍ରଭାଗାକୁ ଆମେ ସଭିଏଁ ଦେଖୁଛେ। ଆଉ ତିନୋଟି ତୀର୍ଥ ହଜିଯିବାକୁ ବସିଛି। ପୁନରୁଦ୍ଧାର କଥା ଭୁଲିଯାଇଛୁ। ତୀର୍ଥକୁ ପରିକ୍ରମା ମାର୍ଗ ଅନ୍ତର୍ଭୁକ୍ତ କରିବା କଥା ତ ବହୁ ଦୂରରେ ଅଛି!

କୋଣାଦିତ୍ୟକୁ ଚଳଚଞ୍ଚଳ କରେଇବା ଆମ ସଭିଙ୍କର ଦାୟିତ୍ୱ। ଐତିହ୍ୟ ବିକାଶ କାଳଖଣ୍ଡରେ ତାହା ଯଦି ହୋଇ ନ ପାରିବ, ଭବିଷ୍ୟତରେ ପଦ୍ମ ଘୁଞ୍ଚି ଘୁଞ୍ଚି ଯିବ। କି ଉତ୍ସାହ... କି ଉଦ୍ଦୀପନା... ସେତେବେଳେ ଓଡ଼ିଆଙ୍କର ଥିଲା। ଅଭିଷେକ କାର୍ଯ୍ୟ ଆରମ୍ଭ ପୂର୍ବରୁ ଗଜପତି ମହାରାଜା ସେବା ପାଇଁ ‘ସେବାୟତ’ଙ୍କ ମୁଣ୍ଡରେ ଶାଢ଼ି ବାନ୍ଧି ସାରିଥିଲେ। କୋଡ଼ିଏ ଜଣ ‘ସୁଆର’ ସେବାୟତଙ୍କୁ ଶାଢ଼ି ବନ୍ଧା ଯାଇଥିଲା। ସେମାନଙ୍କର ପ୍ରଥମ ସେବା ଥିଲା ପୂଜାଦ୍ରବ୍ୟକୁ ‘ନ୍ୟାସ ମଣ୍ଡପ’କୁ ନେବା ଆଣିବା କରିବା।

ସେବା ଆରମ୍ଭ ପୂର୍ବରୁ ମାଧବପୁରରେ ଡିହବାଡ଼ି ଯୋଗାଇ ଦେଇଥିଲେ। ସେଇ ମାଧବପୁର ଏବେ ‘ମାଧିପୁର’ ନାମରେ



କୋଣାର୍କ ସଂଗ୍ରହାଳୟରେ ଥିବା ଶ୍ରୀରାମଚନ୍ଦ୍ରଙ୍କ ବିବାହୋତ୍ସବ ବିଗ୍ରହ, ଭାରତରେ ଅନନ୍ୟ ତଥା ବିରଳ ଏହି ବିଗ୍ରହ ମଝିରେ ଗୁରୁ ମହର୍ଷି ବଶିଷ୍ଠ, ବାମପଟେ ମହାରାଜା ଦଶରଥ, ଡାହାଣ ପଟେ ଶ୍ରୀଲକ୍ଷ୍ମଣ ଏବଂ ତଳେ ଉତ୍ସବର ନୃତ୍ୟବାଦ୍ୟ ଦୃଶ୍ୟ।

ପରିଚିତ। ଗୋଟିଏ ଗୋଟିଏ ଅନୁଷ୍ଠାନବେଳେ ଗୋଟିଏ ଗୋଟିଏ ସ୍ମରଣୀୟ ଘଟଣା ଘଟି ଚାଲିଥିଲା। ତାହା ହିଁ ଆମ ସହଯୋଗିତାର ସ୍ମରଣୀୟ ଉଦାହରଣ। ଗାଁର ନାମକରଣ କଲେ ମହାରଣା ସମାଜ। ନାଁ ଦେଲେ ସାମନ୍ତରାୟପୁର। ଗାଁ ବସିବା ପାଇଁ ଜମିଦେବା ପରେ ପଦ୍ମଚିହ୍ନ ଥିବା ୨୭ ମାଢ଼ ସୁନା ଦେଇଥିଲେ। ଶ୍ରୀପଦ୍ମକେଶର ମନ୍ଦିରର ଉତ୍ତର-ପୂର୍ବ ଦିଗରେ ଏହି ଗାଁ ବସିଥିଲା।

**ଐତିହ୍ୟର ଓଡ଼ିଶା**

### ଶ୍ରୀରାମଚନ୍ଦ୍ରଙ୍କ ବିବାହ ଉତ୍ସବ ବିଗ୍ରହ ଭାରତରେ ବିରଳ

**ବିବାହ ଉତ୍ସବ ବିଗ୍ରହ ନିର୍ମାଣ ପାଇଁ ଶିବେଇ ସାମନ୍ତରା ଦେଇଥିଲେ ସୁବର୍ଣ୍ଣ କୁଣ୍ଡଳ**

ଏହାପରେ ଶ୍ରୀମହାଭାସ୍କର ପ୍ରତିଷ୍ଠା ମଣ୍ଡପକୁ ବିଜେ କରି ସିଂହାସନ ପିଣ୍ଡିରେ ବସିଥିଲେ। ଅନୁଷ୍ଠାନ ଆରମ୍ଭ ପୂର୍ବରୁ ଶିଳ୍ପୀ ଗଦାଧର ମହାପାତ୍ରଙ୍କୁ ଖୋଜିଲେ ଶିବେଇ ସାମନ୍ତରା। କହିଲେ, ତମେ ନିର୍ମାଣ କରୁଥିଲ- ଶ୍ରୀରାମଚନ୍ଦ୍ରଙ୍କ ବିବାହ ଉତ୍ସବର ବିଗ୍ରହ। ଆଣିବା ବ୍ୟବସ୍ଥା ହେଉ। ନିଶାତଳ ପୀଠ ଅର୍ଥାତ୍ ନିଶା ମନ୍ଦିର ମୂଳ ପ୍ରଦେଶରେ ସେଇ ବିଗ୍ରହଙ୍କୁ ଖଞ୍ଜାଯିବ। ଯେତେବେଳେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ବିବାହ- ଉତ୍ସବର ବିଗ୍ରହ ଦେଖିଲେ ଶିବେଇ ସାମନ୍ତରା, ଖୁସି ହୋଇଗଲେ। ଦଣ୍ଡେ ଅଟକିଗଲେ, ଗଦା ମହାପାତ୍ରେ ତ ପାଉଣା ନେବେ। ମାତ୍ର ଏ କଳାକୃତିର ପଟାନ୍ତର ନାହିଁ... ଏଥିପାଇଁ ଦୁଇ ତୋଳାର ଦୁଇଟି କୁଣ୍ଡଳ ଉପହାର ଦିଆଯାଉ ଗଦାଧରଙ୍କୁ। ସୂତ୍ରଧର ଶିବେଇଙ୍କର କଥା ହିଁ ଆଦେଶ ଭାବରେ ପାଳନ ହେଉଥିଲା। ଭଣ୍ଡାରରୁ ସୁବର୍ଣ୍ଣ କୁଣ୍ଡଳ ଆସିଲା... ଗଦାଧରଙ୍କୁ ନିଜ ହାତରେ ସେ ଦେଲେ। ଏହା ଥିଲା ମନ୍ଦିର ନିର୍ମାଣ ଇତିହାସରେ ସେ କାଳଖଣ୍ଡରେ ପ୍ରଥମ ଘଟଣା। ସେ ପର୍ଯ୍ୟନ୍ତ ପାଉଣା ବାଦ୍ ବସ୍ତ୍ରଠାରୁ ଆରମ୍ଭ କରି କଉଡ଼ି ପୁରସ୍କାର ଦିଆଯାଇଥିଲା। ସୁବର୍ଣ୍ଣ କୁଣ୍ଡଳ ପୁରସ୍କାର ଆଜି ବି ଇତିହାସରେ ସ୍ମରଣୀୟ।

ଆମେ ଜାଣିଛେ ଶ୍ରୀରାମଚନ୍ଦ୍ରଙ୍କର ଅଭିଷେକ ଉତ୍ସବ ହୋଇଥିଲା ଅଯୋଧ୍ୟାରେ। ସେଇ ଅଭିଷେକ ଉତ୍ସବର ଅବିକଳ ବେଶ ଓଡ଼ିଶାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ରତ୍ନସିଂହାସନ ଉପରେ ବହୁ କାଳରୁ ଅନୁଷ୍ଠିତ ହୋଇଆସୁଥିଲା। କୁହାଯାଏ- ଶ୍ରୀରାମାଭିଷେକ ବେଶ। ମନେହୁଏ ଏଇ ଅଭିଷେକ ବେଶର ପ୍ରଚଳନ ଏକ ଅଭିନବ ଉଦାହରଣ ଶ୍ରୀମନ୍ଦିରରେ। ଭାରତରେ ପ୍ରାୟ ବିରଳ। ତଥାପି ୧୯୦୫ ମସିହା ପରେ ଆଉ ଏଇ ବେଶ ଶ୍ରୀମନ୍ଦିରରେ କରିବାକୁ ଆମେ ସକ୍ଷମ ହୋଇ ନାହୁଁ। ଶ୍ରୀମନ୍ଦିରରେ ଅନୁଷ୍ଠିତ ହେଉଥିବା ବେଶର ଅବିକଳ ଭାସ୍କର୍ଯ୍ୟ ପୁରୀର ଶ୍ରୀଶଙ୍କରାନନ୍ଦ ମଠ କାନ୍ଥରେ ଆଜି ବି ବିଦ୍ୟମାନ। ଶାସ୍ତ୍ର ବର୍ଣ୍ଣନା ଅନୁଯାୟୀ ଓଲମବିଲମ ବିଲ୍‌କୁଲ ନାହିଁ। ଶ୍ରୀରାମଙ୍କ ପାଦ ତଳେ ବିଜେ କରିଛନ୍ତି ଶ୍ରୀହନୁମାନ। ଅନନ୍ୟ ରହସ୍ୟମୟ ନିଦର୍ଶନ।

# ମାଟି ଖୋଳି ଜବତ ହେଲା ୫୦୦ ଗ୍ରାମ୍ ସୁନା, ୧ କେଜି ରୁପା ଅଳଙ୍କାର

## ଛଣଗିରି ସୁନା ଦୋକାନରୁ ଲୁଟ୍ ଘଟଣା

ନିରାକାରପୁର/ନୟାଗଡ଼,୩୧।୮
(ମାନସ ଚନ୍ଦ୍ର ପଟ୍ଟନାୟକ/ ଲୋକନାଥ ମିଶ୍ର)

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଛଣଗିରି ଷ୍ଟେଟବ୍ୟାଙ୍କ ପାର୍ଶ୍ୱରେ ଥିବା ସାଇ ସୋନୁ ସୁନା ଅଳଙ୍କାର ଦୋକାନରୁ ଲୁଟ୍ ଘଟଣାରେ ଖୋର୍ଦ୍ଧା ଓ ନୟାଗଡ଼ ଜିଲା ପୋଲିସ ଶରଣକୁଳ ଥାନା ଗୋଡିପଡ଼ା ଫାଣ୍ଡି କଇଁଫୁଲିଆ ଗାଁରେ ପହଞ୍ଚି ରବିବାର ସକାଳେ ମାଟିତଳୁ ୫୦୦ ଗ୍ରାମ୍ ସୁନା ଓ ୧ କେଜି ରୁପା ଅଳଙ୍କାର ଉଦ୍ଧାର କରିଛି। ସେହିପରି ୨ ଲକ୍ଷ ୨୦ ହଜାର ଟଙ୍କା ଜବତ କରଛି। ଅଭିଯୁକ୍ତ କଇଁଫୁଲିଆ ଗାଁର ଅଶୋକ ସେନାପତି(ବୁଲୁ) କେଉଁଠାରେ ଅଳଙ୍କାର ପୋତିଛନ୍ତି ଓ ଟଙ୍କା ରଖିଛନ୍ତି ଦେଖାଇବା ପରେ ଚୋରି ଉପକରଣ ଜବତ ହୋଇଛି। ସୂଚନା ଅନୁସାରେ ଗତ ୨୪ ତାରିଖ ଅପରାହ୍ନ ପ୍ରାୟ ସାଢ଼େ ୧ଟାରେ ୮ଜଣ ହେଲମେଟ ପିନ୍ଧା ଯୁବକ ୪ଟି ପଲସରରେ ଆସି ସୋନୁ ସୁନା ଅଳଙ୍କାର ଦୋକାନରେ ବୋମା ଓ ବନ୍ଧୁକ ଧରି ପଶି ଲୁଟିଥିଲେ। ଏହି ସମୟରେ ଜଣେ ମହିଳା କର୍ମଚାରୀ ଦୋକାନରୁ ବାହାରି ଦୌଡ଼ି ପଳାଇବାବେଳେ ତାଙ୍କୁ ଧରି ଲୁଟେରାମାନେ ମାରପିଟ୍ କରିଥିଲେ। ଏହି ସମୟରେ ଏଟିଏମରୁ ଟଙ୍କା ଉଠାଇବାକୁ ଆସିଥିବା ସରପାରୀ ଗାଁର ରାଜା ପ୍ରଧାନ ମାରପିଟ୍‌କୁ ବିରୋଧ କରିଥିଲେ। ଫଳରେ ଲୁଟେରାମାନେ ରାଜାଙ୍କୁ ଗୁଳି କରି ଆଣ୍ଠୁଆ ବସାଇଥିଲେ। ଲୁଟେରାମାନେ ଯିବା ପରେ ରାଜାଙ୍କୁ ଗୁରୁତର ଭାବେ ଭୁବନେଶ୍ୱର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅପରପକ୍ଷେ ଲୁଟ୍ ପରେ କିଛି ଲୋକ ବାହାରେ ଜମା ହୋଇଥିବା ଦେଖି ଲୁଟେରାମାନେ ଦୁଇଟି ବୋମା ଫିଙ୍ଗି ଭୟଭୀତ କରାଇ ଫେରାର ହୋଇଯାଇଥିଲେ। ଟାଙ୍ଗୋଳ ଗାଁ ଦେଇ ଗଲାବେଳେ ବାଇକରୁ ସୁନା ଅଳଙ୍କାର ଥିବା ବସ୍ତା ଖସି ପଡ଼ିଥିଲା। ସୁନା ବସ୍ତା ପଡ଼ିଥିବା ସ୍ଥାନରେ ଲୋକ ସମାଗମ ହେବା ଦେଖି ସେମାନେ ପୁଣି ଏକ ବୋମା ପକାଇ ସୁନା ବସ୍ତାକୁ ନେଇ ପଳାଇ ଯାଇଥିଲେ । ଏନେଇ ଦୋକାନ ମାଲିକ ପୁଷ୍ପ ରଞ୍ଜନ ସାହୁ ଜଙ୍କିଆ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୨୧୭/୨୫ ନଂ.ରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ଲୁଟେରାମାନେ ୧୧ କେଜି ସୁନା ଏବଂ ୪ କେଜିରୁ ଊର୍ଦ୍ଧ୍ୱ ରୁପା ଅଳଙ୍କାର ଲୁଟି ନେଇଥିବା ଅଭିଯୋଗ ହୋଇଥିଲା। ପୋଲିସ ତଦନ୍ତ ବେଳେ କଇଁଫୁଲିଆ ଗାଁର ଦୁଇଭାଇ ଶରତ ସେନାପତି ଓ ଅଶୋକ ସେନାପତି(ବୁଲୁ) ସମ୍ପୃକ୍ତ ଥିବା ଜାଣିବାକୁ ପାଇଥିଲା। ଉଭୟଙ୍କୁ ପୁରୀରୁ ଗିରଫ କରାଯାଇଥିବା ଜଣାପଡ଼ିଥିବାବେଳେ ପୋଲିସ କେବଳ ଅଶୋକଙ୍କୁ କଇଁଫୁଲିଆକୁ ଆଣି ସିନ୍ ରିକ୍ରିଏଟ୍ କରିଛି। ଲୁଟ୍ ସୁନା ଓ ରୁପା ଅଳଙ୍କାରରୁ କିଛି ଅଭିଯୁକ୍ତ ଅଶୋକ କଇଁଫୁଲିଆ ଓ ଖଇରପଟିର ନିର୍ଦ୍ଦିଷ୍ଟ ସ୍ଥାନରେ ପୋତିଥିବା ଜଣାପଡ଼ିବା ପରେ ରବିବାର ସକାଳେ ମାଟି ଖୋଳା ଯାଇଥିଲା। ସେଠାରୁ ଚୋରି ଉପକରଣ ଉଦ୍ଧାର ହୋଇଥିଲା। ତେବେ ଲୁଟ୍ ପରେ ଜଣ ପିଛା ୫୦୦ ଗ୍ରାମ ସୁନା ଓ ୧କେଜି ରୁପା ଅଳଙ୍କାର, ୨ ଲକ୍ଷ ଟଙ୍କା ଭାଗ ପଡିଥିବା କୁହାଯାଇଛି। ତେବେ ତଦନ୍ତରେ ବ୍ୟାଘାତ ହେବା ଦର୍ଶାଇ ପୋଲିସ ଅନ୍ୟ ଅଭିଯୁକ୍ତମାନଙ୍କ ସମ୍ପର୍କରେ କିଛି ସୂଚନା ଦେଉନାହିଁ ।


ସିସିଟିଭିରେ କଏଦ ଲୁଟ୍ ଘଟଣାର ଦୃଶ୍ୟ।

# ଓଡ଼ିଆ ସଂସ୍କୃତି ଜାଣିଲେ, ଐତିହ୍ୟ ସ୍ଥାନ ବୁଲିଲେ


ହିମାଚଳ ପ୍ରଦେଶରୁ ଆସିଥିବା ଯୁବ ପ୍ରତିନିଧି ଦଳ।

## ଆନ୍ତଃରାଜ୍ୟ ଯୁବ ବିନିମୟ କାର୍ଯ୍ୟକ୍ରମ

ଖୋର୍ଦ୍ଧା,୩୧।୮(ପ୍ରଭାତ ପାଣିଗ୍ରାହୀ)

ସାମାଜିକ ଅନୁଷ୍ଠାନ 'ପ୍ରୋଜେକ୍ଟ ପଏଣ୍ଟ ଓଡ଼ିଶା' ଏବଂ ସଂଗ୍ରାମୀ ୟୁଥ୍ ଫେଡେରେଶନର ମିଳିତ ଆନୁକୂଲ୍ୟରେ ବରୁଣେଇସ୍ଥିତ ଏକ ଘରୋଇ ସ୍କୁଲ କ୍ୟାମ୍ପସରେ ଅଗଷ୍ଟ ୨୬ରୁ ଚାଲିଥିବା ଆନ୍ତଃରାଜ୍ୟ ଯୁବ ବିନିମୟ କାର୍ଯ୍ୟକ୍ରମ ରବିବାର ଉଦ୍‌ଯାପିତ ହୋଇଯାଇଛି। ହିମାଚଳ ପ୍ରଦେଶରୁ ୨୬ଜଣ ଯୁବତୀ ଯୁବକ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ୫ଦିନବ୍ୟାପୀ ଆୟୋଜିତ ଏହିକାର୍ଯ୍ୟକ୍ରମରେ ଯୁବ ବ୍ୟାପାର ଓ ପର୍ଯ୍ୟଟନ କ୍ଷେତ୍ର, ଦକ୍ଷତା ବିକାଶ, ଯୁବନୀତି, କଳା, ସାହିତ୍ୟ, ସଂସ୍କୃତି, ପରମ୍ପରା, କୃଷି, ସାମାଜିକ ଗଣମାଧ୍ୟମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଯୁବ ବ୍ୟାପାର ବିଭାଗ ଭାରତ ସରକାର, ମାଇଁ ଭାରତ ଓ ପର୍ଯ୍ୟଟନ ବିଭାଗର ସହଭାଗିତାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଯୁବପ୍ରତିନିଧିମାନେ ବରୁଣେଇ ପୀଠ, ଖୋର୍ଦ୍ଧାଗଡ଼, ଶ୍ରୀଜଗନ୍ନାଥ ମନ୍ଦିର, ରାମଚଣ୍ଡୀ, ଚନ୍ଦ୍ରଭାଗା, ସୂର୍ଯ୍ୟମନ୍ଦିର, ଶ୍ରୀଲିଙ୍ଗରାଜ, କଳିଙ୍ଗ ଷ୍ଟାଡିୟମ ପ୍ରଭୃତି ପରିଦର୍ଶନ କରିଥିଲେ। ସେମାନେ ଗ୍ରାମାଞ୍ଚଳର ସାମାଜିକ ଚଳଣି ସମ୍ପର୍କରେ ଜାଣିଥିଲେ। ଜଙ୍କିଆସ୍ଥିତ ନୂଆଗାଁରେ ଯୁବପ୍ରତିନିଧିମାନେ ଗୋଟିଏ ଲେଖାଏ ପରିବାରରେ ସମୟ ବିତାଇ ଭାବର ଆଦାନ ପ୍ରଦାନ କରିଥିଲେ। ସ୍ଥାନୀୟ ବିଶିଆପଡ଼ାସ୍ଥିତ ଏକ ନର୍ସିଂ କଲେଜରେ ଛାତ୍ରୀଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ପ୍ରୋଜେକ୍ଟ ପଏଣ୍ଟ ସଭାପତି ଡ. ସଂଗ୍ରାମ କେଶରୀ ସାମନ୍ତରାୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ହିମାଚଳପ୍ରଦେଶ ପ୍ରତିନିଧି ଦଳର ମୁଖ୍ୟ କନିଷ୍କ ଶର୍ମା, ଅର୍ଜୁନ ପ୍ରଧାନ, ନିରଞ୍ଜନ ସ୍ୱାଇଁ, ଯୁବ ଓ କ୍ରୀଡ଼ା ବିଭାଗର ଡ. ନିବେଦିତା ଆଚାର୍ଯ୍ୟ, ଏସ୍‌ବିଆଇ ଆଞ୍ଚଳିକ ପରିଚାଳକ ଭଗତ ବେହେରା, ସରକାରଙ୍କ ସଚିବ ନିହାର ରଞ୍ଜନ ଦାଶ, ରାମକୃଷ୍ଣ ମହାନ୍ତି, ପ୍ରତାପ କିଶୋର ପାତ୍ର ପ୍ରମୁଖ ଆଲୋଚନା କରିଥିଲେ।

# ମଇଁଷି ବୋଝେଇ ୨ ଗାଡ଼ି ଜବତ

ଟାଙ୍ଗୀ,୩୧।୮(ରଘୁନାଥ ସାହୁ)

ଚାନ୍ଦପୁର ବାଇପାସ୍‌ଠାରେ ଖୋର୍ଦ୍ଧା ପଟୁ ଆସୁଥିବା ମଇଁଷି ବୋଝେଇ ୨ଟି ଗାଡ଼ିକୁ ସ୍ଥାନୀୟ ଗୋରକ୍ଷକ ଶନିବାର ରାତିରେ ଅଟକାଇଥିଲେ। ଅତି ଅମାନୁଷିକ ଭାବେ ପେଟ ବନ୍ଧାଯାଇ ଦୁଇଟି ଲେଖାଏ ମଇଁଷିଙ୍କୁ ତଳେ ଏବଂ ଅନ୍ୟ ଦୁଇଟି ଲେଖାଏ ମଇଁଷିଙ୍କୁ ଛିଡ଼ା କରାଇ ନେଉଥିବା ଦେଖିବାକୁ ମିଳିଥିଲା। ପ୍ରଥମେ ଗାଡ଼ିଚାଳକ ଦ୍ୱୟ ନିଜ ନାମ ଭୁଲ୍ କହିଥିବାବେଳେ ପରେ ଉଭୟେ ସଂଖ୍ୟାଲଘୁ ସମ୍ପ୍ରଦାୟର ବୋଲି ଜଣାପଡ଼ିଥିଲା। ଜାଲ୍ କାଗଜପତ୍ରରେ ବେଆଇନ ଭାବେ ଗୋ ଚୋରା ଚାଲାଣ କରୁଥିବା ଦୁହେଁ ସ୍ୱୀକାର କରିବା ପରେ ସେମାନଙ୍କୁ ଚାନ୍ଦପୁର ଥାନା ଜିମା ଦିଆଯାଇଥିଲା। ଉଦ୍ଧାର ୮ଟି ମଇଁଷିଙ୍କୁ ସୁରକ୍ଷିତ ଭାବେ ନୟାଗଡ଼ ଗୋଶାଳା ପଠାଇ ଦିଆଯାଇଥିଲା। ଏ ନେଇ ଚାନ୍ଦପୁର ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

# ବିକାଶରେ ଅଞ୍ଚଳବାସୀଙ୍କ ସହଯୋଗ ଜରୁରୀ


କାର୍ଯ୍ୟକ୍ରମରେ ଜଣେ ପୋଲିସ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ବାଲୁଗାଁ ଏନ୍‌ଏସି ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ

ବାଲୁଗାଁ, ୩୧।୮(ସଂଗ୍ରାମ ପାଇକରାୟ)

ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍‌ଏସି) ପକ୍ଷରୁ ରବିବାର ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ପ୍ରତ୍ୟୁଷରେ ଏନ୍‌ଏସି କାର୍ଯ୍ୟାଳୟର କର୍ମଚାରୀ, ବିଦ୍ୟାଳୟ ଛାତ୍ରୀଛାତ୍ର ଏବଂ ସମର ଶିକ୍ଷାର୍ଥୀ ବାହିନୀର କ୍ୟାଡେଟ୍‌ମାନେ ରାମଧୁନ ସହ ପ୍ରଭାତଫେରିରେ ଯାଇ ବାଲୁଗାଁ ବଜାର ଗାନ୍ଧୀ ଛକସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଏନ୍‌ଏସି କର୍ତ୍ତୃପକ୍ଷଙ୍କ ପକ୍ଷରୁ ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ଏବଂ ଜରାନିବାସ ଅନ୍ତେବାସୀଙ୍କୁ ଫଳ ଓ କ୍ଷୀର ବଣ୍ଟନ କରାଯାଇଥିଲା। କାର୍ଯ୍ୟାଳୟ ପରିସରରେ ଏନ୍‌ଏସି ଅଧ୍ୟକ୍ଷା ସୁକାନ୍ତି ପାଇକରାୟ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ସ୍ଥାନୀୟ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ନାଚ, ଗୀତ ଓ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏନ୍‌ଏସି ଅଧ୍ୟକ୍ଷାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉପାଧ୍ୟକ୍ଷ ଭଗବାନ ପ୍ରଧାନ, କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ୍, କନିଷ୍ଠ ଯନ୍ତ୍ରୀ ଏବଂ ସମସ୍ତ କାଉନସିଲରଙ୍କ ସମେତ କର୍ମଚାରୀମାନେ ଉପସ୍ଥିତ ଥିଲେ। ବାଲୁଗାଁ ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳ ଓ ମତ୍ସ୍ୟ ବ୍ୟବସାୟ କେନ୍ଦ୍ର ହୋଇଥିବାରୁ ସହରର ଉନ୍ନତୀକରଣ ନିମନ୍ତେ ସରକାରଙ୍କ ପକ୍ଷରୁ ବହୁ ଯୋଜନା ହାତକୁ ନିଆଯାଇଛି। ଏହାର ସଫଳ ରୂପାୟନ ନିମନ୍ତେ ଅଞ୍ଚଳବାସୀଙ୍କ ସହଯୋଗ ନିତାନ୍ତ ଜରୁରୀ ବୋଲି ଅଧ୍ୟକ୍ଷା ପାଇକରାୟ କହିଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଏନ୍‌ଏସି ଅଞ୍ଚଳର ପ୍ରେମ୍‌ଜିତ ବିଶୋଇ, ସପ୍ତପର୍ଣ୍ଣା ପ୍ରିୟଦର୍ଶିନୀ, ରାକେଶ ରଞ୍ଜନ ରାୟଗୁରୁ, ରୂପାଲି ପାଢ଼ୀଙ୍କୁ ମାନପତ୍ର ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବାଲୁଗାଁ ଅଗ୍ନିଶମ ବିଭାଗର ଶ୍ରେଷ୍ଠ ଅଗ୍ନିକ ଯୋଦ୍ଧା ରାଜେଶ ମହାରଣା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବାଲୁଗାଁ ଏନ୍‌ଏସି ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ ନର୍ସ ସିଲାରୁଥ୍ ଲାକ୍ରା, ଥାନା କନ୍‌ଷ୍ଟେବଲ ମୀର୍ଜା ଇମ୍ରାନ୍ ବେଗ୍ ଏବଂ ଏନ୍‌ଏସି ସୁଇପର ପ୍ରଫୁଲ୍ଲ ନାୟକଙ୍କୁ ମାନପତ୍ର ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା।

# ଟାଙ୍ଗୀକୁ ମିଳିଲା ଏନ୍‌ଏସି ମାନ୍ୟତା

## ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ଅଞ୍ଚଳବାସୀ

ଟାଙ୍ଗୀ,୩୧।୮(ରଘୁନାଥ ସାହୁ)

ବହୁଦିନର ପ୍ରତୀକ୍ଷା ପରେ ରବିବାର ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଟାଙ୍ଗୀ ଗ୍ରାମପଞ୍ଚାୟତକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏନ୍‌ଏସି ଘୋଷଣା କରିଛନ୍ତି। ଫଳରେ ଟାଙ୍ଗୀବାସୀଙ୍କ ଦୀର୍ଘଦିନର ଦାବି ପୂରଣ ହୋଇଛି। ଏହି ଘୋଷଣା ପରେ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ଅଞ୍ଚଳବାସୀଙ୍କ ପକ୍ଷରୁ ସରପଞ୍ଚ କିଶୋର କୁମାର ବେହେରା ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନକରି ସମ୍ବର୍ଦ୍ଧିତ କରିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏବଂ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ବିଧାୟକ ଜଗଦେବ ଟାଙ୍ଗୀ ବ୍ଲକ ଅଞ୍ଚଳର ହୋଇଥିବାରୁ ଏ ନେଇ ଗତ ସାଧାରଣ ନିର୍ବାଚନ ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲେ। ତେଣୁ ଏନ୍‌ଏସି ଘୋଷଣା ତାଙ୍କ ପାଇଁ ଏକପ୍ରକାର ଚ୍ୟାଲେଞ୍ଜ ଥିଲା ବୋଲି କୁହାଯାଉଛି। ପ୍ରତିଶ୍ରୁତି ପୂରଣ ହୋଇଥିବାରୁ ବିଧାୟକ ଜଗଦେବ କେକ୍ କାଟି ଜନସାଧାରଣଙ୍କୁ ଖୁସିରେ ଖୁଆଉଥିବା ଦେଖିବାକୁ ମିଳିଥିଲା। ଟାଙ୍ଗୀ ସରପଞ୍ଚ ବୁଲି ବୁଲି ଲୋକଙ୍କୁ ମିଠା ବାଣ୍ଟିଥିଲେ। ସମ୍ବର୍ଦ୍ଧନା ଉତ୍ସବରେ ଭୁବନେଶ୍ୱର ଏମ୍‌ପିଙ୍କ ଟାଙ୍ଗୀ ବ୍ଲକ ପ୍ରତିନିଧି ଚିନ୍ମୟ କୁମାର ପୃଷ୍ଟି, ଭାଜପା ନେତା ନିକୁଞ୍ଜ କିଶୋର ପଟ୍ଟନାୟକ, ସୁରେନ୍ଦ୍ର କୁମାର ମହାପାତ୍ର, ରଘୁନାଥ ସାହୁ, ବିଜୟ କୁମାର ରାଉତ, ଆଇନଜୀବୀ ନକୁଳ ନାୟକ, କିଶୋର ବରାଳ, ସୁନୀଲ ମହାନ୍ତି, ମନୋଜ ମାଝୀ, ନରେନ୍ଦ୍ର ମହାପାତ୍ର, ବାବୁ ବେହେରା, ବିଶ୍ୱରଞ୍ଜନ ଦାସ, ଅମରେନ୍ଦ୍ର ମହାନ୍ତି, ପ୍ରଭାସ କୁମାର ପ୍ରଧାନ, ରାମଚନ୍ଦ୍ର ପରିଡ଼ା ଏବଂ କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ପୁରାତନ ପରମ୍ପରାକୁ ଉଜ୍ଜୀବିତ କରେ ମହୋତ୍ସବ

## ଶ୍ରୀଗଣେଶ ମହୋତ୍ସବ ଉଦ୍‌ଯାପିତ

ବେଗୁନିଆ,୩୧।୮(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ଗ୍ରାମରେ ୩ଦିନ ଧରି ଚାଲିଥିବା ଶ୍ରୀଗଣେଶ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ଦିବସରେ ସାମାଜିକ କର୍ମୀ ମାନସ ରଞ୍ଜନ ଦାଶଙ୍କ ଅଧ୍ୟକ୍ଷତା ଓ ଦିଲୀପ କୁମାର ପାଣିଗ୍ରାହୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟବକ୍ତା, ଉପଦେଷ୍ଟା ରାଜକିଶୋର ପାଣିଗ୍ରାହୀ ଏବଂ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହୋତ୍ସବ ପୁରାତନ ପରମ୍ପରାକୁ ଉଜ୍ଜୀବିତ କରିଥାଏ ବୋଲି ମତ ଦେଇଥିଲେ। ସାମାଜିକ କର୍ମୀ ବାଉରୀ ଶ୍ରୀଚନ୍ଦନଙ୍କ ସମେତ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ବାହିନୀପତି ମୁଖ୍ୟ ଅତିଥି ଓ ଶିକ୍ଷାବିତ୍ କୁଳମଣି ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେହିପରି ଦ୍ୱିତୀୟ ଦିନରେ ଶିକ୍ଷାବିତ୍ ରାଜକିଶୋର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଶିକ୍ଷାବିତ୍ ଜଗବନ୍ଧୁ ପାଣି ମୁଖ୍ୟ ଅତିଥି, ସାମାଜିକ କର୍ମୀ ରାମଶଙ୍କର, ଶିଳ୍ପପତି ସୋମନାରାୟଣ ମିଶ୍ର ଏବଂ ବରେଣ୍ୟ ଅତିଥି ଭାବେ ହିତବ୍ରତ ବାହିନୀପତି ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଶା ରାଜ୍ୟ କଳା ଓ ସଂସ୍କୃତି ବିଭାଗ ପକ୍ଷରୁ ଲୋକନୃତ୍ୟ, ଢୋଲମହୁରି, ଗୋଟିପୁଅ ଓ ଆଧୁନିକ ନୃତ୍ୟ ସହ ସ୍ଥାନୀୟ କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ।


ଉତ୍ସବରେ ମଞ୍ଚାସୀନ ଅତିଥି।

# ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟନିର୍ବାହୀ କମିଟି ବୈଠକ

ଟାଙ୍ଗୀ,୩୧।୮(ରଘୁନାଥ ସାହୁ): ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟନିର୍ବାହୀ କମିଟି ବୈଠକ ମା' ରତ୍ନମାଳୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ନାରାୟଣ ମହାପାତ୍ର ସଭାପତିତ୍ୱ କରିଥିଲେ। କର୍ମକର୍ତ୍ତା ଓ କାର୍ଯ୍ୟନିର୍ବାହୀ ସଦସ୍ୟମାନେ ବୈଠକରେ ଉପସ୍ଥିତ ରହି ମଞ୍ଚର ୩ୟ ବାର୍ଷିକ ଉତ୍ସବ ପାଳନ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ପାଦକ ବିଜୟ କୁମାର ରାଉତ ବାର୍ଷିକ ଉତ୍ସବ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ। ନିଷ୍ପତ୍ତିକ୍ରମେ ଅକ୍ଟୋବର ୪ରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ। ଟାଙ୍ଗୀ, ରଣପୁର, ଚିଲିକା ବ୍ଲକ ଅନ୍ତର୍ଗତ ୫୨ ପଞ୍ଚାୟତର ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବ। ବାଚସ୍ପତି, ମନ୍ତ୍ରୀ, ବିଧାୟକ, ଜିଲାପାଳ ଓ ମହାସଂଘର ସାଧାରଣ ସମ୍ପାଦକଙ୍କୁ ଅତିଥି ଭାବେ ନିମନ୍ତ୍ରଣ କରାଯିବା ପାଇଁ ସ୍ଥିର ହୋଇଛି। ବୈଠକରେ ଉପସଭାପତି ଡ. ଚନ୍ଦ୍ରଶେଖର ଦାଶ, ସହସମ୍ପାଦକ ରବୀନ୍ଦ୍ର କୁମାର ନାୟକ, କୋଷାଧ୍ୟକ୍ଷ ଉମେଶ ପ୍ରସାଦ ଧଳ, ଉପଦେଷ୍ଟା ଡାକ୍ତର ମଧୁସୂଦନ ସେନାପତି, ଅରୁଣ ରଞ୍ଜନ ମହାନ୍ତି, ବାଳକୃଷ୍ଣ ମିଶ୍ର, ରଘୁନାଥ ସାହୁ, ଦିଲୀପ କୁମାର ନାଥ, ତାରାପ୍ରସାଦ ପଟ୍ଟନାୟକ, ବରିଷ୍ଠ ସଦସ୍ୟ ଲିଙ୍ଗରାଜ ସାହୁ, ପଠାଣି ସୁନ୍ଦରାୟ, ଗଦାଧର ସାମନ୍ତରାୟ, ବଡ଼ପାରୀ ବରିଷ୍ଠ ନାଗରିକ ସଂଘ ସଭାପତି ବିଚ୍ଛେନ୍ଦ ଜୟସିଂ, ସମ୍ପାଦକ ସାରଙ୍ଗଧର ପାଲ୍‌ଟାସିଂ, ଉପସଭାପତି ଶରତ ଚନ୍ଦ୍ର ପଟ୍ଟନାୟକ, ମୟୂରଖଳିଆ ବରିଷ୍ଠ ନାଗରିକ ସଂଘ ସମ୍ପାଦକ ମନୋଜ କୁମାର ପାତ୍ର, ଦୁର୍ଗାଚରଣ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଉପସଭାପତି ସୁରେନ୍ଦ୍ର ରାଉତ ଧନ୍ୟବାଦ ଦେଇଥିଲେ।

# ବଜ୍ରପାତରେ ଥାନା କ୍ୱାର୍ଟର୍ସରେ ଫାଟ, ଗାଈ ମୃତ

ନିରାକାରପୁର, ୩୧।୮(ମାନସ ଚନ୍ଦ୍ର ପଟ୍ଟନାୟକ )

ନିରାକାରପୁର ଅଞ୍ଚଳରେ ରବିବାର ଅପରାହ୍ନ ପ୍ରାୟ ୨ଟାରେ ଘନଘନ ବଜ୍ରପାତ ସହିତ ପ୍ରବଳ ବର୍ଷା ହୋଇଛି। ଏକାଧିକ ବଜ୍ରପାତ ପ୍ରଭାବରେ ନିରାକାରପୁର ଥାନା କ୍ୱାର୍ଟର୍ସରେ ଫାଟ ସୃଷ୍ଟି ହେବା ସହ ପାଣ୍ଡବ ପାଟଣାରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମରର ତାର ଛିଡ଼ିପଡ଼ିଛି। ଉକ୍ତ ତାର ସଂସ୍ପର୍ଶରେ ଆସି ଗାଈଟିଏ ମରିପଡ଼ିଥିବା ଦେଖିବାକୁ ମିଳିଛି। ବିଳମ୍ବିତ ରାତିପର୍ଯ୍ୟନ୍ତ ସ୍ଥାନୀୟ ଅଞ୍ଚଳ ସମେତ ଅନେକ ଗ୍ରାମରେ ବିଦ୍ୟୁତ ସରବରାହ ବାଧାପ୍ରାପ୍ତ ହୋଇଥିଲା। ଏଥିଯୋଗୁ ମଶାଙ୍କ ଉପଦ୍ରବ ଅସହ୍ୟ ହେବା ସହ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଖବର ପାଇ ବିଦ୍ୟୁତ ବିଭାଗର କର୍ମକର୍ତ୍ତା ପହଞ୍ଚି ମରାମତି କରିଥିଲେ। ଅନୁରୂପଭାବେ ବ୍ୟାପକ ବଜ୍ରପାତ ପ୍ରଭାବରେ ନିକଟସ୍ଥ ଗହୀର ଜମିରେ କେତେକ ଖଜୁରି ଓ ତାଳ ଗଛ ଜଳିଯାଇଥିବା ଜଣାପଡ଼ିଛି।

# ସଂପୁର ନୂଆଁଖାଇ ମହୋତ୍ସବ ଉଦ୍‌ଯାପିତ

## ରାଧାକୃଷ୍ଣ ରାସନୃତ୍ୟରେ ଦର୍ଶକ ବିମୋହିତ

ବୋଲଗଡ଼,୩୧।୮(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଖଙ୍ଗୁରିଆ ପଞ୍ଚାୟତ ସଂପୁର ଗ୍ରାମରେ ନୂଆଁଖାଇ ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ବିଭିନ୍ନ କଳାକାର ଦଳ ମହୋତ୍ସବ ରଙ୍ଗମଞ୍ଚରେ ଓଡ଼ିଶୀ, ସମ୍ବଲପୁରୀ, ବିହୁ, ଢେମ୍‌ସା ଆଦି ନୃତ୍ୟ ପରିବେଷଣ କରିଥିଲେ। ପିଚୁକୁଳିର ନୃତ୍ୟ ଆକାଂକ୍ଷା ଡ୍ୟାନ୍ସ ଗ୍ରୁପ୍ ପକ୍ଷରୁ ପ୍ରସ୍ତୁତ ରାଧାକୃଷ୍ଣଙ୍କ ରାସଲୀଳା ନୃତ୍ୟାଭିନୟ ଦର୍ଶକଙ୍କ ମନ ମୋହିଥିଲା। ଗ୍ରାମର କଳାକାରମାନେ ମଧ୍ୟ ଆକର୍ଷଣୀୟ ନୃତ୍ୟଗୀତ ପ୍ରଦର୍ଶନ କରିଥିଲେ। ନୂଆଁଖାଇ ପରିଚାଳନା କମିଟି ଆନୁକୂଲ୍ୟରେ ଅଞ୍ଚଳର ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଯାପନୀ ସଭାରେ କମିଟି ସଭାପତି ନିରଞ୍ଜନ ନାୟକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରଦୀପ ସାହୁ ଯୋଗଦେଇ ଅନେକ ଖବରଦାତାଙ୍କ ସମେତ ସରପଞ୍ଚ ପ୍ରଦୀପ ବାରିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ବିଜେଡି ପଞ୍ଚାୟତ ସଭାପତି ଚିତ୍ତରଞ୍ଜନ ମିଶ୍ର, ସାମାଜିକ କର୍ମୀ ଶୁଭେନ୍ଦ୍ର ସାହୁ, ପୂର୍ବତନ ସରପଞ୍ଚ ସୁବାସ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ମହୋତ୍ସବର ମୁଖପତ୍ର 'ଅଭିନନ୍ଦନିକା' ଉନ୍ମୋଚିତ ହୋଇଥିଲା। ବିଭିନ୍ନ ପର୍ଯ୍ୟାୟରେ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ସାମାଜିକ କର୍ମୀ ମାନସ କୁମାର ବେହେରା, ଖୋର୍ଦ୍ଧା ଜିଲା ଭାଜପା ପୂର୍ବତନ ସଭାପତି ରଶ୍ମିରଞ୍ଜନ ମହାପାତ୍ର, ଇଂ. କର୍ପୂର ସାହୁ, ହେମନ୍ତ କୁମାର ବେହେରା ଏବଂ ଶରତ ବାରିକ ପ୍ରମୁଖ ଯୋଗଦେଇ ସମସ୍ତଙ୍କୁ ନୂଆଁଖାଇ ଶୁଭେଚ୍ଛା ଜଣାଇଥିଲେ।


ରାଧାକୃଷ୍ଣ ରାସନୃତ୍ୟ ପରିବେଷଣ କରାଯାଉଛି।

# ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି ଦ୍ୱିଜ ଗୌରଚରଣ

ବେଗୁନିଆ,୩୧।୮(ହରପ୍ରସନ୍ନ ପଣ୍ଡା)

ବେଗୁନିଆ ମାଟିର ଭକ୍ତ କବି ଦ୍ୱିଜ ଗୌରଚରଣ ଅଧିକାରୀଙ୍କ ଜନ୍ମୋତ୍ସବ ସମାରୋହ ରବିବାର ପାଳିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ବେଗୁନିଆ ଆଦର୍ଶ କ୍ଲବର ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନୂଆସାହିସ୍ଥିତ ଶ୍ରୀଜଗନ୍ନାଥଙ୍କ ମନ୍ଦିର ସଂଲଗ୍ନ ଆମ୍ରକାନନ ପରିସରରେ ଆଦର୍ଶ କ୍ଲବର ସଭାପତି ସୂର୍ଯ୍ୟକାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ବିଷ୍ଣୁ ପ୍ରସାଦ କର ବେଦପାଠ ଓ ଗାୟକ ବସନ୍ତ କୁମାର ଦାସ ମଙ୍ଗଳା ଚରଣ ପାଠ କରିବା ପରେ କବିଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରବୀନ୍ଦ୍ରନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀ ବୀଣାପାଣି ଓ ସଙ୍ଗୀତାଶ୍ରୀ ପାଣିଗ୍ରାହୀଙ୍କ ରଚନା ଓ ସ୍ୱର ସଂଯୋଜନାରେ ଆବାହନୀ ସଙ୍ଗୀତ ଗାନ କରାଯାଇଥିଲା। ସାହିତ୍ୟିକ ତଥା ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦର ପ୍ରାକ୍ତନ ସଭାପତି ଡ. ଧରଣୀଧର ନାଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ପ୍ରଫେସର ଡ. ଶରତ ଚନ୍ଦ୍ର ରଥ ମୁଖ୍ୟ ବକ୍ତା ଏବଂ ଅନୁଷ୍ଠାନର ଉପଦେଷ୍ଟା ପ୍ରଫେସର ଡ. ହରିପ୍ରସାଦ ଦାସ ସମ୍ମାନିତ ଅତିଥି ରୂପେ ମଞ୍ଚାସୀନ ଥିଲେ। 'ଓଡ଼ିଆ ପଦାବଳୀ ସାହିତ୍ୟକୁ କବି ଗୌରଚରଣଙ୍କ ଅବଦାନ' ଶୀର୍ଷକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। କବି ଗୌରଚରଣଙ୍କ ପଦାବଳୀ ଓଡ଼ିଆ ସାରସ୍ୱତ ଜଗତକୁ ଋଦ୍ଧିମନ୍ତ କରିଛି ବୋଲି ଅତିଥିମାନେ କହିଥିଲେ। ଅତିଥିମାନଙ୍କୁ ସଭାରେ ସମ୍ବର୍ଦ୍ଧିତ କରାଯାଇଥିଲା। କବୟିତ୍ରୀ ମାନସୀ ଦାସ, ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ସୁବୁଦ୍ଧି, ଡ. ଅଖିଳେଶ ପ୍ରସାଦ ପଣ୍ଡା, ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ, କବିକେତନ ଗୌରାଚରଣ ସାମନ୍ତସିଂହାର, ଶିକ୍ଷକ ଅକ୍ଷୟ କୁମାର ମହାପାତ୍ର, ପ୍ରଧାନ ଶିକ୍ଷକ ଦିବାକର ସାହୁଙ୍କ ସହିତ ସ୍ଥାନୀୟ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ଗାୟକ ହରିହର ମହାପାତ୍ର ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିବା ବେଳେ ସୁଶ୍ରୀ ସଂଘମିତ୍ରା ରଥ ଧନ୍ୟବାଦ ଦେଇଥିଲେ।


ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩୧।୮।୨୦୨୫

| | |
|---|---|
| ୫,୧୩,୧୩୦ ଟଙ୍କା | |
| ସୁନା | ୧୧.୨୦୦ ଗ୍ରାମ୍ |
| ରୁପା | ୪୭.୬୦୦ ଗ୍ରାମ୍ |

# ନିମାପଡ଼ା ବିକଶିତ ଏନ୍‌ଏସିରେ ପରିଣତ ହେବ

ନିମାପଡ଼ା,୩୧।୮ (ବିଚିତ୍ରାନନ୍ଦ ସାହୁ)



ସମାରୋହରେ ଉପମୁଖ୍ୟମନ୍ତ୍ରୀ ଓ ଏମ୍‌ପିଙ୍କ ସମେତ ମଞ୍ଚାସୀନ ଅତିଥି ବୃନ୍ଦ।

ପୁରୀ ଜିଲାର ନିମାପଡ଼ା ଏନ୍‌ଏସିକୁ ଏକ ସ୍ୱଚ୍ଛ, ସମୃଦ୍ଧ, ସଶକ୍ତ, ବିକଶିତ ଏନ୍‌ଏସିରେ ଖୁବ୍ ଶୀଘ୍ର ପରିଣତ କରାଯିବ। ସ୍ୱଚ୍ଛ ନିମାପଡ଼ା ଗଠନ ପାଇଁ ସମସ୍ତ ପୌରବାସୀ ଆଜିର ଦିନରେ ଦୃଢ଼ ସଂକଳ୍ପବଦ୍ଧ ହେବାକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆହ୍ୱାନ ଦେଇଥିଲେ। ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ପବିତ୍ର ସ୍ୱାୟତ୍ତ ଶାସନ ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଥିଲେ, ଉତ୍କର୍ଷ ନିମାପଡ଼ା, ବିକଶିତ ନିମାପଡ଼ା ଗଠନ ଆମର ସ୍ୱପ୍ନ ଓ ପରିକଳ୍ପନା। ନିମାପଡ଼ା ମେଡିକାଲ ଖୁବ୍‌ଶୀଘ୍ର ସବ୍‌ଡିଭିଜନ ମେଡିକାଲର ମାନ୍ୟତା ପାଇବ। ଏଥିପାଇଁ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଜୋର୍‌ଦାର ଭାବେ ପ୍ରୟାସ ଚଳାଇଛନ୍ତି। ନିମାପଡ଼ାର ବିକାଶ ଶୀର୍ଷସ୍ଥାନରେ ପହଞ୍ଚିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ସମାରୋହରେ ମୁଖ୍ୟବକ୍ତା ଭାବେ ଏମ୍‌ପି ବିଭୁପ୍ରସାଦ ତରାଇ ଯୋଗଦେଇ କହିଥିଲେ, ପଞ୍ଚସଖା ସଂସ୍କୃତି ହେଉଛି ଜଗନ୍ନାଥ ସଂସ୍କୃତିର ମୂଳ ଆଧାର। ତେଣୁ ଆମେ ପରିବେଶ ଓ ସଂସ୍କୃତିସମ୍ପନ୍ନ ସହର ଭାବେ ଗଢ଼ି ତୋଳିବାକୁ ସଂକଳ୍ପବଦ୍ଧ ହେବା ଆବଶ୍ୟକ ବୋଲି ଏମ୍‌ପି ତରାଇ ମତବ୍ୟକ୍ତ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଏନ୍‌ଏସିର ଉପାଧ୍ୟକ୍ଷ ସନ୍ତୋଷ ଦାଶ, କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସ ଯୋଗଦେଇ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ତହସିଲଦାର ମନୋଜ ପ୍ରଧାନ, ଏନ୍‌ଏସିର ସହକାରୀ ଯନ୍ତ୍ରୀ ଅନାଥ ସାହୁ, ଏମ୍‌ପିଙ୍କ ପ୍ରତିନିଧି ମୀନଲତା ମହାନ୍ତି, ବିଧାୟିକାଙ୍କ ପ୍ରତିନିଧି ଯତୀନ୍ଦ୍ର ନାଥ ସ୍ୱାଇଁ ଓ ପରିଷଦର ସମସ୍ତ କାଉନସିଲର ଉପସ୍ଥିତ ଥିଲେ। ଉତ୍ସବରେ ଅଧ୍ୟକ୍ଷା ସସ୍ମିତା ସାହୁ ଅଧ୍ୟକ୍ଷତାକରି ବିଜ୍ଞାପିତ ଅଞ୍ଚଳ ପରିଷଦର ବିବରଣୀ ପାଠ କରିଥିବାବେଳେ ବିଭିନ୍ନ ଜନକଲ୍ୟାଣକାରୀ ବିକାଶମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତକରି ପୌରବାସୀଙ୍କୁ ଅବଗତ କରିଥିଲେ। ଏହି ଅବସରରେ ଅଧ୍ୟକ୍ଷା ସସ୍ମିତା ସାହୁ ପୂର୍ବାହ୍ନରେ କାର୍ଯ୍ୟାଳୟଠାରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପରିଷଦ ପକ୍ଷରୁ ଓ ଅତିଥିମାନେ ବିଭିନ୍ନ ମହାପୁରୁଷ ଓ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ, ଶହୀଦ ସ୍ତମ୍ଭରେ ମାଲ୍ୟାର୍ପଣ କରିଥିବାବେଳେ ମେଡିକାଲରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଆୟୋଜିତ ରଚନା, ତର୍କ, କୁଇଜ୍ ଓ ବ୍ୟାଡ୍‌ମିଣ୍ଟନ ସମେତ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣକରି କୃତିତ୍ୱ ହାସଲ କରିଥିବା ୧୪୦ ଜଣ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କାର, ମାନପତ୍ର, ଟ୍ରଫି ପ୍ରଦାନ କରି ସମ୍ମାନିତ କରିଥିବା ବେଳେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୮ ଜଣ ହିତାଧିକାରୀଙ୍କୁ ଅତିଥିମାନେ କାର୍ଯ୍ୟାଦେଶ ପତ୍ର ବଣ୍ଟନ କରିଥିଲେ।

# ସୁସ୍ଥ ରହିବାକୁ ସାଇକେଲ ଚାଳନା ଏକ ସୁନ୍ଦର ଅଭ୍ୟାସ

ପୁରୀ,୩୧।୮ (ଅଜିତ୍ କୁମାର ମହାନ୍ତି)



ସ୍ୱାୟତ୍ତ ଶାସନ ଦିବସ ଅବସରରେ ସାଇକେଲ ରାଲି ।

ନିଜକୁ ସୁସ୍ଥ, ନୀରୋଗ ଓ ଫିଟ୍ ରଖିବାକୁ ସାଇକେଲ ଚାଳନା ଏକ ସୁନ୍ଦର ଅଭ୍ୟାସ। ପ୍ରଧାନମନ୍ତ୍ରୀଙ୍କ ଫିଟ୍ ଇଣ୍ଡିଆ ଅଭିଯାନ ପାଇଁ ତଥା ନିଜକୁ ସୁସ୍ଥ ରଖିବା ପାଇଁ ଯୋଗ, ପ୍ରାଣାୟମ ଭଳି ସାଇକେଲ ଚାଳନାରେ ସାମିଲହେବାକୁ ଆହ୍ୱାନ ଦେଇଛନ୍ତି ପୁରୀ ଏମ୍‌ପି ଡା. ସମ୍ବିତ ପାତ୍ର। ରବିବାର ସ୍ୱାୟତ୍ତ ଶାସନ ଦିବସ ଓ ଜାତୀୟ କ୍ରୀଡ଼ା ଦିବସର ଅନ୍ତିମ ଦିବସରେ ଏକ ବିଶାଳ ସାଇକେଲ ଶୋଭାଯାତ୍ରା ପୁରୀ ପୌରପାଳିକା ଓ କ୍ରୀଡ଼ା କାର୍ଯ୍ୟାଳୟ ପକ୍ଷରୁ ଅନୁଷ୍ଠିତ ହୋଇଥିଲା। ଏହାକୁ ଉଦ୍‌ଘାଟନକରି ଏମ୍‌ପି ପାତ୍ର ପ୍ରତ୍ୟେକ କିଛି ନା କିଛି କାର୍ଯ୍ୟକଳାପ ମାଧ୍ୟମରେ ନିଜକୁ ଫିଟ୍ ରଖିବା ଉଚିତ। ଚଳିତ ବର୍ଷ ସେପ୍ଟେମ୍ବର ୨୧ରୁ ଆରମ୍ଭ ହେଉଥିବା ସାଂସଦ ଖେଳ ମହୋତ୍ସବ ପାଇଁ ପଞ୍ଜୀକରଣ କରିବା ପାଇଁ ସେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଖୋ ଖୋର ବରିଷ୍ଠ ପ୍ରଶିକ୍ଷକ ସଞ୍ଜୀବ ଶର୍ମା, ବିଭିନ୍ନ ବିଭାଗର କ୍ରୀଡ଼ା କୋଚ୍ ଓ ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ। ଏହି ଶୋଭାଯାତ୍ରା ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରୁ ବାହାରି ସିଟି ରୋଡ୍ ଦେଇ ଗାନ୍ଧୀ ପାର୍କଠାରେ ପହଞ୍ଚିଥିଲା।

## ସଂକ୍ଷେପରେ

### ତେଜରାତି ଦୋକାନରୁ ଚୋରି, ଅଭିଯୁକ୍ତ ଗିରଫ

ବଳଙ୍ଗା,୩୧।୮ (କେଦାରେଶ୍ୱର ନନ୍ଦ)

ତେଜରାତି ଦୋକାନରୁ ଚୋରି ଅଭିଯୋଗରେ ବଳଙ୍ଗା ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣକ ଉଗ୍ରେଶ୍ୱର ଦେଉଳି ଗ୍ରାମର ପ୍ରସନ୍ନ କୁମାର ନାଏକ। ଶୈଳବାଳା ବେହେରା କରିଥିବା ଅଭିଯୋଗ ଅନୁଯାୟୀ, କେନାଲ ବନ୍ଧ ନିକଟରେ ଏକ ତେଜରାତି ଦୋକାନ ରହିଛି। ଗତ ୨୯ ତାରିଖରେ ଦୋକାନ ବନ୍ଦକରି ଘରକୁ ଶୋଇବାକୁ ଆସିଥିଲେ। ବିଳମ୍ବିତ ରାତିରେ ନିଦ ଭାଙ୍ଗିଯିବାରୁ ସେ ଦୋକାନକୁ ବୁଲି ଆସି ଦେଖିବା ବେଳକୁ ଦୋକାନ ଭିତରୁ କିଛି ଶବ୍ଦ ଶୁଣି ଦୋକାନ ଖୋଲିଥିଲେ। କେତେଜଣ ଯୁବକ ହାତରେ ମାରଣାସ୍ତ୍ର ଧରିବା ସହ ଚୋରି କରିଥିବା ଜିନିଷ ଧରି ପଳାଇବାକୁ ଉଦ୍ୟମ କରିଥିଲେ। ସେମାନଙ୍କ ମଧ୍ୟରେ ଉକ୍ତ ଗ୍ରାମର ପ୍ରସନ୍ନ କୁମାର ନାଏକ ଥିବା ଜଣାପଡ଼ିଛି। ଏନେଇ ଶୈଳବାଳା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ବଳଙ୍ଗା ପୋଲିସ ୧୯୦/୨୫ରେ ଏକ ମାମଲା ରୁଜୁ କରି ରବିବାର ଅପରାହ୍ନରେ ପୋଲିସ ପ୍ରସନ୍ନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### କଂଗ୍ରେସ କର୍ମୀଙ୍କ ବିୟୋଗରେ ଶୋକ

ଯୋଗେଶ୍ୱରପୁର,୩୧।୮ (ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅନ୍ତର୍ଗତ ଜଙ୍ଗଲବୋରି ପଞ୍ଚାୟତର ପାତ୍ରସାହି ଗ୍ରାମର ବରିଷ୍ଠ କଂଗ୍ରେସ କର୍ମୀ ଶିବପ୍ରସାଦ ପାତ୍ର (୭୮)ଙ୍କର ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଖବରପାଇ ଜଙ୍ଗଲବୋରି ସରପଞ୍ଚ ପ୍ରଭାତୀ ସାହୁ, ପୂର୍ବତନ ସରପଞ୍ଚ ପ୍ରଣୟ କୁମାର ସାହୁ ପହଞ୍ଚି ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ।

# ପଶ୍ଚିମ ଓଡ଼ିଶା, ଜାପାନୀ କଳାକାରଙ୍କ ନୃତ୍ୟରେ ଦୁଲୁକିଲା ମଞ୍ଚ



ପଶ୍ଚିମ ଓଡ଼ିଶା ଓ ଜାପାନୀ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

ପୁରୀ,୩୧।୮ (ଅଜିତ୍ କୁମାର ମହାନ୍ତି)

**ଶ୍ରୀକ୍ଷେତ୍ରରେ ନୂଆଁଖାଇ ଭେଟଘାଟ**

ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଭେଟଘାଟ ରବିବାର ପ୍ରଥମ କରି ଶ୍ରୀକ୍ଷେତ୍ରର ସଂସ୍କୃତି ଭବନ ପରିସରରେ ଧୁମଧାମରେ ପାଳିତ ହୋଇଯାଇଛି। ସୁବର୍ଣ୍ଣପୁରରୁ ଆସିଥିବା ସାଂସ୍କୃତିକ ଅନୁଷ୍ଠାନ ରୁମ୍‌କୁଝୁମାନାର କଳାକାରମାନେ ପଶ୍ଚିମ ଓଡ଼ିଶାର ଲୋକକଳା, ଲୋକନୃତ୍ୟ ଓ ସଙ୍ଗୀତକୁ ଚିତ୍ତାକର୍ଷକ ଭାବେ ଅଭିନୟ ଜରିଆରେ ପରିବେଷଣ କରିଥିଲେ। ସେହିଭଳି ଇଣ୍ଡିଆ-ଜାପାନ ଫ୍ରେଣ୍ଡଶିପ ସେଣ୍ଟରରୁ ଆସିଥିବା ଜାପାନୀ କଳାକାରମାନେ ସମ୍ବଲପୁରୀ ନୃତ୍ୟଗୀତରେ ବିମୁଗ୍ଧ ହୋଇ ଓଡ଼ିଆ କଳାକାରମାନଙ୍କ ସହ ମିଳିତ ଭାବେ ନୃତ୍ୟ କରିଥିଲେ। ଫଳରେ ଉପସ୍ଥିତ ଥିବା ଦର୍ଶକମାନେ ନୂଆଁଖାଇ ଭେଟଘାଟର ମଜା ନେଇଥିଲେ। ଏହି ଅବସରରେ ଓଡ଼ିଶାର ବିଭିନ୍ନ ଜିଲାରୁ କବି ଓ କଳାକାରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ରୂପେ ବରଗଡ଼ର ପୂର୍ବତନ ଏମ୍‌ପି ପ୍ରଭାସ ସିଂ, ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଇଣ୍ଡିଆ-ଜାପାନ ଫ୍ରେଣ୍ଡଶିପ ସେଣ୍ଟର ସଭାପତି କୁମାର ଦାଶ, ଅନ୍ତର୍ଜାତୀୟ ବାଲୁକାଶିଳ୍ପୀ ସୁଦାମ ପ୍ରଧାନ, ସଙ୍ଗୀତ ନାଟକ ଏକାଡେମୀର ସଦସ୍ୟ ବଦ୍ରି ମିଶ୍ର, ଅଭିନନ୍ଦନିକା ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି, ବାଣିଜ୍ୟ ଓ ପରିବହନ ବିଭାଗର ଉପଶାସନ ସଚିବ ସଞ୍ଜୟ ଆନନ୍ଦ କୁମାର ତ୍ରିପାଠୀ, ପ୍ରତାପ କୁମାର ମହାନ୍ତି, ସଚିବାଳୟ ସେବା ସଂଘର ଉପସଭାପତି ବିଜୟ ସ୍ୱରୂପ ପଣ୍ଡା, ଇଞ୍ଜିନିୟର ସରୋଜ ପଣ୍ଡା, ଅଭିନେତ୍ରୀ ବିଦ୍ୟୁସ୍ମିତା ଓ ରୁମ୍‌କୁଝୁମାନାର ସଭାପତି ଶାଶ୍ୱତ କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଶ୍ରୀଜା ପଣ୍ଡା, ଈଶ୍ୱରୀ ବେହେରା, ଶ୍ରୀତି ଦାଶ, ବିବେକା ପଣ୍ଡାଙ୍କ ସମେତ ଶାଶ୍ୱତ କୁମାର ତ୍ରିପାଠୀଙ୍କ ସମ୍ବଲପୁରୀ ସଙ୍ଗୀତରେ ଝୁମିଥିଲା ମଞ୍ଚ।

## ସ୍ୱାୟତ୍ତ ଶାସନ ଦିବସରେ ଜାତୀୟ ପତାକା ଉତ୍ତୋଳନ

ପୁରୀ,୩୧।୮ (ଅଜିତ୍ କୁମାର ମହାନ୍ତି)

ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ପୁରୀ ପୌରପାଳିକା କାର୍ଯ୍ୟାଳୟଠାରେ ରବିବାର ପୂର୍ବାହ୍ନରେ ପୁରୀ ଏମ୍‌ପି ଡା. ସମ୍ବିତ ପାତ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପୂର୍ବରୁ ଗାନ୍ଧୀଘାଟରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଦେଶର ସ୍ୱାଧୀନତା, ସୁରକ୍ଷା ଓ ଅଖଣ୍ଡତା ପାଇଁ ନାଗରିକଙ୍କ ସହଭାଗିତା ଯେତିକି ଜରୁରୀ, ନିଜ ପରିସରକୁ ସ୍ୱଚ୍ଛ ଓ ପରିଷ୍କାର ରଖିବା ମଧ୍ୟ ସେତିକି ଜରୁରୀ ବୋଲି କହିଥିଲେ। ସ୍ୱଚ୍ଛତା ବାର୍ତ୍ତାରେ ତାଙ୍କ ଚଷମାର ଉପସ୍ଥିତି ଆମର କାର୍ଯ୍ୟକୁ ଅନୁଧ୍ୟାନ କରୁଛି ବୋଲି ଡା. ପାତ୍ର କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ପୌରପାଳିକାର ସମସ୍ତ ଅଧିକାରୀ, କର୍ମଚାରୀ, କ୍ରୀଡ଼ା ଛାତ୍ରାବାସର ଅନ୍ତେବାସୀ, ଛାତ୍ରୀଛାତ୍ର ପ୍ରମୁଖ ଯୋଗଦେଇଥିଲେ।

# ପ୍ରଧାନ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା



ପ୍ରଧାନଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଉଛି ।

ପିପିଲି,୩୧।୮ (ଦୁର୍ଗା ମାଧବ ମିଶ୍ର)

ଭାରତୀପୁର ପଞ୍ଚାୟତ ଅନ୍ତର୍ଗତ ଅଠରଭାଗା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନଗେନ୍ଦ୍ରନାଥ ସେଠୀଙ୍କର ଅବସର ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭା ପୂର୍ବରୁ ବିଦାୟୀ ପ୍ରଧାନ ଶିକ୍ଷକଙ୍କୁ ଛାତ୍ରୀଛାତ୍ର, ପୁରାତନ ଛାତ୍ରୀଛାତ୍ର ଏବଂ ଗ୍ରାମବାସୀ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଇ ବିଦ୍ୟାଳୟ ପର୍ଯ୍ୟନ୍ତ ଆଣିଥିଲେ। ସିଆର୍‌ସିସି ଗଗନ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ସଭାରେ ମୁଖ୍ୟ ଅତିଥି ଭାବେ ପିପିଲି ବ୍ଲକ ଶିକ୍ଷାଧିକାରୀ ପୀତବାସ ସେଠୀ, ମୁଖ୍ୟବକ୍ତା ଭାବେ ସହ ଶିକ୍ଷାଧିକାରୀ ଶରତ ଚଉଁରୀ ଏବଂ ସମ୍ମାନିତ ଅତିଥି ଭାବେ ସୁରେଶ ବେହେରା, ଗୌରାଙ୍ଗ ମହାପାତ୍ର, ସଙ୍ଗୀତା ବାରିକ (ନାଏବ ସରପଞ୍ଚ), ଉମେଶ ଚନ୍ଦ୍ର ଖୁଣ୍ଟିଆ, ବିଜୟ ପ୍ରଧାନ, ଲକ୍ଷ୍ମୀଧର ସାହୁ ପ୍ରମୁଖ ଯୋଗଦେଇ ପ୍ରଧାନ ଶିକ୍ଷକଙ୍କ ଗୁଣଗାନ କରିଥିଲେ। ଶେଷରେ ବିଦ୍ୟାଳୟ ପକ୍ଷରୁ ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ସେବାୟତଙ୍କ ଗୋଡ଼ରେ ଗାଡ଼ି ଚଢ଼ାଇଦେଲେ ଯାତ୍ରୀ ଗୁମାସ୍ତା

ପୁରୀ,୩୧।୮ (ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ନିକଟରେ ରବିବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଗୋଡ଼ ଉପରେ ଗାଡ଼ି ଚଢ଼ିଯିବା ଘଟଣାକୁ ନେଇ ଜଣେ ସେବାୟତ ଓ ଗୁମାସ୍ତା ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ, ଘଟଣାଟି ଗ୍ରାଣ୍ଡ ସେଣ୍ଟର ନିକଟରେ ଘଟିଛି। ସେବାୟତ ଜଣକ ଗ୍ରାଣ୍ଡ ସେଣ୍ଟର୍ ନିକଟରେ ଠିଆ ହୋଇଥିବା ବେଳେ ଗାଡ଼ି ନେଇ ଆସୁଥିବା ଦୁଇଜଣ ଗୁମାସ୍ତା ସେବାୟତଙ୍କ ଗୋଡ଼ ଉପରେ ବାଇକ୍ ଚଢ଼େଇ ଦେଇଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପରେ ଯାତ୍ରୀ ଗୁମାସ୍ତା ସେବାୟତଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ନେଇ ମଧ୍ୟ ସିଂହଦ୍ୱାର ଥାନାରେ ଅଭିଯୋଗ ହୋଇଛି। ଆକ୍ରମଣର ଶିକାର ହୋଇଥିବା ସେବାୟତ ଜଣକ ହେଉଛନ୍ତି ଗୁଡ଼ିଆ ସାହିର ରାମନାରାୟଣ ପୂଜାପଣ୍ଡା। ଏହି ଘଟଣାକୁ ନେଇ ରାମନାରାୟଣ ସିଂହଦ୍ୱାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଆକ୍ରମଣକାରୀ ଦୁଇ ଗୁମାସ୍ତା ତାଙ୍କୁ ହତ୍ୟା ଧମକ ଦେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ତେବେ ଘଟଣାକୁ ନେଇ ସିଂହଦ୍ୱାର ଥାନା ପୋଲିସ ପକ୍ଷରୁ ତଦନ୍ତ କରାଯାଉଥିବା ସୂଚନା ମିଳିଛି।

# ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ ପ୍ରକଳ୍ପ ପରିଚାଳନା କମିଟିର ସମୀକ୍ଷା ବୈଠକ

ପୁରୀ,୩୧।୮ (ଅଜିତ୍ କୁମାର ମହାନ୍ତି)

ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଜିଲାର ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ତଥା ନିପୁଣ ଓଡ଼ିଶା ମିଶନ ପ୍ରକଳ୍ପ ପରିଚାଳନା କମିଟିର ୨୦୨୫-୨୬ ଶିକ୍ଷା ବର୍ଷର ପ୍ରଥମ ତ୍ରୈମାସିକ ସମୀକ୍ଷା ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ସନ୍ତୋଷ କୁମାର ପରିଡ଼ା ସମସ୍ତ ସଦସ୍ୟଙ୍କୁ ସ୍ୱାଗତ କରିବା ସହ ଉକ୍ତ ବୈଠକର ଆଭିମୁଖ୍ୟ ତଥା ଜିଲାର ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଶିଶୁବାଟିକା, ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀଗୁଡ଼ିକରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ତଥା ନିପୁଣ ଓଡ଼ିଶା କାର୍ଯ୍ୟକ୍ରମର କାର୍ଯ୍ୟକାରିତା ଏବଂ ପର୍ଯ୍ୟବେକ୍ଷଣ ସମ୍ବନ୍ଧରେ ବିଶେଷ ଆଲୋଚନା କରିଥିଲେ। ଜିଲାପାଳ ପରିଡ଼ା ନିପୁଣ ଓଡ଼ିଶା ମିଶନ କାର୍ଯ୍ୟକ୍ରମର ତୃଣମୂଳସ୍ତରରେ ଠିକ୍ କାର୍ଯ୍ୟକାରିତା ଓ ପିଲାମାନଙ୍କ ଶୈକ୍ଷିକ ସ୍ଥିତି ଉପରେ ଏହାର ପ୍ରଭାବକୁ ଅନୁଧ୍ୟାନ କରିବା ନିମନ୍ତେ ପରାମର୍ଶ ଦେଇଥିଲେ।

ବୈଠକରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଦ୍ୱିତୀକାନ୍ତ ପ୍ରଧାନ, ଜିଲା ଶିକ୍ଷା ସଂଯୋଜକ ରମେଶ ବଲ୍ଲଭ ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି, ଜିଲା ସମାଜ ଉନ୍ନୟନ ଅଧିକାରିଣୀ ତନୁପ୍ରଭା ବେଉରା, ପୁରୀ ସଦର ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ରତ୍ନାକର ବେହେରା, ସିଆର୍‌ସିସି ମିହିର ମାନସିଂହ, ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ତ୍ରିପାଠୀ ଓ ଅକ୍ଷୟ କୁମାର ଦାଶ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ସୁଚିନ୍ତିତ ମତବ୍ୟକ୍ତ କରିଥିଲେ। ଶେଷରେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ରାମକୃଷ୍ଣ ଦାସ ଧନ୍ୟବାଦ ଦେଇଥିଲେ।

# ଶ୍ରୀମହାଭାସ୍କରଙ୍କ ପ୍ରତିଷ୍ଠା ପୂର୍ବରୁ ସାମନ୍ତରାପୁର ଗାଁ ଦାନ ଦେଇଥିଲେ ଶିବେଇ ସାମନ୍ତରା

ଡ. ସୁରେନ୍ଦ୍ର କୁମାର ମିଶ୍ର

ଐତିହ୍ୟରେ ଓଡ଼ିଶା

**ଶ୍ରୀରାମଚନ୍ଦ୍ରଙ୍କ ବିବାହ ଉତ୍ସବ ବିଗ୍ରହ ଭାରତରେ ବିରଳ**

**ବିବାହ ଉତ୍ସବ ବିଗ୍ରହ ନିର୍ମାଣ ପାଇଁ ଶିବେଇ ସାମନ୍ତରା ଦେଇଥିଲେ ସୁବର୍ଣ୍ଣ କୁଣ୍ଡଳ**



କୋଣାର୍କ ସଂଗ୍ରହାଳୟରେ ଥିବା ଶ୍ରୀରାମଚନ୍ଦ୍ରଙ୍କ ବିବାହୋତ୍ସବ ବିଗ୍ରହ, ଭାରତରେ ଅନନ୍ୟ ତଥା ବିରଳ ଏହି ବିଗ୍ରହ ମଝିରେ ଗୁରୁ ମହର୍ଷି ବଶିଷ୍ଠ, ବାମପଟେ ମହାରାଜା ଦଶରଥ, ଡାହାଣ ପଟେ ଶ୍ରୀଲକ୍ଷ୍ମଣ ଏବଂ ତଳେ ଉତ୍ସବର ନୃତ୍ୟବାଦ୍ୟ ଦୃଶ୍ୟ।

ପୂର୍ବ ସଂଖ୍ୟାରେ ଆମେ ଅର୍କକ୍ଷେତ୍ରର ପଞ୍ଚତୀର୍ଥ ପ୍ରସଙ୍ଗ ଅବତାରଣା କରିଥିଲୁ। ପଞ୍ଚତୀର୍ଥର ମହତ୍ୱ ଶ୍ରୀସୂର୍ଯ୍ୟଙ୍କ ଉପାସନା କାଳରେ ଗୁରୁତ୍ୱପୂର୍ଣ୍ଣ ଥିଲା। ଐତିହ୍ୟର ଅବକ୍ଷୟ ପରେ ପୂଜା ବନ୍ଦ ହୋଇଯାଇଛି। ନା ଐତିହ୍ୟକୁ ଆମେ ସଜାଡ଼ିବାରେ ସକ୍ଷମ ହୋଇଛୁ ନା ସ୍ଥାନାନ୍ତରିତ ହୋଇଥିବା ଶ୍ରୀସୂର୍ଯ୍ୟଙ୍କ ବିଗ୍ରହଙ୍କୁ ଫେରେଇ ଆଣି ପୂଜା ପ୍ରଚଳନ କରାଇପାରିଛୁ। ଆଉ କିଛି ବର୍ଷ ପରେ ଏହି ବିଡ଼ମ୍ବନାକୁ ୫୦୦ ବର୍ଷ ପୂରିଯିବ। ପଞ୍ଚତୀର୍ଥ ମଧ୍ୟରୁ ମହୋଦଧି ଓ ଚନ୍ଦ୍ରଭାଗାକୁ ଆମେ ସଭିଏଁ ଦେଖୁଛେ। ଆଉ ତିନୋଟି ତୀର୍ଥ ହଜିଯିବାକୁ ବସିଛି। ପୁନରୁଦ୍ଧାର କଥା ଭୁଲିଯାଇଛୁ। ତୀର୍ଥକୁ ପରିକ୍ରମା ମାର୍ଗ ଅନ୍ତର୍ଭୁକ୍ତ କରିବା କଥା ତ ବହୁ ଦୂରରେ ଅଛି!

କୋଣାଦିତ୍ୟକୁ ଚଳଚଞ୍ଚଳ କରେଇବା ଆମ ସଭିଙ୍କର ଦାୟିତ୍ୱ। ଐତିହ୍ୟ ବିକାଶ କାଳଖଣ୍ଡରେ ତାହା ଯଦି ହୋଇ ନ ପାରିବ, ଭବିଷ୍ୟତରେ ପଦ୍ମ ଘୁଞ୍ଚି ଘୁଞ୍ଚି ଯିବ। କି ଉତ୍ସାହ... କି ଉଦ୍ଦୀପନା... ସେତେବେଳେ ଓଡ଼ିଆଙ୍କର ଥିଲା। ଅଭିଷେକ କାର୍ଯ୍ୟ ଆରମ୍ଭ ପୂର୍ବରୁ ଗଜପତି ମହାରାଜା ସେବା ପାଇଁ 'ସେବାୟତ'ଙ୍କ ମୁଣ୍ଡରେ ଶାଢ଼ି ବାନ୍ଧି ସାରିଥିଲେ। କୋଡ଼ିଏ ଜଣ 'ସୁଆର' ସେବାୟତଙ୍କୁ ଶାଢ଼ି ବନ୍ଧା ଯାଇଥିଲା। ସେମାନଙ୍କର ପ୍ରଥମ ସେବା ଥିଲା ପୂଜାଦ୍ରବ୍ୟକୁ 'ନ୍ୟାସ ମଣ୍ଡପ'କୁ ନେବା ଆଣିବା କରିବା।

ସେବା ଆରମ୍ଭ ପୂର୍ବରୁ ମାଧବପୁରରେ ଡିହବାଡ଼ି ଯୋଗାଇ ଦେଇଥିଲେ। ସେଇ ମାଧବପୁର ଏବେ 'ମାଧିପୁର' ନାମରେ ପରିଚିତ। ଗୋଟିଏ ଗୋଟିଏ ଅନୁଷ୍ଠାନବେଳେ ଗୋଟିଏ ଗୋଟିଏ ସ୍ମରଣୀୟ ଘଟଣା ଘଟି ଚାଲିଥିଲା। ତାହା ହିଁ ଆମ ସହଯୋଗିତାର ସ୍ମରଣୀୟ ଉଦାହରଣ। ଗାଁର ନାମକରଣ କଲେ ମହାରଣା ସମାଜ। ନାଁ ଦେଲେ ସାମନ୍ତରାୟପୁର। ଗାଁ ବସିବା ପାଇଁ ଜମିଦେବା ପରେ ପଦ୍ମଚିହ୍ନ ଥିବା ୨୭ ମାଢ଼ ସୁନା ଦେଇଥିଲେ। ଶ୍ରୀପଦ୍ମକେଶର ମନ୍ଦିରର ଉତ୍ତର-ପୂର୍ବ ଦିଗରେ ଏହି ଗାଁ ବସିଥିଲା।

ଏହାପରେ ଶ୍ରୀମହାଭାସ୍କର ପ୍ରତିଷ୍ଠା ମଣ୍ଡପକୁ ବିଜେ କରି ସିଂହାସନ ପିଣ୍ଡିରେ ବସିଥିଲେ। ଅନୁଷ୍ଠାନ ଆରମ୍ଭ ପୂର୍ବରୁ ଶିଳ୍ପୀ ଗଦାଧର ମହାପାତ୍ରଙ୍କୁ ଖୋଜିଲେ ଶିବେଇ ସାମନ୍ତରା। କହିଲେ, ତମେ ନିର୍ମାଣ କରୁଥିଲ- ଶ୍ରୀରାମଚନ୍ଦ୍ରଙ୍କ ବିବାହ ଉତ୍ସବର ବିଗ୍ରହ। ଆଣିବା ବ୍ୟବସ୍ଥା ହେଉ। ନିଶାତଳ ପୀଠ ଅର୍ଥାତ୍ ନିଶା ମନ୍ଦିର ମୂଳ ପ୍ରଦେଶରେ ସେଇ ବିଗ୍ରହଙ୍କୁ ଖଞ୍ଜାଯିବ। ଯେତେବେଳେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ବିବାହ- ଉତ୍ସବର ବିଗ୍ରହ ଦେଖିଲେ ଶିବେଇ ସାମନ୍ତରା, ଖୁସି ହୋଇଗଲେ। ଦଣ୍ଡେ ଅଟକିଗଲେ, ଗଦା ମହାପାତ୍ରେ ତ ପାଉଣା ନେବେ। ମାତ୍ର ଏ କଳାକୃତିର ପଟାନ୍ତର ନାହିଁ... ଏଥିପାଇଁ ଦୁଇ ତୋଳାର ଦୁଇଟି କୁଣ୍ଡଳ ଉପହାର ଦିଆଯାଉ ଗଦାଧରଙ୍କୁ। ସୂତ୍ରଧର ଶିବେଇଙ୍କର କଥା ହିଁ ଆଦେଶ ଭାବରେ ପାଳନ ହେଉଥିଲା। ଭଣ୍ଡାରରୁ ସୁବର୍ଣ୍ଣ କୁଣ୍ଡଳ ଆସିଲା... ଗଦାଧରଙ୍କୁ ନିଜ ହାତରେ ସେ ଦେଲେ। ଏହା ଥିଲା ମନ୍ଦିର ନିର୍ମାଣ ଇତିହାସରେ ସେ କାଳଖଣ୍ଡରେ ପ୍ରଥମ ଘଟଣା। ସେ ପର୍ଯ୍ୟନ୍ତ ପାଉଣା ବାଦ୍ ବସ୍ତ୍ରଠାରୁ ଆରମ୍ଭ କରି କଉଡ଼ି ପୁରସ୍କାର ଦିଆଯାଇଥିଲା। ସୁବର୍ଣ୍ଣ କୁଣ୍ଡଳ ପୁରସ୍କାର ଆଜି ବି ଇତିହାସରେ ସ୍ମରଣୀୟ।

ଆମେ ଜାଣିଛେ ଶ୍ରୀରାମଚନ୍ଦ୍ରଙ୍କର ଅଭିଷେକ ଉତ୍ସବ ହୋଇଥିଲା ଅଯୋଧ୍ୟାରେ। ସେଇ ଅଭିଷେକ ଉତ୍ସବର ଅବିକଳ ବେଶ ଓଡ଼ିଶାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ରତ୍ନସିଂହାସନ ଉପରେ ବହୁ କାଳରୁ ଅନୁଷ୍ଠିତ ହୋଇଆସୁଥିଲା। କୁହାଯାଏ- ଶ୍ରୀରାମାଭିଷେକ ବେଶ। ମନେହୁଏ ଏଇ ଅଭିଷେକ ବେଶର ପ୍ରଚଳନ ଏକ ଅଭିନବ ଉଦାହରଣ ଶ୍ରୀମନ୍ଦିରରେ। ଭାରତରେ ପ୍ରାୟ ବିରଳ। ତଥାପି ୧୯୦୫ ମସିହା ପରେ ଆଉ ଏଇ ବେଶ ଶ୍ରୀମନ୍ଦିରରେ କରିବାକୁ ଆମେ ସକ୍ଷମ ହୋଇ ନାହୁଁ। ଶ୍ରୀମନ୍ଦିରରେ ଅନୁଷ୍ଠିତ ହେଉଥିବା ବେଶର ଅବିକଳ ଭାସ୍କର୍ଯ୍ୟ ପୁରୀର ଶ୍ରୀଶଙ୍କରାନନ୍ଦ ମଠ କାନ୍ଥରେ ଆଜି ବି ବିଦ୍ୟମାନ। ଶାସ୍ତ୍ର ବର୍ଣ୍ଣନା ଅନୁଯାୟୀ ଓଲମବିଲମ ବିଲ୍‌କୁଲ ନାହିଁ। ଶ୍ରୀରାମଙ୍କ ପାଦ ତଳେ ବିଜେ କରିଛନ୍ତି ଶ୍ରୀହନୁମାନ। ଅନନ୍ୟ ରହସ୍ୟମୟ ନିଦର୍ଶନ।

# ୮ଶହ ଏକର ଜମିରେ ଗଠନ ହେବ ନୂଆ ଭୁବନେଶ୍ୱର



ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ପଦ୍ମଶ୍ରୀ ପ୍ରଫେସର ଡା. ଅଶୋକ କୁମାର ମହାପାତ୍ରଙ୍କୁ ସମ୍ମାନିତ କରୁଛନ୍ତି।

ଭୁବନେଶ୍ୱର, ୩୧।୮ (ବନ୍ଦନା ସେଠୀ)

**୩ଶହ କୋଟି ଟଙ୍କା ବ୍ୟୟରେ ନିକୋପାର୍କର ନବୀକରଣ ହେବ**

ସହରକୁ ସବୁଜ ସୁନ୍ଦର କରି ଗଢିତୋଳିବା ପାଇଁ ରାଜ୍ୟ ସରକାର ବିଭିନ୍ନ ପ୍ରକାର ଯୋଜନା ହାତକୁ ନେଉଛନ୍ତି। ଭୁବନେଶ୍ୱରର ଲୋକସଂଖ୍ୟାକୁ ଦୃଷ୍ଟିରେ ରଖି ୮ଶହ ଏକର ଜମି ଉପରେ ନୂତନ ଭୁବନେଶ୍ୱର ଗଠନ ହେବ। ୩ଶହ କୋଟି ଟଙ୍କା ବ୍ୟୟରେ ନିକୋପାର୍କର ନବୀକରଣ କରାଯିବ ବୋଲି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଘୋଷଣା କରିଛନ୍ତି। ରବିବାର ସୂଚନାଭବନଠାରେ ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ବିଏମ୍‌ସିର କର୍ମଚାରୀ ସଂଖ୍ୟା ବୃଦ୍ଧି ଏବଂ ମଧ୍ୟବିତ୍ତ ପରିବାରକୁ ସ୍ୱଳ୍ପ ମୂଲ୍ୟରେ ଘର ଯୋଗାଇ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ପ୍ରଫେସର ଡା. ଅଶୋକ କୁମାର ମହାପାତ୍ର, ପଦ୍ମଶ୍ରୀ ଅଦ୍ୱୈତ ପ୍ରସାଦ ଗଡ଼ନାୟକ, ପଦ୍ମଶ୍ରୀ ଦୁର୍ଗାଚରଣ ରଣବୀର, ପଦ୍ମଶ୍ରୀ ଡ. ପ୍ରତିଭା ଶତପଥୀଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ଚଳିତବର୍ଷ ଅରୁଣ କୁମାର ମହାନ୍ତି, ନିରାକାର ସାହୁ, ମନୋରଞ୍ଜନ ମହାନ୍ତି, ସୁନାରାମ ସିଂ, ଗିରିଜା ନନ୍ଦନ ମହାନ୍ତି, ରୋହିତାସ୍ ଦଳାଇଙ୍କୁ 'ନଗର ବନ୍ଧୁ ସମ୍ମାନ' ପ୍ରଦାନ କରାଯାଇଥିଲା। ଏହା ବ୍ୟତୀତ ଫାଲକନ ରେସିଡେନ୍ସି, ବାଲାଜୀ ରେସିଡେନ୍ସ୍ ୱେଲଫେୟାର ସୋସାଇଟି, ଶ୍ରୀକ୍ଷେତ୍ର ଗ୍ରୀନଉଡ୍ ଆବାସିକ ସଂଗଠନକୁ ସେମାନଙ୍କ ସେବାମୂଳକ କାର୍ଯ୍ୟକଳାପ ପାଇଁ ସମ୍ମାନିତ କରାଯାଇଥିଲା। ସେହିପରି ବିଏମସି ଅଞ୍ଚଳରେ ଥିବା ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ବର୍ଗରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତି ବିଶେଷ, ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରାଯାଇଥିଲା। ସନ୍ଧ୍ୟା ଅଧିବେଶନରେ ଏକାମ୍ର ବିଧାୟକ ବାବୁ ସିଂ, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ଚଞ୍ଚଳ ରାଣା, ସାଂସ୍କୃତିକ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ରାମଚନ୍ଦ୍ର ରଣସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ପଳାଶୁଣୀ ବର୍ଜ୍ୟ ପୁନରୁଦ୍ଧାର କେନ୍ଦ୍ର, ପ୍ଲାଜ୍ମା ପ୍ରକ୍ରିୟାକରଣ ୟୁନିଟ୍ ସମେତ ୨୪ ପ୍ରକଳ୍ପ ଉଦ୍‌ଘାଟନ: ୨ ଶିଳାନ୍ୟାସ



ଭୁବନେଶ୍ୱର, ୩୧।୮ (ବନ୍ଦନା ସେଠୀ)

ସ୍ୱାୟତ୍ତ ଶାସନ ଦିବସ ଅବସରରେ ରବିବାର ବିଏମ୍‌ସି ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ଏହି କ୍ରମରେ ୨୪ଟି ପ୍ରକଳ୍ପର ଉଦ୍‌ଘାଟନ ଏବଂ ୨ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ପଳାଶୁଣିଠାରେ ଦୈନିକ ୧୫୦ଟନ୍ ବିଶିଷ୍ଟ ବର୍ଜ୍ୟ ପୁନରୁଦ୍ଧାର କେନ୍ଦ୍ର ଓ ଟିଟିଏସ୍‌ଠାରେ ଦୈନିକ ୧୦ଟନ ବିଶିଷ୍ଟ ପ୍ଲାଜମା ପ୍ରକ୍ରିୟାକରଣ ୟୁନିଟର ଉଦ୍‌ଘାଟନ କରାଯାଇଛି। ଏହାବ୍ୟତୀତ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଜରିଆରେ ତିଆରି ହୋଇଥିବା ହ୍ୱାଟ୍‌ସଆପ୍ ମୋବାଇଲ ଆପ୍ ଲୋକାର୍ପିତ ହୋଇଥିଲା। ଏହି ଆପ୍ ମାଧ୍ୟମରେ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳ ଲୋକଙ୍କ ଅଭିଯୋଗ ଶୁଣିବା, ସେମାନଙ୍କ ସମସ୍ୟା ସମାଧାନ କରିବା, ଲୋକେ ବିଏମସି କାର୍ଯ୍ୟାଳୟକୁ ନ ଆସି ନିଜ ମୋବାଇଲରେ ସମସ୍ତ ପ୍ରକାର ଟିକସ ପ୍ରଦାନ କରିବା ଆଦି କାର୍ଯ୍ୟ ଘରେ ବସି କରିପାରିବେ ବୋଲି ସୂଚନା ଦିଆଯାଇଛି। ସକାଳେ ବିଏମ୍‌ସି ମୁଖ୍ୟାଳୟ ସମ୍ମୁଖରେ ପତାକା ଉତ୍ତୋଳନ, 'ଆଇନଗତ ସଫେଇ ସୁରକ୍ଷିତ ସଫେଇ' ଶପଥପାଠ, ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ଚଞ୍ଚଳ ରାଣାଙ୍କ ସମେତ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଓ କର୍ପୋରେଟରମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବିଏମ୍‌ସିରୁ ଅବସର ଗ୍ରହଣ କରିଥିବା ୪ଜଣ କର୍ମଚାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ବିଏମ୍‌ସି ଡାକ୍ତରଖାନା ଓ ଆଶ୍ରୟସ୍ଥଳୀରେ ଫଳ ବଣ୍ଟନ ହୋଇଥିଲା।


ମା ଖୁଦୁରୁକୁଣୀ ପୂଜା ପାଇଁ ରବିବାର ବାଲିଅନ୍ତା ଭୁବନପୁର ଗ୍ରାମର ଝିଅମାନେ କୁଆଖାଇ ନଦୀ କୂଳରେ ବାଲୁକା ପୂଜା କରୁଛନ୍ତି।

## ଊର୍ଜା ସଂରକ୍ଷଣ ବିଲ୍ଡିଂ କୋଡ୍ ଉପରେ କର୍ମଶାଳା

ଭୁବନେଶ୍ୱର,୩୧।୮ (ଅନୁରାଧା ମହାରଣା)

ଓଡ଼ିଶା ପ୍ରଯୁକ୍ତି ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର) ପକ୍ଷରୁ 'ଊର୍ଜା ସଂରକ୍ଷଣ ବିଲ୍ଡିଂ କୋଡ୍' ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଘରୋଇ ବିଦ୍ୟୁତ୍ ଖର୍ଚ୍ଚ କ୍ଷେତ୍ରରେ ଊର୍ଜା ସଂରକ୍ଷଣର ପ୍ରଭାବ ଉପରେ ଆଲୋଚନା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱରର ଇଆଇସି-କମ୍-ପ୍ରିନ୍ସିପାଲ ଚିଫ୍ ଇଲେକ୍ଟ୍ରିକାଲ ଇନ୍ସପେକ୍ଟର ଇଂ. ପି.ଏମ୍. ମିଶ୍ର ଯୋଗଦେଇଥିଲେ। ଡିନ୍ ତଥା ଏସ୍‌ଆର୍‌ଆଇସି ଆଣ୍ଡ୍ ଇଲେକ୍ଟ୍ରିକାଲ ସାଇନ୍ସେସ୍ ବିଭାଗର ମୁଖ୍ୟ ପ୍ରଫେସର ଲୋକନାଥ ତ୍ରିପାଠୀ ଉପସ୍ଥିତ ଥିଲେ। ବିଭାଗର ପ୍ରଫେସର ଶାନ୍ତନୁ ସେନ୍ ସଂଯୋଜନା କରିଥିଲେ। ପରେ ଆୟୋଜିତ ବୈଷୟିକ ଅଧିବେଶନଗୁଡ଼ିକରେ ଊର୍ଜା ସଂରକ୍ଷଣର ଗୁରୁତ୍ୱ ଏବଂ ପଦକ୍ଷେପର ବ୍ୟବହାରିକ ପ୍ରୟୋଗ ସମ୍ପର୍କରେ ଆଲୋଚନା ହୋଇଥିଲା।

# ମନମୋହିଲା ଗୋଟିପୁଅ ନୃତ୍ୟ


ଶିଳ୍ପୀମାନେ ଗୋଟିପୁଅ ନୃତ୍ୟ ପରିବେଷଣ କରୁଛନ୍ତି।

ଭୁବନେଶ୍ୱର, ୩୧।୮ (ସୌମ୍ୟରଞ୍ଜନ ରାଉତ)

ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଆୟୋଜିତ ରାଜ୍ୟସ୍ତରୀୟ ଗୋଟିପୁଅ ନୃତ୍ୟ ମହୋତ୍ସବର ରବିବାର ଥିଲା ଦ୍ୱିତୀୟ ଦିବସ। ଅତିଥି ଭାବେ ପଦ୍ମଶ୍ରୀ ଶ୍ୟାମାମଣୀ ଦେବୀ, ପଦ୍ମଶ୍ରୀ ପ୍ରିୟମ୍ବଦା ହେଜମାଦୀ, ନୃତ୍ୟଶିଳ୍ପୀ ସିକତା ଦାସ, ଗବେଷକ କୀର୍ତ୍ତନ ନାରାୟଣ ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ 'ଗୋଟିପୁଅର ଉଦ୍‌ଗମ ଓ ବିକାଶ' ଶୀର୍ଷକକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପରେ ଗୋଟିପୁଅ ନୃତ୍ୟ ମାଧ୍ୟମରେ ଗୁରୁ ବନ୍ଦନା, ମଙ୍ଗଳାଚରଣ, ଦଶାବତାର, ବନ୍ଧନୃତ୍ୟ ସହ ପଞ୍ଚଦେବ ସ୍ତୁତି ପ୍ରଦର୍ଶନ ପ୍ରମୁଖ ଆକର୍ଷଣ ରହିଥିଲା। ଆରାଧନା ଡ୍ୟାନ୍ସ ଏକାଡେମୀ, ଗୁରୁ ମାଗୁଣି ଜେନା ଗୋଟିପୁଅ ନୃତ୍ୟ ପରିଷଦ, ଜୟଦେବ ଗୋଟିପୁଅ ଓଡ଼ିଶୀ ନୃତ୍ୟ ପ୍ରତିଷ୍ଠାନ, ଶିବ ପାର୍ବତୀ ଗୋଟିପୁଅ ଓଡ଼ିଶୀ ନୃତ୍ୟ ପରିଷଦ, ଜୟ ମା ସିଂହବାହିନୀ, ସୃଷ୍ଟି ଫାଉଣ୍ଡେଶନ ଟ୍ରଷ୍ଟ, ନାରାୟଣୀ ଗୋଟିପୁଅ କଳା ପରିଷଦର ଶିଳ୍ପୀମାନେ ଗୋଟିପୁଅ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉପନିର୍ଦ୍ଦେଶକ ତଥା ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଶୁଚିସ୍ମିତା ମନ୍ତ୍ରୀ ପରିଚାଳନା କରିଥିଲେ।

# ରୁକୁଣା ରଥ କାଳିଶିଙ୍କ ପରଲୋକ

ପୁରୁଣା ଭୁବନେଶ୍ୱର, ୩୧।୮ (ସୁବାସ ଚନ୍ଦ୍ର ପ୍ରଧାନ)

ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ସେବାୟତ ତଥା ରୁକୁଣା ରଥ କାଳିଶି ନୃସିଂହ ଖୁଣ୍ଟିଆଙ୍କ ରବିବାର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୪ବର୍ଷ ହୋଇଥିଲା। ନୃସିଂହ କିଛିଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥଲେ। ଚିକିତ୍ସା ନିମନ୍ତେ ପରିବାର ଲୋକ ତାଙ୍କୁ ନିକଟସ୍ଥ ବିଏମ୍‌ସି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ହେଲେ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ସୁଧାର ଆସି ନ ଥିଲା। ଫଳରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତଦେହ ତାରାସୁନ୍ଦରୀ ରୋଡ଼ସ୍ଥିତ ବାସଭବନରେ ପହଞ୍ଚିବା ପରେ ବହୁ ସେବାୟତ ଓ ସ୍ଥାନୀୟ ଜନପ୍ରତିନିଧି ପହଞ୍ଚି ଶେଷ ଦର୍ଶନ କରିଥିଲେ।

ସୂଚନାଯୋଗ୍ୟ, ନୃସିଂହ ଦୀର୍ଘ ୪୫ ବର୍ଷ ଧରି ରୁକୁଣା ରଥ ଡାହୁକ ତଥା କାଳିଶି ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ତାଙ୍କ ବିୟୋଗରେ ଏକାମ୍ର ବିଧାୟକ ବାବୁ ସିଂ, ଏକାମ୍ର ବରିଷ୍ଠ ନାଗରିକ ଉପଦେଷ୍ଟା ରାଜେନ୍ଦ୍ର ସମର୍ଥା, କ୍ଷେତ୍ରବାସୀ ବ୍ରାହ୍ମଣ ନିଯୋଗ ସେବାୟତ ଗୌରୀ ଶଙ୍କର ଶତପଥୀ, ବ୍ରାହ୍ମଣ ନିଯୋଗ ସେବାୟତ ବିରଞ୍ଚି ନାରାୟଣ ପତି ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# ପରମାନନ୍ଦଙ୍କ ଗବେଷଣା ଓଡ଼ିଶା ଇତିହାସକୁ ଋଦ୍ଧିମନ୍ତ କରିଛି



ଭୁବନେଶ୍ୱର, ୩୧।୮ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଶାର ସଂସ୍କୃତି ଓ ଇତିହାସ କ୍ଷେତ୍ରରେ ଐତିହାସିକ ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟଙ୍କ ଅବଦାନକୁ ନେଇ ଏକ ଆଲୋଚନାଚକ୍ର ରବିବାର ରାଜ୍ୟ ସଂଗ୍ରହାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବରେଣ୍ୟ ଅତିଥି ଭବେ ନୂଆପଡ଼ା ଜିଲାପାଳ ମଧୁସୂଦନ ଦାଶ ଯୋଗଦେଇ କହିଲେ, ପରମାନନ୍ଦଙ୍କ ଉଚ୍ଚକୋଟିର ଗବେଷଣା ଓଡ଼ିଶା ଇତିହାସକୁ ଋଦ୍ଧିମନ୍ତ କରିବା ସହ ରାଜ୍ୟ ପ୍ରତ୍ନତାତ୍ତ୍ୱିକ ଇତିହାସରେ ସେ ଏକ ନୂତନ ଅଧ୍ୟାୟ ଯୋଡ଼ିଛନ୍ତି। ସମ୍ମାନିତ ଅତିଥି ଭାବରେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ସଞ୍ଜୟ ଆଚାର୍ଯ୍ୟ କହିଲେ, ପରମାନନ୍ଦ ବ୍ରହ୍ମେଶ୍ୱର, ମେଘେଶ୍ୱର ଅନନ୍ତବାସୁଦେବ ମନ୍ଦିର ସମ୍ବନ୍ଧରେ ନୂତନ ତଥ୍ୟ ପ୍ରଦାନ କରିଛନ୍ତି। ନିଜ ପ୍ରଜ୍ଞା ଓ ଅବବୋଧ ପ୍ରୟୋଗକରି ଖିଚିଙ୍ଗର କିଚକେଶ୍ୱରୀ ମନ୍ଦିରର ପୁନଃ ସଂଗଠନ କରିପାରିଥିଲେ ବୋଲି ସେ କହିଛନ୍ତି। ମୁଖ୍ୟବକ୍ତା ଭାବରେ ସଂଗ୍ରହାଳୟର ପୂର୍ବତନ ଅଧୀକ୍ଷକ ଡ. ଜୟନ୍ତୀ ରଥ ଯୋଗଦେଇ କହିଲେ, ପରମାନନ୍ଦ ଆଜୀବନ ଓଡ଼ିଶାର ଲୁପ୍ତ ଅତୀତକୁ ବିଜ୍ଞାନ ସମ୍ମତ ଭିତ୍ତି ଉପରେ ପ୍ରତିଷ୍ଠିତ କରିବାକୁ ପ୍ରୟାସ କରିଥିଲେ। ତାଙ୍କ ଲେଖାରେ କଳା, ବିଜ୍ଞାନ, ଇତିହାସ ଏବଂ ଭୂଗୋଳର ଅପୂର୍ବ ସମନ୍ୱୟ ଦେଖିବାକୁ ମିଳେ। ସେ ବହୁ ଗବେଷଣାମୂଳକ ପୁସ୍ତକ ରଚନା କରିଛନ୍ତି, ଯାହା ପ୍ରତ୍ୟେକ ପାଠକ ଓ ଗବେଷକଙ୍କୁ ଗବେଷଣାମୂଳକ କାର୍ଯ୍ୟରେ ସହାୟକ ହୋଇଥାଏ। ଇତିହାସ ପ୍ରତି ଅବଦାନ ପାଇଁ ୧୯୬୪ ମସିହାରେ ଭାରତ ସରକାର ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରିଥିଲେ ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ବକ୍ତା ଭାବେ ଜାତୀୟ ଅଭିଲେଖାଗାରର ସହାୟକ ନିର୍ଦ୍ଦେଶକ ଡ. ସତ୍ୟନାରାୟଣ ମିଶ୍ର ବିଭିନ୍ନ ପ୍ରତ୍ନତାତ୍ତ୍ୱିକ ଅବଶେଷର ସୁରକ୍ଷା ପାଇଁ ପରମାନନ୍ଦ ଆବଶ୍ୟକ ପଦକ୍ଷେପ ନେଇଥିଲେ। ବିଜ୍ଞାନର ଛାତ୍ର ହୋଇ ମଧ୍ୟ ଇତିହାସ ପ୍ରତି ତାଙ୍କ ଭଲପାଇବା ଓ ଅବଦାନ ଯୁଗ ଯୁଗ ଧରି ପ୍ରତ୍ୟେକ ଇତିହାସ ପ୍ରେମୀଙ୍କୁ ଆକୃଷ୍ଟ କରି ରଖିପାରିଛି। ଏଥିଲାଗି ତାଙ୍କ ନାମ ଇତିହାସ ପୃଷ୍ଠାରେ ଲିପିବଦ୍ଧ ହୋଇ ରହିବ ବୋଲି ସେ କହିଛନ୍ତି। ସଂଗ୍ରହାଳୟ ଅଧୀକ୍ଷକ ଡ. ଭାରତୀ ପାଲ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶ୍ରୀମହାଭାସ୍କରଙ୍କ ପ୍ରତିଷ୍ଠା ପୂର୍ବରୁ ସାମନ୍ତରାପୁର ଗାଁ ଦାନ ଦେଇଥିଲେ ଶିବେଇ ସାମନ୍ତରା

ଡ. ସୁରେନ୍ଦ୍ର କୁମାର ମିଶ୍ର

ଐତିହ୍ୟର ଓଡ଼ିଶା

**ଶ୍ରୀରାମଚନ୍ଦ୍ରଙ୍କ ବିବାହ ଉତ୍ସବ ବିଗ୍ରହ ଭାରତରେ ବିରଳ**

**ବିବାହ ଉତ୍ସବ ବିଗ୍ରହ ନିର୍ମାଣ ପାଇଁ ଶିବେଇ ସାମନ୍ତରା ଦେଇଥିଲେ ସୁବର୍ଣ୍ଣ କୁଣ୍ଡଳ**

ପୂର୍ବ ସଂଖ୍ୟାରେ ଆମେ ଅର୍କକ୍ଷେତ୍ରର ପଞ୍ଚତୀର୍ଥ ପ୍ରସଙ୍ଗ ଅବତାରଣା କରିଥିଲୁ। ପଞ୍ଚତୀର୍ଥର ମହତ୍ୱ ଶ୍ରୀସୂର୍ଯ୍ୟଙ୍କ ଉପାସନା କାଳରେ ଗୁରୁତ୍ୱପୂର୍ଣ୍ଣ ଥିଲା। ଐତିହ୍ୟର ଅବକ୍ଷୟ ପରେ ପୂଜା ବନ୍ଦ ହୋଇଯାଇଛି। ନା ଐତିହ୍ୟକୁ ଆମେ ସଜାଡ଼ିବାରେ ସକ୍ଷମ ହୋଇଛୁ ନା ସ୍ଥାନାନ୍ତରିତ ହୋଇଥିବା ଶ୍ରୀସୂର୍ଯ୍ୟଙ୍କ ବିଗ୍ରହଙ୍କୁ ଫେରେଇ ଆଣି ପୂଜା ପ୍ରଚଳନ କରାଇପାରିଛୁ। ଆଉ କିଛି ବର୍ଷ ପରେ ଏହି ବିଡ଼ମ୍ବନାକୁ ୫୦୦ ବର୍ଷ ପୂରିଯିବ। ପଞ୍ଚତୀର୍ଥ ମଧ୍ୟରୁ ମହୋଦଧି ଓ ଚନ୍ଦ୍ରଭାଗାକୁ ଆମେ ସଭିଏଁ ଦେଖୁଛେ। ଆଉ ତିନୋଟି ତୀର୍ଥ ହଜିଯିବାକୁ ବସିଛି। ପୁନରୁଦ୍ଧାର କଥା ଭୁଲିଯାଇଛୁ। ତୀର୍ଥକୁ ପରିକ୍ରମା ମାର୍ଗ ଅନ୍ତର୍ଭୁକ୍ତ କରିବା କଥା ତ ବହୁ ଦୂରରେ ଅଛି!

କୋଣାଦିତ୍ୟକୁ ଚଳଚଞ୍ଚଳ କରେଇବା ଆମ ସଭିଙ୍କର ଦାୟିତ୍ୱ। ଐତିହ୍ୟ ବିକାଶ କାଳଖଣ୍ଡରେ ତାହା ଯଦି ହୋଇ ନ ପାରିବ, ଭବିଷ୍ୟତରେ ପଦ୍ମ ଘୁଞ୍ଚି ଘୁଞ୍ଚି ଯିବ। କି ଉତ୍ସାହ... କି ଉଦ୍ଦୀପନା... ସେତେବେଳେ ଓଡ଼ିଆଙ୍କର ଥିଲା। ଅଭିଷେକ କାର୍ଯ୍ୟ ଆରମ୍ଭ ପୂର୍ବରୁ ଗଜପତି ମହାରାଜା ସେବା ପାଇଁ 'ସେବାୟତ'ଙ୍କ ମୁଣ୍ଡରେ ଶାଢ଼ି ବାନ୍ଧି ସାରିଥିଲେ। କୋଡ଼ିଏ ଜଣ 'ସୁଆର' ସେବାୟତଙ୍କୁ ଶାଢ଼ି ବନ୍ଧା ଯାଇଥିଲା। ସେମାନଙ୍କର ପ୍ରଥମ ସେବା ଥିଲା ପୂଜାଦ୍ରବ୍ୟକୁ 'ନ୍ୟାସ ମଣ୍ଡପ'କୁ ନେବା ଆଣିବା କରିବା।

ସେବା ଆରମ୍ଭ ପୂର୍ବରୁ ମାଧବପୁରରେ ଡିହବାଡ଼ି ଯୋଗାଇ ଦେଇଥିଲେ। ସେଇ ମାଧବପୁର ଏବେ 'ମାଧିପୁର' ନାମରେ


କୋଣାର୍କ ସଂଗ୍ରହାଳୟରେ ଥିବା ଶ୍ରୀରାମଚନ୍ଦ୍ରଙ୍କ ବିବାହୋତ୍ସବ ବିଗ୍ରହ, ଭାରତରେ ଅନନ୍ୟ ତଥା ବିରଳ ଏହି ବିଗ୍ରହ ମଝିରେ ଗୁରୁ ମହର୍ଷି ବଶିଷ୍ଠ, ବାମପଟେ ମହାରାଜା ଦଶରଥ, ଡାହାଣ ପଟେ ଶ୍ରୀଲକ୍ଷ୍ମଣ ଏବଂ ତଳେ ଉତ୍ସବର ନୃତ୍ୟବାଦ୍ୟ ଦୃଶ୍ୟ।

ପରିଚିତ। ଗୋଟିଏ ଗୋଟିଏ ଅନୁଷ୍ଠାନବେଳେ ଗୋଟିଏ ଗୋଟିଏ ସ୍ମରଣୀୟ ଘଟଣା ଘଟି ଚାଲିଥିଲା। ତାହା ହିଁ ଆମ ସହଯୋଗିତାର ସ୍ମରଣୀୟ ଉଦାହରଣ। ଗାଁର ନାମକରଣ କଲେ ମହାରଣା ସମାଜ। ନାଁ ଦେଲେ ସାମନ୍ତରାୟପୁର। ଗାଁ ବସିବା ପାଇଁ ଜମିଦେବା ପରେ ପଦ୍ମଚିହ୍ନ ଥିବା ୨୭ ମାଢ଼ ସୁନା ଦେଇଥିଲେ। ଶ୍ରୀପଦ୍ମକେଶର ମନ୍ଦିରର ଉତ୍ତର-ପୂର୍ବ ଦିଗରେ ଏହି ଗାଁ ବସିଥିଲା।

ଏହାପରେ ଶ୍ରୀମହାଭାସ୍କର ପ୍ରତିଷ୍ଠା ମଣ୍ଡପକୁ ବିଜେ କରି ସିଂହାସନ ପିଣ୍ଡିରେ ବସିଥିଲେ। ଅନୁଷ୍ଠାନ ଆରମ୍ଭ ପୂର୍ବରୁ ଶିଳ୍ପୀ ଗଦାଧର ମହାପାତ୍ରଙ୍କୁ ଖୋଜିଲେ ଶିବେଇ ସାମନ୍ତରା। କହିଲେ, ତମେ ନିର୍ମାଣ କରୁଥିଲ- ଶ୍ରୀରାମଚନ୍ଦ୍ରଙ୍କ ବିବାହ ଉତ୍ସବର ବିଗ୍ରହ। ଆଣିବା ବ୍ୟବସ୍ଥା ହେଉ। ନିଶାତଳ ପୀଠ ଅର୍ଥାତ୍ ନିଶା ମନ୍ଦିର ମୂଳ ପ୍ରଦେଶରେ ସେଇ ବିଗ୍ରହଙ୍କୁ ଖଞ୍ଜାଯିବ। ଯେତେବେଳେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ବିବାହ- ଉତ୍ସବର ବିଗ୍ରହ ଦେଖିଲେ ଶିବେଇ ସାମନ୍ତରା, ଖୁସି ହୋଇଗଲେ। ଦଣ୍ଡେ ଅଟକିଗଲେ, ଗଦା ମହାପାତ୍ରେ ତ ପାଉଣା ନେବେ। ମାତ୍ର ଏ କଳାକୃତିର ପଟାନ୍ତର ନାହିଁ... ଏଥିପାଇଁ ଦୁଇ ତୋଳାର ଦୁଇଟି କୁଣ୍ଡଳ ଉପହାର ଦିଆଯାଉ ଗଦାଧରଙ୍କୁ। ସୂତ୍ରଧର ଶିବେଇଙ୍କର କଥା ହିଁ ଆଦେଶ ଭାବରେ ପାଳନ ହେଉଥିଲା। ଭଣ୍ଡାରରୁ ସୁବର୍ଣ୍ଣ କୁଣ୍ଡଳ ଆସିଲା... ଗଦାଧରଙ୍କୁ ନିଜ ହାତରେ ସେ ଦେଲେ। ଏହା ଥିଲା ମନ୍ଦିର ନିର୍ମାଣ ଇତିହାସରେ ସେ କାଳଖଣ୍ଡରେ ପ୍ରଥମ ଘଟଣା। ସେ ପର୍ଯ୍ୟନ୍ତ ପାଉଣା ବାଦ୍ ବସ୍ତ୍ରଠାରୁ ଆରମ୍ଭ କରି କଉଡ଼ି ପୁରସ୍କାର ଦିଆଯାଇଥିଲା। ସୁବର୍ଣ୍ଣ କୁଣ୍ଡଳ ପୁରସ୍କାର ଆଜି ବି ଇତିହାସରେ ସ୍ମରଣୀୟ।

ଆମେ ଜାଣିଛେ ଶ୍ରୀରାମଚନ୍ଦ୍ରଙ୍କର ଅଭିଷେକ ଉତ୍ସବ ହୋଇଥିଲା ଅଯୋଧ୍ୟାରେ। ସେଇ ଅଭିଷେକ ଉତ୍ସବର ଅବିକଳ ବେଶ ଓଡ଼ିଶାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ରତ୍ନସିଂହାସନ ଉପରେ ବହୁ କାଳରୁ ଅନୁଷ୍ଠିତ ହୋଇଆସୁଥିଲା। କୁହାଯାଏ- ଶ୍ରୀରାମାଭିଷେକ ବେଶ। ମନେହୁଏ ଏଇ ଅଭିଷେକ ବେଶର ପ୍ରଚଳନ ଏକ ଅଭିନବ ଉଦାହରଣ ଶ୍ରୀମନ୍ଦିରରେ। ଭାରତରେ ପ୍ରାୟ ବିରଳ। ତଥାପି ୧୯୦୫ ମସିହା ପରେ ଆଉ ଏଇ ବେଶ ଶ୍ରୀମନ୍ଦିରରେ କରିବାକୁ ଆମେ ସକ୍ଷମ ହୋଇ ନାହୁଁ। ଶ୍ରୀମନ୍ଦିରରେ ଅନୁଷ୍ଠିତ ହେଉଥିବା ବେଶର ଅବିକଳ ଭାସ୍କର୍ଯ୍ୟ ପୁରୀର ଶ୍ରୀଶଙ୍କରାନନ୍ଦ ମଠ କାନ୍ଥରେ ଆଜି ବି ବିଦ୍ୟମାନ। ଶାସ୍ତ୍ର ବର୍ଣ୍ଣନା ଅନୁଯାୟୀ ଓଲମବିଲମ ବିଲ୍‌କୁଲ ନାହିଁ। ଶ୍ରୀରାମଙ୍କ ପାଦ ତଳେ ବିଜେ କରିଛନ୍ତି ଶ୍ରୀହନୁମାନ। ଅନନ୍ୟ ରହସ୍ୟମୟ ନିଦର୍ଶନ।

# ‘ଖୋର୍ଦ୍ଧାକୁ ସ୍ମାର୍ଟ ସହର ଭାବେ ଗଢ଼ାଯିବ’



କାର୍ଯ୍ୟକ୍ରମରେ ଅତିଥିମାନଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ।

## ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳିତ

- ଖୋର୍ଦ୍ଧାଗଡ଼ ପୁନରୁଦ୍ଧାର, ବରୁଣେଇର ସୌନ୍ଦର୍ଯ୍ୟକରଣ ହେବ
- ମଲ୍ଟି ପର୍ପଜ ହଲ୍ ଲୋକାର୍ପିତ, ବିଭିନ୍ନ ପ୍ରତିଭା ସମ୍ବର୍ଦ୍ଧିତ

ଖୋର୍ଦ୍ଧା,୩୧।୮ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ପୌରପାଳିକା ଆନୁକୂଲ୍ୟରେ ୭୬ତମ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ରବିବାର ଜୟୀରାଜଗୁରୁ ଟାଉନ ହଲରେ ପାଳିତ ହୋଇଯାଇଛି। ଏଥିରେ ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି ପୌରୋହିତ୍ୟ କରିଥିଲେ। ସହରର ବିକାଶ କ୍ଷେତ୍ରରେ ସେ ସହରବାସୀଙ୍କ ସହଯୋଗ ଓ ସହଭାଗିତା ଲୋଡ଼ିଥିଲେ।
ଏହି ଅବସରରେ ଆଭାସିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଖୋର୍ଦ୍ଧା ପୌର ପରିଷଦ ଅନ୍ତର୍ଗତ ୩ ନମ୍ବର ୱାର୍ଡ ଜେମାଦେଈ ଏବଂ ୪ ନମ୍ବର ୱାର୍ଡ ଗଡ଼ଖୋର୍ଦ୍ଧାଠାରେ ମଲ୍ଟି ପର୍ପଜ ହଲ ଲୋକାର୍ପଣ ହୋଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଯୋଗଦେଇ କହିଲେ ଯେ, ଖୋର୍ଦ୍ଧାଗଡ଼ର ପୁନରୁଦ୍ଧାର, ବରୁଣେଇର ସୌନ୍ଦର୍ଯ୍ୟକରଣ ସହ ଏହି ପର୍ଯ୍ୟଟନ କ୍ଷେତ୍ରର ବିକାଶ କରାଯିବ। ଖୋର୍ଦ୍ଧାକୁ ଏକ ସ୍ମାର୍ଟ ସହର ଭାବେ ଗଢ଼ାଯିବାକୁ ଯୋଜନା ରହିଛି। ଶିଳ୍ପ ଅଭିବୃଦ୍ଧି, ସହରରେ ଅତ୍ୟାଧୁନିକ ମାର୍କେଟ କମ୍ପ୍ଲେକ୍ସ ଓ ଗୁରୁଜଙ୍ଗରେ ସାଇନ୍ସ ପାର୍କ ପ୍ରତିଷ୍ଠା, ବିଦ୍ୟାଳୟଠୁ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଭିତ୍ତିଭୂମି ବିକାଶ, ବସ୍ତିବାସିନ୍ଦାଙ୍କୁ ପକ୍କାଗୃହ ଯୋଗାଣ, ଜିଲା ମୁଖ୍ୟ ଚିକିତ୍ସାଳୟ ଭିତ୍ତିଭୂମି ବିକାଶ ସହ ମେଡିକାଲ କଲେଜ ପ୍ରତିଷ୍ଠା, ଖୋର୍ଦ୍ଧା ଐତିହ୍ୟକୁ ନେଇ ସହର ସୌନ୍ଦର୍ଯ୍ୟକରଣ, ପାଇକଙ୍କ ସ୍ମୃତିରେ ତୋରଣ ନିର୍ମାଣ ଲକ୍ଷ୍ୟ ରହିଛି ବୋଲି ଜଗଦ୍ଦେବ ସୂଚନା ଦେଇଥିଲେ।
ପୌର ନିର୍ବାହୀ ଅଧିକାରୀ ରିଜୱାନ କଅକବ ସ୍ୱାଗତ ଭାଷଣରେ ପୌର ପରିଷଦର ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ କହିଥିଲେ। ସହରର ସ୍ୱଚ୍ଛତାକୁ ପ୍ରାଥମିକତା ଦିଆଯାଉଛି। ଡ୍ରେନେଜ ଓ ପରିମଳ ସୁଧାର, ସହରକୁ ଜଳବନ୍ଦୀ ମୁକ୍ତ ପାଇଁ ମାଷ୍ଟର ଡ୍ରେନେଜ ପ୍ଲାନ ପ୍ରସ୍ତୁତ ଚାଲିଛି। ଘରୁ ବାହାରୁଥିବା ଆବର୍ଜନା ଏଣେତେଣେ ନ ପକାଇ ଅଳିଆ ଗାଡ଼ିରେ ଦେବାକୁ ସେ ସହରବାସୀଙ୍କୁ ନିବେଦନ କରିଛନ୍ତି। ପୌର ଉପାଧକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିବାବେଳେ ଶ୍ରୀକାନ୍ତ ନାୟକ ମଞ୍ଚ ପରିଚାଳନା କରିଥିଲେ। ପୂର୍ବାହ୍ନ ୯ଟାରେ ପୌରପରିଷଦ କାର୍ଯ୍ୟାଳୟରେ ପତାକା ଉତ୍ତୋଳନ ପରେ ମେଡିକାଲରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଅପରାହ୍ନରେ ପୌର ପରିଷଦର ବିଭିନ୍ନ ଜନକଲ୍ୟାଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ଓ ଉଦ୍‌ଘାଟନ କରାଯାଇଛି। ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାର ସମେତ ସାହିତ୍ୟ, ସମାଜସେବା, ସାମ୍ବାଦିକତା, କଳା, ସଂସ୍କୃତି ପ୍ରଭୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ପୌର ପରିଷଦ କର୍ମଚାରୀଙ୍କୁ ନେଇ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ ଭତ୍ତା ଓ କାର୍ଯ୍ୟାଦେଶ ବଣ୍ଟନ ସହ ପରିଷଦ ଓ ବିଭିନ୍ନ ବିଭାଗର ଶ୍ରେଷ୍ଠ କର୍ମଚାରୀମାନଙ୍କୁ ପୁରସ୍କୃତ କରାଯାଇଛି। ଉତ୍ସବରେ ସମସ୍ତ କାଉନସିଲର, ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକ ପ୍ରମୁଖ ଉପସ୍ଥିତ ଥିଲେ।

# ବାଣପୁର ଏନ୍‌ଏସି ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ



କାର୍ଯ୍ୟକ୍ରମରେ ଅତିଥି ଓ ଅନ୍ୟମାନେ।

ବାଣପୁର,୩୧।୮ (ଦିଲୀପ କୁମାର ସ୍ୱାଇଁ)

ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦରେ ରବିବାର ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ପରିଷଦ କାର୍ଯ୍ୟାଳୟ ପରିସରରେ ନଗରପାଳ ମିଟୁ ନାୟକ ପତାକା ଉତ୍ତୋଳନ କରିଥିବାବେଳେ ଉପନଗରପାଳ ପ୍ରାଚୀପ୍ରଭା ସ୍ୱାଇଁ, କାର୍ଯ୍ୟନିର୍ବାହୀ ଅଧିକାରୀ ନିଗମାନନ୍ଦ ନନ୍ଦଙ୍କ ସମେତ ସମସ୍ତ କାଉନସିଲର ଓ କର୍ମଚାରୀ ଉପସ୍ଥିତ ଥିଲେ। ସ୍ଥାନୀୟ ଅଞ୍ଚଳର ଛାତ୍ରୀଛାତ୍ର ରାମଧୁନ ସହ ନଗର ପରିକ୍ରମା କରିଥିଲେ। ପରେ କାର୍ଯ୍ୟାଳୟ ନିକଟସ୍ଥ ପଣ୍ଡିତ ଗୋଦାବରୀଶ ମିଶ୍ର ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ମଧ୍ୟାହ୍ନରେ ଡାକ୍ତରଖାନା ଏବଂ ବିଦ୍ୟାଳୟରେ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଏହି ଅବସରରେ ନିକଟସ୍ଥ ବେଙ୍ଗରାଜ ପଲ୍ଲୀରେ ୧କୋଟି ୭୭ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ସମ୍ପ୍ରସାରିତ ମଳ ଉପଚାର କେନ୍ଦ୍ରକୁ ଲୋକାର୍ପଣ କରାଯାଇଥିବା ବେଳେ ଗାଲୁଆ ଛକ ନିକଟରେ ବିଭିନ୍ନ ଚାରା ରୋପଣ କରାଯାଇଥିଲା।

# ଖଣିରେ ଚଢ଼ାଉ: ଜେସିବି ଓ ଟ୍ରାକ୍ଟର ଜବତ, ୨ ଗିରଫ

ଟାଙ୍ଗୀ,୩୧।୮ (ରଘୁନାଥ ସାହୁ)

ଚାନ୍ଦପୁର ଥାନା ଅନ୍ତର୍ଗତ ପଟିଆ ଅଞ୍ଚଳରେ ଥିବା ଏକ ବେଆଇନ ଖଣିରେ ପୋଲିସ ଚଢ଼ାଉ କରି ଗୋଟିଏ ଜେସିବି, ଗୋଟିଏ ଟ୍ରାକ୍ଟର ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ବିଶେଷ ସୂତ୍ରରୁ ଖବର ପାଇ ଥାନା ଅଧିକାରୀ ଦିଲୀପ କୁମାର ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ସଞ୍ଜୟ କୁମାର ପରିଡା, ଏଏସ୍‌ଆଇ ଆର୍ତ୍ତତ୍ରାଣ ବେହେରାଙ୍କ ସମେତ ପୋଲିସ୍ ଫୋର୍ସ ପଟିଆ ଅଞ୍ଚଳରେ ଥିବା ବେଆଇନ ମାଙ୍କଡ଼ା ଖଣିରେ ଚଢ଼ାଉ କରିଥିଲା। ସେମାନେ ମାଙ୍କଡ଼ା ପଥର ସହ ମୋରମ ଭର୍ତ୍ତି ଏକ ଟ୍ରାକ୍ଟର (ଓଆର୍ ୧୭ ଏଫ୍ ୭୬୨୨) ଓ ଗୋଟିଏ ଜେସିବି (ଓଡି ୩୩ ଏଏଲ୍-୩୭୫୦)କୁ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଟାଙ୍ଗୀ ଥାନା ଅନ୍ତର୍ଗତ ବଡ଼ପାରୀ ଗ୍ରାମ ପାଟଣାସାହିର ସୁକାନ୍ତ ବିଶ୍ୱାଳ ଓ ସଞ୍ଜୟ ସ୍ୱାଇଁ। ଏ ନେଇ ଚାନ୍ଦପୁର ଥାନାରେ ଏକ କେସ୍ (ନଂ. ୧୬୩/୨୫) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ସ୍ୱାଇଁ ସୂଚନା ଦେଇଛନ୍ତି।

# ଉନ୍ନତିମୂଳକ କାର୍ଯ୍ୟ, ମାର୍କେଟ କମ୍ପ୍ଲେକ୍ସର ଭିତ୍ତିପ୍ରସ୍ତର

## ଜଟଣୀରେ ସ୍ୱାୟତ୍ତ ଶାସନ ଦିବସ ପାଳିତ

ଜଟଣୀ,୩୧।୮ (ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌର ପରିଷଦ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ରବିବାର ପାଳିତ ହୋଇଯାଇଛି। ପୌରାଞ୍ଚଳରେ ପ୍ରତ୍ୟୁଷରେ ରାମଧୁନ ପରିବେଷଣ ସହିତ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟାଯାଇଥିଲା। ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ପୌରାଧ୍ୟକ୍ଷ ଅନନ୍ତ ବେହେରା ଜାତୀୟପତାକା ଉତ୍ତୋଳନ କରିଥିଲେ। ବିଭିନ୍ନ ୱାର୍ଡରେ ଉନ୍ନତିମୂଳକ କାର୍ଯ୍ୟର ଶୁଭାରମ୍ଭ ସହ ମିନାବଜାର ପଡ଼ିଆରେ ବ୍ୟବସାୟୀଙ୍କ ପାଇଁ ନିର୍ମାଣ ହେବାକୁ ଥିବା ମାର୍କେଟ କମ୍ପ୍ଲେକ୍ସର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଉତ୍ତରାୟଣୀ କ୍ଲବ ପରିସରରେ ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସର ସିଧା ପ୍ରସାରଣ ବ୍ୟବସ୍ଥା ହୋଇଥିଲା। ସଭାରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଆକୃତି ଗୋଏଙ୍କା, ନଗରପାଳ ଅନନ୍ତ ବେହେରା, ଏମ୍‌ପି ପ୍ରତିନିଧି ସତୀଶ ଶର୍ମାଙ୍କ ସହିତ ପୌର ପରିଷଦର କର୍ମଚାରୀ, ସ୍ୱଚ୍ଛସାଥି, ସୁପରଭାଇଜର ଏବଂ ମହିଳା ଗୋଷ୍ଠୀ ଉପସ୍ଥିତ ଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟାରେ ଟାଉନ ହଲ (ସ୍ରଷ୍ଟା)ରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



ଜଣେ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଦର୍ଶକଙ୍କୁ ବିମୋହିତ କଲା ସାଂସ୍କୃତିକ କାର୍ଯ୍ୟକ୍ରମ



ଜଙ୍କିଆ ପଲ୍ଲୀ ଉତ୍ସବର ପଞ୍ଚମ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।

## ଜଙ୍କିଆ ପଲ୍ଲୀ ଉତ୍ସବର ପଞ୍ଚମ ସନ୍ଧ୍ୟା

ନିରାକାରପୁର,୩୧।୮ (ମାନସ ଚନ୍ଦ୍ର ପଟ୍ଟନାୟକ)

ଜଙ୍କିଆସ୍ଥିତ ଓଁ ଶ୍ରୀ ଗ୍ରୁପ୍ ପୂଜା କମିଟି ପକ୍ଷରୁ ବାଲିଗାଡ଼ିଆ ଗ୍ରାମ ବାସନ୍ତୀ ପଡ଼ିଆରେ ଜଙ୍କିଆପଲ୍ଲୀ ଉତ୍ସବ ଚାଲିଛି। ଉତ୍ସବର ପଞ୍ଚମ ସନ୍ଧ୍ୟାରେ ରବିବାର ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ମୁଖ୍ୟ ବକ୍ତା ଭାବେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂହ, ଜଙ୍କିଆ ସରପଞ୍ଚ ପଙ୍କଜିନୀ ବଳବନ୍ତରାୟ ଯୋଗଦେଇଥିଲେ। ଅନୁଷ୍ଠାନର ସଭାପତି କୃଷ୍ଣଚନ୍ଦ୍ର ନରେନ୍ଦ୍ର ପୌରୋହିତ୍ୟ କରିଥିବାବେଳେ ସଂଯୋଜକ ବିଶ୍ୱଭୂଷଣ ଛୋଟରାୟ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କମଳେଶ ମହାରଣା ଏବଂ ଅଶ୍ୱିନୀ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। କଳାକାରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବିମୋହିତ କରିଥିଲା। ସାଇଶ୍ରୁତି କଳାକେନ୍ଦ୍ର ଭୁବନେଶ୍ୱରର କଳାକାରଙ୍କ ନିଖୁଣ ଅଭିନୟରେ ଦର୍ଶକ ବାନ୍ଧିହୋଇଯାଇଥିଲେ। କଳାକାରମାନେ ବରଗଡ଼ର ଶରଗମାଳି ଅନୁଷ୍ଠାନର କଳା ନୈପୁଣ୍ୟରେ ଦର୍ଶକଙ୍କୁ ଆକର୍ଷିତ କରିଥିଲେ। ପରେ ଏମ୍‌ଏମ୍ ଡ୍ୟାନ୍ସ ଏକାଡେମୀ ଭୁବନେଶ୍ୱରର କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ଓଁ ଶ୍ରୀ ଗ୍ରୁପ୍‌ର ସଂଗ୍ରାମ ପଟ୍ଟନାୟକ ଏବଂ ଅନ୍ୟ ସଭ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଟାଙ୍ଗୀରେ ଖୁସି, ବେଗୁନିଆ-ବୋଲଗଡ଼ରେ ନିରାଶା

## ପ୍ରଶାନ୍ତ ଧନ୍ୟବାଦ ଜଣାଇଲେ, ପ୍ରଦୀପ ଅସନ୍ତୋଷ ଝାଡ଼ିଲେ

ଖୋର୍ଦ୍ଧା,୩୧।୮ (ପ୍ରଭାତ ପାଣିଗ୍ରାହୀ): ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ଅବସରରେ ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂତନ ୧୬ଟି ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା କରିଛନ୍ତି। ଏଥିରେ ଖୋର୍ଦ୍ଧାରୁ ଟାଙ୍ଗୀ ସ୍ଥାନ ପାଇଥିବାବେଳେ ବେଗୁନିଆ ଓ ବୋଲଗଡ଼ ବାଦ୍ ପଡ଼ିଛି। ନୂତନ ଏନ୍‌ଏସି ତାଲିକାରେ ଟାଙ୍ଗୀ ସ୍ଥାନ ପାଇବା ପରେ ଏହି ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ଅନ୍ୟପଟେ ବେଗୁନିଆ ଓ ବୋଲଗଡ଼ରେ ନିରାଶା ଛାଇଯାଇଛି। ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଟାଙ୍ଗୀ ଏନ୍‌ଏସି ଘୋଷଣାକୁ ନେଇ ଖୁସି ବ୍ୟକ୍ତ କରିବା ସହ ମୁଖ୍ୟମନ୍ତ୍ରୀ, ନଗର ଉନ୍ନୟନ ମନ୍ତ୍ରୀ, ଏମ୍‌ପିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଅନ୍ୟପଟେ ବେଗୁନିଆ ବିଧାୟକ ପ୍ରଦୀପ ସାହୁ କ୍ଷୋଭ ପ୍ରକାଶ କରିଛନ୍ତି। ପୂର୍ବ ସରକାର ଏହି ଦୁଇ ଅଞ୍ଚଳକୁ ଏନଏସି ମାନ୍ୟତା ଦେବା ପାଇଁ ଘୋଷଣା କରିଥିଲେ, ଭାଜପା ସରକାର ଏହାକୁ ଅଣଦେଖା କରିଛନ୍ତି। ଏ ସଂକ୍ରାନ୍ତରେ ବିଭାଗୀୟ ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ସହ ସେ ଆଲୋଚନା କରିବେ ବୋଲି ପ୍ରଦୀପ କହିଛନ୍ତି। ପୂର୍ବତନ ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ ମଧ୍ୟ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନ୍‌ଏସି ମାନ୍ୟତା ପାଇଁ ସମସ୍ତ ମାପଦଣ୍ଡ ରହିଥିବା ସତ୍ତ୍ୱେ ଜାଣିଶୁଣି ରାଜନୀତି ଅଭିସନ୍ଧି ରଖି ବେଗୁନିଆକୁ ବାଦ୍ ଦିଆଯାଇଥିବା ସେ ଅଭିଯୋଗ ଆଣିଛନ୍ତି। ଆଗାମୀ ଦିନରେ ପୁଣି ବେଗୁନିଆ ଓ ବୋଲଗଡ଼ରେ ଜନଅସନ୍ତୋଷ ତେଜିବା ଆଶଙ୍କା କରାଯାଉଛି। ପ୍ରଥମ ତାଲିକାରୁ ଏହି ଦୁଇ ଅଞ୍ଚଳ ବାଦ୍ ପଡ଼ିବା ପରେ ବେଗୁନିଆ ଓ ବୋଲଗଡ଼ରେ ଜନ ଆନ୍ଦୋଳନ ହୋଇଥିଲା। ଏନ୍‌ଏସି ମାନ୍ୟତା ଦାବିରେ ୬ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା।

# କାଳିଜାଈଙ୍କୁ ନିମନ୍ତ୍ରଣ କଲେ ମା’ ଭଗବତୀ

## ଦୁର୍ଗୋତ୍ସବ ପାଇଁ ପ୍ରସ୍ତୁତି

ବାଣପୁର,୩୧।୮ (ଦିଲୀପ କୁମାର ସ୍ୱାଇଁ)

ରାଜ୍ୟର ଅନ୍ୟତମ ଶକ୍ତିପୀଠ ବାଣପୁରର ଇଷ୍ଟଦେବୀ ମା’ ଭଗବତୀଙ୍କ ପୀଠରେ ଶାରଦୀୟ ଦୁର୍ଗୋତ୍ସବ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ମା’ ଭଗବତୀ ଦୁର୍ଗୋତ୍ସବ ପାଇଁ ପୂର୍ବରୁ ତିନି ଭଉଣୀଙ୍କୁ ନିମନ୍ତ୍ରଣ କରିଥିବା ବେଳେ ଲଳିତା ସପ୍ତମୀ ଶନିବାର ରାତିରେ ଅନ୍ୟତମ ଭଉଣୀ ଚିଲିକାରେ ଥିବା ମା’ କାଳିଜାଈଙ୍କୁ ନିମନ୍ତ୍ରଣ କରିଛନ୍ତି। ଲଳିତା ସପ୍ତମୀରେ ମା’ଙ୍କ ଚଳନ୍ତି ପ୍ରତିମା ସ୍ତମ୍ଭେଶ୍ୱରୀ କାଠି ଠାକୁରାଣୀ ତାଙ୍କ ସେବାୟତଙ୍କ ସହିତ ଘଣ୍ଟ ଛତା କାହାଳୀ ବାଦ୍ୟବାଦନରେ ପିତ୍ରାଳୟ ଦକ୍ଷେଶ୍ୱର ମନ୍ଦିରରୁ ବାହାରି ବିରାଟ ଥାଟ ପଟୁଆର ବାଜାରୋଶଣିରେ ଜଗନ୍ନାଥପୁର, ବିଶରପାଟଣା, ଅନ୍ତରକିଆରୀ, ଅଲାଇଡିହ, ଗୋପୀନାଥପୁର, ବାଲୁଗାଁ ପାଟଣାସାହି, ଗୁଣ୍ଠୁରୁପୁର, ସାମନ୍ତରାପୁର ଦେଇ ଚିଲିକା କୂଳରେ ପହଞ୍ଚିଥିଲେ। ସେଠାରେ ପୂର୍ବରୁ ପ୍ରସ୍ତୁତ ସୁସଜ୍ଜିତ ନୌକାରେ ମଶାଲଚି, ଘଣ୍ଟୁଆ, କାହାଳିଆ, ପାଳିଆ ମାଳୀ ଓ ପୂଜକ ସାଆନ୍ତଙ୍କ ସହିତ ନିଯୋଗୀ ସେବାୟତଙ୍କୁ ନେଇ ରାତ୍ରିରେ ଚିଲିକାରେ ନୌବିହାର କରିଥିଲେ। ମା’ କାଳିଜାଈଙ୍କ ପୀଠରେ ପାରିକୁଦ ରାଜା ସନ୍ତୋଷ ଚନ୍ଦ୍ର ମାନ୍‌ସିଂ ହରିଶ୍ଚନ୍ଦ୍ର ଓ ସେବାୟତମାନେ ମା’ଙ୍କୁ ଆଳତି, ବନ୍ଦାପନା କରି ଆଜ୍ଞାମାଳକୁ ଗୋଟିଏ ସୁସଜ୍ଜିତ ଆଟିକାରେ ରଖି ଦୀପ ଲଗାଇ ଚିଲିକା ଜଳରେ ଭସାଇ ଦେଇଥିଲେ। ଚିଲିକା ଢେଉରେ ଆଜ୍ଞାମାଳ ସହ ଆଟିକା ଭାସି ଭାସି ଆସୁଥିବାବେଳେ ମା’ ଭଗବତୀଙ୍କ ନୌକାର ମଙ୍ଗରେ ପୂଜକ ସାଆନ୍ତ ମଙ୍ଗଳ କଳସ, ଦୀପ ଧୂପ ନୈବେଦ୍ୟ ସ୍ଥାପନ କରି ମା’ କାଳିଜାଈଙ୍କୁ ଆରତି ବନ୍ଦାପନା କରି ପାଣିରୁ ଆଜ୍ଞାମାଳ ତୋଳିଧରି କଳସରେ ବାନ୍ଧି କୂଳକୁ ଫେରିଥିଲେ। ଏହି ପରମ୍ପରାକୁ ‘ପାଣିତୋଳା ଯାତ୍ରା’ କୁହାଯାଏ। ଦୁଇ ଭଉଣୀ ବାଟରେ ସାମନ୍ତରାପୁରର ବିଭୂତି ସାମନ୍ତରା ଓ ଗ୍ରାମବାସୀଙ୍କ ପକ୍ଷରୁ ପ୍ରସ୍ତୁତ ଖେଚୁଡ଼ି ସହ ମାଛପୋଡ଼ା, କାକରା, ଅଟକାଳି ଭୋଗଲାଗି ହୋଇ ଦଧିବାମନ ମନ୍ଦିର, ଗୁଣ୍ଠୁରୁପୁର, ପାଟଣାସାହି ମଠ ଏବଂ ଶେଷରେ ଅନ୍ତରକିଆରୀ ଗ୍ରାମବାସୀଙ୍କ ଦ୍ୱାରା ପ୍ରସ୍ତୁତ ପଂକ୍ତିଭୋଗ ସେବନ କରିବା ପରେ ଜଗନ୍ନାଥପୁରର ଶ୍ରଦ୍ଧାଳୁ ଏବଂ ବାପଘର ପରିଚ୍ଛାଙ୍କ ଘରଗୁଡ଼ିକରେ ଭୋଗ ସେବନ କରି ମନ୍ଦିରକୁ ବାହୁଡ଼ାବିଜେ କରିଥିଲେ। ରବିବାର ରାଧାଷ୍ଟମୀ ବା ଶୟନ ଅଷ୍ଟମୀରେ ଶୟନ ବିଧି ପାଇଁ ମା’ଙ୍କ ଖଟଶେଯ ପଲଙ୍କ ସଜ କରାଯାଇଥିଲା। ପୂଜକ ସାଆନ୍ତ ଓ ପାଳିଆ ମାଳୀ, କାଠିନାହାକ କାଠି ଠାକୁରାଣୀଙ୍କଠାରୁ ପାଟଶାଢ଼ି ସଂପୂର୍ଣ୍ଣ ଓଲାଗି କରି ଶୟନ ବିଧି କରି ମନ୍ଦିର ପ୍ରତିମା କନକଦୁର୍ଗାଙ୍କୁ ପଲଙ୍କ ଉପରେ ଶୟନ କରାଇଥିଲେ। ଜଗଜ୍ଜନନୀ ମା’ ଭଗବତୀଙ୍କ ଶୟନ ସମୟରେ ମନ୍ଦିରରେ ଧୂପ ଆଳତି, ଘଣ୍ଟ କାହାଳୀ ବାଜା ବାଜିବା ମନା। ଆଶ୍ୱିନ କୃଷ୍ଣ ଅଷ୍ଟମୀ ବା ମୂଳାଷ୍ଟମୀରୁ ସହସ୍ର କୁମ୍ଭ ବରଣ କରାଯାଇ ଦେବୀଙ୍କୁ ଶୟନରୁ ଉଠାଇବା ପରେ ପର୍ବ ଆରମ୍ଭ ହେବାର ପରମ୍ପରା ରହିଆସିଛି।

# ଶ୍ରୀମହାଭାସ୍କରଙ୍କ ପ୍ରତିଷ୍ଠା ପୂର୍ବରୁ ସାମନ୍ତରାପୁର ଗାଁ ଦାନ ଦେଇଥିଲେ ଶିବେଇ ସାମନ୍ତରା

ଐତିହ୍ୟର ଓଡ଼ିଶା

ଡ. ସୁରେନ୍ଦ୍ର କୁମାର ମିଶ୍ର

ପୂର୍ବ ସଂଖ୍ୟାରେ ଆମେ ଅର୍କକ୍ଷେତ୍ରର ପଞ୍ଚତୀର୍ଥ ପ୍ରସଙ୍ଗ ଅବତାରଣା କରିଥିଲୁ। ପଞ୍ଚତୀର୍ଥର ମହତ୍ୱ ଶ୍ରୀସୂର୍ଯ୍ୟଙ୍କ ଉପାସନା କାଳରେ ଗୁରୁତ୍ୱପୂର୍ଣ୍ଣ ଥିଲା। ଐତିହ୍ୟର ଅବକ୍ଷୟ ପରେ ପୂଜା ବନ୍ଦ ହୋଇଯାଇଛି। ନା ଐତିହ୍ୟକୁ ଆମେ ସଜାଡ଼ିବାରେ ସକ୍ଷମ ହୋଇଛୁ ନା ସ୍ଥାନାନ୍ତରିତ ହୋଇଥିବା ଶ୍ରୀସୂର୍ଯ୍ୟଙ୍କ ବିଗ୍ରହଙ୍କୁ ଫେରେଇ ଆଣି ପୂଜା ପ୍ରଚଳନ କରାଇପାରିଛୁ। ଆଉ କିଛି ବର୍ଷ ପରେ ଏହି ବିଡ଼ମ୍ବନାକୁ ୫୦୦ ବର୍ଷ ପୂରିଯିବ। ପଞ୍ଚତୀର୍ଥ ମଧ୍ୟରୁ ମହୋଦଧି ଓ ଚନ୍ଦ୍ରଭାଗାକୁ ଆମେ ସଭିଏଁ ଦେଖୁଛେ। ଆଉ ତିନୋଟି ତୀର୍ଥ ହଜିଯିବାକୁ ବସିଛି। ପୁନରୁଦ୍ଧାର କଥା ଭୁଲିଯାଇଛୁ। ତୀର୍ଥକୁ ପରିକ୍ରମା ମାର୍ଗ ଅନ୍ତର୍ଭୁକ୍ତ କରିବା କଥା ତ ବହୁ ଦୂରରେ ଅଛି!
କୋଣାଦିତ୍ୟକୁ ଚଳଚଞ୍ଚଳ କରେଇବା ଆମ ସଭିଙ୍କର ଦାୟିତ୍ୱ। ଐତିହ୍ୟ ବିକାଶ କାଳଖଣ୍ଡରେ ତାହା ଯଦି ହୋଇ ନ ପାରିବ, ଭବିଷ୍ୟତରେ ପଦ୍ମ ଘୁଞ୍ଚି ଘୁଞ୍ଚି ଯିବ। କି ଉତ୍ସାହ... କି ଉଦ୍ଦୀପନା... ସେତେବେଳେ ଓଡ଼ିଆଙ୍କର ଥିଲା। ଅଭିଷେକ କାର୍ଯ୍ୟ ଆରମ୍ଭ ପୂର୍ବରୁ ଗଜପତି ମହାରାଜା ସେବା ପାଇଁ ‘ସେବାୟତ’ଙ୍କ ମୁଣ୍ଡରେ ଶାଢ଼ି ବାନ୍ଧି ସାରିଥିଲେ। କୋଡ଼ିଏ ଜଣ ‘ସୁଆର’ ସେବାୟତଙ୍କୁ ଶାଢ଼ି ବନ୍ଧା ଯାଇଥିଲା। ସେମାନଙ୍କର ପ୍ରଥମ ସେବା ଥିଲା ପୂଜାଦ୍ରବ୍ୟକୁ ‘ନ୍ୟାସ ମଣ୍ଡପ’କୁ ନେବା ଆଣିବା କରିବା।
ସେବା ଆରମ୍ଭ ପୂର୍ବରୁ ମାଧବପୁରରେ ଡିହବାଡ଼ି ଯୋଗାଇ ଦେଇଥିଲେ। ସେଇ ମାଧବପୁର ଏବେ ‘ମାଧିପୁର’ ନାମରେ ପରିଚିତ। ଗୋଟିଏ ଗୋଟିଏ ଅନୁଷ୍ଠାନବେଳେ ଗୋଟିଏ ଗୋଟିଏ ସ୍ମରଣୀୟ ଘଟଣା ଘଟି ଚାଲିଥିଲା। ତାହା ହିଁ ଆମ ସହଯୋଗିତାର ସ୍ମରଣୀୟ ଉଦାହରଣ। ଗାଁର ନାମକରଣ କଲେ ମହାରଣା ସମାଜ। ନାଁ ଦେଲେ ସାମନ୍ତରାୟପୁର। ଗାଁ ବସିବା ପାଇଁ ଜମିଦେବା ପରେ ପଦ୍ମଚିହ୍ନ ଥିବା ୨୭ ମାଢ଼ ସୁନା ଦେଇଥିଲେ। ଶ୍ରୀପଦ୍ମକେଶର ମନ୍ଦିରର ଉତ୍ତର-ପୂର୍ବ ଦିଗରେ ଏହି ଗାଁ ବସିଥିଲା।
ଏହାପରେ ଶ୍ରୀମହାଭାସ୍କର ପ୍ରତିଷ୍ଠା ମଣ୍ଡପକୁ ବିଜେ କରି ସିଂହାସନ ପିଣ୍ଡିରେ ବସିଥିଲେ। ଅନୁଷ୍ଠାନ ଆରମ୍ଭ ପୂର୍ବରୁ ଶିଳ୍ପୀ ଗଦାଧର ମହାପାତ୍ରଙ୍କୁ ଖୋଜିଲେ ଶିବେଇ ସାମନ୍ତରା। କହିଲେ, ତମେ ନିର୍ମାଣ କରୁଥିଲ- ଶ୍ରୀରାମଚନ୍ଦ୍ରଙ୍କ ବିବାହ ଉତ୍ସବର ବିଗ୍ରହ। ଆଣିବା ବ୍ୟବସ୍ଥା ହେଉ। ନିଶାତଳ ପୀଠ ଅର୍ଥାତ୍ ନିଶା ମନ୍ଦିର ମୂଳ ପ୍ରଦେଶରେ ସେଇ ବିଗ୍ରହଙ୍କୁ ଖଞ୍ଜାଯିବ। ଯେତେବେଳେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ବିବାହ- ଉତ୍ସବର ବିଗ୍ରହ ଦେଖିଲେ ଶିବେଇ ସାମନ୍ତରା, ଖୁସି ହୋଇଗଲେ। ଦଣ୍ଡେ ଅଟକିଗଲେ, ଗଦା ମହାପାତ୍ରେ ତ ପାଉଣା ନେବେ। ମାତ୍ର ଏ କଳାକୃତିର ପଟାନ୍ତର ନାହିଁ... ଏଥିପାଇଁ ଦୁଇ ତୋଳାର ଦୁଇଟି କୁଣ୍ଡଳ ଉପହାର ଦିଆଯାଉ ଗଦାଧରଙ୍କୁ। ସୂତ୍ରଧର ଶିବେଇଙ୍କର କଥା ହିଁ ଆଦେଶ ଭାବରେ ପାଳନ ହେଉଥିଲା। ଭଣ୍ଡାରରୁ ସୁବର୍ଣ୍ଣ କୁଣ୍ଡଳ ଆସିଲା... ଗଦାଧରଙ୍କୁ ନିଜ ହାତରେ ସେ ଦେଲେ।

## ଶ୍ରୀରାମଚନ୍ଦ୍ରଙ୍କ ବିବାହ ଉତ୍ସବ ବିଗ୍ରହ ଭାରତରେ ବିରଳ



କୋଣାର୍କ ସଂଗ୍ରହାଳୟରେ ଥିବା ଶ୍ରୀରାମଚନ୍ଦ୍ରଙ୍କ ବିବାହୋତ୍ସବ ବିଗ୍ରହ, ଭାରତରେ ଅନନ୍ୟ ତଥା ବିରଳ ଏହି ବିଗ୍ରହ ମଝିରେ ଗୁରୁ ମହର୍ଷି ବଶିଷ୍ଠ, ବାମପଟେ ମହାରାଜା ଦଶରଥ, ଡାହାଣ ପଟେ ଶ୍ରୀଲକ୍ଷ୍ମଣ ଏବଂ ତଳେ ଉତ୍ସବର ନୃତ୍ୟବାଦ୍ୟ ଦୃଶ୍ୟ।

## ବିବାହ ଉତ୍ସବ ବିଗ୍ରହ ନିର୍ମାଣ ପାଇଁ ଶିବେଇ ସାମନ୍ତରା ଦେଇଥିଲେ ସୁବର୍ଣ୍ଣ କୁଣ୍ଡଳ

ଏହା ଥିଲା ମନ୍ଦିର ନିର୍ମାଣ ଇତିହାସରେ ସେ କାଳଖଣ୍ଡରେ ପ୍ରଥମ ଘଟଣା। ସେ ପର୍ଯ୍ୟନ୍ତ ପାଉଣା ବାଦ୍ ବସ୍ତ୍ରଠାରୁ ଆରମ୍ଭ କରି କଉଡ଼ି ପୁରସ୍କାର ଦିଆଯାଇଥିଲା। ସୁବର୍ଣ୍ଣ କୁଣ୍ଡଳ ପୁରସ୍କାର ଆଜି ବି ଇତିହାସରେ ସ୍ମରଣୀୟ।
ଆମେ ଜାଣିଛେ ଶ୍ରୀରାମଚନ୍ଦ୍ରଙ୍କର ଅଭିଷେକ ଉତ୍ସବ ହୋଇଥିଲା ଅଯୋଧ୍ୟାରେ। ସେଇ ଅଭିଷେକ ଉତ୍ସବର ଅବିକଳ ବେଶ ଓଡ଼ିଶାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ରତ୍ନସିଂହାସନ ଉପରେ ବହୁ କାଳରୁ ଅନୁଷ୍ଠିତ ହୋଇଆସୁଥିଲା। କୁହାଯାଏ- ଶ୍ରୀରାମାଭିଷେକ ବେଶ। ମନେହୁଏ ଏଇ ଅଭିଷେକ ବେଶର ପ୍ରଚଳନ ଏକ ଅଭିନବ ଉଦାହରଣ ଶ୍ରୀମନ୍ଦିରରେ। ଭାରତରେ ପ୍ରାୟ ବିରଳ। ତଥାପି ୧୯୦୫ ମସିହା ପରେ ଆଉ ଏଇ ବେଶ ଶ୍ରୀମନ୍ଦିରରେ କରିବାକୁ ଆମେ ସକ୍ଷମ ହୋଇ ନାହୁଁ। ଶ୍ରୀମନ୍ଦିରରେ ଅନୁଷ୍ଠିତ ହେଉଥିବା ବେଶର ଅବିକଳ ଭାସ୍କର୍ଯ୍ୟ ପୁରୀର ଶ୍ରୀଶଙ୍କରାନନ୍ଦ ମଠ କାନ୍ଥରେ ଆଜି ବି ବିଦ୍ୟମାନ। ଶାସ୍ତ୍ର ବର୍ଣ୍ଣନା ଅନୁଯାୟୀ ଓଲମବିଲମ ବିଲ୍‌କୁଲ ନାହିଁ। ଶ୍ରୀରାମଙ୍କ ପାଦ ତଳେ ବିଜେ କରିଛନ୍ତି ଶ୍ରୀହନୁମାନ। ଅନନ୍ୟ ରହସ୍ୟମୟ ନିଦର୍ଶନ।

## ସଂକ୍ଷେପରେ

### ଉତ୍କଳ ସଂଗ୍ରାମୀ ସ୍ମୃତି କମିଟିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ

ଅସ୍ତରଙ୍ଗ,୩୧।୮ (ମମତା ଜେନା)

ଉତ୍କଳ ସଂଗ୍ରାମୀ ସ୍ମୃତି କମିଟି କାକଟପୁର ପକ୍ଷରୁ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଓ ଖବରଦାତା ସମ୍ମିଳନୀ ସ୍ଥାୟୀ ସଭାପତି ଅମିୟ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ରାମକୃଷ୍ଣ ଶିଶୁ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ଶିକ୍ଷାବିତ୍ ସ୍ୱପ୍ନେଶ୍ୱର ସାହୁ, ପୂର୍ବତନ ସମ୍ପାଦକ ନିରୋଧ ବରଣ ମହାନ୍ତି , ଚିତ୍ତରଞ୍ଜନ କର, ବିକ୍ରମ କୁମାର ଜୟସିଂହ, ଶିକ୍ଷାବିତ ବୈଦ୍ୟନାଥ ମହାନ୍ତି, ପରିବେଶବିତ୍ ତ୍ରିଲୋଚନ ମିଶ୍ର, ଦୁଃଶାସନ ନାୟକ, କାର୍ଯ୍ୟକାରିଣୀ କମିଟିର ସଭ୍ୟ ଅଶୋକ କୁମାର ଶତପଥୀଙ୍କ ସମେତ ସଭ୍ୟମାନେ ଉପସ୍ଥିତ ରହି ଆଗାମୀ ଦିନରେ ଉତ୍କଳ ସଂଗ୍ରାମୀ ସ୍ମୃତି କମିଟିର ଭବିଷ୍ୟତ ରୂପରେଖ ଉପରେ ଖସଡ଼ା ପ୍ରସ୍ତୁତ କରିଥିଲେ। ବୈଠକର ଦ୍ୱିତୀୟାର୍ଦ୍ଧରେ କୃଷି ଓ କୃଷକ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ କୃଷିଭିତ୍ତିକ କାକଟପୁର ଅଞ୍ଚଳରେ ପ୍ରବାହିତ ପ୍ରାଚୀ ନଦୀକୁ ସୁନାବ୍ୟା କରି ଜଳସେଚନ ସୁବିଧା, କୃଷକଙ୍କ ସମସ୍ୟା ଓ ତା'ର ନିରାକରଣ ଉପରେ ଆଲୋକପାତ କରାଯାଇଥିଲା। ଶେଷରେ କାକଟପୁରର ସମସ୍ୟା ଓ ଏନ୍ଏସି ମାନ୍ୟତା ପାଇଁ କାକଟପୁରର ଜନସାଧାରଣଙ୍କ ଦାବି ନେଇ ଖବରଦାତା ସମ୍ମିଳନୀରେ ରାଜ୍ୟ ସରକାରଙ୍କ କାକଟପୁର ନିର୍ବାଚନମଣ୍ଡଳୀ ପ୍ରତି ଅନ୍ୟାୟ କରାଯାଇ ସାଧାରଣ ଜନତାଙ୍କୁ ମୌଳିକ ସୁବିଧାରୁ ବଞ୍ଚିତ କରାଯାଉଥିବା ସହ ବିଶେଷକରି କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳର ଧାନ, ପାନ ଓ ମୀନ ଚାଷୀଙ୍କ ମୌଳିକ ସମସ୍ୟା ଉପରେ ଗୁରୁତ୍ୱ ଦେବାପାଇଁ ସଭାପତି ପଟ୍ଟନାୟକ ଦାବି ଉପସ୍ଥାପନା କରିଥିଲେ।

### ଖଣିରେ ଚଢ଼ାଉ: ୨ ଗିରଫ

ଟାଙ୍ଗୀ,୩୧।୮ (ରଘୁନାଥ ସାହୁ)

ଚାନ୍ଦପୁର ଥାନା ଅନ୍ତର୍ଗତ ପଟିଆ ଅଞ୍ଚଳରେ ଥିବା ଏକ ବେଆଇନ ଖଣିରେ ପୋଲିସ ଚଢ଼ାଉ କରି ଗୋଟିଏ ଜେସିବି, ଗୋଟିଏ ଟ୍ରାକ୍ଟର ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ବିଶେଷ ସୂତ୍ରରୁ ଖବର ପାଇ ଥାନା ଅଧିକାରୀ ଦିଲୀପ କୁମାର ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ଏସ୍ଆଇ ସଞ୍ଜୟ କୁମାର ପରିଡା, ଏଏସ୍ଆଇ ଆର୍ତ୍ତତ୍ରାଣ ବେହେରାଙ୍କ ସମେତ ପୋଲିସ୍ ଫୋର୍ସ ପଟିଆ ଅଞ୍ଚଳରେ ଥିବା ବେଆଇନ ମାଙ୍କଡ଼ା ଖଣିରେ ଚଢ଼ାଉ କରିଥିଲା। ସେମାନେ ମାଙ୍କଡ଼ା ପଥର ସହ ମୋରମ ଭର୍ତ୍ତି ଏକ ଟ୍ରାକ୍ଟର (ଓଆର୍ ୧୭ ଏଫ୍ ୭୬୨୨) ଓ ଗୋଟିଏ ଜେସିବି (ଓଡି ୩୩ ଏଏଲ୍-୩୭୫୦)କୁ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଟାଙ୍ଗୀ ଥାନା ଅନ୍ତର୍ଗତ ବଡ଼ପାରୀ ଗ୍ରାମ ପାଟଣାସାହିର ସୁକାନ୍ତ ବିଶ୍ୱାଳ ଓ ସଞ୍ଜୟ ସ୍ୱାଇଁ।

# ଯମେଶ୍ୱରଙ୍କଠାରୁ ହିସାବ ବୁଝିଲେ ଶ୍ରୀସୁଦର୍ଶନ

ପୁରୀ,୩୧।୮ (ଅଜିତ୍ କୁମାର ମହାନ୍ତି)

ଭାଦ୍ରବ ଶୁକ୍ଳପକ୍ଷ ଅଷ୍ଟମୀ ତଥା ରାଧାଷ୍ଟମୀ ତିଥି ରବିବାର ଅବସରରେ ଚକ୍ରରାଜ ସୁଦର୍ଶନ ଆଶ୍ରମ ବିଜେ କରିବା ସହ ଯମେଶ୍ୱରଙ୍କ ଠାରୁ ହିସାବ ବୁଝିଛନ୍ତି। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ମହାପ୍ରଭୁଙ୍କ ଭଣ୍ଡାର ରକ୍ଷକ ଶ୍ରୀଲୋକନାଥ ହୋଇଥିବା ବେଳେ ଶ୍ରୀମନ୍ଦିରର ବର୍ଷକ ଯାକର ହିସାବ ବୁଝାଶୁଝା କରନ୍ତି ପ୍ରଭୁ ଯମେଶ୍ୱର। ତେଣୁ ଯମେଶ୍ୱରଙ୍କୁ ଶ୍ରୀମନ୍ଦିରର ହିସାବ ରକ୍ଷକ ବୋଲି କୁହାଯାଏ। ପବିତ୍ର ରାଧାଷ୍ଟମୀରେ ମହାପ୍ରଭୁଙ୍କ ପ୍ରତିନିଧି ଚକ୍ରରାଜ ଶ୍ରୀସୁଦର୍ଶନ ଯମେଶ୍ୱରଙ୍କ ନିକଟକୁ ଯାଇ ଶ୍ରୀମନ୍ଦିରର ବର୍ଷକ ଯାକର ଆୟବ୍ୟୟ ହିସାବ ବୁଝି ବଡ଼ଦେଉଳକୁ ବାହୁଡ଼ା ବିଜେ କରିଥାନ୍ତି। ରବିବାର ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ସକାଳ ଧୂପ ବଢ଼ିବା ପରେ ଶ୍ରୀଦେବୀ ମହାଜନ ସେବକଙ୍କ ହସ୍ତରେ ରତ୍ନସିଂହାସନ ନିକଟକୁ ବିଜେ କରିଥିଲେ। ସେଠାରୁ ମହାପ୍ରଭୁଙ୍କ ଠାରୁ ଆଜ୍ଞାମାଳ ପାଇ ଶ୍ରୀଦେବୀ ସାତପାହାଚ ତଳେ ଥିବା ପାଲିଙ୍କିରେ ବିଜେ କରିଥିଲେ। ପରେ ଘଣ୍ଟ ଛତା, କାହାଳି ସହ ଶ୍ରୀଦେବୀ ମହାଲକ୍ଷ୍ମୀ ମନ୍ଦିରକୁ ବିଜେ କରିଥିଲେ। ମହାଲକ୍ଷ୍ମୀଙ୍କ ଜଗମୋହନରେ ପଡ଼ିଥିବା ଖଟଶେଯରେ ଶ୍ରୀଦେବୀଙ୍କୁ ସେବକମାନେ ବିଜେ କରାଇଥିଲେ। ପରେ ଠାକୁରାଣୀଙ୍କ ମାଜଣା କରାଯାଇଥିଲା। ନୀତି ସମ୍ପନ୍ନ ହେବା ପରେ ଠାକୁରାଣୀଙ୍କ ନିକଟରେ ଶୀତଳଭୋଗ ଓ ବନ୍ଦାପନା ସମ୍ପନ୍ନ ହୋଇଥିଲା। ମଧ୍ୟାହ୍ନ ଧୂପ ଉଠିବା ପରେ ଶ୍ରୀଦେବୀ ରତ୍ନସିଂହାସନକୁ



ଚକ୍ରରାଜ ସୁଦର୍ଶନ ଆଶ୍ରମ ବିଜେ କରୁଛନ୍ତି । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

ବିଜେ କରିଥିଲେ। ପରେ ଶ୍ରୀଦେବୀ, ଭୂଦେବୀଙ୍କୁ ପୁଷ୍ପାଳକ ସେବକମାନେ ଖଟଶେଯ ଘରେ ବିଜେ କରାଇଥିଲେ। ସେହିପରି ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପାଇ ଶ୍ରୀସୁଦର୍ଶନ ଦଇତାପତି ସେବକଙ୍କ ଦ୍ୱାରା ଜଗମୋହନରେ ଥିବା ଚଉଦୋଳିରେ ବିଜେ ହୋଇଥିଲେ। ରୁନ୍ଧା ସରି ପାଟପତନି ଲାଗି ପରେ ବିମାନବଡୁ ସେବକମାନେ ଚଉଦୋଳକୁ ଝୁଲଣମଣ୍ଡପ ତଳକୁ ନେଇଥିଲେ। ସେଠାରେ ସୁଦର୍ଶନଙ୍କୁ ସୁନା ଅଳଙ୍କାର ସହ ମାଳ ଚୂଳ ଲାଗି କରାଯାଇଥିଲା। ପରେ ଶ୍ରୀମନ୍ଦିର ପରିସରରେ ଚଉଦୋଳକୁ ଗୋଟିଏ ବେଢ଼ା ପରିକ୍ରମା କରାଯିବା ପରେ ବିମାନବଡୁ ସେବକମାନେ ଚକ୍ରରାଜ ସୁଦର୍ଶନଙ୍କୁ ଯମେଶ୍ୱରଙ୍କ ମନ୍ଦିରରେ ବିଜେ କରାଇଥିଲେ। ଠାକୁରଙ୍କୁ ପ୍ରସାଦ ଲାଗି ହୋଇ ଶୀତଳ ଭୋଗ ଓ ବନ୍ଦାପନା କରାଯାଇଥିଲା। ନୀତି ପରେ ଯମେଶ୍ୱରଙ୍କ ପୂଜାପଣ୍ଡା ଶ୍ରୀସୁଦର୍ଶନଙ୍କ ସମ୍ମୁଖରେ ବର୍ଷକ ଯାକର ଆୟବ୍ୟୟର ହିସାବ ଦେଇଥିଲେ। ପରେ ଶ୍ରୀସୁଦର୍ଶନ ବିଭିନ୍ନ ସ୍ଥାନରେ ପନ୍ତି ଭୋଗ ହୋଇ ଶ୍ରୀମନ୍ଦିର ସିଂହାସନକୁ ବାହୁଡ଼ା ବିଜେ କରିଥିଲେ। ବାହୁଡ଼ା ବିଜେ ପରେ ରୁନ୍ଧା କାର୍ଯ୍ୟ ସମ୍ପନ୍ନ ହେବା ପରେ ସିଂହାସନ ପୋଛା ଓ ଚାରିବାଡ଼ରେ ମହାସ୍ନାନ ନୀତି ସମ୍ପନ୍ନ ହୋଇଥିଲା। ପରେ ଶ୍ରୀଦେବୀ ଓ ଭୂଦେବୀ ଖଟଶେଯ ଘରୁ ସିଂହାସନକୁ ବିଜେ କରିଥିଲେ। ପରେ ଶ୍ରୀବିଗ୍ରହଙ୍କ ସନ୍ଧ୍ୟା ଆଳତି ବେଶ ବଢ଼ି ଆଳତି ହୋଇଥିଲା। ଏହାପରେ ସୁଦର୍ଶନଙ୍କ ବାଡ଼ରେ ପ୍ରସାଦ ଲାଗି କରାଯାଇ ଭୋଗ ପରେ ବନ୍ଦାପନା ସମ୍ପନ୍ନ ହୋଇଥିଲା। ବନ୍ଦାପନା ନୀତି ସମ୍ପନ୍ନ ପରେ ଶ୍ରୀମନ୍ଦିରେ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତି ବଢ଼ିଥିଲା।

# ଡିଜେ ସାଉଣ୍ଡରେ ଅତିଷ୍ଠ ଗ୍ରାମାଞ୍ଚଳବାସୀ

ଅସ୍ତରଙ୍ଗ,୩୧।୮ (ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ବ୍ଲକ୍ ଅଞ୍ଚଳରେ ଶୁକ୍ରବାର ଓ ରବିବାର ସନ୍ଧ୍ୟାରେ ବିଭିନ୍ନ ଗାଁରେ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ଗଣେଶ ମୂର୍ତ୍ତି ବିସର୍ଜନ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ କ୍ଲବ୍ ପକ୍ଷରୁ ସନ୍ଧ୍ୟା ୭ଟାରୁ ଏମିତିକି ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଡିଜେ ସାଉଣ୍ଡ ବାଜୁଥିବା ବେଳେ ଗଣେଶ ମୂର୍ତ୍ତିକୁ ନିକଟସ୍ଥ ନଦୀରେ ବିସର୍ଜନ କରାଯାଇଛି। ପୋଲିସ ଓ ପ୍ରଶାସନର ମାର୍ଗଦର୍ଶିକା ତଥା ସ୍ୱତନ୍ତ୍ର ବୈଠକ ନିଷ୍ପତ୍ତିକୁ ସମ୍ପୂର୍ଣ୍ଣ ଫୁଁ କରିଦେଇଛନ୍ତି ବିଭିନ୍ନ ଗ୍ରାମରେ ଥିବା କିଛି ପୂଜା କମିଟି। କାଁ ଭାଁ କ୍ଲବ ପାରମ୍ପରିକ ବାଦ୍ୟ ବଜାଇ ଠାକୁରଙ୍କୁ ନେଉଥିବା ବେଳେ ଅଧିକାଂଶ କ୍ଲବ ଡିଜେ ସାଉଣ୍ଡରେ ଭସାଣି ଶୋଭାଯାତ୍ରାରେ ଯାଉଥିବା ଦେଖାଯାଇଥିଲା। ରଙ୍ଗିନ ଆଲୋକରେ ସୁସଜ୍ଜିତ ଗାଡ଼ିରେ ଠାକୁରଙ୍କୁ ବସାଇ ଡିଜେ ସାଉଣ୍ଡର ତାଳେ ତାଳେ ଯୁବକଙ୍କ

**ଫେଲ୍ ମାରିଲା ପୋଲିସର ନିଷ୍ପତ୍ତି, ନିର୍ଦ୍ଦେଶ**

ନୃତ୍ୟ ମଧ୍ୟରେ ଶୋଭାଯାତ୍ରା ଅସ୍ତରଙ୍ଗ, କାକଟପୁର ଓ ନୂଆଗଡ଼ ଥାନା ଅଞ୍ଚଳରେ ଥିବା ବିଭିନ୍ନ ଗାଁରେ ରାସ୍ତା ଅତିକ୍ରମ କରୁଥିଲା। ଏହାକୁ ଦେଖିବାକୁ ଗାଁର ରାସ୍ତା ପାର୍ଶ୍ୱରେ ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। କିଛି କ୍ଲବ୍ ନିଜ ନାମ ଗୋପନ ରଖି କହିଛନ୍ତି, ପୋଲିସ କର୍ମଚାରୀଙ୍କ ସହ ଭିତିରି ସମ୍ପର୍କ ରଖି ବୁଝାମଣା କରି ଡିଜେ ବାଜୁଛି ବୋଲି ମତ ଦେଇଛନ୍ତି।

ଜିଲା ଓ ପୋଲିସ ପ୍ରଶାସନ ଗୋଟେ ପଟେ ନିୟମ କରୁଥିବା ବେଳେ କିନ୍ତୁ କିଛି ମୁନାଫାଖୋର୍ କର୍ମଚାରୀଙ୍କ ପାଇଁ ଜିଲା ପ୍ରଶାସନ କରିଥିବା ନିୟମ ଉଲ୍ଲଂଘନ ହେଉଛି। ଶବ୍ଦ ପ୍ରଦୂଷଣ ଗୁରୁତ୍ୱ ଦେଇ ୬୦ ଡେସିବଲ ନିମ୍ନରେ ଡିଜେ ବଜାଇ ଭସାଣି ଶୋଭାଯାତ୍ରା ହେବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ନୂତନ ଥାନାଧିକାରୀଙ୍କ ବୈଠକରେ ହୋଇଥିବା ନିଷ୍ପତ୍ତି ଓ ନିର୍ଦ୍ଦେଶକୁ ଭସାଣି ଶୋଭାଯାତ୍ରାରେ ଖୋଲାଖୋଲି ଉଲ୍ଲଂଘନ କରାଯାଇଥିବା ଦେଖିବାକୁ ମିଳିଥିଲା। ସେହିଭଳି ବିଭିନ୍ନ ଗାଁରେ ଡିଜେ ସାଉଣ୍ଡ ସାଙ୍ଗକୁ ଜନଗହଳି ମଧ୍ୟରେ ଆମ୍ବୁଲାନ୍ସକୁ ବି ଦୀର୍ଘ ସମୟ ଅଟକିବାକୁ ପଡ଼ିଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀରେ ଅସ୍ତରଙ୍ଗ, କାକଟପୁର ଓ ନୂଆଗଡ଼ ପୋଲିସ ପ୍ରଶାସନ ଅବହେଳାକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଭସାଣି ଶୋଭାଯାତ୍ରାରେ ଡିଜେ ସାଉଣ୍ଡ ବନ୍ଦ ପାଇଁ ଦାବି ହୋଇଥିବା ବେଳେ କାହା ଚାପରେ ପୋଲିସ ଚେପା ଓ ପ୍ରଶାସନ ଚୁପ୍ ରହୁଛି ତାହାକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ମା' ମଙ୍ଗଳାଙ୍କ ଖୁଦୁରୁକୁଣୀ ପୂଜା ଶେଷ

କଣାସ, ୩୧।୮ (ବିଭୂତି ଭୂଷଣ ତ୍ରିପାଠୀ)

ଭାଦ୍ରବ ଶେଷ ରବିବାର ହୋଇଥିବାରୁ ମା'ମଙ୍ଗଳାଙ୍କ ପୂଜା ଓ ଖୁଦୁରୁକୁଣୀ ଉତ୍ସବ ମହାସମାରୋହରେ ଶେଷ ହୋଇଛି। ପ୍ରଭାତରୁ କୁଆଁରୀ ଝିଅମାନେ ସ୍ନାନସାରି ନୂତନ ବସ୍ତ୍ର ପରିଧାନକରି ନଦୀ ବା ପୋଖରୀ କୂଳରେ ବାଲିକାରେ ମୂର୍ତ୍ତି ତିଆରିକରି ରଙ୍ଗବେରଙ୍ଗର ଫୁଲ ସଜାଇ ବିଭିନ୍ନ ଫଳ ଭୋଗରାଗ କରିଥିଲେ। ସନ୍ଧ୍ୟାରେ ମା' ମଙ୍ଗଳାଙ୍କ ପାଇଁ ନିର୍ମାଣ କରିଥିବା ରଙ୍ଗବେରଙ୍ଗର ତୋରଣ ମଧ୍ୟରେ ତଅପୋଇ ପୁସ୍ତକ ପଠନ କରିବା ପରେ ବିଭିନ୍ନ ପୂଜାର୍ଚ୍ଚନା କରିଥିଲେ।



# ରାସ୍ତାରେ ଖଣ୍ଡା ବୁଲାଇଲେ ଯୁବକ

ପୁରୀ,୩୧।୮ (ଅଜିତ୍ କୁମାର ମହାନ୍ତି)

ଦିନକୁ ଦିନ ପୁରୀରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ପୁଣି କିଛି ଦିନର ବ୍ୟବଧାନ ପରେ ଦିନ ଦ୍ୱିପ୍ରହରରେ ଦୁର୍ବୃତ୍ତମାନେ ଖଣ୍ଡା ବୁଲାଇ ଆତଙ୍କ ସୃଷ୍ଟି କରିଛନ୍ତି। ବିଚ୍ ରାସ୍ତାରେ ଖଣ୍ଡା ବୁଲାଇ ଏପରି ଆତଙ୍କ ଖେଳାଇ ପୋଲିସକୁ ଖୋଲା ଚାଲେଞ୍ଜ ଦେଇଛନ୍ତି। ଏଭଳି ଦୃଶ୍ୟ ସମୁଦ୍ରକୂଳ ଥାନା ଅନ୍ତର୍ଗତ ବାଲିନୋଳିଆ ସାହିରେ ଦେଖିବାକୁ ମିଳିଛି। ଦୁର୍ବୃତ୍ତଙ୍କ ଖଣ୍ଡା ବୁଲା ଦେଖି ସ୍ଥାନୀୟ ଲୋକେ ଓ ପର୍ଯ୍ୟଟକ ଭୟରେ ଥରହର ହୋଇଛନ୍ତି। କେବଳ ସେତିକି ନୁହେଁ, ସମ୍ପୃକ୍ତ ଦୁର୍ବୃତ୍ତ ଦୁଇ ଜଣ ବ୍ୟକ୍ତିଙ୍କୁ ଖଣ୍ଡାରେ ଆକ୍ରମଣ କରିବା ପାଇଁ ଉଦ୍ୟମ କରୁଥିବା ସିସିଟିଭିରେ ଦେଖିବାକୁ ମିଳିଛି। ଖବରପାଇ ସମୁଦ୍ରକୂଳ ଥାନା ପୋଲିସ ପହଞ୍ଚିଥିଲେ ମଧ୍ୟ ଦୁର୍ବୃତ୍ତ ଜଣକ ସେଠାରୁ ଚମ୍ପଟ ମାରିଥିଲା। ଦୁର୍ବୃତ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ପୋଲିସ ଚଢ଼ାଉ ଜାରି ରଖିଛି। ସମୁଦ୍ରକୂଳ ଥାନା ଅଧିକାରୀଙ୍କ ସୂଚନା ଅନୁଯାୟୀ, ଦୁର୍ବୃତ୍ତ ଜଣକ ବାଲିନୋଳିଆ ସାହି କ୍ଲବ ଘରେ ନିଶା ସେବନ କରି ଶୋଇଥିଲେ। ତେବେ କ୍ଲବ ଘର ପାଖରେ ଥିବା ଏକ ମନ୍ଦିରରୁ ଦୁର୍ବୃତ୍ତ ଜଣକ ହଠାତ୍ ହାତରେ ଖଣ୍ଡା ଧରି ସ୍ଥାନୀୟ ଲୋକଙ୍କୁ ଭୟଭୀତ କରାଇବା ସହ ଆକ୍ରମଣ କରିବା ପାଇଁ ଉଦ୍ୟମ କରୁଥିଲେ। ଏହି ଘଟଣାକୁ ନେଇ ପୋଲିସ ତଦନ୍ତ କରି ଦୁର୍ବୃତ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଗିରଫ ଅଭିଯୁକ୍ତ ବାଲିନୋଳିଆ ସାହିର ଜି ମୋହନ। ପୋଲିସ ଅଭିଯୁକ୍ତ ଠାରୁ ଖଣ୍ଡା ଜବତ କରିବା ସହ ୨୪୦/୨୫ରେ ଏକ ମାମଲା ରୁଜୁ କରି କୋର୍ଟଚାଲାଣ କରିଛି।

# ଗାଡ଼ି ଧକ୍କାରେ ଫରେଷ୍ଟ ଗାର୍ଡ ଗୁରୁତର

ପୁରୀ,୩୧।୮ (ଅଜିତ କୁମାର ମହାନ୍ତି)

ବ୍ରହ୍ମଗିରି ରେଞ୍ଜ ଅଫିସ ଅଧୀନରେ କାର୍ଯ୍ୟରତ ଫରେଷ୍ଟ ଗାର୍ଡ ପ୍ରଣିତା ଜେନା ରବିବାର ଏକ ଗାଡ଼ି ଧକ୍କାରେ ଗୁରୁତର ଆହତ ହୋଇଛନ୍ତି। ସେ ବ୍ରହ୍ମଗିରି କାଳିକାବାଡ଼ି ଅଞ୍ଚଳରେ ପ୍ଲାଣ୍ଟେଶନ କାର୍ଯ୍ୟର ଅନୁଧ୍ୟାନ କରୁଥିବା ସମୟରେ ଏକ ଡାଲାଅଟୋ ତାଙ୍କୁ ଧକ୍କା ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ତାଙ୍କୁ ତୁରନ୍ତ କେରାଣ୍ଡିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଦୁର୍ଘଟଣାର ତାଙ୍କ ବାମ ହାତ ଭାଙ୍ଗିଯାଇଥିବା ସୂଚନା ମିଳିଛି।

# କୁଶଭଦ୍ରା ନଦୀର ପୁନରୁଦ୍ଧାର ଆମର ସଂକଳ୍ପ



ଖବରଦାତା ସମ୍ମିଳନୀରେ କୁଶଭଦ୍ରା କାନ୍ଦୁଛି ପରିବାରର କର୍ମକର୍ତ୍ତା ବୃନ୍ଦ।

ନିମାପଡ଼ା,୩୧।୮ (ବିଚିତ୍ରା ନନ୍ଦ ସାହୁ)

କୁଶଭଦ୍ରା କାନ୍ଦୁଛି ପରିବାର ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ସ୍ଥାନୀୟ ଶ୍ରୀରାମ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଅତିଥି ଭାବେ କୁଶଭଦ୍ରା କାନ୍ଦୁଛି ପରିବାରର କର୍ମକର୍ତ୍ତା ଖବରଦାତା ବିକାଶ ବାରିକ, ସାମାଜିକ କର୍ମୀ ନିଗମାନନ୍ଦ ସାହୁ, ଚନ୍ଦ୍ରକାନ୍ତ ବରାଳ, ନିରଞ୍ଜନ ସାହୁ, ବିଶିଷ୍ଟ ଶିକ୍ଷାବିତ ଯୋଗେନ୍ଦ୍ର ଚନ୍ଦ୍ର ମିଶ୍ର, ଅଧ୍ୟାପକ ମାନସ ରଞ୍ଜନ ସ୍ୱାଇଁ, ଖବରଦାତା ଶରତ ଚନ୍ଦ୍ର ସେନାପତି ପ୍ରମୁଖ ଯୋଗ ଦେଇଥିଲେ। ରାଜଧାନୀ ଉପକଣ୍ଠ କୁଆଖାଇ ନଦୀରୁ ସୃଷ୍ଟି ହେଇଥିବା କୁଶଭଦ୍ରା ନଦୀ ଆଜି ସୁପ୍ତ, ଏକପ୍ରକାର ମୃତ, ବାଲିଅନ୍ତାରୁ ଆରମ୍ଭ ହୋଇଥିବା କୁଶଭଦ୍ରା ନଦୀ ରାମଚଣ୍ଡୀ ମୁହାଁଣରେ ଆଜି ମୁଣ୍ଡପିଟି କାନ୍ଦୁଚି, ସେହି ମା'କୁ ବଞ୍ଚାଇବା ପାଇଁ କୁଶଭଦ୍ରା ନଦୀର ପୁନରୁଦ୍ଧାର, ମୁହାଣ ଖନନ, ସୁରକ୍ଷା ଓ ଚିରସ୍ରୋତା ଅତ୍ୟନ୍ତ ଜରୁରି ହୋଇପଡ଼ିଛି। ଏ ଦିଗରେ ତୁରନ୍ତ ବିହିତ ପଦକ୍ଷେପ ନେବାକୁ କୁଶଭଦ୍ରା କାନ୍ଦୁଚି ପରିବାର ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ସରକାରଙ୍କ ନିକଟରେ ଦୃଢ଼ ଦାବି କରାଯାଇଛି। ଏ ସମ୍ପର୍କରେ ଆଗାମୀ ଦିନରେ କୁଶଭଦ୍ରା ନଦୀ ଉପକୂଳର ପ୍ରତ୍ୟେକ ଜନସାଧାରଣଙ୍କୁ ଯୋଡ଼ାଯିବା ଏ ଦିଗରେ ସଚେତନ ବୈଠକ ଦସ୍ତଖତ ସଂଗ୍ରହ ଅଭିଯାନ, ଗାଁକୁ ଗାଁ ବୁଲି ସଚେତନତା ପଦଯାତ୍ରା କରାଯିବ ବୋଲି ଆୟୋଜିତ ଖବରଦାତା ସମ୍ମିଳନୀରେ କୁଶଭଦ୍ରା କାନ୍ଦୁଚି ପରିବାରର କର୍ମକର୍ତ୍ତାମାନେ ମତ ପ୍ରକାଶ କରିଛନ୍ତି।

# ପିପିଲି ପୌରାଞ୍ଚଳ ବିକାଶକୁ ତ୍ୱରାନ୍ୱିତ କରାଯିବ

**୫୩ତମ ସ୍ୱାୟତ୍ତ ଶାସନ ଦିବସ ପାଳିତ**

ପିପିଲି,୩୧।୮ (ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର)



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ ।

ପିପିଲି ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ୫୩ତମ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ରବିବାର ପ୍ରତ୍ୟୁଷରେ ଏନ୍ଏସି ସମ୍ମୁଖରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଓ ପୌରାଧ୍ୟକ୍ଷ ସେକ୍ ରାଜୁ ଉପସ୍ଥିତ ରହି ଜାତୀୟ ପତାକା ଉତ୍ତୋଳନ କରି ସ୍ୱାୟତ୍ତ ଶାସନ ଦିବସର ଉଦ୍‌ଘାଟନ କରିଥିଲେ। ପୂର୍ବାହ୍ନରେ ପୌରପରିଷଦ ସଭାଗୃହରେ ସଭାର ଆୟୋଜନ କରାଯାଇଥିଲା। ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନାଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ପୁରୀ ଏମ୍ପି ଡ. ସମ୍ବିତ ପାତ୍ର, ମୁଖ୍ୟ ବକ୍ତା ଭାବେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ପୌରଧ୍ୟକ୍ଷ ସେକ୍ ରାଜୁ, ଉପାଧ୍ୟକ୍ଷା ଭାଗ୍ୟବତୀ ମହାରଣା, ଏମ୍ପିଙ୍କ ପ୍ରତିନିଧି ସୁକାନ୍ତ ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ। ପିପିଲି ନଗରରେ ଚନ୍ଦୁଆର ବିକାଶ ଉପରେ ଗୁରୁତ୍ୱ ଦେଇ ବିଧାୟକ ତାଙ୍କର ମତବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି ଡ.ପାତ୍ର ପିପିଲିର ବିକାଶ ସହିତ ସହରର ବିକାଶ ପାଇଁ ସେ ସମସ୍ତ ସାହାଯ୍ୟ ସହଯୋଗ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନ୍ଏସି ଅଧ୍ୟକ୍ଷ ସେକ୍ ବାବୁ, ଉପାଧ୍ୟକ୍ଷା ଭାଗ୍ୟବତୀ ମହାରଣା ପ୍ରମୁଖ ଅତିଥି ସ୍ୱାୟତ୍ତ ଶାସନ ଦିବସ ଉପରେ ନିଜ ମତ ପ୍ରକାଶ କରିବା ସହ ବିକାଶର ସଂକଳ୍ପ ପାଇଁ ବାର୍ତ୍ତା ପ୍ରଦାନ କରିଥଲେ। ପିପିଲି ଏନ୍ଏସିରେ ନୂତନ ଚାନ୍ଦୁଆ ବଜାର ନିର୍ମାଣ କାର୍ଯ୍ୟକୁ ତ୍ୱରାନିତ କରି ପିପିଲିର ପୂର୍ବ ଗୌରବକୁ ଫେରାଇ ଆଣିବାକୁ ଉଦ୍ୟମ କରାଯିବ ବୋଲି ଅତିଥିମାନେ ମତପ୍ରକାଶ କରିଥଲେ। କାର୍ଯ୍ୟକ୍ରମରେ ସ୍ୱଚ୍ଛସାଥି, କାଉନ୍ସିଲର, ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧି ଓ ସ୍ୱେଚ୍ଛାସେବୀମାନଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରାଯିବା ସହିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ବିଦ୍ୟାର୍ଥୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ପୁରସ୍କୃତ କରଯାଇଥିଲା। ପିପିଲି କଲେଜର ସଙ୍ଗୀତ ଅଧ୍ୟାପକ ସଚ୍ଚିକାନ୍ତ ନାୟକ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ପୌର ପରିଷଦ ଅଧ୍ୟକ୍ଷ ସେକ୍ ରାଜୁ ଧନ୍ୟବାଦ ଦେଇଥିଲେ।

# ଶ୍ରୀରାଧା ଜନ୍ମ ମହୋତ୍ସବ ଉଦ୍‌ଯାପିତ

ସାକ୍ଷୀଗୋପାଳ,୩୧।୮ (କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ/ଭରତ ରାଉତ)

ଶ୍ରୀରାଧା ଜନ୍ମ ମହୋତ୍ସବ ପାଇଁ ସାକ୍ଷୀଗୋପାଳ ମନ୍ଦିର ଚଳଚଞ୍ଚଳ ହୋଇଛି। ସିଂହଦ୍ୱାର ଭଜନ କମିଟି ପକ୍ଷରୁ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ଆୟୋଜିତ ତିନିଦିନିଆ ଶ୍ରୀରାଧା ଜନ୍ମ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ସମ୍ମାନିତ ଅତିଥି ଭାବରେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଜିଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର ପ୍ରମୁଖ ଯୋଗଦେଇ ସତ୍ୟବାଦୀ ଅଞ୍ଚଳର ବିକାଶ ପାଇଁ ଆଲୋଚନା କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା ସୁକାନ୍ତ କିଶୋର ସାମନ୍ତରାୟ ରାଧାକୃଷ୍ଣ ପରସ୍ପର ଅଭିନ୍ନ ବୋଲି କହିବା ସହିତ ଏଭଳି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଜରିଆରେ ଆଧ୍ୟାତ୍ମିକ ଅନୁଭବ ସୁଯୋଗ ଜୁଟିଥାଏ ବୋଲି କହିଥିଲେ। ପର୍ଯ୍ୟଟନ କ୍ଷେତ୍ର ସାକ୍ଷୀଗୋପାଳର ପର୍ଯ୍ୟଟନ ଭିତ୍ତିକ



ମହୋତ୍ସବର ଅନ୍ତିମ ସନ୍ଧ୍ୟାରେ ଅତିଥିମାନେ ଜଣେ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

ଉନ୍ନୟନ ଏବଂ ଆକର୍ଷଣୀୟ କରିବା ସହିତ ତୀର୍ଥଯାତ୍ରୀମାନଙ୍କ ନିମନ୍ତେ ମୌଳିକ ସୁବିଧା ପାଇଁ ସମ୍ପାଦକୀୟ ବିବରଣୀ ପାଠ କରି ସମ୍ପାଦକ ଦିବାକର ମହାପାତ୍ର ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ସାଂସ୍କୃତିକ ସନ୍ଧ୍ୟା ପ୍ରାରମ୍ଭରେ କଳାକାରମାନେ ଆକର୍ଷଣୀୟ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ସେହିପରି ଆୟୋଜିତ ଭଜନ ସମାରୋହରେ କଣ୍ଠଶିଳ୍ପୀ ନରେନ୍ଦ୍ର କୁମାର, ପୂଜା ଝା, ସ୍ମୃତି ମହାପାତ୍ର, ବିକ୍ରମ ଅଜୁବା, ଦେବସ୍ମିତା ହୋତା ପ୍ରମୁଖ ଭଜନ ପରିବେଷଣ କରିଥିଲେ। ସାଂସ୍କୃତିକ ସମ୍ପାଦକ ବିଜୟ ମହାପାତ୍ର, ଜିତେନ ମହାପାତ୍ର, ଆଲୋକ ଖୁଣ୍ଟିଆ, ଅଦାଲତ ଖୁଣ୍ଟିଆ, ରବୀନ୍ଦ୍ର ନାଥ ଷଡ଼ଙ୍ଗୀ ପରିଚାଳନାରେ ସହଯୋଗ କରିଥିଲେ। ଅଞ୍ଜନ ହୋତା ସଂଯୋଜନା କରିଥିଲେ। ଫୁଲମାଳ, ରଙ୍ଗବେରଙ୍ଗ ଆଲୋକ ମାଳାରେ ମନ୍ଦିରକୁ ସଜ୍ଜିତ କରାଯାଇଥିଲା। ପରମ୍ପରା ଅନୁଯାୟୀ ଗର୍ଭଗୃହରେ ଶ୍ରୀରାଧା ଜନ୍ମବିଧି ପାଳିତ ହୋଇଥିଲା।

**ଅଭିମନ୍ତ୍ରିତ ଜଳରେ ସ୍ନାନ କଲେ ଶ୍ରୀରାଧା**

ଶ୍ରୀରାଧାଙ୍କ ଜନ୍ମବିଧି ଦେବନୀତି ସମ୍ପାଦନ ନିମନ୍ତେ ମନ୍ଦିର ପ୍ରଶାସନ ଠାରୁ ସେବାୟତମାନଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି। ଏହି ଅବସରରେ ଶ୍ରୀରାଧାଙ୍କ ପୂର୍ଣ୍ଣ ସ୍ନାନ, ନୂତନ ବସ୍ତ୍ର, ସ୍ୱର୍ଣ୍ଣ ଅଳଙ୍କାର ସହିତ ଫୁଲମାଳ ଲାଗି କରାଯାଇଥିଲା। ବୀରକେଶରୀ ବଲ୍ଲଭଭୋଗ ପରେ ମନ୍ଦିର ଗର୍ଭଗୃହରେ ଶ୍ରୀରାଧାଙ୍କ ଜନ୍ମବିଧି ପାଳନ କରାଯାଇଥିଲା। ମନ୍ଦିର ପୁରୋହିତ, ପୁରୁଣା ପଣ୍ଡିତ, ପୂଜାପଣ୍ଡା, ସିଂହାରୀ, ପାଳିଆ ପତ୍ରୀ, ଆପଟ ଓ ଭଣ୍ଡାର ମେକାପ ଏଥିରେ ସାମିଲ ହୋଇ ଦେବନୀତି ସମ୍ପାଦନ କରିଥିଲେ। ଶିଶୁ ରାଧିକାଙ୍କ ଜନ୍ମ, କୁଆଁ କୁଆଁ ଡାକ, ନାଭିଛେଦନ, ସ୍ନାନ, ଖିରପାନ, ନୂତନ ବସ୍ତ୍ର, ଅଳଙ୍କାର, ଫୁଲହାର ଲାଗି କରାଯାଇଥିଲା। ନାମ କରଣ, ଜନ୍ମକୋରା ଭୋଗ ପରେ ରତ୍ନସିଂହାସନ ଉପରେ ବିରାଜିତ ଶ୍ରାରାଧାଙ୍କ ସୁନାବେଶ ଆଳତି, ଉପଚାର, ଜାତଭୋଗ ପରେ ଶ୍ରଦ୍ଧାଳୁମାନେ ମା'ଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ।

## ଫଟୋରେ ଖବର








ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟର ୩୬ତମ ବାର୍ଷିକ ଉତ୍ସବରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ରଙ୍କୁ ସମ୍ମାନିତ କରାଯାଉଛି । ରାଧାଷ୍ଟମୀ ଅବସରରେ ପୁରୀ ଓଡ଼ିଆ ମଠରେ ରାଧା ଜନ୍ମନୀତି ସମ୍ପନ୍ନ କରାଯାଉଛି । ସ୍ୱାୟତ୍ତ ଶାସନ ଦିବସ ଅବସରରେ ପୁରୀ ପୌରପରିଷଦ ପକ୍ଷରୁ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଦୀପଦାନ କରାଯାଉଛି ।

**କନ୍ଦେଇପୁର ମନ୍ କୀ ବାତ୍ କାର୍ଯ୍ୟକ୍ରମ**

ମଙ୍ଗୁଳି-ଜଗତପୁର,(ମାନସ ସାମଲ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ କନ୍ଦେଇପୁର ପଞ୍ଚାୟତସ୍ଥିତ କଲ୍ୟାଣ ମଣ୍ଡପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ଭାଜପା ସଭାପତି ଅନନ୍ତ ପାତ୍ରଙ୍କ ତତ୍ତ୍ୱାବଧାନରେ ମୁଖ୍ୟଅତିଥି ଭାବେ ଟାଙ୍ଗୀ-ସାଲେପୁର ବରିଷ୍ଠ ଭାଜପା ନେତା ହିମାଂଶୁ କୁମାର ମହାନ୍ତି ଯୋଗଦେଇ ମନ୍ କୀ ବାତ୍ ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଟାଙ୍ଗୀ ମହିଳା ମୋର୍ଚ୍ଚା ସଭାନେତ୍ରୀ ମିଳନ ସାହୁ, ସମ୍ପାଦିକା ସରସ୍ୱତୀ ସାହୁ, ସ୍ଥାନୀୟ ପଞ୍ଚାୟତ ନାଏବ ସରପଞ୍ଚ ଜେମା ସର୍ଦ୍ଦାର, ପ୍ରାକ୍ତନ ସମିତି ସଭ୍ୟ ଦେବାଶିଷ ମଲ୍ଲିକ, କୋଟସାହି ସଭାପତି ସମରେନ୍ଦ୍ର ଷଡ଼ଙ୍ଗୀ, ଗରୁଡଗାଁ ସଭାପତି ତାପସ ବେହେରା, ଲୋକନାଥ ସାହୁ ଓ ଆଶିଷ କାନୁନଗୋଙ୍କ ସମେତ ଶତାଧିକ ମହିଳାପୁରୁଷ ଯୋଗଦେଇଥିଲେ।

**ସଂକ୍ଷେପରେ**

## ମା' ମଙ୍ଗଳଚଣ୍ଡୀଙ୍କ ଦର୍ଶନ କଲେ ନଗର ଉନ୍ନୟନ ମନ୍ତ୍ରୀ

କଟକ,୩୧।୮(ଶିଳ୍ପା ପ୍ରିୟଦର୍ଶିନୀ)

ଚୌଧୁରୀ ବଜାର ପୂଜା ମଣ୍ଡପରେ ଅନୁଷ୍ଠିତ ମା' ମଙ୍ଗଳଚଣ୍ଡୀଙ୍କ ପୂଜାରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ମା' ଆଶୀର୍ବାଦ ଭିକ୍ଷା କରିଛନ୍ତି। ଏଥିସହିତ କଟକର ପୂଜା ପରମ୍ପରା ବିଷୟରେ କମିଟି ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚୌଧୁରୀ ବଜାର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସିଂ, ସିଏମ୍‌ସି ୱାର୍ଡ ନଂ. ୨୬ର କର୍ପୋରେଟର ତଥା ଭାଜପା ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ଗଗନ ଓଝା, ଉତ୍କଳ ବଙ୍ଗୀୟ ତାମ୍ବୁଲି ସମାଜର ସଭାପତି ସୁରେଶ କୁମାର କୁଣ୍ଡୁ, ସମ୍ପାଦକ ମନୋଜ କୁମାର ନନ୍ଦୀ, କୋଷାଧ୍ୟକ୍ଷ ତ୍ରିନାଥ ମଲ୍ଲିକ, ସହକୋଷାଧ୍ୟକ୍ଷ କାର୍ତ୍ତିକ ନନ୍ଦି, ପ୍ରଦୀପ ନନ୍ଦୀ, ଅମିୟ ଦାସ, ଅଶୋକ କୁମାର ସେନ, କାଳନ୍ଦୀ ନାରାୟଣ ମଲ୍ଲିକ, ରବୀନ୍ଦ୍ର ନନ୍ଦି ପ୍ରମୁଖ ଉପସ୍ଥିତ ଥିଲେ।

## ସମବାୟ ଦୁର୍ନୀତିର ଖୁବଶୀଘ୍ର ତଦନ୍ତ: ଅଭୟ

**ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମ**

ଖୁଣ୍ଟୁଣୀ, ୩୧।୮(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ପଞ୍ଚାୟତ ଅଫିସ କଲ୍ୟାଣ ମଣ୍ଡପଠାରେ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦି ଖେଲୋ ଇଣ୍ଡିଆ କାର୍ଯ୍ୟକ୍ରମରେ ଭାଗ ନେଇଥିବା ଓଡ଼ିଶାର ରଶ୍ମିତା ସାହୁଙ୍କ ସହିତ କଥା ହୋଇ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଆଠଗଡ଼ ଭାଜପା ନେତା ତଥା ବିଧାନସଭା ପ୍ରାର୍ଥୀ ଅଭୟ ବାରିକଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୨ନଂ ଜୋନ ମଣ୍ଡଳ ସଭାପତି ଶୋଭମ ପ୍ରିୟଦର୍ଶୀ, ଗୋଲକ ସ୍ୱାଇଁ, ୧ନଂ ଜୋନ ମଣ୍ଡଳ ସଭାପତି ତପନ ଲେଙ୍କା, ୩ ନଂ ମଣ୍ଡଳ ସଭାପତି ଅଶୋକ ନାୟକ, ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ୱର୍ଣ୍ଣପ୍ରଭା ବିଶ୍ୱାଳ ପ୍ରମୁଖ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରେ ଅନୁଷ୍ଠିତ ବୈଠକରେ ଅଭୟ ଆଠଗଡ଼ ନିର୍ବାଚନମଣ୍ଡଳୀରେ ସମବାୟ ଦୁର୍ନୀତି ଚରମ ଶିଖରରେ ପହଞ୍ଚିଛି ବୋଲି କହିବା ସହିତ ଖୁବଶୀଘ୍ର ଆଠଗଡ ନିର୍ବାଚନମଣ୍ଡଳୀର ପ୍ରତ୍ୟେକ ସମବାୟ ସମିତି ଯାଞ୍ଚ କରାଯିବ ଯାହା ପାଇଁ ସରକାର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରି ସାରିଛନ୍ତି। ତଦନ୍ତ ପରେ ଯେଉଁ ସମ୍ପାଦକମାନେ ଚାଷୀଙ୍କ ନାମରେ ଲୁଟ କରିଛନ୍ତି, ସେମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ସମସ୍ତ ଆତ୍ମସାତ ଟଙ୍କାକୁ ରିକୋଭରି କରାଯିବ ବୋଲି ଅଭୟ ଦୃଢୋକ୍ତି ପ୍ରକାଶ କରିଛନ୍ତି।

## କରାଟେରେ ରାଜେଶଙ୍କୁ ଗୋଟିଏ ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ପଦକ




ମଙ୍ଗୁଳି-ଜଗତପୁର,୩୧।୮(ମାନସ ସାମଲ)

ବାଲେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଆୟୋଜିତ ୧୯ତମ ରାଜ୍ୟସ୍ତରୀୟ କରାଟେ ପ୍ରତିଯୋଗିତାରେ କଟକ ଜିଲା ଟାଙ୍ଗୀ ଥାନା ଅଧୀନ କୋଟସାହିର ରାଜେଶ ସାହୁ ଦୁଇଟି ପଦକ ଜିତି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଏହି ପ୍ରତିଯୋଗିତାରେ ଛତିଆ ଓ ଟାଙ୍ଗୀସ୍ଥିତ ଟ୍ରାଡିଶନାଲ କରାଟେ ଏକାଡେମୀର ୧୭ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବାବେଳେ ୧୨ଟି ସ୍ୱର୍ଣ୍ଣ ସହ ୩୩ଟି ପଦକ ଜିତିଥିଲେ। ସେମାନଙ୍କ ମଧ୍ୟରେ ଟାଙ୍ଗୀ କରାଟେ ଏକାଡେମୀର ରାଜେଶ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ହାସଲ କରିଛନ୍ତି। ଏଥିରେ ସାଇ ସନକ କୁମାର ଦେଓ, ସତ୍ୟରଞ୍ଜନ ପଟ୍ଟନାୟକ ଓ ଗୋପାଳକୃଷ୍ଣ ନାୟକ ରେଫରୀ ଦାୟିତ୍ୱ ତୁଲାଇଥିଲେ। ରାଜେଶ ବର୍ତ୍ତମାନ ମଣିଆସ୍ଥିତ ଡିଏଭି ପବ୍ଲିକ ସ୍କୁଲର ନବମ ଶ୍ରେଣୀରେ ପଢୁଛନ୍ତି। ଏହି ସଫଳତା ପାଇଁ ଡିଏଭି ପବ୍ଲିକ ସ୍କୁଲ କର୍ତ୍ତୃପକ୍ଷ, ସ୍ଥାନୀୟ ଯଦୁମଣି ପାଠାଗାରର ପ୍ରତିଷ୍ଠାତା ଜୟଦେବ ଖିଲାର, ବିଭିନ୍ନ ସଙ୍ଗଠନ ସମେତ ସମ୍ପର୍କ ଅନୁଷ୍ଠାନର ମୁଖ୍ୟ ଯୋଗେଶ ଚନ୍ଦ୍ର ସ୍ୱାଇଁ ରାଜେଶଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ମହାନଦୀ, କାଠଯୋଡ଼ି ରିଭରଫ୍ରଣ୍ଟ ପାଇଁ ୩୧୦ କୋଟି

## କଟକ ମହାନଗର ନିଗମ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ



କଟକ ଶହୀଦ ଭବନରେ ସିଏମ୍‌ସି ପକ୍ଷରୁ ରବିବାର ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ମେୟର, ବିଧାୟିକା, ବିଧାୟକ ଓ ଜିଲାପାଳଙ୍କ ସହ ଅନ୍ୟମାନେ।

କଟକ,୩୧।୮(କାର୍ତ୍ତିକ ସାହୁ)

ବର୍ଦ୍ଧିତ ଜନ ସଂଖ୍ୟାକୁ ଦୃଷ୍ଟିରେ ରଖି କଟକ ସହରକୁ ସମ୍ପ୍ରସାରଣ କରାଯିବ। ବିଶେଷ କରି ସିଡିଏ ଅଞ୍ଚଳର ସମ୍ପ୍ରସାରଣ କରାଯାଇ ଜନବସତି ସ୍ଥାପନ କରାଯିବ। ମହାନଦୀ ରିଭର ଫ୍ରଣ୍ଟ ପାଇଁ ୨୫୦ କୋଟି ଏବଂ କାଠଯୋଡ଼ି ରିଭର ଫ୍ରଣ୍ଟ ଲାଗି ୬୦ କୋଟି ମିଶି ମୋଟ ୩୧୦ କୋଟି ଟଙ୍କା ରାଜ୍ୟ ସରକାର ବ୍ୟୟ ବରାଦ କରିଛନ୍ତି। ସେହିପରି ସିଡିଏ ଅଞ୍ଚଳରେ କପଡ଼ା ମଣ୍ଡି ଏବଂ ଚାନ୍ଦି ହବ୍ ନିର୍ମାଣ କରାଯିବ। କଟକ ସହରର ସୌନ୍ଦର୍ଯ୍ୟକରଣ ପାଇଁ ସରକାର ବିଭିନ୍ନ ପ୍ରକଳ୍ପ ପ୍ରସ୍ତୁତ କରିଛନ୍ତି ବୋଲି ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର ଶହୀଦ ଭବନଠାରେ ରବିବାର ସନ୍ଧ୍ୟାରେ ସ୍ୱାୟତ୍ତ ଶାସନ ଦିବସ ସମାରୋହକୁ ଉଦ୍‌ଘାଟନ କରି କହିଛନ୍ତି।

ମେୟର ସୁବାସ ସିଂ ସମାରୋହରେ ଅଧ୍ୟକ୍ଷତା କରି କଟକ ସହରର ବିଭିନ୍ନ ସମସ୍ୟା ସମ୍ପର୍କରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ, ସଦର ବିଧାୟକ ପ୍ରକାଶ ସେଠୀ, ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ, ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଏବଂ ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ପ୍ରମୁଖ ଯୋଗଦେଇଥିଲେ। ଏଥିସହ ସିଏମସି କମିଶନର କିରଣଦୀପ କୌର ସହୋତା, ଡେପୁଟି ମେୟର ଦମୟନ୍ତୀ ମାଝି ଏବଂ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ମୋନାଲିସା ଦାସ ମଞ୍ଚାସୀନ ଥିଲେ। ଏହି ଅବସରରେ ସହରର ବରିଷ୍ଠ ନାଗରିକମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହିପରି ସିଏମ୍‌ସିର କର୍ତ୍ତବ୍ୟନିଷ୍ଠ କର୍ମଚାରୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

### ନନ୍ଦିନୀ ଶତପଥୀଙ୍କ ସମୟର ଶହୀଦ ଭବନ

ସହରବାସୀଙ୍କର ବହୁ ପ୍ରତୀକ୍ଷିତ ଶହୀଦ ଭବନ ନବୀକରଣ କରାଯାଇ ରବିବାର ଉଦ୍‌ଘାଟିତ ହୋଇଛି। ୧୯୭୦ ଦଶକରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଶାସନ କାଳରେ ଶହୀଦ ଭବନ ପ୍ରଥମେ ଉଦ୍‌ଘାଟିତ ହୋଇଥିଲା। ଏହାର ୫୫ ବର୍ଷ ପରେ ଶହୀଦ ଭବନର ନବୀକରଣ ହୋଇଛି। ଏଥିପାଇଁ ୮ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ସିଏମ୍‌ସି ସୂତ୍ରରୁ ପ୍ରକାଶ।

### ୩୦ କୋଟିର ପ୍ରକଳ୍ପ ଶିଳାନ୍ୟାସ

ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ୩୦ କୋଟି ଟଙ୍କା ବ୍ୟୟରେ ନିଗମ ଅଞ୍ଚଳର ନୂତନ ପ୍ରକଳ୍ପ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏଥିସହ ସମ୍ପୂର୍ଣ୍ଣ ହୋଇଥିବା ପ୍ରକଳ୍ପଗୁଡିକ ଉଦ୍‌ଘାଟିତ ହୋଇଛି। ଚୌଧୁରୀବଜାରସ୍ଥିତ ସିଏମ୍‌ସି କାର୍ଯ୍ୟାଳୟ ବିଜୁଭବନ ଠାରେ ସକାଳେ ଜାତୀୟ ପତାକା ଉତ୍ତୋଳନ କରାଯାଇଛି। ପରେ ଦୟାଶ୍ରମ, ବାଳାଶ୍ରମ, ଶିଶୁ ଭବନ, ଅନ୍ଧ ମୁକ ବଧିର ବିଦ୍ୟାଳୟ ଓ ସହାୟ ଅନୁଷ୍ଠାନର ଅନ୍ତେବାସୀଙ୍କୁ ଫଳ ବଣ୍ଟନ କରାଯାଇଛି।



ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ପକ୍ଷରୁ ରବିବାର ଅନୁଷ୍ଠିତ ଏକ ଦିବସୀୟ ପରାମର୍ଶ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ। (ଫଟୋ: ରାଜକିଶୋର ମହାନ୍ତି)

## 'ମହିଳା ହିଂସା ରୋକିବ ୱାନ୍ ଷ୍ଟପ୍ କେନ୍ଦ୍ର'

**ଜାତୀୟ ଆଇନ ବିଶ୍ୱବିଦ୍ୟାଳୟରେ ପରାମର୍ଶ କାର୍ଯ୍ୟକ୍ରମ**

କଟକ,୩୧।୮(କାର୍ତ୍ତିକ ସାହୁ)

ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଓ ନେଦରଲାଣ୍ଡ ସରକାରଙ୍କ ଦୂତାବାସ ମିଳିତ ଆନୁକୂଲ୍ୟରେ ବିଶ୍ୱବିଦ୍ୟାଳୟ ପରିସରରେ ଘରୋଇ ହିଂସା ବିରୋଧରେ ଏକ ଦିବସୀୟ ପରାମର୍ଶ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳସଚିବ ରଙ୍ଗିନ ପଲ୍ଲବ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ସହଯୋଗୀ ପ୍ରଫେସର ସୁମନ ଦାଶ ଭଟ୍ଟମିଶ୍ର କହିଲେ ସଖି ସେଣ୍ଟର (ୱାନ ଷ୍ଟପ୍ କେନ୍ଦ୍ର) ମାଧ୍ୟମରେ ଘରୋଇ ହିଂସାର ସମାଧାନ କରାଯାଇପାରୁଛି। ମହିଳା ହିଂସା ରୋକିବାରେ ୱାନ ଷ୍ଟପ କେନ୍ଦ୍ର ଉଲ୍ଲେଖନୀୟ ଭୂମିକା ନିର୍ବାହ କରୁଛି। ବିଭିନ୍ନ ଜିଲାର ୱାନ ଷ୍ଟପ୍ କେନ୍ଦ୍ର ପ୍ରଶାସିକା ଓ ପରାମର୍ଶଦାତା ଯୋଗଦେଇ ନିଜସ୍ୱ ମତ ଉପସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ନେହା ମିଶ୍ର, ବିକାଶ ମହାପାତ୍ର, ଶୈଳ ବେହେରା, ଶର୍ମିଷ୍ଠା ନାଥ ଯୋଗଦେଇ ମହିଳା ହିଂସା ରୋକିବା ତଥା ନିର୍ଯାତିତାଙ୍କ ପାଇଁ ଏହି ୱାନ ଷ୍ଟପ୍ କେନ୍ଦ୍ରର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଛନ୍ତି। ବିଶ୍ୱବିଦ୍ୟାଳୟ ଗବେଷିକା ଆରୋଷିକା ମହାନ୍ତି ଧନ୍ୟବାଦ ଦେଇଥିଲେ।

## ରାଧାଷ୍ଟମୀ ଅବସରରେ ମାଟି ଅନୁକୂଳ

କଟକ,୩୧।୮(ଶିଳ୍ପା ପ୍ରିୟଦର୍ଶିନୀ)

ରାଧାଷ୍ଟମୀ ଅବସରରେ ଯୋବ୍ରା ଦୁର୍ଗା ମନ୍ଦିର ପରିଚାଳନା କମିଟି ପକ୍ଷରୁ ମାଟି ଅନୁକୂଳ କରାଯାଇଛି। ଯୋବ୍ରା ଘାଟକୁଲରୁ ରୀତିନୀତି ଅନୁଯାୟୀ ମାଟି ଅନୁକଳ କରାଯିବା ପରେ ସାହି ପରିକ୍ରମା କରାଯାଇଥିଲା। ଶୋଭାଯାତ୍ରାରେ ବିଧାୟକ ସୌଭିକ ବିଶ୍ୱାଳ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂଜା କମିଟି ସଭାପତି ପ୍ରମୋଦ କୁମାର ଜେନା, ସମ୍ପାଦକ ଶ୍ରୀମନ୍ତ ଦାସ, ଯୁବକ ସଂଘ ସଭାପତି ସଞ୍ଜୀବ ବେହେରା, ସମ୍ପାଦକ କନିଷ୍କ ଜେନା, କର୍ପୋରେଟର ସ୍ୱର୍ଣ୍ଣପ୍ରଭା ପଶାୟତ, କର୍ପୋରେଟର ଝିଲ୍ଲୀ ବିହାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଖୁଣ୍ଟୁଣୀ ବନାଞ୍ଚଳରେ କପିଳାସର ୫, ଚନ୍ଦକାର ୨୪ ହାତୀ

ଖୁଣ୍ଟୁଣୀ, ୩୧।୮(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ବଣିଆବନ୍ଧ ଓ ବ୍ରାହ୍ମଣବସ୍ତ ସଂରକ୍ଷିତ ଜଙ୍ଗଲରେ ରବିବାର ଦିନତମାମ ଚନ୍ଦକା ଏବଂ କପିଳାସ ହାତୀମାନଙ୍କ ଦୌରାତ୍ମ୍ୟ ଲାଗିରହିଛି। ବ୍ରାହ୍ମଣବସ୍ତ ଜଙ୍ଗଲରେ ୨୪ ଚନ୍ଦକା ହାତୀଙ୍କ ଚଳପ୍ରଚଳ ଅଞ୍ଚଳର ଲୋକଙ୍କ ମଧ୍ୟରେ ଭୟ ସଞ୍ଚାର କରିଥିବା ବେଳେ ଜଙ୍ଗଲ ବିଭାଗ ବ୍ରାହ୍ମଣବସ୍ତ, ରାମଶ୍ୟାମପୁର, କଖଡ଼ି, ବିଷ୍ଣୁପୁର ଓ ଗୋପୀନାଥପଡା ସହିତ ପାଖଗ୍ରାମକୁ ଚାଲିଯିବା ସମ୍ଭାବନା ଅଛି। ଏଥିପାଇଁ ଖୁଣ୍ଟୁଣୀ ବନାଞ୍ଚଳ ପକ୍ଷରୁ ଏସିଏଫ୍ ନୀଳମାଧ ସାହୁ ସ୍କ୍ୱାର୍ଡଙ୍କ ସହିତ ପାଟ୍ରୋଲିଂ କରି ସନ୍ଧ୍ୟା ପରଠାରୁ କୌଣସି ବ୍ୟକ୍ତି ଯେପରି ବ୍ରାହ୍ମଣବସ୍ତ, ସୁନିଆମୁହଁ ରାସ୍ତାରେ ଚଳପ୍ରଚଳ ନ କରନ୍ତି ସେଥିପାଇଁ ଡାକବାଜି ଯନ୍ତ୍ରରେ ଲୋକଙ୍କୁ ସତର୍କ କରୁଛନ୍ତି। ହାତୀମାନେ କିଭଳି ରାତିରେ ଗ୍ରାମାଞ୍ଚଳ ଭିତରକୁ ପ୍ରବେଶ କରି ନ ପାରିବେ ସେପାଇଁ ରାତି ସାରା ଏସିଏଫ୍ ସାହୁଙ୍କ ନେତୃତ୍ୱରେ ଫରେଷ୍ଟର ସରୋଜ କୁମାର ପଣ୍ଡା, ରୁପାଲୀ ପୃଷ୍ଟି ଏବଂ ୧୦ଜଣ ସ୍କ୍ୱାର୍ଡ, ୪ଜଣ ପାରାଷ୍ଟାଫଙ୍କୁ ନେଇ ୨ଟି ଭ୍ୟାନରେ ପାଟ୍ରୋଲିଂ ଚାଲୁ ରଖିଛନ୍ତି। ବଣିଆବନ୍ଧ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଗୋଟିଏ ୫ ଟିକିଆ ଦଳ କପିଳାସ ହାତୀ ଚଳପ୍ରଚଳ କରୁଛନ୍ତି। ସେମାନେ ନିକଟବର୍ତ୍ତୀ ଗ୍ରାମ ଭଗୁଆ, କଂସର, ମହାଲକ୍ଷ୍ମୀପୁର, ଓର୍ଦା, କୃଷ୍ଣପୁର ଏବଂ ଏହାର ନିକଟ ଗ୍ରାମକୁ ଯାଇ ପାରନ୍ତି ବୋଲି ବନାଞ୍ଚଳ ପକ୍ଷରୁ ଲୋକଙ୍କୁ ସତର୍କ କରାଯାଇଛି। ଯେପରି କୌଣସି ଧନଜୀବନ କ୍ଷୟକ୍ଷତି ନ ହୁଏ ସେଥିପାଇଁ ଜଙ୍ଗଲ ବିଭାଗ ସହିତ ଜନସାଧାରଣ ସହଯୋଗ କରିବାକୁ ଏସିଏଫ୍ ସାହୁ ନିବେଦନ କରିଛନ୍ତି।

**ଘଉଡ଼ାଇବାରେ ବନ ବିଭାଗ ନାକେଦମ**



ଖୁଣ୍ଟୁଣୀ ବନାଞ୍ଚଳ ପକ୍ଷରୁ ବାଉଁଶ ମଞ୍ଜି ବଲ ତିଆରି କରାଯାଉଛି।

## ବାଉଁଶ ମଞ୍ଜି ବଲ ସାହାଯ୍ୟରେ ଜଙ୍ଗଲ ମଧ୍ୟରେ ବାଉଁଶ ଗଛ

ଖୁଣ୍ଟୁଣୀ,୩୧।୮(ସଚ୍ଚିଦାନନ୍ଦ ପଣ୍ଡା)

ହାତୀମାନେ କିଭଳି ଜନବସତି ମୁହାଁ ନ ହେବେ, ଲୋକଙ୍କ ଫସଲ ହାନି ଓ ଧନ ଜୀବନ କ୍ଷୟକ୍ଷତି ନ ହେବ ଏହାକୁ ରୋକିବା ପାଇଁ ଖୁଣ୍ଟୁଣୀ ବନାଞ୍ଚଳ ପକ୍ଷରୁ ଜଙ୍ଗଲ ଭିତରେ ହାତୀଙ୍କ କ୍ଷୁଧା ମେଣ୍ଟେଇବା ନିମନ୍ତେ ଏକ ଅଭିନବ ପ୍ରୟାସ ଆରମ୍ଭ କରାଯାଇଛି। ଶନିବାର ଏହା ବ୍ରାହ୍ମଣବସ୍ତ ଜଙ୍ଗଲ ମଧ୍ୟରେ ବାମ୍ବୋ ବଲ୍ ଆରମ୍ଭ ହୋଇଛି। ଏହା ଜରିଆରେ ବାଉଁଶ ଗଛ ସୃଷ୍ଟି ପାଇଁ ପଦକ୍ଷେପ ନିଆଯାଇଛି। ବାମ୍ବୋ ବଲ ହେଉଛି ମାଟି ବାଲି ସହିତ ଖତ ମିଶା ଯିବା ପରେ ଏହାକୁ ପାଣି ଦେଇ ଚକଟା ଯାଇଥାଏ। ଏହି ଚକଟାକୁ କ୍ରିକେଟ ବଲଠାରୁ ଟିକିଏ ବଡ଼ କରାଯାଇ ବଲ ଭିତରେ ବାଉଁଶ ମଞ୍ଜି ପୁରା ଯାଇ ସୁଖାଯାଇ ଥାଏ। ଶୁଖିବା ପରେ ଯେଉଁ ଜଙ୍ଗଲରେ ବାଉଁଶ ଗଛ ନାହିଁ ସେହିଠାରେ ପକାଯିବା। ଦ୍ୱାରା ସେଥିରୁ ପ୍ରାକୃତିକ ପ୍ରଣାଳୀରେ ଗଜା ସୃଷ୍ଟି ହୋଇ ଗଛ ହୋଇଥାଏ। ଏହାଦ୍ୱାରା କମ ଖର୍ଚ୍ଚରେ ବହୁଗୁଡିଏ ବାଉଁଶ ଜଙ୍ଗଲ ସୃଷ୍ଟି ହୋଇ ହାତୀଙ୍କ ଖାଦ୍ୟ ଚାହିଦା ମେଣ୍ଟାଇ ପାରିବ। ଏଥିପାଇଁ ଶନିବାର ଭାରପ୍ରାପ୍ତ ବନଖଣ୍ଡ ଅଧିକାରୀ ଡ଼ା ଚିଟିଲିଚି ବିଶ୍ୱାଳଙ୍କ ଉପସ୍ଥିତିରେ ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ତଥା ସହକାରୀ ବନ ସଂରକ୍ଷକ ନୀଳ ମାଧବ ସାହୁ, ପରିବେଶବିତ୍ ଶ୍ୱେତକାନ୍ତ ବେହେରା, ଅଭୟ କୁମାର ସାମଲ, ଖବରଦାତା ବିରୁପାକ୍ଷ ପ୍ରଧାନ, ବନପାଳ ଶୁଶାନ୍ତ କୁମାର ଲେଙ୍କା, ପ୍ରମୋଦ କୁମାର ସେନାପତି ଓ ସରୋଜ କୁମାର ପଣ୍ଡାଙ୍କ ସହ ହାତୀ ଜଗୁଆଳିମାନେ ଉପସ୍ଥିତ ରହି ବାମ୍ବୋ ବଲ ସୁନିଆଁମୁହଁ, ସୁବାସୀ ଓ ବଣିଆବନ୍ଧ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଫିଙ୍ଗିଥିଲେ। ଆଗାମୀ ଦିନରେ ଅନ୍ୟ ଜଙ୍ଗଲରେ ମଧ ଏହି ପନ୍ଥା ଗ୍ରହଣ କରାଯିବ ଏବଂ କିଛି ବର୍ଷ ମଧ୍ୟରେ ଘଞ୍ଚ ବାଉଁଶ ଜଙ୍ଗଲ ସୃଷ୍ଟି ହୋଇପାରିବା ସହ ହାତୀଙ୍କ ଖାଦ୍ୟ ମିଳିବାରେ ସୁଗମ ହୋଇପାରିବ ବୋଲି ରେଞ୍ଜର ନୀଳମାଧ ସାହୁ ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ଗତ ୪ ବର୍ଷ ପୂର୍ବେ ଖୁଣ୍ଟୁଣୀ ବନାଞ୍ଚଳରେ ପ୍ରଥମେ ବାମ୍ବୋ ବଲରୁ ବାଉଁଶ ଜଙ୍ଗଲ ସୃଷ୍ଟି କରାଯାଇଥିଲା। ଯାହା ଏବେ ସୁବାସୀ ଓ ଅନ୍ୟ ଜଙ୍ଗଲରେ ଘଞ୍ଚ ବାଉଁଶ ଜଙ୍ଗଲ ସୃଷ୍ଟି ହୋଇପାରିଛି।

**ଜଙ୍ଗଲରେ ହାତୀମାନଙ୍କୁ ଖାଦ୍ୟ ମେଣ୍ଟାଇବ**

## ରାଜହଂସରେ ମେଗା ଚାରା ରୋପଣ କାର୍ଯ୍ୟକ୍ରମ

କଟକ ସଦର,୩୧।୮(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସ ପଞ୍ଚାୟତ ରାଜହଂସ ଗ୍ରାମର କାଠଯୋଡ଼ି ନଦୀ ପଠାରେ ରବିବାର ମେଗା ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଷ୍ଣୁପ୍ରିୟା ସେବା ସମିତି ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସମିତି ଅଧକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ ଓ ଯାଦବ ମହାସଭା ସଭାପତି ପ୍ରଦୀପ କୁମାର ବେହେରା ଯୋଗଦେଇ ଚାରା ରୋପଣ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଚଳିତବର୍ଷ ସମିତି ପକ୍ଷରୁ ବିଭିନ୍ନ ସ୍ଥାନରେ ୧ ଲକ୍ଷ ଚାରା ରୋପଣ କରାଯାଉଛି। କାର୍ଯ୍ୟକ୍ରମରେ ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ହୃଷୀକେଶ ଜେନା, ସରପଞ୍ଚ ତ୍ରିଲୋଚନ ପାତ୍ର, ରାକେଶ ବେହେରା, ସମର ବେହେରା, ପୂର୍ବତନ ସରପଞ୍ଚ ନିର୍ମଳ ଦାସ, ଅନିରୁଦ୍ଧ ରାଉଳ ପ୍ରମୁଖ ବୃକ୍ଷ ରୋପଣ ପରେ ପରବର୍ତ୍ତୀ ଯତ୍ନଭଳି କାର୍ଯ୍ୟକ୍ରମର ପ୍ରଶଂସା କରୁଥିଲେ। କଟକ ସଦର ବିକାଶ ମଞ୍ଚ ସଭାପତି ସୁବୋଧ ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ବିଏସ୍ଏଫ୍ ଜୱାନ ଶମ୍ଭୁନାଥ ନାୟକ, ଜିତେନ୍ଦ୍ର ଦାଶ, ବୁଦ୍ଧେଶ୍ୱର ଦାଶ, ବିଜୟ ପଣ୍ଡା, ହରିହର ଦାଶ, ସମିତି ସଭ୍ୟ ସନ୍ତୋଷ ରାଉତ, ନିଲୁ ପ୍ରଧାନ, ଜଗନ୍ନାଥ ପଣ୍ଡା, ସୁରେଶ ସାହୁ ଚାରା ରୋପଣରେ ସହଯୋଗ କରିଥିଲେ।



ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଅତିଥିଗଣ।

## ଅବ୍ୟବସ୍ଥାରେ ଚୌଦ୍ୱାର ପୌର ସ୍ୱାୟତ୍ତ ଶାସନ ଦିବସ

ମଙ୍ଗୁଳି-ଜଗତପୁର,୩୧।୮ (ମାନସ ସାମଲ)




ଚୌଦ୍ୱାର ପୌର ପରିଷଦ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ କାର୍ଯ୍ୟକ୍ରମରେ ପତାକା ଉତ୍ତୋଳନ କରାଯାଉଛି।

ଚୌଦ୍ୱାର ପୌର ପରିଷଦ ଆନୁକୂଲ୍ୟରେ ଆୟୋଜିତ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ଅବ୍ୟବସ୍ଥାରେ ପାଳନ କରାଯାଇଥିବା ଦେଖିବାକୁ ମିଳିଛି। ପୌର ଅଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣ ପ୍ରଭା ସାମଲଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ଉଦ୍‌ଘାଟକ ଭାବେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଯୋଗ ନ ଦେଇଥିବା ବେଳେ ୫ କାଉନସିଲରଙ୍କ ଅନୁପସ୍ଥିତିକୁ ଚର୍ଚ୍ଚା ହେଉଛି। ପୌରପାଳିକା ପକ୍ଷରୁ ଶନିବାର ଏକ ମେଗା ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷା ସହ ରକ୍ତଦାନ ଶିବିରର ଆୟୋଜନ ରହିଥିଲା। ଆୟୋଜକ ପୌର ପ୍ରଶାସନ ପକ୍ଷରୁ ମାତ୍ର ୧୭ ୟୁନିଟ ରକ୍ତ ସଂଗ୍ରହ ହୋଇଥିବା ବେଳେ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ମାତ୍ର ୪୨ଜଣ ଲୋକ ଆସିଥିଲେ ଯାହାକି ପୌର ପ୍ରଶାସନକୁ ଜନସଧାରଣ ପ୍ରତ୍ୟାଖାନ କରିଥିବା ଚର୍ଚ୍ଚା ହେଉଛି। ପରେ ଯୁବତୀ ଓ ମହିଳାଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ପୌର ପାଳିକା ପକ୍ଷରୁ ନିର୍ମିତ ବିଭିନ୍ନ ପ୍ରକଳ୍ପକୁ ଏମ୍‌ପି ଅନୁପସ୍ଥିତିରେ ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ରବିବାର ସ୍ୱାୟତ୍ତ ଶାସନ ଅବସରରେ ପୂର୍ବାହ୍ନରେ ପ୍ରଭାତ ଫେରି, ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ପୌର କାର୍ଯ୍ୟାଳୟ ଓ ଗନ୍ଧିଛକସ୍ଥିତ ବିଜୁ ପଟ୍ଟନାୟକ ମାର୍କେଟ କମ୍ପ୍ଲେକ୍ସରେ ୩୦ ମିଟରର ଜାତୀୟ ପତାକା ଉତ୍ତୋଳନ କରଯାଇଥିଲା। ଶେଷରେ ଗାନ୍ଧିଛକସ୍ଥିତ ଟାଉନ ହଲରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ମୁଖ୍ୟ ଅତିଥି ଭାବେ ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ ଯୋଗଦେଇ ସମସ୍ତ ପ୍ରତିଯୋଗୀ ବିଜେତା, ସଫେଇ ଓ ପୌର କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପୌରଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ବିଧାୟକଙ୍କ ପ୍ରତିନିଧି ପ୍ରେମଚାନ୍ଦ ନାୟକ, କାଉନସିଲର ଦିଲୀପ ସାହୁ, ସୁବ୍ରତ ସାମଲ, ଅଜୟ କୁମାର ବେହେରା, ଅଜୀନି ବେହେରା, ଆଶୁତୋଷ ଦାସ, ବିଜୟ କୁମାର ମଲ୍ଲିକ, ବିଜୟ କୁମାର ସାହୁ, ଦିଲୀପ ଭୂୟାଁ, ରଙ୍ଗଲତା ସାହୁ, ରଞ୍ଜୁଲତା ଦାସ, ସବିତା ମାହାଳି, ବିଜୟଲକ୍ଷ୍ମୀ ବେହେରା, ସୁଜାତା ସାହୁଙ୍କ ସମେତ ପୌରଯନ୍ତ୍ରୀ ପତିତପାବନ ପଟ୍ଟନାୟକ, ସଞ୍ଜୟ ସାମଲ, ଶୁଭଶ୍ରୀ ସନ୍ଦୀପ୍ତା ବେହେରା, ଶୁଭଶ୍ରୀ ବେହେରାଙ୍କ ସମେତ ପୌରକର୍ମଚାରୀ ଉପସ୍ଥିତ ଥିଲେ। ଫେରିବା ବେଳେ ଚୌଦାର ମେହାନ୍ତର ସଂଘକୁ ଅଣଦେଖା କରିବା ସହ ଗତ ୯ ମାସ ହେବ ଉଦ୍ଦେଶ୍ୟମୂଳକ ଭାବେ ୪ଜଣ କର୍ମଚାରୀଙ୍କୁ ଛଟେଇ କରାଯାଇଛି ବୋଲି ଅଭିଯୋଗ ଆଣି ବିଧାୟକଙ୍କୁ ଘେରିଥିଲେ। ସୋମବାର ସମସ୍ତେ ବିଧାୟକଙ୍କ ବାସଭବନ ଆସି ଏ ବିଷୟ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେବାରୁ ବିଧାୟକଙ୍କୁ ଛାଡ଼ିଥିଲେ। ସମସ୍ତଙ୍କ ପାଇଁ ପୌର ପ୍ରଶାସନ ପକ୍ଷରୁ ୪ ଲକ୍ଷ ଟଙ୍କା ବ୍ୟୟରେ ମଧ୍ୟାହ୍ନ ଭୋଜନ 'ବଡ ଖାନା' ବ୍ୟବସ୍ଥା କରାଯାଇଥିଲା ବୋଲି ଶୁଣିବାକୁ ମିଳୁଛି। ଶେଷ ଖୁଦୁରୁକୁଣି ଓଷା ହୋଇଥିବାରୁ ମହିଳା ଓ ଯୁବତୀ ପିଆଜ ରସୁଣରେ ପ୍ରସ୍ତୁତ 'ବଡଖାନା' ଖାଦ୍ୟକୁ ନ ଖାଇ ଉପାସରେ ଶତାଧିକ ସ୍ୱଚ୍ଛସାଥି ଓ ଯୁବତୀ ଓ ମହିଳା ପ୍ରତିଯୋଗୀ ଫେରିଥିଲେ। ଏ ନେଇ ଅଧ୍ୟକ୍ଷା ସାମଲଙ୍କୁ ପଚାରିବାରୁ ସେ କହିଛନ୍ତି, ସମସ୍ତ ଖର୍ଚ୍ଚର ହିସାବ ସହ ଜିଏସଟି ବିଲ ଦେଖିବା ପରେ ନିଷ୍ପତ୍ତି ନିଆଯିବ ବୋଲି କହିଥିଲେ।

**■୩ ସ୍ୱାଧୀନ କାଉନସିଲଙ୍କୁ ଅଣଦେଖା**
**■ଯୋଗ ଦେଲେନି ୫ କାଉନସିଲର**

# ସହରାଞ୍ଚଳରେ ଘର କିଣିବା ମଧ୍ୟବିତ୍ତଙ୍କ ପାଇଁ ସହଜ ନୁହେଁ

ଭୁବନେଶ୍ୱର,୩୧।୮



ମଧ୍ୟବିତ୍ତ ବର୍ଗର ବ୍ୟକ୍ତିମାନେ ବର୍ତ୍ତମାନ ସହରାଞ୍ଚଳରେ ଘରଟିଏ କରିବା ସ୍ୱପ୍ନ ହୋଇଯାଇଛି। ନାଇଟ୍ ଫ୍ରାଙ୍କ ଇଣ୍ଡିଆ ଏବଂ ଏନ୍ଆର୍ଇଡିସିଓର ଏକ ରିପୋର୍ଟ ଅନୁସାରେ, ୨୦୨୫ର ପ୍ରଥମ ଷାଣ୍ମାସିକରେ ସହରାଞ୍ଚଳରେ କମ୍ ମୂଲ୍ୟଯୁକ୍ତ ଘରଗୁଡ଼ିକର ବିକ୍ରି ତୁଳନାରେ ନୂଆ ଘର ଲଞ୍ଚ ସଂଖ୍ୟା ମାତ୍ର ଏକ ତୃତୀୟାଂଶ ରହିଛି। ଏହା ରିୟଲ ଇଷ୍ଟେଟ ବଜାରରେ ଆସୁଥିବା ଏକ ବଡ଼ ସଙ୍କଟକୁ ସୂଚାଉଛି। ରିପୋର୍ଟ ମୁତାବକ, ବଜାରରେ ବିକ୍ରି ହେଉଥିବା ପ୍ରତି ତିନୋଟି କମ୍ ମୂଲ୍ୟଯୁକ୍ତ ଘର ପାଇଁ ନିର୍ମାତାମାନେ ମାତ୍ର ଗୋଟିଏ ନୂଆ ଘର ନିର୍ମାଣ କରୁଛନ୍ତି। ଯୋଗାଣ ଏବଂ ଚାହିଦା ମଧ୍ୟରେ ବଢୁଥିବା ଅନ୍ତର ଭବିଷ୍ୟତରେ ମଧ୍ୟବିତ୍ତ ପରିବାରଙ୍କ ପାଇଁ ଘର କିଣିବା ସ୍ୱପ୍ନ ସାକାର ହେବାକୁ ଦେବ ନାହିଁ। ରିପୋର୍ଟ ଅନୁସାରେ, ୨୦୧୮ ମସିହାରେ ମୋଟ ଲଞ୍ଚ ହୋଇଥିବା ଘରଗୁଡ଼ିକରେ କମ୍ ମୂଲ୍ୟଯୁକ୍ତ ବର୍ଗର ଅଂଶ ୫୨.୪% ଥିଲା, କିନ୍ତୁ ୨୦୨୫ ମସିହାରେ ଏହା ଚିନ୍ତାଜନକ ଭାବେ ହ୍ରାସ ପାଇ ୧୭.୧% ହୋଇଛି। ଏହି ବଡ଼ ହ୍ରାସର ମୁଖ୍ୟ କାରଣ ହେଉଛି ଜମିର ମୂଲ୍ୟ ବୃଦ୍ଧି, ନିର୍ମାଣ ଖର୍ଚ୍ଚରେ ବୃଦ୍ଧି ଏବଂ କମ୍ ଲାଭ। ଏହି କାରଣରୁ ନିର୍ମାତାମାନେ ଉକ୍ତ ବର୍ଗରୁ ମୁହଁ ଫେରାଇ ନେଇଛନ୍ତି। ଲଞ୍ଚ-ଟୁ-ସେଲ୍ସ ଅନୁପାତ ୨୦୨୦ ମସିହାରେ ୧:୨୦ ଥିଲା, ଯାହା ୨୦୨୫ରେ ୦.୩୬କୁ ହ୍ରାସ ପାଇଛି। ଅର୍ଥାତ୍ ୨୦୨୦ ମସିହାରେ ପ୍ରତି ବିକ୍ରି ହେଉଥିବା ଘର ପାଇଁ ୧.୨ ନୂଆ ଘର ଲଞ୍ଚ ହେଉଥିଲା, କିନ୍ତୁ ଏବେ ମାତ୍ର ୦.୩୬ ରହିଛି। ଏହା ସ୍ପଷ୍ଟ ସଙ୍କେତ ଦେଉଛି ଯେ ନିର୍ମାତାମାନେ ନୂଆ କମ୍ ମୂଲ୍ୟଯୁକ୍ତ ପ୍ରୋଜେକ୍ଟ ଆରମ୍ଭ କରିବାକୁ ଇଚ୍ଛୁକ ନାହାନ୍ତି, ଯାହା ଫଳରେ ବଜାରରେ ଉପଲବ୍ଧ ଘରଗୁଡ଼ିକର ଷ୍ଟକ ଦ୍ରୁତ ଗତିରେ ହ୍ରାସ ପାଉଛି। ଏହି ସଙ୍କଟ ଦେଶର ଘର କିଣୁଥିବା ଲୋକଙ୍କ ଉପରେ ୨ଗୁଣ ମାଡ଼ ପକାଉଛି। ଗୋଟିଏ ପଟେ ସହରରେ ଘରଗୁଡ଼ିକର ବିକଳ୍ପ ଦ୍ରୁତ ଗତିରେ ହ୍ରାସ ପାଉଛି, ଅନ୍ୟପଟେ ଲୋକଙ୍କର କିଣିବା କ୍ଷମତା ମଧ୍ୟ କମୁଛି। ଆର୍ଥିକ ଦୁର୍ବଳ ବର୍ଗ (ଇଡବ୍ଲ୍ୟୁଏସ୍) ପରିବାରମାନଙ୍କ ପାଇଁ ଘରର ଇଏମ୍ଆଇ ଏବଂ ଆୟର ଅନୁପାତ ୨୦୨୦ରେ ୪୩% ଥିଲା, ଯାହା ଏବେ ବଢ଼ି ୬୦% ହୋଇଛି, ଯାହା ଆର୍ଥିକ ଚାପକୁ ସୂଚାଉଛି। ୨୦୨୫ର ପ୍ରଥମ ୬ମାସର ତଥ୍ୟ ଅନୁସାରେ ବଜାରରେ ବିକ୍ରି ହେଉଥିବା ପ୍ରତି ୧୦୦ ଶସ୍ତା ଘର ପାଇଁ ଡେଭେଲପରମାନେ ମାତ୍ର ୩୬ଟି ନୂଆ ଘର ନିର୍ମାଣ କରୁଛନ୍ତି, ଯାହା ଯୋଗାଣରେ ଗମ୍ଭୀର ସଙ୍କଟ ସୃଷ୍ଟି କରୁଛି। ଯୋଗାଣ କମିବା ଏବଂ ଚାହିଦା ବଜାୟ ରହିବା ଫଳରେ ଭବିଷ୍ୟତରେ ଆବାସିକ ଘରଗୁଡ଼ିକର ମୂଲ୍ୟରେ ତୀବ୍ର ବୃଦ୍ଧି ହେବାର ଆଶଙ୍କା ରହିଛି, ଯାହା ଘର କିଣିବାକୁ ଆହୁରି ମହଙ୍ଗା କରିଦେବ। ଭାରତର ସହରାଞ୍ଚଳରେ ବର୍ତ୍ତମାନ ୯୪ ଲକ୍ଷ ଆବାସ ୟୁନିଟ୍‌ର ଅଭାବ ରହିଛି।

# ଅନୁଗୋଳରେ ଖୋଲିଲା ଖିମ୍‌ଜୀ ଜୁଏଲର୍ସ



ଅନୁଗୋଳ,୩୧।୮ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ଶଙ୍କର ସିନେମା ରୋଡ୍‌ଠାରେ ରବିବାର ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ରାଜ୍ୟର ୧୦ମ ଷ୍ଟୋର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ୬୦୦୦ ବର୍ଗ ଫୁଟର ଏହି ଶୋ'ରୁମ୍ ସହର ମଧ୍ୟରେ ସର୍ବ ବୃହତ୍ତମ ଗହଣା ଦୋକାନ ଭାବେ ଖିମ୍‌ଜୀ ଏହାକୁ ଉଦ୍‌ଘାଟନକରି ପ୍ରକାଶ କରିଛନ୍ତି। ଏହି ଉଦ୍‌ଘାଟନ ସମାରୋହରେ ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ, ଖିମ୍‌ଜୀ ଜୁଏଲର୍ସ ନିର୍ଦ୍ଦେଶକ ସୁମିତ ଖିମ୍‌ଜୀ ପ୍ରମୁଖ ଉପସ୍ଥିତ ଥିଲେ। ଏଠାରେ ସୁନା, ହୀରା, ପ୍ଲାଟିନମ ଏବଂ ରୁପା ଅଳଙ୍କାର ସହ ଫ୍ୟାଶନ ଜୁଏଲେରି ଏବଂ କର୍ପୋରେଟ୍ ଉପହାର ଉପଲବ୍ଧ ହେବ। ପ୍ରଥମ ଦିନରେ ଗ୍ରାହକମାନେ ସୁନା ଅଳଙ୍କାର ଗଢ଼ା ମଜୁରିରେ ୫୦% ରିହାତି, ହୀରାରେ ୨୦% ପର୍ଯ୍ୟନ୍ତ ରିହାତି, ରୁପା ଓଜନ ବସ୍ତୁର ଗଢ଼ା ମଜୁରିରେ ୨୫% ରିହାତି, ରୁପା ଏବଂ ଫ୍ୟାଶନ ଜୁଏଲେରି ଏମ୍ଆର୍‌ପିରେ ୧୫% ରିହାତି ଏବଂ କଳାକୃତି (ଆର୍ଟେଫ୍ୟାକ୍ଟସ) ଉପରେ ୧୦% ରିହାତି ପାଇବେ। ସୂଚନା ଥାଉ କି ଖିମ୍‌ଜୀର ଭୁବନେଶ୍ୱରରେ ୪ଟି, କଟକ, ରାଉରକେଲା, ବ୍ରହ୍ମପୁର, ପୁରୀ, ଝାରସୁଗୁଡ଼ା ଏବଂ ଅନୁଗୋଳରେ ଗୋଟିଏ ଲେଖାଏ ଶୋ'ରୁମ୍ ରହିଛି। ଯାଜପୁରରେ ଖୁବ୍‌ଶୀଘ୍ର ଆଉ ଏକ ଷ୍ଟୋର ଖୋଲାଯିବ ବୋଲି ସୂଚନା ରହିଛି। ଏହି ଅବସରରେ ମିତେଶ ଖିମଜୀ କହିଛନ୍ତି, ଅନୁଗୋଳରେ ବହୁଦିନ ଧରି ଓଡ଼ିଶାର ଶିଳ୍ପ ଅଭିବୃଦ୍ଧିର ପାୱାର ହାଉସ ହୋଇରହିଛି ।

# ତନିସ୍କର ହୀରା ପ୍ରଦର୍ଶନୀ

ଭୁବନେଶ୍ୱର,୩୧।୮ (ଅନୁରାଧା ମହାରଣା)



ଦେଶର ଅନ୍ୟତମ ଅଗ୍ରଣୀ ଗହଣା ରିଟେଲ୍ ବ୍ରାଣ୍ଡ୍ ତନିସ୍କ ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ପ୍ରାକୃତିକ ହୀରାର ସ୍ୱତନ୍ତ୍ର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏଠାରେ ୩୫ଟି ଏକ୍ସକ୍ଲୁସିଭ୍ ଡିଜାଇନର ହୀରା ଗହଣା ପ୍ରଦର୍ଶିତ ହୋଇଥିଲା। ଏହାସହ ପ୍ରାକୃତିକ ହୀରାମାନ ଚିହ୍ନଟ କରୁଥିବା ହାଇଟେକ୍ ମେଶିନ ଲାଇଟ୍ ସ୍କୋପ୍ ଓ ସିଛ ଡିଟେକ୍ଟର ପ୍ରଦର୍ଶିତ ହୋଇଥିଲା। ତନିସ୍କର ୪ ଉତ୍କୃଷ୍ଟ କଲେକ୍ସନ 'ରେଡିଆନ୍ସ ଇନ୍ ରିଦିମ୍', 'ଇଲାନ୍', 'ଅନବାଉଣ୍ଡ' ଓ 'ଏନ୍‌ଚାଣ୍ଟେଡ୍ ଟ୍ରେଲସ୍' ଗ୍ରାହକଙ୍କୁ ଆକୃଷ୍ଟ କରିଥିଲା। ଏହି ଅବସରରେ ତନିସ୍କର ସର୍କଲ ବିଜ୍‌ନେସ୍ ମ୍ୟାନେଜର ଅରିନ୍ଦମ ପରମାଣିକ କହିଛନ୍ତି, ଏହି ପ୍ରଦର୍ଶନୀ ମାଧ୍ୟମରେ ଭୁବନେଶ୍ୱରରେ ନୂଆ ପ୍ରାକୃତିକ ହୀରା ଗହଣାର ସମ୍ଭାର ଆସି ପହଞ୍ଚିଛି। ଏହା ଗ୍ରାହକଙ୍କୁ ଭରସାଯୋଗ୍ୟ ଉତ୍ସରୁ ସଂଗୃହୀତ ପ୍ରାକୃତିକ ହୀରା ଚୟନ କରିବାରେ ସାହାଯ୍ୟ କରୁଛି। ତନିସ୍କର ବିଜ୍‌ନେସ୍ ଆସୋସିଏଟ୍ ଯୋଗେନ୍ଦ୍ର ହଂସ୍ କହିଛନ୍ତି, ତନିସ୍କ ଟାଟା ଗ୍ରୁପ୍ ପକ୍ଷରୁ ପ୍ରସ୍ତୁତ ଭାରତର ବହୁ ପସନ୍ଦଯୋଗ୍ୟ ଗହଣା ବ୍ରାଣ୍ଡ। ଆକର୍ଷଣୀୟ କାରିଗରି, ସ୍ୱତନ୍ତ୍ର ଡିଜାଇନ, ଉତ୍ତମ ଗୁଣବତ୍ତାଯୁକ୍ତ ଉତ୍ପାଦ ସହ ଏହା ୨୫ ବର୍ଷ ଧରି ଗ୍ରାହକଙ୍କ ସେବା କରିଆସୁଛି। କ୍ୟାରେଟ ମିଟରରେ ସୁନାର ଶୁଦ୍ଧତା ମାପିବାରେ ତନିସ୍କ ପ୍ରଥମ ହୋଇଥିବାବେଳେ ବର୍ତ୍ତମାନ ହୀରାର ଗୁଣବତ୍ତା ନିର୍ଣ୍ଣୟ ପାଇଁ ଡାଇମଣ୍ଡ ମିଟର ବ୍ୟବହାର ଆରମ୍ଭ କରିବାକୁ ଯାଉଛି। ତନିସ୍କର ଏରିଆ ବିଜ୍‌ନେସ୍ ମ୍ୟାନେଜର କୌଶିକ ବାନାର୍ଜୀ କହିଛନ୍ତି, ହୀରା ଏପରି ଏକ ରତ୍ନ ଯାହାକି ଡାଇନୋସରର ଜନ୍ମ ପୂର୍ବରୁ ପୃଥିବୀ ପୃଷ୍ଠରେ ଉପଲବ୍ଧ। ପ୍ରାକୃତିକ ହୀରା ଭୂଗର୍ଭରେ ପ୍ରଚୁର ଚାପ ମଧ୍ୟରେ ପ୍ରସ୍ତୁତ ହୋଇଥାଏ। ଆଇଫେଲ୍ ଟାୱାରକୁ ଓଲଟାଇବାକୁ ଯେତିକି ଚାପ ଆବଶ୍ୟକ ସେତିକି ଚାପ ଦ୍ୱାରା ହୀରା ପ୍ରସ୍ତୁତ ହୋଇଥାଏ। ହୀରା ଅତ୍ୟନ୍ତ ଦୁର୍ଲଭ ପଦାର୍ଥ। ବର୍ତ୍ତମାନ ସୁଦ୍ଧା ଯେତିକି ହୀରା ଖନନ ହୋଇଛି ତାହା କେବଳ ଏକ ଡବଲ ଡେକର ବସ୍‌ରେ ରଖାଯାଇପାରିବ। ୧୯୭୨ରେ ଭୂବିଜ୍ଞାନୀଙ୍କୁ ହୀରାଖଣିରେ ପହଞ୍ଚାଇବାରେ ଉଇ ସାହାଯ୍ୟ କରିଥିବା କୌଶିକ କହିଛନ୍ତି। ଭାଓଲିନ୍ ବ୍ରଦର୍ସଙ୍କ ପ୍ରଦର୍ଶନ ଏବଂ ର୍‍ୟାମ୍ପ ୱାକ୍ କାର୍ଯ୍ୟକ୍ରମର ଅନ୍ୟତମ ଆକର୍ଷଣ ଥିଲା।

# ଅକ୍ଟୋବର ୩୧ ପୂର୍ବରୁ ଆଇଟିଆର୍ ଦାଖଲ

ଭୁବନେଶ୍ୱର,୩୧।୮

ଆୟକର ବିଭାଗ ଚଳିତ ବର୍ଷ ଆୟକର ରିଟର୍ନ(ଆଇଟିଆର୍) ଦାଖଲ କରିବାର ଅନ୍ତିମ ତାରିଖକୁ ୩୦ ଜୁଲାଇରୁ ବୃଦ୍ଧିକରି ୧୫ ସେପ୍ଟେମ୍ବର କରିଛି। ଏହାଦ୍ୱାରା କରଦାତାମାନଙ୍କୁ ନିଜର ଆୟକର ରିଟର୍ନ ଦାଖଲ କରିବା ପାଇଁ ଅତିରିକ୍ତ ୪୬ ଦିନ ସମୟ ମିଳିଛି। ଏହି ସମୟ ସେହି କରଦାତାମାନଙ୍କୁ ମିଳିଛି, ଯାହାଙ୍କ ଖାତାର ଅଡିଟ୍ କରାଇବା ଆବଶ୍ୟକ ନାହିଁ। ଯେଉଁ କରଦାତାମାନଙ୍କ ଖାତାର ଅଡିଟ୍ ଆବଶ୍ୟକ, ସେମାନଙ୍କୁ ୩୧ ଅକ୍ଟୋବର ୨୦୨୫ ପୂର୍ବରୁ ନିଜର ଆୟକର ରିଟର୍ନ ଦାଖଲ କରିବାକୁ ହେବ।

# ପାୱାର ଗ୍ରୀଡ୍‌କୁ ସ୍କୋପ୍ ଏମିନେନ୍ସ ଆୱାର୍ଡ

ଭୁବନେଶ୍ୱର,୩୧।୮



ଭାରତ ସରକାରଙ୍କ ଶକ୍ତି ମନ୍ତ୍ରଣାଳୟ ଅଧୀନରେ ଥିବା ମହାରତ୍ନ ସାର୍ବଜନିକ କ୍ଷେତ୍ର ଉଦ୍ୟୋଗ (ସିପିଏସ୍‌ୟୁ) ପାୱାର ଗ୍ରୀଡ୍ କର୍ପୋରେଶନ ଅଫ୍ ଇଣ୍ଡିଆ ଲିମିଟେଡ୍ (ପାୱାର ଗ୍ରୀଡ୍) ମାନବ ସମ୍ବଳ ପରିଚାଳନା କ୍ଷେତ୍ରରେ ସ୍କୋପ୍ ଏମିନେନ୍ସ ଆୱାର୍ଡ ହାସଲ କରିଛି। ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଆୟୋଜିତ ଏକ ସମାରୋହରେ ପାୱାର ଗ୍ରୀଡ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ତ୍ୟାଗୀ ଏବଂ ନିର୍ଦ୍ଦେଶକ (ପର୍ସୋନେଲ) ଡ. ଯତୀନ୍ଦ୍ର ଦ୍ୱିବେଦୀ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏହି ଅବସରରେ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ଏବଂ ଅର୍ଥ ମନ୍ତ୍ରଣାଳୟର ଡିପିଇ ସଚିବ କେ. ମୋସେସ ଚାଲାଇ ଉପସ୍ଥିତ ଥିଲେ। ଏହାସହ ସିପିଏସ୍‌ୟୁ, ସ୍କୋପ୍ ଏବଂ ପାୱାର ଗ୍ରୀଡ୍‌ର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଏହି ପୁରସ୍କାର ପାୱାର ଗ୍ରୀଡ୍‌ର ଉନ୍ନତ ମାନବ ସମ୍ବଳ ଅଭ୍ୟାସକୁ ସମ୍ମାନିତ କରିଛି, ଯାହା କର୍ମଚାରୀ କେନ୍ଦ୍ରିତ ନୀତି, ନିରନ୍ତର ଦକ୍ଷତା ବିକାଶ, ନେତୃତ୍ୱ ବିକାଶ ଏବଂ ସଂସ୍ଥା ଭିତରେ ନୂତନତ୍ୱ, ସମାବେଶୀକରଣ ଏବଂ ସାମଗ୍ରିକ କଲ୍ୟାଣର ସଂସ୍କୃତିକୁ ପ୍ରୋତ୍ସାହନ ଦେଇଥାଏ। ଚଳିତବର୍ଷ ଜୁଲାଇ ଶେଷ ସୁଦ୍ଧା ପାୱାର ଗ୍ରୀଡ୍ ୨୮୬ଟି ସବ୍‌ଷ୍ଟେଶନ ଏବଂ ୧,୮୦,୮୪୯ କି.ମି.ରୁ ଅଧିକ ଟ୍ରାନ୍ସମିସନ ଲାଇନ ନିର୍ମାଣ ଓ ପରିଚାଳନା କରୁଛି। ଏହାସହ ୫,୭୪,୩୩୧ ଏମ୍‌ଭିଏ ଟ୍ରାନ୍ସଫର୍ମେସନ କ୍ଷମତା ମଧ୍ୟ ରହିଛି। ନୂତନ ପ୍ରଯୁକ୍ତି, ସ୍ୱୟଂଚାଳନ ଏବଂ ଡିଜିଟାଲ ସମାଧାନର ବ୍ୟବହାର ମାଧ୍ୟମରେ ପାୱାର ଗ୍ରୀଡ୍ ୯୯.୮୫%ରୁ ଅଧିକ ଟ୍ରାନ୍ସମିସନ ସିଷ୍ଟମ ଉପଲବ୍ଧତା ବଜାୟ ରଖିଛି।

## ଅପରାଧ

# ବାଘଛାଲ ଜବତ, ୭ ଗିରଫ

### ଅବସରପ୍ରାପ୍ତ ଏଏସ୍ଆଇଙ୍କ ସମ୍ପୃକ୍ତି

ଭଞ୍ଜନଗର,୩୧।୮ (ବାବୁଲା ପ୍ରଧାନ)



ଖବରଦାତା ସମ୍ମିଳନୀରେ ଡିଏଫ୍‌ଓ, ଗିରଫ ଅଭିଯୁକ୍ତ ଓ ଅନ୍ୟମାନେ।

ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ କର୍ମଚାରୀ ରବିବାର ସକାଳେ ଏକ କଲରାପତରିଆ ବାଘଛାଲ ଜବତ କରିଛନ୍ତି। ଏହି ମାମଲାରେ ଜଣେ ଅବସରପ୍ରାପ୍ତ ପୋଲିସ ଏଏସ୍ଆଇ, ଜଣେ ବାବାଜିଙ୍କ ସମେତ ୭ ଜଣଙ୍କୁ ବନବିଭାଗ ଗିରଫ କରିଛି। ଆଉ ଜଣେ ଫେରାର ବ୍ୟକ୍ତିଙ୍କୁ ଧରିବାକୁ ଉଦ୍ୟମ ଜାରି ରହିଥିବା ମୁଜାଗଡ଼ ରେଞ୍ଜ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଡିଏଫ୍‌ଓ ହିମାଂଶୁ ଶେଖର ମହାନ୍ତି କହିଛନ୍ତି। ଗିରଫ ୭ ବ୍ୟକ୍ତି ହେଲେ ଗଜପତି ଜିଲ୍ଲା ରାମଗିରି ଥାନା ବେଡିଙ୍ଗି ଗ୍ରାମର ଅବସରପ୍ରାପ୍ତ ଏଏସ୍ଆଇ କାଳି ଚରଣ ଜାନୀ, ରାମଗିରି ଥାନା ଆଡମଙ୍ଗି ଗ୍ରାମର ବିପିନ ଚରଣ ପ୍ରଧାନ, ବେଲଗୁଣ୍ଠା ଥାନା ଗୁଣ୍ଡୁରିବାଡି ଗ୍ରାମର ସୁରେନ୍ଦ୍ର ପ୍ରଧାନ ଓ ତାଙ୍କ ପୁଅ ଲକ୍ଷ୍ମଣ ପ୍ରଧାନ, ବେଲଗୁଣ୍ଠା ଥାନା ପଣ୍ଡିଖାଡି ଗ୍ରାମର ସୁଶାନ୍ତ ଡାକୁଆ, ମୋହନା ଥାନା ଗୋଛାଗଡା ଗ୍ରାମର କ୍ଷେତ୍ରୀୟ ମଲ୍ଲିକ ଓ ପୁରୁଷୋତ୍ତମପୁର ଥାନା ସୋମା ଗ୍ରାମର ତ୍ରିନାଥ ବିଶ୍ୱାଳ। ଏମାନଙ୍କଠାରୁ ଗୋଟିଏ କାତି, ଦୁଇଟି ଭୁଜାଲି, ୫ଟି ମୋବାଇଲ ଫୋନ, ବାଘଛାଲ ଓ ପୂଜାରେ ବ୍ୟବହୃତ ସାମଗ୍ରୀ ଜବତ ହୋଇଛି।

ଖବରରୁ ଜଣାପଡ଼ିଛି, ଗଜପତି ଜିଲ୍ଲାର ୩ ଜଣ ଏବଂ ପୁରୁଷୋତ୍ତମପୁରର ଜଣେ ବ୍ୟକ୍ତି ମିଶି ଏକ ବାଘଛାଲ ଧରି ଭଞ୍ଜନଗର ଅଭିମୁଖେ ଆସି ଶନିବାର ବାବାଜି ସୁରେନ୍ଦ୍ର ପ୍ରଧାନଙ୍କୁ ଦେଇଥିଲେ। ଏହାକୁ ନେଇ ବାବାଜି ଅନ୍ୟମାନଙ୍କ ସହାୟତାରେ ରବିବାର ସକାଳେ ପୂଜା କରିଥିଲେ। ବାଘଛାଲକୁ ପୂଜା କଲେ ଧନ ବଢିବ ବୋଲି ସେମାନଙ୍କ ବିଶ୍ୱାସ ଥିଲା। ପୂଜା ପରେ ବାଘଛାଲକୁ ବିକ୍ରି କରିବା ଯୋଜନା ଥିଲା। ତେବେ ଏହା ପୂର୍ବରୁ ଡିଏଫ୍‌ଓ ମହାନ୍ତି ଖବର ପାଇ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଯୋଜନା କରିଥିଲେ। ତୁରନ୍ତ ୫ ଟିମ୍ ଗଠନ କରାଯାଇଥିଲା। ପରେ ବନକର୍ମଚାରୀମାନେ ବ୍ୟବସାୟୀ, ଚାଷୀ ବେଶରେ ଯାଇ ପ୍ରଥମେ ବାବାଜିଙ୍କ ଘରେ ରବିବାର ସକାଳ ୮ଟାରେ ଚଢାଉ କରି ବାଘଛାଲ ଜବତ କରିଥିଲେ। ସେଠାରୁ ୩ ଜଣଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କଠାରୁ ସୂଚନା ପାଇ ଭଞ୍ଜନଗର ରାଜ ପ୍ୟାଲେସରେ ଥିବା ଅନ୍ୟ ୪ ଜଣଙ୍କୁ ଗିରଫ କରାଯାଇଥିଲା। ଏହି ମାମଲାରେ ସମ୍ପୃକ୍ତ ଥିବା ଆଉ ଜଣେ ବ୍ୟକ୍ତି ଖସି ଯାଇଛନ୍ତି। ଏସିଏଫ୍ ବିବେକ ଦାସ, ଭଞ୍ଜନଗର ଥାନା ଅଧିକାରୀ ଜୀବନାନନ୍ଦ ଜେନା, ରେଞ୍ଜର ପୃଥ୍ୱୀରାଜ ପ୍ରଧାନ, ଜଗନ୍ନାଥପ୍ରସାଦ ରେଞ୍ଜର ସୁଜାତାରାଣୀ ପଣ୍ଡା, ମୁଜାଗଡ଼ ରେଞ୍ଜର ବିମ୍ବାଧର ସାହୁ, ବନପାଳ ଅନୁପ ବିଷୋୟୀ, ଜୀବନ ତ୍ରିପାଠୀ, ବବୁଲ ସେଠୀ ଚଢାଉର ନେତୃତ୍ୱ ନେଇଥିଲେ। ଜବତ ବାଘଛାଲଟି ମାସେ ତଳର। ବାଘଟିର ଗଜପତି ଜିଲ୍ଲା ମୋହନା ରେଞ୍ଜରେ ବାର୍‌ହା ଶିକାର ପାଇଁ ବିଛାଯାଇଥିବା ଜାଲରେ ପଡି ମୃତ୍ୟୁ ହୋଇଥିଲା। ପରେ ଅଭିଯୁକ୍ତମାନେ ଛାଲଟିକୁ ଶୁଖାଇ କିଛିଦିନ ନିଜ ପାଖରେ ରଖିବା ପରେ ବିକ୍ରି ଉଦ୍ଦେଶ୍ୟରେ ଶନିବାର ପୂଜା କରିବାକୁ ଭଞ୍ଜନଗର ଆଣି ପ୍ରଧାନଙ୍କୁ ଦେଇଥିଲେ। ପୂଜା ପରେ ସେମାନେ ଏହାକୁ ବିକ୍ରି କରିଥାନ୍ତେ। ତେବେ ଏହା ପୂର୍ବରୁ ସେମାନେ ଧରାପଡିଯାଇଥିଲେ। ବିଭାଗ ପକ୍ଷରୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ଆରମ୍ଭ ହୋଇଛି।

# ପ୍ରତିଶୋଧ ପାଇଁ ମିଥ୍ୟା ଗଣବଳାତ୍କାର ଅଭିଯୋଗ

### ସତ ଉନ୍ମୋଚନ କଲା ପୋଲିସ

ଉଦଳା,୩୧।୮ (ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷିର ଜଣେ ଯୁବତୀଙ୍କୁ ଗଣବଳାତ୍କାର ପରେ ଉଦଳା ଅଞ୍ଚଳର ରାସ୍ତା କଡ଼ରେ ଫିଙ୍ଗି ଦିଆଯିବା ନେଇ ଶନିବାର ହୋଇଥିବା ଅଭିଯୋଗର ରବିବାର ସତ୍ୟ ଉନ୍ମୋଚନ କରିଛି ପୋଲିସ। ଏହା ଗଣ ବାଳାତ୍କାର ନୁହେଁ, ସମ୍ପର୍କୀୟଙ୍କ ପ୍ରରୋଚନାରେ ପ୍ରତିଶୋଧ ନେବା ପାଇଁ ଯୁବତୀ ଜଣକ ମିଥ୍ୟା ଅଭିଯୋଗ କରିଥିଲେ ବୋଲି ଉଦଳା ଏସ୍‌ଡିପିଓ ହୃଷିକେଶ ନାୟକ କହିଛନ୍ତି। ଦୁଇଟି ଭିନ୍ନ ମାମଲାରେ ଗିରଫ ହୋଇ ବାରିପଦା ଜେଲରେ ଥିବା କପ୍ତିପଦା ଅଞ୍ଚଳର ନାନା ସାଏ ଏବଂ ଶରତ ଅଞ୍ଚଳର ଶ୍ୟାମ ସୁନ୍ଦର ରଣା ତାଙ୍କ ନାମରେ ଅଭିଯୋଗ କରିଥିବା ଲୋକଙ୍କୁ ଫସାଇ ଜେଲ ପଠାଇବା ପାଇଁ ମାଷ୍ଟର ପ୍ଲାନ କରିଥିଲେ ବୋଲି ତଦନ୍ତ ପରେ ଏସ୍‌ଡିପିଓ ସ୍ପଷ୍ଟ କରିଛନ୍ତି। ଏସ୍‌ଡିପିଓଙ୍କ ସୂଚନା ମୁତାବକ, ଯୁବତୀ ଏବଂ ତାଙ୍କ ମା' ରଚିଥିଲେ ଏଭଳି ନାଟକ। ଧରମଭଉଣୀ ବା ଅଭିଯୋଗକାରିଣୀ ଯୁବତୀଙ୍କ ମା'ଙ୍କୁ ମୋହରା ବନାଇଥିଲେ ଶ୍ୟାମ ସୁନ୍ଦର। ଯୋଜନା ଅନୁସାରେ ଯୁବତୀଙ୍କ ମା' ଦୀର୍ଘ ଦିନ ହେବ ସମସ୍ତ ଅଭିଯୋଗକାରୀଙ୍କ ତଥ୍ୟ ସଂଗ୍ରହ କରିଥିଲେ। ପରେ ମା' ଏବଂ ଝିଅ ମିଶି ଗଣ ବଳାତ୍କାରର ମିଥ୍ୟା ଅଭିଯୋଗ କରିଥିଲେ। ମାରୁତି ଓମ୍‌ନି ଗାଡ଼ିରେ ୫ ଜଣ ଯୁବକ ତାଙ୍କୁ ବଳାତ୍କାର କରି ଉଦଳା ଅଞ୍ଚଳର ରାସ୍ତାକଡ଼ରେ ଫିଙ୍ଗି ଦେଇ ପଳାଇ ଯାଇଥିଲେ ବୋଲି ଅଭିଯୋଗରେ ଦର୍ଶାଇଥିଲେ। ଅଭିଯୋଗକୁ ଭିତ୍ତିକରି ଉଦଳା ପୋଲିସ ତଦନ୍ତ ଆରମ୍ଭ କରିଥିଲା। ୨ ଯୁବକଙ୍କୁ ଥାନାରେ ଅଟକ ରଖି ଘଟଣାର ଖିଅ ଖୋଜିଥିଲା। ଶେଷରେ ସାମ୍ନାକୁ ଆସିଥିଲା ଏହି ଏହି ଘଟଣାର ସାଙ୍ଘାତିକ ସତ। ଗଣ ବଳାତ୍କାର କାହାଣୀ ଶୁଣାଇ ପୋଲିସକୁ କରିଥିଲେ ବାଟବଣା। ମା' ଓ ଝିଅ ଏହି ଘଟଣାରେ ମୁହଁ ଖୋଲି ନ ଥିବା ବେଳେ ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

# ସାନଭାଇର ଠେଙ୍ଗାମାଡ଼ରେ ବଡ଼ଭାଇ ମୃତ

### ସଲପ ଗଛକୁ କେନ୍ଦ୍ରକରି ହତ୍ୟାକାଣ୍ଡ

ନନ୍ଦପୁର/ପାଡୁଆ,୩୧।୮ (ତୁଷାରକାନ୍ତ ମହାନ୍ତି/ଶଙ୍କର ପୂଜାରୀ)

କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ୍ ପାଡୁଆ ଥାନା ଅଧୀନ କସନ୍ଦି ପଞ୍ଚାୟତର ଗୁଡ଼ିଚୁଆ ଗ୍ରାମରେ ସାନଭାଇର ଠେଙ୍ଗାମାଡ଼ରେ ବଡ଼ ଭାଇଙ୍କ ରବିବାର ମୃତ୍ୟୁ ହୋଇଛି। ମୃତକ ହେଲେ ଜୟରାମ ପାଙ୍ଗୀ(୩୮)। ଏ ନେଇ ଜୟରାମଙ୍କ ସ୍ତ୍ରୀ ମଣି ପାଡୁଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ଏତଲା ଅନୁଯାୟୀ, ଅଗଷ୍ଟ ୨୨ରେ ନିଜ ବାଡ଼ରେ ଥିବା ସଲପଗଛକୁ କେନ୍ଦ୍ରକରି ଜୟରାମ ଓ ତାଙ୍କ ସାନ ଭାଇ ରାମ ପାଙ୍ଗୀ(୩୫)ଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ରାମ ଜୟରାମଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିଲେ। ଜୟରାମ କ୍ଷତାକ୍ତ ହୋଇ ଘରେ ରହି ଚିକିତ୍ସିତ ହେଉଥିଲେ। ଶନିବାର ସକାଳେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ସ୍ତ୍ରୀ ଓ ସାନ ଭାଇ ପ୍ରଥମେ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ କୋରାପୁଟ ଚିକିତ୍ସା ପାଇଁ ନେଇଥିଲେ। ମୁଣ୍ଡରେ ଆଘାତ ଲାଗିଥିବାରୁ ଡାକ୍ତର ତାଙ୍କୁ ବିଶାଖାପାଟଣା ରେଫର କରିଥିଲେ। ପରିବାର ଲୋକେ ସେଠାକୁ ଯିବାଲାଗି ପ୍ରସ୍ତୁତି ପାଇଁ ଜୟରାମଙ୍କୁ ଘରକୁ ଫେରାଇ ଆଣିଥିବାବେଳେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ଜୟରାମଙ୍କ ସ୍ତ୍ରୀ ପାଡୁଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନାରେ କେସ୍ ନଂ. ୧୦୦/୨୫ରେ ମାମଲା ରୁଜୁ କରାଯାଇଛି। ପାଡୁଆ ଥାନାଧିକାରୀ ଅଶୋକ କୁମାର ବିଷୋୟୀ, ନନ୍ଦପୁର ଥାନାଧିକାରୀ ମମତା ପଣ୍ଡା, ଏସ୍ଆଇ ହୃଷୀକେଶ ବେନିଆ, ଏସ୍ଆଇ ଟୁନା ଶବର ଓ ସୁରେନ୍ଦ୍ର ସେଠୀ ପ୍ରମୁଖ ରବିବାର ଅପରାହ୍ନରେ ଗୁଡ଼ିଚୁଆ ଗ୍ରାମରେ ପହଞ୍ଚି ମୃତଦେହ ଜବତ କରିଥିଲେ। ମୃତଦେହ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଶବଗୃହରେ ରଖାଯାଇଛି। ରାମଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ସୋମବାର ଜିଲ୍ଲା ପୋଲିସର ବୈଷୟିକ ଟିମ୍ ଗାଁରେ ତଦନ୍ତ କରିବା ସୂଚନା ମିଳିଛି। ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରୀ ଟିମ୍ ମୃତଦେହ ବ୍ୟବଚ୍ଛେଦ କରିବେ ବୋଲି ଥାନାଧିକାରୀ ବିଷୋୟୀ ସୂଚନା ଦେଇଛନ୍ତି।

# ୨ ନାବାଳକ ଅଟକ, ୩ ଗିରଫ

### ମାରଣାସ୍ତ୍ର ଦେଖାଇ ବାଛୁରି, ଟଙ୍କା ନେଇଯିବା ଘଟଣା

କେନ୍ଦୁଝର,୩୧।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ପୋଲିସ ଜଣେ ବ୍ୟକ୍ତିଙ୍କୁ ମାରଣାସ୍ତ୍ର ଦେଖାଇ ୨ ବାଛୁରି ଓ ଟଙ୍କା ଛଡ଼ାଇ ନେବା ଘଟଣାରେ ୩ ଜଣଙ୍କୁ ଗିରଫ କରିଛି। ଏଥିସହ ୨ ଜଣ ନାବାଳକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଗିରଫ ଅଭିଯୁକ୍ତ ନେଲୁଙ୍ଗ ଗ୍ରାମର କୁନାଲ ପାତ୍ର, ସଦର ଥାନା ଅନ୍ତର୍ଗତ ମହୁଲଡ଼ିହା ଗ୍ରାମର ମନୋଜ ଜେନା, ଶିବପ୍ରସାଦ ବାରିକ। ଅଭିଯୋଗ ଅନୁଯାୟୀ, ମୟୂରଭଞ୍ଜ ଜିଲ୍ଲା ରରୁଆଁ ଥାନା କୁସନପୁର ଗ୍ରାମର ଗୌରାଙ୍ଗ ଗିରି ଗତ ୨୯ ତାରିଖରେ ହରିଚନ୍ଦନପୁର ହାଟରୁ ୨ଟି ବାଛୁରି କିଣି ତାଙ୍କ ସହଯୋଗୀଙ୍କ ସହିତ ଫେରୁଥିଲେ। ଘରକୁ ଫେରିବା ବାଟରେ ସେ ଝାଡ଼ାବେଲଦା ହାଟ ନିକଟରେ ରାତ୍ରଭୋଜନ କରିଥିଲେ। ତାଙ୍କ ସହିତ ଥିବା ସହଯୋଗୀମାନେ ସେମାନଙ୍କ ଘରକୁ ପଳାଇଯାଇଥିଲେ। ୩୦ ତାରିଖ ଅପରାହ୍ନ ୫ଟାରେ ସେ ଏକୁଟିଆ ଥିବା ସୁଯୋଗ ନେଇ ୭ ରୁ ୮ ଜଣ ଯୁବକ ଏକ କାର ଓ ବାଇକ୍‌ରେ ଆସି ଭୁଜାଲି ଓ ଛୁରି ଦେଖାଇ ତାଙ୍କ ପକେଟ୍‌ରୁ ୫୫୦୦ ଟଙ୍କା ଓ ଦୁଇ ବାଛୁରିଙ୍କୁ ଛଡ଼ାଇ ନେଇ ପଳାଇଥିଲେ। ଏ ନେଇ ସଦର ସେ ଥାନାରେ ଅଭିଯୋଗ କରିଥିଲେ।

# ସ୍ତ୍ରୀଙ୍କୁ ହାଣିଦେଲେ ସ୍ୱାମୀ

ନୂଆପଡ଼ା,୩୧।୮ (ମକାରୁ ବେମାଲ)

ନୂଆପଡ଼ା ସଦର ବ୍ଲକ ଧରମବନ୍ଧା ଥାନା ଖୁଟମନ ଭେରା ଗାଁ କେନାଲପଡ଼ାରେ ରବିବାର ଅପରାହ୍ନରେ ହତ୍ୟାକାଣ୍ଡ ଘଟିଛି। ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ଦେଇଛନ୍ତି ସ୍ୱାମୀ। ମୃତକ ହେଲେ ତିରିତ କମାର (୪୦)। ପୋଲିସ ଅଭିଯୁକ୍ତ ସ୍ୱାମୀ ସନ୍ତୋଷ କମାର (୪୪)ଙ୍କୁ ଗିରଫ କରିଛି। ସନ୍ତୋଷ ଅପରାହ୍ନ ୫ଟାରେ କୌଣସି କାମରେ ବାହାରକୁ ଯାଇ ଘରକୁ ଫେରିଥିଲେ। ସେହି ସମୟରେ ସ୍ତ୍ରୀଙ୍କ ସହିତ ପାଟିତୁଣ୍ଡ ହୋଇଥିଲା। ସନ୍ତୋଷ ଉତ୍ତ୍ୟକ୍ତ ହୋଇ ଏକ ଟାଙ୍ଗିଆରେ ସ୍ତ୍ରୀଙ୍କୁ ପ୍ରହାର କରିଥିଲେ। ବେକରେ ଟାଙ୍ଗିଆ ଚୋଟ ବାଜିବାରୁ ଘଟଣାସ୍ଥଳରେ ହିଁ ତିରିତଙ୍କ ମୃତ୍ୟୁ ଘଟିଥିଲା। ଘଟଣା ପରେ ସନ୍ତୋଷ ଫେରାର୍ ହୋଇଯାଉଥିବାବେଳେ ଗ୍ରାମବାସୀ ତାଙ୍କୁ ଧରି ରଶିରେ ବାନ୍ଧି ରଖିଥିଲେ। ଧରମବନ୍ଧା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଓ ଟାଙ୍ଗିଆ ଜବତ କରିଥିଲା। ସନ୍ତୋଷଙ୍କୁ ଗିରଫ କରି ତଦନ୍ତ ଆରମ୍ଭ କରିଛି। ସୋମବାର ନୂଆପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନା ଅଧିକାରୀ ଟଙ୍କଗିରି ଭୋଇ ସୂଚନା ଦେଇଛନ୍ତି।

# ୬୧ ଗ୍ରାମ୍ ବ୍ରାଉନସୁଗାର ଜବତ

ବାରିପଦା,୩୧।୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲ୍ଲା ବାରିପଦା ସହର ଦାରଗାଡାହିସ୍ଥିତ ନୂଆ ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ରବିବାର ଅବକାରୀ ବିଭାଗ ଚଢ଼ାଉ କରି ଜଣେ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛି। ତାଙ୍କଠାରୁ ୬୧ ଗ୍ରାମ୍ ବ୍ରାଉନସୁଗାର ଜବତ କରାଯାଇଛି। ଗିରଫ ବେପାରୀ ହେଲେ ତକତପୁର ଭିଆର୍‌ପି କଲୋନୀର ଶମ୍ଭୁ ମୁଖି(୩୫)। ବିଭାଗ ପକ୍ଷରୁ ଏକ ମାମଲା (ନଂ. ୬୦/୨୫) ରୁଜୁ କରାଯାଇ ତାଙ୍କୁ କୋର୍ଟଚାଲାଣ କରାଯାଇଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୬ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ବିଭାଗ ପକ୍ଷରୁ ଜଣାଯାଇଛି।

# ଖଣି ମାଲିକ ଶକ୍ତି ରଞ୍ଜନ ଦାଶଙ୍କ ଘରେ ଇଡି ଚଢ଼ାଉ

## ହିମାଚଳ ପ୍ରଦେଶରେ ୧୩୯୬ କୋଟି ଟଙ୍କା ବ୍ୟାଙ୍କ ଠକେଇର ଓଡ଼ିଶା ଲିଙ୍କ୍

- ୭ କୋଟିର ୧୦ ବିଳାସମୟ କାର୍, ୩ ସୁପର ବାଇକ୍ ଜବତ
- ଘରୁ ମିଳିଲା ନଗଦ ୧୩ ଲକ୍ଷ ଟଙ୍କା, ୧.୧୨ କୋଟିର ଅଳଙ୍କାର
- ଦୁଇଟି ଲକର୍‌କୁ ଫ୍ରିଜ୍ କଲା ଇଡି ଟିମ୍


ଖଣି ମାଲିକ ଶକ୍ତି ରଞ୍ଜନ ଦାଶଙ୍କ ଘରୁ ଜବତ ହୋଇଥିବା ୩ ବିଳାସପୂର୍ଣ୍ଣ କାର୍।

ଭୁବନେଶ୍ୱର,୩୧।୮ (ସତ୍ୟଜିତ୍ ରାଉତ)

ହିମାଚଳପ୍ରଦେଶରେ ଏମ୍/ଏସ୍ ଇଣ୍ଡିଆନ ଟେକ୍ନୋମାକ୍ କମ୍ପାନୀ ଲିଃ (ଏମ୍/ଏସ୍ ଆଇଟିସିଓଏଲ୍) ବିଭିନ୍ନ ବ୍ୟାଙ୍କରୁ କରିଥିବା ୧୩୯୬ କୋଟି ଟଙ୍କାର ଋଣ ଠକେଇ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଖୋଳତାଡ ଚଳାଇଛି। ତଦନ୍ତ ସମୟରେ ଏହି ଠକେଇ ଟଙ୍କା ଓଡ଼ିଶାର ଏକ ଖଣି ମାଲିକଙ୍କ ପାଖକୁ ଆସିଥିବା ଇଡି ଜାଣିବାକୁ ପାଇଛି। ଏହି ଲିଙ୍କ୍‌ରେ ଇଡିର ଶିମ୍ଲା ଆଞ୍ଚଳିକ ଶାଖାର ଏକ ଟିମ୍ ଭୁବନେଶ୍ୱରର ଦୁଇଟି ସ୍ଥାନରେ ବଡ଼ଧରଣର ଚଢ଼ାଉ କରିଛି। ଏମ୍/ଏସ୍ ଅନମୋଲ ମାଇନ୍ସ ପ୍ରାଇଭେଟ୍ ଲିଃ (ଏଏମ୍‌ପିଏଲ୍) ଓ ଏମ୍/ଏସ୍ ଅନ୍‌ମୋଲ ରିସୋର୍ସେସ୍ ପ୍ରାଇଭେଟ୍ ଲିଃ (ଏଆରପିଏଲ୍) କାର୍ଯ୍ୟାଳୟ ଏବଂ ଏହି ଦୁଇ କମ୍ପାନୀର ମାଲିକ ତଥା ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଶକ୍ତି ରଞ୍ଜନ ଦାଶଙ୍କ ବାସଭବନରେ ଯାଞ୍ଚ କରି ଇଡି ବହୁ କୋଟି ଟଙ୍କାର ସମ୍ପତ୍ତି ଜବତ କରିଛି। ଶନିବାର ହୋଇଥିବା ଏହି ଚଢ଼ାଉରେ ଶକ୍ତି ରଞ୍ଜନଙ୍କଠାରୁ ୧୦ଟି ବିଳାସମୟ କାର୍ ଓ ୩ଟି ସୁପର ବାଇକ ଜବତ ହୋଇଛି। ଏସବୁର ଦାମ ୭ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଏଥିସହ ନଗଦ ୧୩ ଲକ୍ଷ ଟଙ୍କା, ୧.୧୨ କୋଟି ଟଙ୍କାର ସୁନା ଅଳଙ୍କାର ଓ ବିଭିନ୍ନ ସ୍ଥାବର ସମ୍ପତ୍ତିର ଦସ୍ତାବିଜକୁ ଜବତ କରିଛି। ଏଥିସହ ଚଢ଼ାଉ ବେଳେ ଶକ୍ତିରଞ୍ଜନଙ୍କ ୨ଟି ଲକର୍ ମଧ୍ୟ ଫ୍ରିଜ୍ କରାଯାଇଥିବା ଇଡି ପକ୍ଷରୁ ରବିବାର ସୂଚନା ଦିଆଯାଇଛି।

ହିମାଚଳପ୍ରଦେଶ ସିଆଇଡି ପକ୍ଷରୁ ଆଇଟିସିଓଏଲ୍ ଓ ଏହାର ପ୍ରମୋଟର୍ସଙ୍କ ବିରୋଧରେ ହୋଇଥିବା ଏଫ୍‌ଆଇଆର୍ ଆଧାରରେ ଇଡି ଏହି ଘଟଣାରେ ବେଆଇନ ଅର୍ଥ କାରବାର ଦିଗକୁ ନେଇ ମାମଲା ରୁଜୁ କରି ତଦନ୍ତ କରୁଛି। ଇଡି ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଆଇଟିସିଓଏଲ୍ କମ୍ପାନୀ ୨୦୦୯ରୁ ୨୦୧୩ ମସିହା ମଧ୍ୟରେ ବ୍ୟାଙ୍କ ଅଫ୍ ଇଣ୍ଡିଆ ସମେତ ବିଭିନ୍ନ ବ୍ୟାଙ୍କରେ ଫେକ୍ ପ୍ରୋଜେକ୍ଟ ରିପୋର୍ଟ ଓ ବିଭିନ୍ନ ଡମି/ସେଲ୍ କମ୍ପାନୀକୁ ଫେକ୍ ସେଲ୍ ଦେଖାଇ ୧୩୯୬ କୋଟି ଟଙ୍କା ଋଣ ନେଇ ଠକେଇ କରିଥିଲା। ତଦନ୍ତ ବେଳେ ଜଣାପଡିଛି ଯେ, ଆଇଟିସିଓଏଲ୍ କମ୍ପାନୀ ଓ ଏହା ଲିଙ୍କ୍‌ରେ ଥିବା ବିଭିନ୍ନ ସେଲ୍ କମ୍ପାନୀ ପକ୍ଷରୁ ୫୯.୮୦ କୋଟି ଟଙ୍କା ଶକ୍ତି ରଞ୍ଜନ ଦାଶଙ୍କ ଦୁଇଟି କମ୍ପାନୀ ଆକାଉଣ୍ଟକୁ ପଠାଯାଇଛି। 'ଆଇଟିସିଓଏଲ୍'ର ପ୍ରମୋଟର୍ ରାକେଶ କୁମାର ଶର୍ମା ଏହି ଟଙ୍କାକୁ ଶକ୍ତିରଞ୍ଜନଙ୍କ ପାଖକୁ ପଠାଇ ଓଡ଼ିଶାର ଖଣି କାରବାରରେ ଲଗାଇଛନ୍ତି। କଳା ଟଙ୍କାକୁ ଧଳା ଟଙ୍କା ଦେଖାଇବା ପାଇଁ ଏହି କାରବାର ହୋଇଛି। ଏହି ମାମଲାରେ ଇଡି ପୂର୍ବରୁ ଅଭିଯୁକ୍ତମାନଙ୍କଠାରୁ ୩୧୦ କୋଟି ଟଙ୍କାର ସମ୍ପତ୍ତି ଆଟାଚ୍ କରିଥିବା ବେଳେ ଏହାମଧ୍ୟରୁ ୨୮୯ କୋଟି ଟଙ୍କା ଠକେଇର ଶିକାର ବିଭିନ୍ନ ବ୍ୟାଙ୍କକୁ ଗତ ଏପ୍ରିଲରେ ଫେରାଇଥିବା ସୂଚନା ଦିଆଯାଇଛି।

# ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଅତ୍ୟାଧୁନିକ କ୍ରୋମା ଷ୍ଟୁଡିଓ


ଅତ୍ୟାଧୁନିକ ଅଡିଓ ଏବଂ କ୍ରୋମା ରେକର୍ଡିଂ ଷ୍ଟୁଡିଓ ଉଦ୍‌ଘାଟନ ଅବସରରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର,୩୧।୮ (ସୌମ୍ୟରଞ୍ଜନ ରାଉତ)

## ଉଦ୍‌ଘାଟନ କଲେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ

ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟଠାରେ ଗୁରୁବାର ଅତ୍ୟାଧୁନିକ ଅଡିଓ ଏବଂ କ୍ରୋମା ରେକର୍ଡିଂ ଷ୍ଟୁଡିଓ ପ୍ରତିଷ୍ଠା କରାଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ସୂରଜ କହିଲେ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ସ୍ଥାପିତ ନୂତନ ଅଡ଼ିଓ ଓ କ୍ରୋମା ରେକର୍ଡିଂ ଷ୍ଟୁଡ଼ିଓ ଓଡ଼ିଶାର ନୃତ୍ୟ, ସଙ୍ଗୀତ ଓ ନାଟକ ଜଗତକୁ ସମର୍ପିତ ହେଲା। ଏହାଦ୍ୱାରା ଆମ ଓଡ଼ିଶାର କଳାକାରମାନେ ବେଶ ଉପକୃତ ହେବେ। ଓଡ଼ିଶାର ଐତିହ୍ୟ, ସାଂସ୍କୃତିକ ଗୌରବଗାଥାକୁ ବିଶ୍ୱବିଦିତ କରିବା ଓ ଲୁପ୍ତପ୍ରାୟ ଲୋକକଳାକୁ ପୁନର୍ଜୀବିତ କରିବାରେ ଏହା ଏକ ମାଇଲଖୁଣ୍ଟ ସଦୃଶ ଭାବେ ସହାୟକ ହେବ। ଆଗାମୀ ଦିନରେ ଏହି ନୂତନ କ୍ରୋମା ଓ ଅଡ଼ିଓ ରେକର୍ଡିଂ ଷ୍ଟୁଡ଼ିଓର ବ୍ୟବହାରକୁ ନେଇ ସଂସ୍କୃତି ବିଭାଗ ପକ୍ଷରୁ ଏକ ଏସ୍‌ଓପି ଜାରି କରାଯିବ। ସରକାରୀ କାର୍ଯ୍ୟକ୍ରମଗୁଡ଼ିକର ରେକର୍ଡିଂ କରାଯିବା ସହିତ ଘରୋଇ ସଂସ୍ଥାମାନେ ମଧ୍ୟ ଏହାକୁ ବ୍ୟବହାର କରିପାରିବେ। ଏହି ଷ୍ଟୁଡ଼ିଓରେ ରହିଥିବା ଅତ୍ୟାଧୁନିକ ବ୍ୟବସ୍ଥା ଓଡ଼ିଶାର ଲୋକକଳା ଏବଂ ସଂସ୍କୃତିର ବହୁଳ ପ୍ରଚାର ଓ ପ୍ରସାର କରିବା ସହିତ ଜନସାଧାରଣଙ୍କ ବ୍ୟବହାରରେ ଆସିବ ବୋଲି ସୂର୍ଯ୍ୟବଂଶୀ କହିଥିଲେ। ଏହି ଅବସରରେ ମନ୍ତ୍ରୀ କ୍ରୋମା ଷ୍ଟୁଡ଼ିଓରେ ରେକର୍ଡିଂ ହେଉଥିବା ଓଡ଼ିଶୀ ନୃତ୍ୟ କାର୍ଯ୍ୟକ୍ରମକୁ ଦେଖିବା ସହିତ ଶାସ୍ତ୍ରୀୟ ଓ ଲୋକ ବାଦ୍ୟଯନ୍ତ୍ର ସଂଗ୍ରହାଳୟକୁ ବୁଲି ଦେଖିଥିଲେ। ଏଥିସହିତ ଓଡ଼ିଶାର ସାହିତ୍ୟ, ସଙ୍ଗୀତ, ନୃତ୍ୟ ଓ ଲୋକକଳାର ସମୃଦ୍ଧି ନିମନ୍ତେ କାର୍ଯ୍ୟ କରିବାକୁ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଭାଗର ସଚିବ ବିଜୟ କେତନ ଉପାଧ୍ୟାୟ, ଓଡ଼ିଶୀ ନୃତ୍ୟଶିଳ୍ପୀ ଅରୁଣା ମହାନ୍ତି, ନୃତ୍ୟଶିଳ୍ପୀ ସୁଜାତା ମହାପାତ୍ର, ନୃତ୍ୟଶିଳ୍ପୀ ଇଲିଆନା ଚିତାରିସ୍ତି, ଅଭିନେତା ଅଶ୍ରୁମୋଚନ ମହାନ୍ତି, ପ୍ରଜ୍ଞା ରଞ୍ଜନ ଖଟୁଆ ଏବଂ ନୃତ୍ୟ, ସଙ୍ଗୀତ ଓ ଲୋକକଳା ଜଗତର ବହୁ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବିଜୟ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରୀମନ୍ଦିରରେ ଦର୍ଶନ ପାଇଁ ଟଙ୍କା ଦାବି କରୁଛି ୱେବ୍‌ସାଇଟ୍

ପୁରୀ,୩୧।୮ (ଅଜିତ୍ କୁମାର ମହାନ୍ତି)

## ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସାଇବର ଥାନାରେ ଅଭିଯୋଗ

ଦିନକୁଦିନ ଭକ୍ତଙ୍କୁ ଠକିବା ପାଇଁ ନୂଆ ନୂଆ କୌଶଳ ଆପଣାଉଛନ୍ତି ସାଇବର୍ ଲୁଟେରା। ଗୋଟିଏ କି ଦୁଇଟି ନୁହେଁ, ମାଳ ମାଳ ୱେବ୍‌ସାଇଟ୍‌ରେ ଶ୍ରୀମନ୍ଦିରକୁ ନେଇ ଫେକ୍ ତଥ୍ୟ ଦେଖିବାକୁ ମିଳୁଛି। ଭିଆଇପି ଦର୍ଶନ ନାଁରେ ନିର୍ଦ୍ଦିଷ୍ଟ ଦେୟ ରାଶିର ତଥ୍ୟ ରଖିଛନ୍ତି ବିଭିନ୍ନ ୱେବ୍‌ସାଇଟ। ତେବେ ଶ୍ରୀମନ୍ଦିର ଦର୍ଶନ ପାଇଁ କୌଣସି ଟଙ୍କା ବ୍ୟବସ୍ଥା ନ ଥିବାବେଳେ ଗୁଗୁଲ୍‌ରେ ଉପଲବ୍ଧ ବିଭିନ୍ନ ୱେବ୍‌ସାଇଟ୍‌ରେ ଶୁଳ୍କଯୁକ୍ତ ଦେୟକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଇଣ୍ଡିଆ ଥ୍ରିଲ୍‌ସ, ପିଲିଗ୍ରିମେଜ୍ ଟୁର୍, ଦର୍ଶନ ବୁକିଂ, ମନ୍ଦିର ଟାଇମିଙ୍ଗସ୍ ଆଦି ଅନେକ ୱେବ୍‌ସାଇଟ୍‌ରେ ଫେକ୍ ତଥ୍ୟ ରହିଛି। ଏସବୁ ୱେବ୍‌ସାଇଟ୍‌ରେ ଟଙ୍କା ଦେଇ ଭିଆଇପି ଦର୍ଶନ ବାବଦରେ ଫେକ୍ ସୂଚନା ରହିଛି। କେତେକ ୱେବ୍‌ସାଇଟ୍‌ରେ ଫୋନ୍ ନମ୍ବର ଓ ମେଲ୍ ଆଇଡି ମଧ୍ୟ ରହିଛି। ଇଣ୍ଡିଆ ଥ୍ରିଲ୍‌ସ ୱେବ୍‌ସାଇଟ୍ ମହାପ୍ରଭୁଙ୍କ ଦର୍ଶନ ନାଁରେ ଲୋକଙ୍କୁ ଭ୍ରମିତ କରୁଛି। ଦର୍ଶନ ସମୟ ଅନୁସାରେ ଟଙ୍କା ନିର୍ଦ୍ଧାରିତ ନେଇ ୱେବ୍‌ସାଇଟ୍‌ରେ ତଥ୍ୟ ରହିଛି। ଶ୍ରୀମନ୍ଦିରରେ ଦର୍ଶନ ନିଃଶୁଳ୍କ ରହିଥିବା ବେଳେ ୱେବ୍‌ସାଇଟ୍‌ରେ ରହିଛି ବିଭିନ୍ନ ବର୍ଗର ଦେୟଯୁକ୍ତ ଦର୍ଶନ ନେଇ ତଥ୍ୟ। ଲୋକଙ୍କ ପାଇଁ ଗଳାବାଟ ଦର୍ଶନକୁ ଇଣ୍ଡିଆ ଥ୍ରିଲ୍‌ସ ତଥ୍ୟ ଆହୁରି ପ୍ରୋତ୍ସାହିତ କରିବା ଭଳି ମନେହେଉଛି। ଜଗନ୍ନାଥଙ୍କ ଦର୍ଶନ ପାଇଁ ୫୦ ଟଙ୍କା, ୧୦୦ ଟଙ୍କା, ୫୦୦ ଟଙ୍କାର ରେଟ୍ ଚାର୍ଟ ଦେଇଛି ଉକ୍ତ ୱେବ୍‌ସାଇଟ୍। ଗୁଗଲ୍‌ରେ ଉପଲବ୍ଧ ଇଣ୍ଡିଆ ଥ୍ରିଲ୍‌ସ ୱେବ୍‌ସାଇଟ୍‌ରେ ଜଗନ୍ନାଥ ମନ୍ଦିର, ଏହାର ଇତିହାସ ଓ ଦର୍ଶନକୁ ନେଇ ତଥ୍ୟ ରହିଛି।

ୱେବ୍‌ସାଇଟ୍ ତଥ୍ୟ ଅନୁସାରେ, ସକାଳ ୭ରୁ ରାତି ୧୨, ଅପରାହ୍ଣ ୪ରୁ ରାତି ୮ଟା ମଧ୍ୟରେ ସ୍ୱତନ୍ତ୍ର ଦର୍ଶନ ନେଇ ତଥ୍ୟ ରହିଛି, ଯାହାର ମୂଲ୍ୟ ୫୦ ଟଙ୍କା ଦର୍ଶାଯାଇଛି। ଶୀଘ୍ର ଦର୍ଶନ ପାଇଁ ୧୦୦ ଟଙ୍କା, ଭିଆଇପି ଦର୍ଶନ ପାଇଁ ୫୦୦ ଟଙ୍କା, ରାତ୍ରି ଦର୍ଶନ ପାଇଁ ୫୦ ଟଙ୍କା ଦର୍ଶାଯାଇଛି। ଅପରପକ୍ଷରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମଧ୍ୟ ଏନେଇ ପଦକ୍ଷେପ ଆରମ୍ଭ କରାଯାଇଛି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରାଇଦେବା ନାଁରେ ଫେକ୍ ସାଇଡ୍ ଖୋଲିଥିବା ୱେବ୍‌ସାଇଟ୍ ବିରୋଧରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ରବିବାର ପୁରୀ ସାଇବର ଥାନାରେ ଏକ ଅଭିଯୋଗ କରାଯାଇଛି। ଅଭିଯୋଗକୁ ଗୁରୁତ୍ୱର ସହ ନେଇ ସାଇବର ଥାନା କେସ୍ ନଂ. ୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏନେଇ ଇଣ୍ଡିଆ ଥ୍ରିଲ୍‌ସ ବିରୋଧରେ ତଦନ୍ତ ଆରମ୍ଭ ହୋଇଛି। ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ବିଶ୍ୱକୁ ସକାରାତ୍ମକତାର ଦାନ ହେଉଛି ଭାରତ

## ଇଣ୍ଡିଆ ଏଗ୍‌ନେଷ୍ଟ ନେଗେଟିଭିଟିର ଏକାଦଶ ସଂସ୍କରଣ

ଭୁବନେଶ୍ୱର,୩୧।୮ (ଅନୁରାଧା ମହାରଣା)



ଅନୁସୂଚିତ ଜାତି ଏବଂ ଜନଜାତି କଲ୍ୟାଣ ସଂସଦୀୟ କମିଟି ଅଧ୍ୟକ୍ଷ ଫଗନ ସିଂହ କୁଲସ୍ତେଙ୍କ ସମେତ ଅତିଥିମାନେ ଆଇଏଏନ ମୁଖପତ୍ର ଉନ୍ମୋଚନ କରୁଛନ୍ତି।

ଇଣ୍ଡିଆ ଏଗ୍‌ନେଷ୍ଟ ନେଗେଟିଭିଟି (ଆଇଏଏନ୍)ର ଏକାଦଶ ସଂସ୍କରଣ ରବିବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅନୁସୂଚିତ ଜାତି ଏବଂ ଜନଜାତି କଲ୍ୟାଣ ସଂସଦୀୟ କମିଟି ଅଧ୍ୟକ୍ଷ ତଥା ପୂର୍ବତନ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଫଗନ ସିଂହ କୁଲସ୍ତେ ଯୋଗଦେଇଥିବାବେଳେ ସାପ୍ତାହିକ ପତ୍ରିକା 'ଦି ଅର୍ଗାନାଇଜର'ର ସମ୍ପାଦକ ପ୍ରଫୁଲ୍ଲ କେଟକର ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ବିଶ୍ୱକୁ ସକାରାତ୍ମକତାର ଦାନ ହେଉଛି ଭାରତ। ଭିନ୍ନତା ମଧ୍ୟରେ ଐକ୍ୟତା ହେଉଛି ଭାରତର ସକାରାତ୍ମକତାର ବୈଶିଷ୍ଟ୍ୟ। ସକାରାତ୍ମତାର ମୂଳାଧାର ହେଉଛି ଭାରତ। ଭାରତରେ ଅବସ୍ଥାପିତ ରୁଆଣ୍ଡା ଉଚ୍ଚାୟୁକ୍ତ ଜାକ୍‌ଲିନ ମୁକାଙ୍ଗିରା କହିଲେ, ବ୍ୟକ୍ତି ସମ୍ମାନ, ସୁରକ୍ଷା ଦିଗରେ ଅହିଂସା ହେଉଛି ସର୍ବୋତ୍ତମ ମାର୍ଗ। ଆମେ ମହାତ୍ମା ଗାନ୍ଧୀଙ୍କଠାରୁ ଏହି ଅହିଂସା ନୀତି ଶିକ୍ଷା କରିଛୁ। ମାନବାଧିକାର କମିଶନ ଅଧ୍ୟକ୍ଷ ଜଷ୍ଟିସ୍ ଶତ୍ରୁଘ୍ନ ପୂଜାରୀ କହିଲେ, ନକାରାତ୍ମକତା କିଛି ନୂଆକଥା ନୁହେଁ। ମହାଭାରତ ସମୟରୁ ନକାରାତ୍ମକତା ରହିଆସିଛି। ତେବେ ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ଦିଗରେ ଏହି ଚ୍ୟାଲେଞ୍ଜକୁ ଆମେ ସାହସିକତାର ସହ ସାମ୍ନା କରିବା ଉଚିତ ବୋଲି ସେ କହିଥିଲେ। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ଏମ୍.ଏମ୍. ଦାସ, ଜଷ୍ଟିସ୍ ବି.ପି. ଦାସ ଉଚ୍ଚତମ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ମାନସ ମହାପାତ୍ର ଓ ପୂର୍ବତନ ମହାଅଧିବକ୍ତା ଅଶୋକ ପରିଜା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିବା ବେଳେ ଉଚ୍ଚତମ ନ୍ୟାୟାଳୟର ପୂର୍ବତନ ବିଚାରପତି ଜଷ୍ଟିସ୍ ଅନଙ୍ଗ କୁମାର ପଟ୍ଟନାୟକ ଓ ଜଷ୍ଟିସ୍ ଏନ୍. ସନ୍ତୋଷ ହେଗ୍‌ଡେ ଭର୍ଚୁଆଲ ମାଧ୍ୟମରେ ଯୋଗଦେଇଥିଲେ। ଡ. ବି.ଆର୍ ଆମ୍ବେଦକର ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଘଣ୍ଟ ଚକ୍ରପାଣି, ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ପି. ଶେଷାଦ୍ରି, ଦିଲ୍ଲୀ ଦୂରଦର୍ଶନର ବରିଷ୍ଠ ସମ୍ପାଦକ ଅଶୋକ ଶ୍ରୀବାସ୍ତବ, ଦକ୍ଷିଣ ଭାରତର ପ୍ରକାଶକ ଦେବେନ୍ଦ୍ର ଶର୍ମା ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣରେ କହିଲେ, ଆଇଏଏନ୍ ହେଉଛି ରାଷ୍ଟ୍ର ନିର୍ମାଣ ଦିଗରେ ଉଦ୍ଦେଶ୍ୟମୂଳକ, ପ୍ରଗତିଶୀଳ ଏବଂ ସକ୍ରିୟ କାର୍ଯ୍ୟ ମାଧ୍ୟମରେ ସକାରାତ୍ମକତାକୁ ପ୍ରୋତ୍ସାହିତ କରିବା ପାଇଁ ଏକ ପରିବର୍ତ୍ତନକାରୀ ନାଗରିକ-ସମାଜ ଆନ୍ଦୋଳନ। ଏଆଇ ଆଙ୍କର କିରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଆଇଏଏନ୍ ମୁଖପତ୍ର ଓ ଏକ ଉତ୍ସର୍ଗୀକୃତ ୱେବ୍‌ସାଇଟ ଉନ୍ମୋଚନ କରାଯାଇଥିଲା।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ସୁଶୀଲ


@ ଚିତ୍ତରଞ୍ଜନ


@ ବିକାଶରଞ୍ଜନ


@ ସୋନାଲି


@ ତକ୍ଷଶିଳା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଉଡ଼ନ୍ତା ବିମାନରେ ରୋଗୀଙ୍କ ଜୀବନ ରକ୍ଷାକଲେ ଏସ୍‌ସିବି ଡାକ୍ତର

କଟକ,୩୧।୮ (ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲର ଅତିରିକ୍ତ ଅଧୀକ୍ଷକ ଡା. ଜ୍ୟୋର୍ତିମୟ ନାୟକ ଉଡ଼ନ୍ତା ବିମାନରେ ରୋଗୀଙ୍କ ଜୀବନ ରକ୍ଷା କରି ଚର୍ଚ୍ଚାକୁ ଆସିଛନ୍ତି। ଇଣ୍ଡିଗୋ ବିମାନ ଯୋଗେ ଡାକ୍ତର ଜ୍ୟୋର୍ତିମୟ ଦିଲ୍ଲୀ ଯାତ୍ରା କରୁଥିବାବେଳେ ମଝି ଆକାଶରେ ଜଣେ ଯାତ୍ରୀ ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ। ଏପରିକି କିଛି ସମୟ ପରେ ଯାତ୍ରୀ ଜଣକ ଚେତାଶୂନ୍ୟ ହୋଇଯାଇଥିଲେ। ଏହା ଦେଖି ଡାକ୍ତର ଜ୍ୟୋର୍ତିମୟ ତୁରନ୍ତ ଯାତ୍ରୀଙ୍କୁ ସିପିଆର୍ ଦେଇ ବଞ୍ଚାଇବାକୁ ଉଦ୍ୟମ କରିବା ସହ ଏଥିରେ ସଫଳ ହୋଇଥିଲେ। ବିମାନ ଅବତରଣ କରିବା ପରେ ସମ୍ପୃକ୍ତ ଯାତ୍ରୀଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏହି ଘଟଣାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ସହ ଡାକ୍ତର ନାୟକଙ୍କୁ ଅନେକ ସାଧୁବାଦ ଜଣାଇଛନ୍ତି।

# ଗୋଷ୍ଠୀ ସଂଘର୍ଷରୁ ଦଳାଚକଟାରେ ବୃଦ୍ଧଙ୍କ ମୃତ୍ୟୁ

ନୟାଗଡ଼/ଭାପୁର,୩୧।୮
(ଲୋକନାଥ ମିଶ୍ର/ପ୍ରଭାତ ବରାଡ)

- ଗଣେଶ ମୂର୍ତ୍ତି ବିସର୍ଜନରେ ଡିଜେ ବାଜିବାକୁ ନେଇ ଉତ୍ତେଜନା
- ଦୁଇ ଗାଁର ୧୦ ଆହତ

ନୟାଗଡ଼ ଜିଲା ଫତେଗଡ଼ ଥାନା କରଡ଼ାପଲ୍ଲୀ ଗାଁରେ ଗଣେଶ ମୂର୍ତ୍ତି ବିସର୍ଜନରେ ଡିଜେ ବାଜିବାକୁ ନେଇ ଉତ୍ତେଜନା ଦେଖାଦେଇଛି। ଏହି ଘଟଣାରେ ପାଥପୁର ଓ କରଡାପଲ୍ଲୀ ଗାଁ କେତେଜଣ ଲୋକଙ୍କ ମଧ୍ୟରେ ଯୁକ୍ତିତର୍କ ଓ କଥା କଟାକଟି ହୋଇ ରବିବାର ରାତି ପ୍ରାୟ ସାଢ଼େ ୧୦ଟାରେ ଗୋଷ୍ଠୀ ସଂଘର୍ଷ ହୋଇଛି। ଗୋଷ୍ଠୀ ସଂଘର୍ଷ ବେଳେ ଦଳାଚକଟାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କରଡ଼ାପଲ୍ଲୀ ଗାଁର ହରିହର ସ୍ୱାଇଁ (୬୦)। ସେହିପରି ଉଭୟ ଗାଁର ୧୦ ଜଣ ଆହତ ହୋଇଛନ୍ତି। ଦଳାଚକଟାରେ ଆହତ ହରିହରଙ୍କୁ ଗୁରୁତର ଅବସ୍ଥାରେ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଡାକ୍ତରଙ୍କ ମୃତ ଘୋଷଣା ପରେ ସାଙ୍ଗରେ ଆସିଥିବା ୪ ଜଣ ବ୍ୟକ୍ତି ଫେରାର ହୋଇଯାଇଛନ୍ତି। ଖବର ପ୍ରସ୍ତୁତି ବେଳକୁ ପୋଲିସ ଗାଁରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣକୁ ଆଣିବା ପାଇଁ ଚେଷ୍ଟା କରିଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ...............................



ଜୁହି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଚତୁର୍ଥ ରାଉଣ୍ଡରେ ସିନର, ସ୍ୱିଟେକ



ମ୍ୟାଚ୍ ଜିତିବା ପରେ ଜାନିକ ସିନର।

**ନ୍ୟୁୟର୍କ, ୩୧।୮:** ଡିଫେଣ୍ଡିଂ ଚାମ୍ପିୟନ ତଥା ୱାର୍ଲ୍ଡ ନଂ-୧ ଜାନିକ ସିନର ଓ ମହିଳା ସିଙ୍ଗଲ୍ସରେ ଦ୍ୱିତୀୟ ସିଡ୍ ଇଗା ସ୍ୱିଟେକ ଚଳିତ ଟେନିସ ସିଜନର ଅନ୍ତିମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୟୁଏସ୍ ଓପନରେ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ତୃତୀୟ ସିଡ୍ ଆଲେକଜାଣ୍ଡର ଜେରେଭ ଓ ୧୪ତମ ସିଡ୍ ଟମି ପଲ ପରାଜୟ ସହ ବିଦାୟ ନେଇଛନ୍ତି।

ରବିବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ସିନର ୫-୭, ୬-୪, ୬-୩, ୬-୩ ସେଟ୍‌ରେ ୨୭ତମ ସିଡ୍ ଡେନିସ ଶାପୋଭାଲୋଙ୍କୁ ଓ ୧୫ତମ ସିଡ୍ ଆଣ୍ଡ୍ରେ ରୁବଲେଭ ୨-୬, ୬-୪, ୬-୩, ୪-୬, ୬-୩ ସେଟ୍‌ରେ କୋଲେମାନ ୱୋଙ୍ଗଙ୍କୁ ହରାଇଛନ୍ତି। ସେହିଭଳି ୨୩ତମ ସିଡ୍ ଆଲେକଜାଣ୍ଡର ବବ୍ଲିକ ୭-୬ (୭/୫), ୬-୭(୪/୭), ୬-୩, ୬-୭(୫/୭), ୬-୧ ସେଟ୍‌ରେ ପଲଙ୍କୁ ଓ ୨୫ତମ ସିଡ୍ ଫେଲିକ୍ସ ଅଗର ଆଲିଆସିମ ୪-୬, ୭-୬(୯/୭), ୬-୪, ୬-୪ ସେଟ୍‌ରେ ଜେରେଭଙ୍କୁ ପରାସ୍ତ କରିଛନ୍ତି। ଅଷ୍ଟମ ସିଡ୍ ଆଲେକ୍ସ ଡି ମିନାଉର ଓ ଲେଆଣ୍ଡ୍ରୋ ରିଏଡି ୱାକଓଭର ପାଇ ଆଗକୁ ବଢ଼ିଛନ୍ତି।

ମହିଳା ସିଙ୍ଗଲ୍ସରେ ସ୍ୱଟେକ ୭-୬(୭/୨), ୬-୪ ସେଟ୍‌ରେ ଆନା କାଲିନସ୍କାୟାଙ୍କୁ ହରାଇଛନ୍ତି। ତାଙ୍କ ଭଳି ଅଷ୍ଟମ ସିଡ୍ ଆମାଣ୍ଡା ଆନିସିମୋଭା ୬-୪, ୪-୬, ୬-୨ ସେଟ୍‌ରେ ଜ୍ୟାକଲିନ କ୍ରିଷ୍ଟିଆନଙ୍କୁ, ୧୩ତମ ସିଡ୍ ଏକାଟେରିନା ଆଲେକଜାଣ୍ଡ୍ରୋଭା ୬-୦, ୬-୧ ସେଟ୍‌ରେ ଲୌରା ସିଜମୁଣ୍ଡଙ୍କୁ ଓ ୧୮ତମ ସିଡ୍ ବିଆଟ୍ରିଜ ହାଦାଦ ମାଇଆ ୬-୧, ୬-୨ ସେଟ୍‌ରେ ମାରିଆ ସାକାରିଙ୍କୁ ପରାସ୍ତ କରି ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି।

### ୟୁଏସ୍ ଓପନରୁ ଜେରେଭ ବିଦା

# ଓଡ଼ିଶାରୁ ଭାଗନେବେ ୭ ଫେନ୍‌ସର

### ପାରା ଫେନ୍‌ସିଂ ବିଶ୍ୱ ଚାମ୍ପିୟନଶିପ୍

**ଭୁବନେଶ୍ୱର, ୩୧।୮ (ତପନ ସ୍ୱାଇଁ)**

ଦକ୍ଷିଣ କୋରିଆର ଇକ୍‌ସାନରେ ସେପ୍ଟେମ୍ବର ୨ରୁ ୭ ପର୍ଯ୍ୟନ୍ତ ପାରା ଫେନ୍‌ସିଂ ବିଶ୍ୱ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିପାଇଁ ଭାରତରୁ ମୋଟ ୧୩ ଜଣ ଭାଗନେବାକୁ ଯାଉଥିବାବେଳେ ଏଥିରେ ଓଡ଼ିଶାର ୭ ଫେନ୍‌ସର ସାମିଲ। ଓଡ଼ିଶାରୁ ଭାଗ ନେଉଥିବା ପ୍ରତିଯୋଗୀମାନେ ହେଲେ ରାଖାଲ କୁମାର ସେଠୀ, ଭି. ରମେଶ ରାଓ, ମାଲତି ପାନାଉରେ, ପବିତ୍ର ସାହୁ, ରୁଦ୍ରନାରାୟଣ ବେହେରା, ଓମ୍ ପ୍ରକାଶ ବେହେରା ଓ ପୂଜାସ୍ୱିନୀ ନାୟକ। ଏମାନେ ବ୍ୟକ୍ତିଗତ ଏବଂ ଦଳୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

# ପିଆଷ୍ଟ୍ରି ଜିତିଲେ ଡଚ୍ ଗ୍ରାଁ ପ୍ରି

**ଜାଣ୍ଡଭୁର୍ଟ, ୩୧।୮ (ଏପି)**

ଓସ୍କାର ପିଆଷ୍ଟ୍ରି ରବିବାର ଅନୁଷ୍ଠିତ ଡଚ୍ ଗ୍ରାଁ ପ୍ରି ଜିତିଛନ୍ତି। ତାଙ୍କ ସାଥୀ ଲାଣ୍ଡୋ ନୋରିସ୍‌ଙ୍କ ମ୍ୟାକ୍‌ଲରେନ କାର୍‌ରେ ରେସ୍‌ର ଅନ୍ତିମ ଭାଗରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। କାର୍ ପଛରୁ ଧୂଆଁ ବାହାରିବାରୁ ନୋରିସଙ୍କୁ ରେସ୍‌ରୁ ଓହରିବାକୁ ପଡ଼ିଥିଲା। ଏଥିଯୋଗୁ ତାଙ୍କର ଫର୍ମୁଲା-୧ ଟାଇଟଲ ଜିତିବାର ଆଶାକୁ ଶକ୍ତ ଧକ୍କା ଲାଗିଛି। ପିଆଷ୍ଟ୍ରି ରେସ୍‌କୁ ୧:୩୮:୨୯.୮୪୯ ସେକେଣ୍ଡ ଟାଇମିଂରେ ଶେଷ କରିଥିଲେ। ଦ୍ୱିତୀୟ ସ୍ଥାନରେ ରହିଥିବା ମାକ୍ସ ଭର୍ଷ୍ଟାପେନ୍ ପିଆଷ୍ଟ୍ରିଙ୍କଠାରୁ ଅଧିକ ୧.୨୭୧ ସେକେଣ୍ଡ ସମୟ ନେଇଥିଲେ। ସେହିଭଳି ରେସିଂ ବୁଲ୍ସ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଇସାକ ହାଡଜର ତୃତୀୟ ସ୍ଥାନରେ ରହି ପ୍ରଥମଥର ପାଇଁ ପୋଡିୟମ ଫିନିଶ୍ କରିଛନ୍ତି। ଫର୍ମୁଲା-୧ ସିଜନରେ ଆଉ ୯ଟି ରେସ୍ ବାକି ରହିଥିବା ବେଳେ ଦ୍ୱିତୀୟ ସ୍ଥାନରେ ଥିବା ନୋରିସ୍‌ଙ୍କଠାରୁ ପିଆଷ୍ଟ୍ରି ୩୪ ପଏଣ୍ଟ ଆଗରେ ରହିଛନ୍ତି।


## ପ୍ରଥମ ଜନ୍ମବାର୍ଷିକୀ ଶୁଭେଚ୍ଛା



**ତନିଷ୍କା ସିଂହ (ଜୁହି)**
ନରସିଂହପୁର, ଦଶପଲ୍ଲା, ଜି- ନୟାଗଡ଼
ଜୁହିଲୋ, କେତେ ଶୀଘ୍ର ତୋତେ ଏକ ବର୍ଷ ପୂରଣ ହୋଇଗଲା ଜାଣି ହେଲାନି, ତୁ ସଦାସର୍ବଦା ଏମିତି ଚଞ୍ଚଳ ହୋଇ ସମସ୍ତଙ୍କ ସ୍ନେହ, ଆଦର ଓ ଆଶିଷ ପାଇ ଜୀବନର ଚଲାପଥରେ ଆଗେଇ ଚାଲ, ଏହା ପ୍ରଭୁ ଶ୍ରୀଜଗନ୍ନାଥ ଓ ସାଇନାଥଙ୍କ ପାଖରେ ପ୍ରାର୍ଥନା।
ଶୁଭେଚ୍ଛା ସହ- ବାବା, ମାମା, ଦାଦା, ଦିଦି, ବନ୍ଧୁ ଓ ପରିବାରବର୍ଗ
ଧ-୧୮୨୭


# ସିରିଜ୍ ଜିତିଲା ଶ୍ରୀଲଙ୍କା

**ହରାରେ, ୩୧।୮**

ପଥୁମ ନିଶଙ୍କାଙ୍କ ଶତକ ବଳରେ ଜିମ୍ବାୱେ ବିପକ୍ଷରେ ଖେଳାଯାଇଥିବା ଦ୍ୱିତୀୟ ଦିନିକିଆ ମ୍ୟାଚ୍‌କୁ ଶ୍ରୀଲଙ୍କା ୫ ଉଇକେଟରେ ଜିତି ନେଇଛି। ଏହି ବିଜୟ ସହ ଶ୍ରୀଲଙ୍କା ଦୁଇ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ରେ କ୍ଲିନସ୍ୱିପ୍ ହାସଲ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଜିମ୍ବାୱେ ୫୦ ଓଭରରେ ୭ ଉଇକେଟ ହରାଇ ୨୭୭ ରନ କରିଥିଲା। ଦଳ ପାଇଁ ବେନ କୁରାନ ୭୯ ଓ ସିକନ୍ଦର ରାଜା ୫୯ ରନ କରିଥିଲେ। ଶ୍ରୀଲଙ୍କା ପକ୍ଷରୁ ଦୁଶମନ୍ଥା ଚମିରା ୩ ଓ ଅଶିଥା ଫର୍ନାଣ୍ଡୋ ୨ ଉଇକେଟ ନେଇଥିଲେ। ଜବାବରେ ଶ୍ରୀଲଙ୍କା ୪୯.୩ ଓଭରରେ ୫ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ନିଶଙ୍କା ୧୨୨ (୧୬ ଚୌକା) ରନର ଇନିଂସ ଖେଳିଥିଲେ। ଏହା ତାଙ୍କ ଦିନିକିଆ କ୍ୟାରିୟରର ସପ୍ତମ ଶତକ ଥିଲା। ଅଧିନାୟକ ଚରିଥ ଅସଲଙ୍କା ୭୧ ରନ କରିଥିଲେ। ଜିମ୍ବାୱେ ପାଇଁ ରିଚାର୍ଡ ଏନ୍‌ଗରାଭା ଓ ବ୍ରାଡ୍ ଇଭାନ୍ସ ୨ ଲେଖାଏ ଉଇକେଟ ନେଇଥିଲେ।

# ଇଶା ଗ୍ରାମୋତ୍ସବମ୍: ଦେଉଳି ଚାମ୍ପିୟନ



ଉଦ୍‌ଘାଟନୀ ଅବସରରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ମେୟର ସୁଲୋଚନା ଦାସ

**ଭୁବନେଶ୍ୱର, ୩୧।୮ (ଅନାଦି କର)**

ଇଶା ଫାଉଣ୍ଡେଶନ ପକ୍ଷରୁ କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ଇଶା ଗ୍ରାମୋତ୍ସବମ୍‌ରେ ଖୋର୍ଦ୍ଧା ଜିଲାର ସିକୋ, ସାରୁଅ ଓ ଦେଉଳି ଗାଁର ମହିଳା ଓ ସରପଞ୍ଚମାନେ ଭାଗ ନେଇଥିଲେ। ୬ ମହିଳା ଦଳକୁ ନେଇ ହୋଇଥିବା ଥ୍ରୋବଲ୍ ପ୍ରତିଯୋଗିତାରେ ଦେଉଳି ଚାମ୍ପିୟନ ହୋଇଥିବା ବେଳେ ସିକୋ ରନରଅପ୍ ଓ ସାରୁଅ ୱାରିଅର୍ସ ଦ୍ୱିତୀୟ ରନରଅପ୍ ହୋଇଥିଲା। ଚାମ୍ପିୟନ ଦଳକୁ ୧୦ ହଜାର, ରନରଅପ୍‌ଙ୍କୁ ୭ ହଜାର, ଦ୍ୱିତୀୟ ରନରଅପ୍‌ଙ୍କୁ ୫ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଏହି ପ୍ରତିଯୋଗିତାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ମେୟର ସୁଲୋଚନା ଦାସ ପ୍ରମୁଖ ଯୋଗଦେଇଥିଲେ। ଏ ପର୍ଯ୍ୟନ୍ତ ଓଡ଼ିଶାର ୫ଟି ଜିଲା ରଥା- କଟକ, ପୁରୀ, ବଲାଙ୍ଗୀର, ଖୋର୍ଦ୍ଧା ଓ ଢେଙ୍କାନାଳର ୧୧ ଶହ ଖେଳାଳି ଗ୍ରାମୋତ୍ସବମରେ ଭାଗ ନେଇଛନ୍ତି।

# ନବରଞ୍ଜନ ସଭାପତି, ପ୍ରଫୁଲ୍ଲ ସମ୍ପାଦକ




ବାର୍ଷିକ ସାଧାରଣ ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

**ଭୁବନେଶ୍ୱର, ୩୧।୮ (ତପନ ସ୍ୱାଇଁ)**

ଭୁବନେଶ୍ୱର ଭେଟେରାନ୍ ପ୍ଲେୟର୍ସ ଫୁଟ୍‌ବଲ ଆସୋସିଏଶନର ବାର୍ଷିକ ସାଧାରଣ ବୈଠକ ଓ କର୍ମକର୍ତ୍ତା ମନୋନୟନ ରବିବାର ମଦର୍ସ ସ୍କୁଲ ଅଡିଟୋରିୟମ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନବରଞ୍ଜନ ପଟ୍ଟନାୟକ ସଭାପତି, ବିରଞ୍ଚି ନାରାୟଣ ମହାନ୍ତି, ବିବେକାନନ୍ଦ ଦାସ, ସୁକାନ୍ତ ଆଚାର୍ଯ୍ୟ, ପ୍ରଦୀପ କୁମାର ବଳିୟାରସିଂ, ପ୍ରଦୀପ କୁମାର ଦଣ୍ଡପାଟ ଉପସଭାପତି, ପ୍ରଫୁଲ୍ଲ କୁମାର ମିଶ୍ର ସମ୍ପାଦକ, ଚିନ୍ମୟ କୁମାର ଦାସ, ପ୍ରଶାନ୍ତ କୁମାର ପ୍ରଧାନ ସହସମ୍ପାଦକ, ଶ୍ରୀମନ୍ତ କୁମାର ମହାନ୍ତି କୋଷାଧ୍ୟକ୍ଷ ଏବଂ ଶ୍ରୀକାନ୍ତ ସାହୁ, ବିଳାସ ଚନ୍ଦ୍ର ବେହେରା, ଅଶୋକ କୁମାର ରାଉତରାୟ, ମଧୁସୂଦନ ଦାସ, ପ୍ରଦୀପ କୁମାର ଦାସ, ଦେବାଶିଷ ନାୟକ, ପ୍ରସନ୍ନ ଦାସ, ମହେଶ୍ୱର ସିଂ ଓ ବିଜୟ ବେହେରା କାର୍ଯ୍ୟନିର୍ବାହୀ ସଦସ୍ୟ ମନୋନୀତ ହୋଇଛନ୍ତି। ଏଥିସହ ଆସୋସିଏଶନର ଆଗାମୀ ଦିନର କାର୍ଯ୍ୟକ୍ରମ ସମ୍ପର୍କରେ ଏଥିରେ ଆଲୋଚନା ହୋଇଥିଲା।

# ରାଜ୍ୟ ଓପନ ଚେସ୍: ସଞ୍ଜୀବନ ଚାମ୍ପିୟନ




ଅତିଥି ସଞ୍ଜୀବନ ନାୟକଙ୍କୁ ଟ୍ରଫି ପ୍ରଦାନ କରୁଛନ୍ତି।

**ଭୁବନେଶ୍ୱର, ୩୧।୮ (ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ରବିବାର କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ୍‌ରେ ରାକେଶ କୁମାର ସାହୁ ସ୍ମାରକୀ ଓପନ୍ ଚେସ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ପୂରା ୫ ପଏଣ୍ଟ ପାଇ ସଞ୍ଜୀବନ ନାୟକ ଚାମ୍ପିୟନ ହୋଇଛନ୍ତି। ଓମ୍ ଆଦିତ୍ୟ ଖାଡ଼ଙ୍ଗା, ସ୍ୱପ୍ନିଲ ପ୍ରିୟଦର୍ଶୀ, ସୌମ୍ୟରଞ୍ଜନ ମିଶ୍ର, ଶୁଭେନ୍ଦୁ କୁମାର ପାତ୍ର, ରଜତ୍ ରଞ୍ଜନ ମହାନ୍ତି ଓ ସତ୍ୟଜିତ୍ ପଟ୍ଟନାୟକ ପରବର୍ତ୍ତୀ ୬ ସ୍ଥାନରେ ରହିଛନ୍ତି। ବିଭିନ୍ନ ବୟସ ଓ ବାଳିକା ବର୍ଗର ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଏଜ୍ ଗ୍ରୁପ୍ ଏବଂ ୯ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାର ଦିଆଯାଇଛି। ରୟାଲ ପବ୍ଲିକ୍ ସ୍କୁଲ୍ ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପାରାଦୀପସ୍ଥିତ ଇଣ୍ଡିଆନ୍ ଅଏଲ୍ କର୍ପୋରେଶନର ବିଜ୍‌ନେସ ଡେଭେଲପ୍‌ମେଣ୍ଟ ଅଫିସର ରାଜେଶ କୁମାର ସାହୁ ଅତିଥିଭାବେ ଯୋଗଦେଇଥିଲେ। ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ସ୍ୱର୍ଗତ ରାକେଶ କୁମାର ସାହୁଙ୍କ ବାପା ରବୀନ୍ଦ୍ର ସାହୁ ଉପସ୍ଥିତ ଥିଲେ।


# Classified Everyday
0674-2580101, 9692975378



REAL ESTATE
SALE

Gharabari residential plot 2100sft. (60x35) 7KM from Phulanakhara, 12KM from Bhubaneswar middle of Cuttack & Bhubaneswar. No broker please, cost Rs. 25 lakhs including registration charges & compound wall. 7809525452. D-76486

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ New ODM Global School-2 ଏବଂ KIIT କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ investment ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। 8249976746, 7978660091. D-1698

ଭୁବନେଶ୍ୱର ଫୁଲନଖରାଛକ, ଉତ୍ତରାଛକ, କଟକ, ମହାନଦୀ ବିହାରରେ ଘରବାରି ପ୍ଲଟ, 2BHK/3BHK Flat/ Duplex ଅଛି। 8327785834. D-1781




Full body massage experience, good looking therapist @999 (bhubaneswar) 8658088274. D-1791

Newly open health benefits SPA by expert therapist. Contact- 8280961126. D-76935

LOST

I, Sarmistha Kar, W/o- Dibakar Mohapatra, At- Balisahi, P.O./P.S.- Salipur, Dist.- Cuttack, Odisha have lost the original 2 numbers of Record of Rights bearing Khata No.- 652, Plot No.- 969, Mouza- Bali Sahi, Salipur, Dist.- Cuttack in my vendor's name Ramesh Chandra Sahoo and his father's name Radhanath Sahoo in my residence area locality of Bali Sahi, Salipur, Dist.- Cuttack. If anybody found and misuse it, I shall not be responsible. I wish to sell the said property to Mrs. Minati Patra who is intending to take home loan from SBI, HOME LOAN Centre Cuttack by creating mortgage on the said property. If anybody has found the same RORs please return the original document to SBI Home Loan Centre, Cuttack or contact me on my mobile No. 7381372660.
Sarmistha Kar
D-1824

AFFIDAVIT

ASITA KUMAR GOUDA, S/o- Neelamani Gouda, Resident of F-51/9, Saileshree Vihar, C.S.Pur, BBSR, PIN-751021, Odisha declare by this affidavit No.- 255015, dt- 30.08.25 that now onwards I shall be known as ASIT KUMAR GOUDA for all future purposes. D-76485

By virtue of an affidavit sworn before Executive Magistrate, Bhadrak, dtd. 30.08.2025, I Dipak Mohapatra (38 yrs) S/o- Maruta Mohapatra, Vill/P.O.- No.- 201 Atto, P.S.- Sabarang, Dist.- Bhadrak, PIN- 756123, Odisha declare that I have changed my name in my Passport bearing No.- M2685540 from Dipak Kumar Mohapatra to Dipak Mohapatra. Henceforth, I shall be known as Dipak Mohapatra for all future purposes. D-1826

I, Mohammad Jahangir, S/o- Late Hanif Mohammamad, R/o. At- Sunapali, near Naurani Masjid, P.S.- Dhanupali, Dist.- Sambalpur, Odisha, PIN- 768006 declare by this affidavit No.- 2571 date 30.08.2025 that now onwards I shall be known as **MOHAMMED JAHANGIR, S/o- Late MOHMMED HANIF** for all future purposes. D-1821

By virtue of an affidavit sworn before the Executive Magistrate, Berhampur, Ganjam, I, Minakshy Dalai, D/o- Bipin Jena of Laxmi Narayan Nagar 1st Lane, Industrial Estate, Ankuli, P.O.- Lanjipalli, P.S.- B.N.Pur, Berhampur, Ganjam declare by this affidavit No. A-107, dt. 26.08.2025 that now onwards I shall be known as Minakshy Jena for all future purposes. D-1820

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

I, Manas Kumar Pati, S/o- Benudhar Pati, Vill/P.O.- Chitalpur, P.S.- Rasol, Dist.- Dhenkanal, Odisha- 759020 solemnly declare that I have changed my minor daughter's name from SOMA PATI to SUBHASHREE PATI & DOB from 19.02.2016 to 19.12.2015 on dated 26.08.2025 before Executive Magistrate, Hindol. D-1819

I, Janhabi Pradhani, W/o- Late Bhimasen Pradhani, Village- Dalapatipur, P.O.- Kutnipalli, P.S.- Mathili, Dist.- Malkangiri, presently residing at Mathili, P.O./P.S.- Mathili, Dist.- Malkangiri do hereby solemnly affirm and state on oath as follows. That my actual name is Janhabi Pradhani which is mentioned in my all records. That, in Aadhaar Card my name is mentioned as Jahmabi Pradhani in place of Janhabi Pradhani. That, Janhabi Pradhani and Jahmabi Pradhani is one and same i.e. myself. That, I swear this affidavit in order to produce before the concerned authority to ascertain my name as Janhabi Pradhani. D-1814

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646

## ମନେ ପଡ଼ନ୍ତି

### ଏକାଦଶାହ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଦୟାନିଧି ସାହୁ**
ଠିକଣା- ମହରମପୁର, ତିହିଡ଼ି, ଭଦ୍ରକ
ଆବିର୍ଭାବ- ୨୭।୭।୧୯୫୬
ତିରୋଧାନ- ୨୨।୮।୨୦୨୫
ଆପଣ ଜଣେ ସଙ୍ଗୀତଜ୍ଞ, ଶିଳ୍ପୀ ଓ ଶ୍ରମିକ ସଙ୍ଗଠକଭାବେ ସୁଖ୍ୟାତି ଲଭିଥିଲେ। ଗ୍ରାମର ମହାଦେବ, ହନୁମାନ ମନ୍ଦିର ନିର୍ମାଣରେ ଆପଣଙ୍କର ଥିଲା ଅଗ୍ରଣୀ ଭୂମିକା। ବ୍ଲକ ଶ୍ରମିକ ସଙ୍ଗଠନର ସମ୍ପାଦକ ଦାୟିତ୍ୱରେ ଥାଇ ଆପଣ ବହୁ ନିଃସହାୟ ଶ୍ରମିକଙ୍କ ସହାୟକ ସାଜିଥିଲେ। ପିଲାଟି ଦିନରୁ ମା' ବାପାଙ୍କୁ ହରାଇଥିଲେ ବି ଆପଣ ଭାଙ୍ଗି ନ ପଡ଼ି ଆତ୍ମନିର୍ଭରଶୀଳ ହେବା ସହ ପିଲାମାନଙ୍କୁ ଆଦର୍ଶ ଶିକ୍ଷକ ରୂପେ ଗଢ଼ି ତୋଳିଛନ୍ତି। ଆପଣଙ୍କ ଆକସ୍ମିକ ବିୟୋଗରେ ଆମେ ମର୍ମାହତ। ଈଶ୍ୱରଙ୍କ ନିକଟରେ ଆପଣଙ୍କ ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ପତ୍ନୀ ମାଧବୀଲତା ସାହୁ, ପୁତ୍ର ପ୍ରଫୁଲ୍ଲ କୁମାର ସାହୁ, ପୁତ୍ରବଧୂ ପ୍ରତିଭା ବିଶ୍ୱାଳ, ନାତୁଣୀ ଅଭିସ୍ମିତା ସାହୁ
ଧ-୧୮୨୩

## ସଂକ୍ରମଣ ଆଶଙ୍କା ଦୂର କରେ ଅଙ୍ଗୁର



ଅଙ୍ଗୁରରେ ଅନେକ ପ୍ରକାର ଉପକାରୀ ଗୁଣ ଭରି ରହିଛି। ଏକ ସଦ୍ୟତମ ସର୍ଭେରୁ ଜଣାପଡ଼ିଛି ଯେ, ଏହାକୁ ନିୟମିତ ଖାଇଲେ ତାହା କେତେକାଂଶରେ ସଂକ୍ରମଣ ଆଶଙ୍କା ଦୂର କରିଥାଏ। ୱାଶିଂଟନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକଥା ପ୍ରକାଶ କରିଛନ୍ତି। ଏଭଳି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ସେମାନେ ସଂକ୍ରମଣଜନିତ ସମସ୍ୟା ସହ ଜଡ଼ିତ କେତେକ ବ୍ୟକ୍ତିଙ୍କୁ ନିୟମିତ ଅଙ୍ଗୁର ଖାଇବାକୁ ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷରେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରରେ ଏହାର କେଉଁ ପ୍ରକାର ପ୍ରଭାବ ସେମାନଙ୍କର ସଂକ୍ରମଣ ଉପରେ ପଡୁଛି ତାହାକୁ ନିରୀକ୍ଷଣ ମଧ୍ୟ କରିଥିଲେ। ଏହାଦ୍ୱାରା ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତଙ୍କଠାରେ ସଂକ୍ରମଣ କମୁଥିବାର ଜଣାପଡିଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। କେବଳ ସେତିକି ନୁହେଁ, ଏହାକୁ ନିୟମିତ ଖାଇଲେ ତାହା ଶରୀରରେ କୋଲେଷ୍ଟରଲ ପରିମାଣକୁ ସନ୍ତୁଳିତ ରଖେ। ସବୁଠାରୁ ଖାସ୍ କଥା ହେଲା, ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବାରେ ଏହା ମଧ୍ୟ ସହାୟକ ହୋଇଥାଏ। ଅଙ୍ଗୁରରେ ଭିଟାମିନ୍ 'କେ', କ୍ୟାଲସିୟମ୍, ପୋଟାସିୟମ୍ ଓ ମ୍ୟାଗ୍ନେସିୟମ୍ ଭରି ରହିଛି। ଏହା ମଧ୍ୟ ଅସ୍ଥି ଓ ମଜ୍ଜାକୁ ଶକ୍ତ ରଖିଥାଏ।

## ଅଳ୍ପରେ...



➔ତଟକା ଫଳମୂଳ ଏବଂ ସେଥିରୁ ପ୍ରସ୍ତୁତ ଜୁସ୍‌ରେ ପ୍ରଚୁର ଭିଟାମିନ୍ ଭରି ରହିଛି। ଏହାକୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ।

➔ନିଜ ଶରୀର ଯେତେସମ୍ଭବ ଚଳଚଞ୍ଚଳ ରଖିବାକୁ ଚେଷ୍ଟା କରନ୍ତୁ। ଏହାଦ୍ୱାରା ଆପଣ ଅନେକାଂଶରେ ଫିଟ୍ ରହିବା ସହ ମାନସିକତା ସକାରାତ୍ମକ ରହିଥାଏ।

➔ମନକୁ ମନ କୌଣସି ରୋଗରୁ ଆରୋଗ୍ୟ ଲାଭ କରିବାକୁ ଆଣ୍ଟିବାୟୋଟିକ୍ ଖାଆନ୍ତୁ ନାହିଁ। ସବୁବେଳେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ହିଁ ଔଷଧ ଖାଆନ୍ତୁ।

➔ଖାଦ୍ୟ ଖାଇ ସାରିବାର ଠିକ୍ ପରେ ପରେ କୋଲ୍ଡ ଡ୍ରିଙ୍କସ ପିଅନ୍ତୁ ନାହିଁ। ଏହାଦ୍ୱାରା ପାଚନ କ୍ରିୟା ପ୍ରଭାବିତ ହୋଇଥାଏ।

➔ପ୍ରତିଦିନ ସକାଳେ କିଛି ସମୟ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସନ୍ତୁ। ଏହାଦ୍ୱାରା ଶରୀରକୁ ଅନେକାଂଶରେ ଭିଟାମିନ୍ 'ଡି' ମିଳିଥାଏ।

➔ପ୍ରତିଦିନ କିଛି ପରିମାଣରେ ପ୍ରୋଟିନଜାତୀୟ ଖାଦ୍ୟ ଖାଆନ୍ତୁ। ଏହା ଶରୀର ପାଇଁ ବେଶ୍ ଉପକାରୀ।

## ରେନଡ୍ସ ସିଣ୍ଡ୍ରୋମ



ବାରମ୍ବାର ହାତ ଗରମ କିମ୍ବା ଥଣ୍ଡା ପାଣି ସଂସ୍ପର୍ଶରେ ଆସିବା ଦ୍ୱାରା ଏକ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଇଥାଏ। ଡାକ୍ତରୀ ଭାଷାରେ ଏହାକୁ 'ରେନଡ୍ସ ସିଣ୍ଡ୍ରୋମ' କହନ୍ତି। କେବଳ ସେତିକି ନୁହେଁ, ଦ୍ରୁତ ଗତିରେ ଘୂରି ବୁଲୁଥିବା ସାମଗ୍ରୀ– ଡ୍ରିଲିଙ୍ଗ ମେଶିନ ଏବଂ ହେୟାର ଡ୍ରାୟର ଆଦି ବାରମ୍ବାର ବ୍ୟବହାର କଲେ ଏଭଳି ସମସ୍ୟା ଦେଖାଯିବାର ଆଶଙ୍କା ରହିଛି। ଏହି ରୋଗରେ ବ୍ୟକ୍ତିର ହାତ ଏବଂ ଗୋଡ଼ର ଆଙ୍ଗୁଠିରେ ଧମନୀ ସିଧାସଳଖ ପ୍ରଭାବିତ ହୋଇଥାଏ। ଏହାଦ୍ୱାରା ହାତ ଗୋଡ଼କୁ ଆବଶ୍ୟକ ପରିମାଣର ଅମ୍ଳଜାନ ଯାଇପାରି ନ ଥାଏ। ଫଳରେ ଏଥିରେ ରକ୍ତ ଜମାଟ ବାନ୍ଧିବା ଦ୍ୱାରା ହାତଗୋଡ଼ର ଆଙ୍ଗୁଠି ରଙ୍ଗ ନୀଳ ପଡ଼ିଯାଏ। ଏଭଳି ସମସ୍ୟା ଲାଗି ରହିଲେ ଆଙ୍ଗୁଠିର ରଙ୍ଗ ଧୀରେ ଧୀରେ ଆହୁରି ବଦଳି ହଳଦିଆ ଏବଂ ଲାଲ ରଙ୍ଗ ହୋଇଯାଏ। ଏଥିଯୋଗୁ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଦେଖାଯିବାର ଆଶଙ୍କା ରହିଛି। ଅନ୍ୟପକ୍ଷରେ କାନ୍ଧର ମାଂସପେଶୀ ଉପରେ ଅଧିକ ଚାପ ପଡ଼ିଲେ ଏଭଳି ସମସ୍ୟା ଦେଖାଦେଇଥାଏ। ତେଣୁ ଏଭଳି ସମସ୍ୟାଠାରୁ ଦୂରେଇ ରହିବା ଲାଗି ବାରମ୍ବାର ଥଣ୍ଡା କିମ୍ବା ଗରମ ପାଣି ବ୍ୟବହାର କରୁଥିଲେ ହ୍ୟାଣ୍ଡ ଗ୍ଲୋଭ୍ସ ବ୍ୟବହାର କରନ୍ତୁ।

# ବାଦଲଫଟା ବର୍ଷା

"କୌଣସି ୨୦ ରୁ ୩୦ ବର୍ଗ କି.ମି. ପରିମିତ ସୀମିତ ଅଞ୍ଚଳ ମଧ୍ୟରେ ଏକ ଘଣ୍ଟା କିମ୍ବା ତା'ଠାରୁ କମ୍ ସମୟ ମଧ୍ୟରେ ୧୦୦ ମି.ମି. ରୁ ଅଧିକ ବୃଷ୍ଟିପାତ ହେଲେ ତାହାକୁ 'ବାଦଲ ଫାଟିବା' ଘଟଣା କହନ୍ତି। ପୂର୍ବେ ବିଶ୍ୱାସ କରାଯାଉଥିଲା ଯେ, ଆକାଶର ବାଦଲ ଏକ ଜଳପୂର୍ଣ୍ଣ ବେଲୁନ ସଦୃଶ ଏବଂ ଏହା ଫାଟିଗଲେ ଏଥିରେ ଥିବା ସମସ୍ତ ଜଳରାଶି ବର୍ଷା ଆକାରରେ ଅଚାନକ ତଳକୁ ଖସିପଡ଼େ। ସେଥିପାଇଁ ଏହାକୁ ପୂର୍ବେ ବାଦଲ ଫାଟିବା ବୋଲି କୁହାଯାଉଥିଲା। ମାତ୍ର ଏହି ଧାରଣା ଠିକ୍ ନୁହେଁ। ସ୍ୱଳ୍ପ ସମୟ ମଧ୍ୟରେ ଅତି ସୀମିତ ସ୍ଥାନରେ ଅଚାନକ ଅତ୍ୟଧିକ ବର୍ଷା ହୋଇଗଲେ ଏହାକୁ 'ବାଦଲ ଫାଟିବା' ଘଟଣା କୁହାଯାଏ।"



ନିକୁଞ୍ଜ ବିହାରୀ ସାହୁ

ବନ୍ୟା ବାତ୍ୟା ଭଳି ବାଦଲ ଫାଟିବା ଏକ ପ୍ରାକୃତିକ ବିପ୍ୟାତ। ଏହା ବିଶେଷକରି ସମୁଦ୍ର ପତ୍ତନଠାରୁ ଯଥେଷ୍ଟ ଉଚ୍ଚରେ ଥିବା ପାର୍ବତ୍ୟାଞ୍ଚଳରେ ସଂଘଟିତ ହୋଇଥାଏ। ଏହି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଅଚାନକ ବନ୍ୟା ଆସେ ଏବଂ ଘରଦ୍ୱାର ପାଣିରେ ଭସେଇ ନିଏ, ଯାହା ଧନଜୀବନ ହାନିର କାରଣ ସାଜିଥାଏ। ଏଥିରେ ସାରା ବିଶ୍ୱରେ ପ୍ରତି ବର୍ଷ ବହୁ ଧନଜୀବନ ହାନି ଘଟିଥାଏ। ଚଳିତ ବର୍ଷ ଅଗଷ୍ଟ ୧୪ରେ ଜମ୍ମୁ-କଶ୍ମୀରର ମଚେଲ ମାତା ମନ୍ଦିରକୁ ଯିବା ମାର୍ଗରେ କିସ୍ତୱାଡା ଜିଲାର ସମୁଦ୍ର ପତ୍ତନରୁ ୯୫୦୦ ଫୁଟ ଉର୍ଦ୍ଧ୍ୱରେ ଥିବା ଚାସୋଟି ଗ୍ରାମ ନିକଟରେ ବାଦଲ ଫାଟିବା କାରଣରୁ ୪୬ ଜଣ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା ଏବଂ ଶତାଧିକ ବ୍ୟକ୍ତି ଆହତ ହୋଇଥିଲେ। ୨୦୨୪ ଜୁଲାଇ ୩୧ ତାରିଖ ଏବଂ ଚଳିତ ବର୍ଷ ଅଗଷ୍ଟ ୫ ତାରିଖରେ ଉତ୍ତରାଖଣ୍ଡ ରାଜ୍ୟର ହିମାଳୟ ପାର୍ବତ୍ୟାଞ୍ଚଳରେ ବାଦଲ ଫାଟିବା କାରଣରୁ ଅଚାନକ ବନ୍ୟା ଆସି ଧନଜୀବନର ବ୍ୟାପକ କ୍ଷତି ଘଟିଥିଲା। ସେହିପରି ଗତ ୨୦୨୨ ମସିହା ଜୁଲାଇ ୮ ତାରିଖ ଦିନ ଜମ୍ମୁ-କଶ୍ମୀରର ପବିତ୍ର ଅମରନାଥ ଗୁମ୍ଫା ରାସ୍ତାର ପହଲଗାମ୍ ନିକଟରେ ବାଦଲ ଫାଟିବା କାରଣରୁ ଅଚାନକ ବନ୍ୟା ଆସି ୧୫ ଜଣଙ୍କ ମୃତ୍ୟୁ ଘଟିବା ସାଙ୍ଗକୁ ବହୁ ଲୋକ ଆହତ ହୋଇଥିଲେ। ତା' ସହ ଅନେକ ଅସ୍ଥାୟୀ ଶିବିର, ଭୋଜନାଳୟ ଓ ଲାଙ୍ଗରର ତମ୍ବୁ ପାଣିରେ ଭାସିଯାଇଥିଲା। ଫଳରେ ଅମରନାଥ ଯାତ୍ରାକୁ ଅସ୍ଥାୟୀ ରୂପେ ସ୍ଥଗିତ କରିବାକୁ ପଡ଼ିଥିଲା। ତେବେ ପ୍ରଶ୍ନ ଉଠେ : ଏହି ବାଦଲ ଫାଟିବା କ'ଣ ଏବଂ ଏହାର କାରଣ କ'ଣ।



କୌଣସି ୨୦ ରୁ ୩୦ ବର୍ଗ କି.ମି. ପରିମିତ ସୀମିତ ଅଞ୍ଚଳ ମଧ୍ୟରେ ଏକ ଘଣ୍ଟା କିମ୍ବା ତା'ଠାରୁ କମ୍ ସମୟ ମଧ୍ୟରେ ୧୦୦ ମି.ମି. ରୁ ଅଧିକ ବୃଷ୍ଟିପାତ ହେଲେ ତାହାକୁ 'ବାଦଲ ଫାଟିବା' ଘଟଣା କହନ୍ତି। ପୂର୍ବେ ବିଶ୍ୱାସ କରାଯାଉଥିଲା ଯେ, ଆକାଶର ବାଦଲ ଏକ ଜଳ ପୂର୍ଣ୍ଣ ବେଲୁନ ସଦୃଶ ଏବଂ ଏହା ଫାଟିଗଲେ ଏଥିରେ ଥିବା ସମସ୍ତ ଜଳରାଶି ବର୍ଷା ଆକାରରେ ଅଚାନକ ତଳକୁ ଖସିପଡ଼େ। ସେଥିପାଇଁ ଏହାକୁ ପୂର୍ବେ ବାଦଲ ଫାଟିବା (Cloud Bursting) ବୋଲି କୁହାଯାଉଥିଲା। ମାତ୍ର ଏହି ଧାରଣା ଠିକ୍ ନୁହେଁ। ସ୍ୱଳ୍ପ ସମୟ ମଧ୍ୟରେ ଅତି ସୀମିତ ସ୍ଥାନରେ ଅଚାନକ ଅତ୍ୟଧିକ ବର୍ଷା ହୋଇଗଲେ ଏହାକୁ 'ବାଦଲ ଫାଟିବା' ଘଟଣା କୁହାଯାଏ। ତଥାପି ପୂର୍ବର ଏହି ନାମକରଣ ଏବେବି ରହିଯାଇଛି। ପୂର୍ବର ଏହି ଅଜବ ନାମକରଣ ଏବେ ମଧ୍ୟ ପ୍ରଚଳିତ ହେଉଛି।

ଏବେ ଆସନ୍ତୁ, ବାଦଲ ଫାଟିବାର କାରଣ ଜାଣିବା। ଯେତେବେଳେ ଜଳୀୟବାଷ୍ପ ଭରା ମୌସୁମୀ ବାୟୁ କୌଣସି ଉଚ୍ଚ ପର୍ବତରେ ବାଧା ପାଇ ଏହାର ତୀଖ ପୃଷ୍ଠ ଦେଇ ଉପରକୁ ଉଠିବା ପାଇଁ ବାଧ୍ୟ ହୁଏ, ଏହା ଅଚାନକ ପ୍ରସାରିତ ହୋଇ ଶୀତଳତା ସୃଷ୍ଟିକରେ। ଏଥିରେ ଥିବା ସମସ୍ତ ଜଳୀୟବାଷ୍ପ ଘନୀଭୂତ ହୋଇ ଜଳକଣାରେ ପରିଣତ ହୁଏ। ମାତ୍ର ଏହି ଜଳକଣା ଉର୍ଦ୍ଧ୍ୱକୁ ଉଠୁଥିବା ବାୟୁସ୍ରୋତର ସଂଘାତରେ ତଳେ ଖସି ନ ପଡ଼ି ଆକାଶରେ ବିପୁଳ ଜଳକଣା ଭରା ଏକ ବିଶାଳ ପିଣ୍ଡ ରୂପରେ ଜମା ହୋଇ ରହେ। ଜଳୀୟବାଷ୍ପ ଭରା ଏହି ବିଶାଳ ପିଣ୍ଡ କିନ୍ତୁ ବାସ୍ତବରେ ଅତ୍ୟନ୍ତ ଅସ୍ଥିର ଓ ଅସ୍ଥାୟୀ ଅଟେ। ସମୟକ୍ରମେ, ଉର୍ଦ୍ଧ୍ୱକୁ ଉଠୁଥିବା ବାୟୁସ୍ରୋତ ଦୁର୍ବଳ ହୋଇଗଲେ, ଏହି ପିଣ୍ଡର ସମସ୍ତ ଜଳକଣା ଏକାବେଳକେ ତଳକୁ ଖସି ପଡ଼ିଥାଏ। ଏହାକୁ 'ବାଦଲ ଫାଟିବା' ଘଟଣା କୁହାଯାଏ। ଏହା ଅଚାନକ ବନ୍ୟା ସୃଷ୍ଟି କରେ।

ଆମ ଭାରତରେ ବିଶେଷ କରି ହିମାଳୟ ଅଞ୍ଚଳରେ ବାଦଲ ଫାଟିବା ଏକ ସାଧାରଣ ଘଟଣା। କିଛି ବାଦଲ ଫାଟିବା ଘଟଣା ମଧ୍ୟ ସମତଳ ଭୂମିରେ ଲକ୍ଷ୍ୟ କରାଯାଏ। ୧୯୦୮ ମସିହା ସେପ୍ଟେମ୍ବର ୨୮ ତାରିଖରେ ବାଦଲ ଫାଟିବା ଯୋଗୁଁ ତେଲଙ୍ଗନା ରାଜ୍ୟର ମୁସି ନଦୀରେ ଅଚାନକ ଜଳସ୍ତର ୩ ରୁ ୪ ମିଟର ବୃଦ୍ଧି ପାଇଥିଲା। ଏହାଦ୍ୱାରା ପ୍ରବଳ ବନ୍ୟା ଆସି ନଦୀ କୂଳରେ ଥିବା ୧୫,୦୦୦ ଲୋକଙ୍କ ମୃତ୍ୟୁ ଘଟିବା ସାଙ୍ଗକୁ ସମୁଦାୟ ୮୦,୦୦୦ ଘର ଭାସିଯାଇଥିଲା। ୧୯୭୦ ମସିହା ଜୁଲାଇ ୨୦ ତାରିଖରେ ଅଲକାନନ୍ଦା ନଦୀର ଉପରମୁଣ୍ଡ ଜଳଗ୍ରହଣ କ୍ଷେତ୍ରରେ ବାଦଲ ଫାଟିବା ଦ୍ୱାରା ଅଚାନକ ବନ୍ୟା ଆସି ୧୩ଟି ସେତୁ, ୩୦ଟି ତୀର୍ଥଯାତ୍ରୀ ବସ୍ ସମେତ ଏକ ବସ୍ତି ସମ୍ପୂର୍ଣ୍ଣ ଭାସିଯାଇଥିଲା। ୧୯୯୭ ମସିହା ଅଗଷ୍ଟ ୧୫ ତାରିଖରେ ହିମାଚଳ ପ୍ରଦେଶର ସିମଲା ଜିଲାର ଚିଦଗାଓଁଠାରେ ବାଦଲ ଫାଟିବା କାରଣରୁ ୧୧୫ ଜଣ ଲୋକଙ୍କ ମୃତ୍ୟୁ ଘଟିଥିଲା। ୧୯୯୮ ମସିହା ଅଗଷ୍ଟ ୧୭ ତାରିଖରେ ଉତ୍ତରାଖଣ୍ଡର ପିଥୋରାଗଡ଼ ଜିଲାରେ ବାଦଲ ଫାଟିବା ଯୋଗୁଁ ଭୂସ୍ଖଳନ ଘଟି ବହୁ କୈଳାଶ-ମାନସରୋବର ତୀର୍ଥଯାତ୍ରୀଙ୍କ ସମେତ ସମୁଦାୟ ୨୫୦ ଜଣ ଲୋକଙ୍କ ମୃତ୍ୟୁ ଘଟିଥିଲା। ୨୦୦୩ ଜୁଲାଇ ୧୬ ତାରିଖରେ ହିମାଚଳ ପ୍ରଦେଶର ଶିଲାଗଡ଼ଠାରେ ବାଦଲ ଫାଟିବାରୁ ଅଚାନକ ବନ୍ୟା ଆସି ୪୦ ଜଣ ଲୋକଙ୍କ ପ୍ରାଣହାନି ଘଟିଥିଲା। ୨୦୦୫ ମସିହା ଜୁଲାଇ ୨୬ ତାରିଖରେ ବାଦଲ ଫାଟିବା ଯୋଗୁ ବାଣିଜ୍ୟ ନଗରୀ ମୁମ୍ବାଇରେ ୮ ଘଣ୍ଟା ସମୟ ମଧ୍ୟରେ ୯୫୦ ମି.ମି. ବୃଷ୍ଟିପାତ ହୋଇଥିଲା, ଯାହାଦ୍ୱାରା ୧୦୦୦ରୁ ଉର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଥିଲେ। ୨୦୦୯ ମସିହା ଅଗଷ୍ଟ ୭ ତାରିଖରେ ଉତ୍ତରାଖଣ୍ଡ ରାଜ୍ୟର ପିଥୋରାଗଡ଼ ଜିଲାର ମୁନସ୍ୟାରି ଗାଁ ନିକଟରେ ବାଦଲ ଫାଟିବା ଫଳରେ ଭୂସ୍ଖଳନ ଘଟି ୩୮ ଜଣ ଲୋକ ପ୍ରାଣ ହରାଇଥିଲେ। ୨୦୧୦ ମସିହା ସେପ୍ଟେମ୍ବର ମାସରେ ଉତ୍ତରାଖଣ୍ଡ ରାଜ୍ୟର ଆଲମୋଡ଼ାଠାରେ ବାଦଲ ଫାଟିବା ଯୋଗୁ ବନ୍ୟା ଆସି ଦୁଇଟି ଗାଁ ସମ୍ପୂର୍ଣ୍ଣ ବୁଡ଼ିଯାଇଥିଲା ଏବଂ ଅଧିକାଂଶ ଗ୍ରାମବାସୀଙ୍କ ମୃତ୍ୟୁ ଘଟିଥିଲା। ସେହି ୨୦୧୦ ମସିହା ଅଗଷ୍ଟ ୬ ତାରିଖରେ ଲଦାଖ କ୍ଷେତ୍ରର ସୀମନ୍ତ ସହର ଲେହଠାରେ ବାଦଲ ଫାଟିବାରୁ ୧୭୯ ଜଣ ଲୋକଙ୍କ ପ୍ରାଣହାନି ଘଟିଥିଲା। ୨୦୧୩ ମସିହା ଜୁନ୍ ମାସରେ ଉତ୍ତରାଖଣ୍ଡ ରାଜ୍ୟର କେଦାରନାଥଠାରେ ବାଦଲ ଫାଟିବାରୁ ୫୦୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା। ୨୦୧୮ ମସିହା ମେ ମାସରେ ସେହି ଉତ୍ତରାଖଣ୍ଡ ରାଜ୍ୟର ଚମୋଲୀ ଜିଲାରେ ବାଦଲ ଫାଟିବା ଦ୍ୱାରା ଅନେକ ଯାନବାହନ ଆବର୍ଜନା ଓ କାଦୁଅରେ ପୋତି ହୋଇପଡ଼ିଥିଲା। ୨୦୨୧ ମସିହା ଜୁଲାଇ ୨୧ ତାରିଖରେ ଜମ୍ମୁ-କଶ୍ମୀରର କିସ୍ତୱାଡା ଜିଲାର ଦଛନ ଅଞ୍ଚଳରେ ବାଦଲ ଫାଟିବାରୁ ୨୬ ଜଣ ଲୋକଙ୍କ ମୃତ୍ୟୁ ଘଟିଥିଲା।

ବିଶ୍ୱର ସବୁଠାରୁ ପ୍ରଳୟଙ୍କରୀ ବାଦଲଫଟା ଘଟଣା ୧୯୭୨ ନଭେମ୍ବର ୨୬ ତାରିଖରେ ଆଟ୍‌ଲାଣ୍ଟିକ ମହାସାଗରର କାରିବିଆନ ସାଗର ମଧ୍ୟରେ ଅବସ୍ଥିତ ଫ୍ରାନ୍ସ ଶାସିତ ଏକ ଦ୍ୱୀପପୁଞ୍ଜ ଗୁଆଡେଲୁପର ବାସେ-ଟେରେ ଦ୍ୱୀପରେ ଦେଖିବାକୁ ମିଳିଥିଲା, ଯେଉଁଥିରେ ମାତ୍ର ୧ ମିନିଟ ସମୟ ମଧ୍ୟରେ ୩୮.୧୦ ମି.ମି. ପରିମାଣର ବୃଷ୍ଟିପାତ ରେକର୍ଡ କରାଯାଇଥିଲା। (କ୍ରମଶଃ..)

-ଏଜୁକେଶନ ଅଫିସର,
ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର
ମୋ : ୮୦୧୮୭୦୮୮୫୮

## ଚିନ୍ତାଧାରା ସକାରାତ୍ମକ ରହିଲେ...



ଆଜିକାଲି ହୃଦ୍‌ରୋଗ ଏକ ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା ଭାବରେ ଉଭା ହୋଇଛି। ଏବେ ଏହାର ଚିକିତ୍ସା ପାଇଁ ଅତ୍ୟାଧୁନିକ ଚିକିତ୍ସା ପ୍ରଣାଳୀ ଅନୁସରଣ କରାଯାଉଛି। ଠିକ୍ ସମୟରେ ଚିକିତ୍ସିତ ହେଲେ ଅନେକେ ଏଥିରୁ ଆରୋଗ୍ୟ ଲାଭ କରିପାରୁଛନ୍ତି। ହେଲେ ଯଦି ଆମେ ନିଜ ଚିନ୍ତାଧାରାକୁ ସକାରାତ୍ମକ ରଖିବା ତେବେ ହୃଦ୍‌ଜନିତ ସମସ୍ୟା ଦେଖାଯିବାର ଆଶଙ୍କା କେତେକାଂଶରେ କମ୍ ରହିବ ବୋଲି ଏକ ସର୍ଭେରୁ ଜଣାପଡ଼ିଛି। ଏଭଳି ବିଷୟ ଉପରେ ଟୋକିଓ ବିଶ୍ୱବିଦ୍ୟାଳୟର ହୃଦ୍‌ରୋଗ ବିଶେଷଜ୍ଞମାନେ ଏକ ସର୍ଭେ କରି ଏକଥା ଜାଣିପାରିଛନ୍ତି। ସକାରାତ୍ମକ ଚିନ୍ତାଧାରା ସହ ବଞ୍ଚୁଥିବା କେତେକ ବ୍ୟକ୍ତିଙ୍କଠାରେ ଏହାର ଲକ୍ଷଣ ଅନ୍ୟମାନଙ୍କ ତୁଳନାରେ ସେମାନେ କମ୍ ଦେଖିବାକୁ ପାଇଥିଲେ। ସବୁଠାରୁ ଅଧିକ ସଂଖ୍ୟାରେ ହେଉଥିବା ହୃଦ୍‌ରୋଗ ଯାହା କରୋନାରୀ ଧମନୀରେ ରକ୍ତ ସଞ୍ଚାଳନରେ ବାଧା ଯୋଗୁ ହୋଇଥାଏ। ବର୍ତ୍ତମାନ ଏହାର ସମ୍ପୂର୍ଣ୍ଣ ଓ ଫଳପ୍ରଦ ଚିକିତ୍ସା କରାଯାଇପାରୁଛି। ତେବେ ଆମ୍ଭେମାନେ ଚାହିଁଲେ ହୃଦ୍‌ରୋଗକୁ କମାଇ ପାରିବା ଏବଂ ହୃଦରୋଗଜନିତ ମୃତ୍ୟୁରୁ ରକ୍ଷା ପାଇପାରିବା। ନିୟମିତ ବ୍ୟାୟାମ, ସନ୍ତୁଳିତ ଖାଦ୍ୟ, ଓଜନ ହ୍ରାସ, ଚର୍ବି ହ୍ରାସ, ରକ୍ତଚାପ ନିୟନ୍ତ୍ରଣ, ରକ୍ତରେ ଶର୍କରା ନିୟନ୍ତ୍ରଣ, କମ୍ ଲୁଣ, କମ୍ ଚିନି, ତଟକା ଫଳମୂଳ, ସବୁଜ ପନିପରିବାରୁ ପ୍ରସ୍ତୁତ ଖାଦ୍ୟ, ସୁସ୍ଥ ମନ, ସୁସ୍ଥ ଚିନ୍ତାଧାରା, ମାନସିକ ଚାପ ହ୍ରାସ ଓ ଆହୁରି ଅନେକ ଏହିପରି କାର୍ଯ୍ୟବିଧି ହୃଦ୍‌ଘାତର ଆଶଙ୍କା କମାଇ ଦେଇଥାଏ।

## ଉପାୟ ଆମ ହାତରେ...



ଧୂମପାନ ଏଭଳି ଏକ ଅଭ୍ୟାସ ଯାହା ଜଣଙ୍କୁ ଥରେ କବଳିତ କଲେ ସେ ସେଥିରୁ ମୁକୁଳିବା ସହଜ ହୋଇ ନ ଥାଏ। ଏକ ସର୍ଭେରୁ ଜଣାପଡ଼ିଛି ଯେ ଆମ ଦେଶରେ ପ୍ରତିବର୍ଷ ହାରାହାରି ୧୦ ଲକ୍ଷରୁ ଅଧିକ ଲୋକ ଧୂମପାନଜନିତ ରୋଗରେ ମୃତ୍ୟୁବରଣ କରିଥାଆନ୍ତି। ନିୟମିତ ଧୂମପାନ କଲେ ହୃଦ୍‌ରୋଗ, ଫୁସ୍‌ଫୁସ୍‌ଜନିତ ରୋଗ ସହିତ ଅନ୍ଧତ୍ୱ, ଦ୍ୱିତୀୟ ପ୍ରକାର ମଧୁମେହ (ଟାଇପ-୨ ଡାଇବେଟିସ୍), ଉଚ୍ଚ ରକ୍ତଚାପ, ଯୌନ ଅକ୍ଷମତା, ଅସ୍ଥି ଦୁର୍ବଳତା ଏପରି କି ଜନ୍ମିତ ଶିଶୁର ବିକଳାଙ୍ଗତା ଇତ୍ୟାଦି ହୋଇଥାଏ। ଧୂମପାନ ଫୁସ୍‌ଫୁସ୍‌କୁ କ୍ଷତି ପହଞ୍ଚାଇବା ସହିତ ସ୍ୱାସ୍ଥ୍ୟାବସ୍ଥାକୁ ଅଧିକ ମାତ୍ରାରେ କ୍ଷତି କରିଥାଏ। ତମାଖୁର ସୂକ୍ଷ୍ମ କଣିକା ଶରୀର ମଧ୍ୟକୁ ଯାଇ ନିମୋନିଆ, ଏମଫିସିମା, ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ ଓ କ୍ୟାନ୍‌ସର ପରି ଜୀବନନାଶକ ରୋଗ ସୃଷ୍ଟି କରିଥାଏ। ଧୂମପାନ ତ୍ୟାଗ ଅତ୍ୟନ୍ତ ଉପକାରୀ ହୋଇଥାଏ। ଧୂମପାନ ତ୍ୟାଗର ମାତ୍ର କେଇ ମାସ ମଧ୍ୟରେ ଅନେକ ଉନ୍ନତି ମିଳିଥାଏ। ଏହାଦ୍ୱାରା ଉଚ୍ଚ ରକ୍ତଚାପ ହ୍ରାସ, କଫ ଓ କାଶରେ କମ୍ ଏବଂ ନିଃଶ୍ୱାସ ନେବାରେ କ୍ଷମତା ବଢ଼ିଥାଏ। ତେଣୁ ଏହାଠାରୁ ନିଜକୁ ସମ୍ପୂର୍ଣ୍ଣ ଭାବରେ ଦୂରେଇ ରଖିବା ଉପାୟ ନିଜ ହାତରେ ହିଁ ରହିଛି।

## ସ୍ୱାସ୍ଥ୍ୟ ସୂଚନା

➤ସବୁବେଳେ ସୁପାଚ୍ୟ ଖାଦ୍ୟ ଖାଆନ୍ତୁ। ଯଦି ଏଣୁତେଣୁ ଖାଇବା ଏକ ଅଭ୍ୟାସରେ ପରିଣତ ହୋଇଗଲା ତେବେ ଏହା ହଜମ କ୍ରିୟାକୁ ପ୍ରଭାବିତ କରିବା ସହ କେତେକ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ।

➤ରାତିରେ ଯଦି ଉଜ୍ଜ୍ୱଳ ଆଲୋକ ସଂସ୍ପର୍ଶରେ ଆସନ୍ତି ତେବେ ଏହାଦ୍ୱାରା ଭଲ ନିଦ ହୋଇ ନ ଥାଏ। ତେଣୁ ଶୋଇବା ପୂର୍ବରୁ ଭଲ ଭାବରେ ମୁହଁ, ଗୋଡ଼ହାତ ଧୁଅନ୍ତୁ। ଶାନ୍ତ ମନରେ ଶୋଇବାକୁ ଯାଆନ୍ତୁ।

➤ଦୀର୍ଘକାଳୀନ ରୋଗରେ ପୀଡ଼ିତ ଥିଲେ ଡାକ୍ତର କେତେକ ନମୁନା ପରୀକ୍ଷା ପାଇଁ ପ୍ରେସ୍‌କ୍ରିପସନରେ ଉଲ୍ଲେଖ କରିଥାଆନ୍ତି। ଏଗୁଡ଼ିକୁ ଅଣଦେଖା କରନ୍ତୁ ନାହିଁ। ପୁରୁଣା ପ୍ରେସ୍‌କ୍ରିପସନ ଏବଂ ନମୁନା ପରୀକ୍ଷା ରିପୋର୍ଟ ଏକ ଫାଇଲ୍ ଭିତରେ ରଖନ୍ତୁ। ହୁଏତ ଏହା ଭବିଷ୍ୟତରେ ଚିକିତ୍ସା ସମୟରେ କାମରେ ଆସିପାରେ।



➤ନିଜକୁ ସୁସ୍ଥ ରଖିବା ଲାଗି ନିଶାଦ୍ରବ୍ୟ ସେବନ ବର୍ଜନ କରନ୍ତୁ। ଏହା ମନକୁ ସାମୟିକ ଆନନ୍ଦ ଦେଇଥାଏ, ହେଲେ ପରୋକ୍ଷରେ ଅନେକ ରୋଗକୁ ଆମନ୍ତ୍ରଣ କରିଥାଏ। ଏପରିକି ସେଥିରୁ ଉପଶମ ପାଇବା ଲାଗି ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡ଼େ।

➤ନିୟମିତ ସମୟ ବ୍ୟବଧାନରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ।

➤ଯଦି ଆପଣ ବ୍ଲଡ୍‌ପ୍ରେସର କିମ୍ବା ଡାଇବେଟିସ ସମସ୍ୟା ସହ ଜଡ଼ିତ ତେବେ ଔଷଧ ଖାଇବାରେ ଅନିୟମିତତା କରନ୍ତୁ ନାହିଁ। ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

# କିପରି ନୀରୋଗ ରହିବେ...

ଆଜିକାଲି ନିଜ ଶରୀରକୁ ସୁସ୍ଥ ତଥା ନୀରୋଗ ରଖିବାକୁ ପଡ଼ିବ। କାରଣ ଦିନକୁ ଦିନ ବିଭିନ୍ନ ପ୍ରକାର ରୋଗଦ୍ୱାରା ଆମେ ଆକ୍ରାନ୍ତ ହେଉଛେ। ତେଣୁ ସୁସ୍ଥ ଶରୀର ପାଇଁ ଏକ ସରଳ ତଥା ସହଜ ଉପାୟ ରହିଛି। ପ୍ରଥମେ ନିଜର ଜୀବନଶୈଳୀକୁ ସନ୍ତୁଳିତ ରଖନ୍ତୁ। ଠିକ୍ ସମୟରେ ଖାଦ୍ୟ ଖାଆନ୍ତୁ। ଏଣୁତେଣୁ ଏବଂ ତେଲମସଲାଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ। ପ୍ରତିଦିନ କିଛି ସମୟ ବ୍ୟାୟାମ କରନ୍ତୁ। ଏହାଦ୍ୱାରା ଆମେ ନିଜକୁ କେତେକାଂଶରେ ସୁସ୍ଥ ରଖିପାରିବା। ବ୍ୟାୟାମ ବ୍ୟତୀତ ଯୋଗ, ପ୍ରାଣାୟାମ କରନ୍ତୁ। ବିଶେଷଭାବରେ ଯୋଗର ଅନେକ ଉପକାରୀ ଗୁଣ ରହିଛି। ଯୋଗ କରିବା ଦ୍ୱାରା ଆମ ଶରୀରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ମଜଭୁତ ହୋଇଥାଏ। ଶରୀରରେ ରକ୍ତ ସଂଚାଳନ ମଧ୍ୟ ଠିକ୍ ଭାବେ ହୁଏ। ତା'ସହ ଶରୀରର ଆଭ୍ୟନ୍ତରୀଣ ଅଙ୍ଗଗୁଡ଼ିକ ମଧ୍ୟ ଶକ୍ତ ହୋଇଥାଏ। ରକ୍ତଚାପକୁ ବି ଏହା ସନ୍ତୁଳିତ ଅବସ୍ଥାରେ ରଖେ। ଆଉ ଏକ କଥା ହେଲା ବିଶ୍ରାମ। ପ୍ରତିଦିନ ୭-୮ ଘଣ୍ଟା ଶୁଅନ୍ତୁ। ଯଦି କୌଣସି ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଲା, ତେବେ ତାହାକୁ ଅଣଦେଖା କରନ୍ତୁ ନାହିଁ। ତୁରନ୍ତ ଅଭିଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରି ଚିକିତ୍ସିତ ହୁଅନ୍ତୁ।



ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୧/୨୦୨୫ Bhubaneswar, Monday, September 1/ 2025

# ଭାରତର କ୍ରମାଗତ ଦ୍ୱିତୀୟ ବିଜୟ

**ହକି ଏସିଆ କପ୍**



ଗୋଲ ସ୍କୋର ପରେ ଭାରତୀୟ ଖେଳାଳି ଖୁସି ମନାଉଛନ୍ତି।

**ରାଜଗିର(ବିହାର), ୩୧।୮(ପି.ଟି.)**
ଅଧିନାୟକ ହରମନପ୍ରୀତ ସିଂଙ୍କ ଡବଲ୍ ଗୋଲ ବଳରେ ହକି ଏସିଆ କପ୍‌ରେ ରବିବାର ଜାପାନ ବିପକ୍ଷରେ ଖେଳାଯାଇଥିବା ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌କୁ ଭାରତୀୟ ଦଳ ୩-୨ ଗୋଲରେ ଜିତିନେଇଛି। ଲଗାତର ଦ୍ୱିତୀୟ ବିଜୟ ସହ ଭାରତୀୟ ଦଳ ସୁପର-୪ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଏହି ବିଜୟ ସହ ଭାରତ ପୁଲ୍-ଏ'ରେ ୬ ପଏଣ୍ଟ ସହ ଶୀର୍ଷରେ ରହିଛି। ଭାରତୀୟ ଦଳ ସୋମବାର ତା'ର ଅନ୍ତିମ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ କାଜାଖସ୍ତାନକୁ ଭେଟିବ। ଜାପାନ ଓ ଚାଇନା ମଧ୍ୟରେ ହେବାକୁଥିବା ମ୍ୟାଚ୍‌ର ବିଜେତା ପୁଲ୍-ଏ'ରୁ ଦ୍ୱିତୀୟ ଦଳ ଭାବେ ସୁପର-୪ ପର୍ଯ୍ୟାୟରେ ପ୍ରବେଶ କରିବ।

ଏହି ମ୍ୟାଚ୍ ଜରିଆରେ ଭାରତୀୟ ଗୋଲ୍‌କିପର କ୍ରିଶନ ବାହାଦୁର ପାଠକ ଅନ୍ତର୍ଜାତୀୟ କ୍ୟାରିୟରରେ ୧୫୦ତମ ମ୍ୟାଚ୍ ପୂରଣ କରିଛନ୍ତି।

ମ୍ୟାଚ୍ ଆରମ୍ଭରୁ ଭାରତୀୟ ଦଳ ଆଟାକିଂ ଖେଳ ପ୍ରଦର୍ଶନ କରିଥିଲା। ମ୍ୟାଚ୍‌ର ଦ୍ୱିତୀୟ ମିନିଟ୍‌ରେ ମନପ୍ରୀତ ଅଳ୍ପକେ ଏକ ଫିଲ୍ଡ ଗୋଲ ସୁଯୋଗ ହାତଛଡ଼ା କରିଥିଲେ। ଏହାର ଦୁଇ ମିନିଟ୍ ପରେ ମନଦୀପ ସିଂ ଏକ ଜବରଦସ୍ତ ଫିଲ୍ଡ ଗୋଲ ଜରିଆରେ ଭାରତକୁ ୧-୦ ଗୋଲ୍‌ର ଅଗ୍ରଣୀ ଆଣିଦେଇଥିଲେ। ପରବର୍ତ୍ତୀ ମିନିଟ୍‌ରେ ଭାରତକୁ ଲଗାତର ଦୁଇଟି ପେନାଲ୍ଟି କର୍ନର ମିଳିଥିଲା। ପ୍ରଥମଟି ବେକାର ସାବ୍ୟସ୍ତ ହୋଇଥିବା ବେଳେ ଦ୍ୱିତୀୟ ପେନାଲ୍ଟି କର୍ନରକୁ ଅଧିନାୟକ ହରମନପ୍ରୀତ ଗୋଲ୍‌ରେ ପରିଣତ କରି ଭାରତର ଅଗ୍ରଣୀ ବ୍ୟବଧାନକୁ ଦ୍ୱିଗୁଣିତ କରିଥିଲେ। ପ୍ରଥମ କ୍ୱାର୍ଟର ଶେଷହେବାର ଦୁଇ ମିନିଟ୍ ପୂର୍ବରୁ ଜାପାନ ଦୁଇଟି ପେନାଲ୍ଟି କର୍ନର ହାସଲ କରିଥିଲା। ହେଲେ ଉଭୟଥର ଭାରତୀୟ ଗୋଲ୍‌କିପର କ୍ରିଷ୍ଣ ବାହାଦୁର ପାଠକ ସେଭ୍ କରିଥିଲେ। ଫଳରେ ପ୍ରଥମ କ୍ୱାର୍ଟର ଶେଷସୁଦ୍ଧା ଭାରତ ୨-୦ ଗୋଲ୍‌ରେ ଆଗରେ ରହିଥିଲା। ଏହି ସ୍କୋର ଲାଇନ୍ ଦ୍ୱିତୀୟ କ୍ୱାର୍ଟର ଶେଷପର୍ଯ୍ୟନ୍ତ ଜାରି ରହିଥିଲା। ତୃତୀୟ କ୍ୱାର୍ଟରର ୩୮ତମ ମିନିଟ୍‌ରେ କୋସେଇ କାୱାବେ ଜାପାନ ପାଇଁ ପ୍ରଥମ ଗୋଲ କରିଥିଲେ। ୪୬ତମ ମିନିଟ୍‌ରେ ପୁଣି ଥରେ ପେନାଲ୍ଟି କର୍ନର ଜରିଆରେ ହରମନପ୍ରୀତ ଭାରତ ପାଇଁ ଗୋଲ ସ୍କୋର କରିଥିଲେ। ମ୍ୟାଚ୍ ଶେଷହେବାର ଦୁଇ ମିନିଟ୍ ପୂର୍ବରୁ କାୱାବେ ଦଳ ପାଇଁ ଓ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ କରିଥିଲେ। ପୁଲ୍-ଏ'ର ଅନ୍ୟ ଏକ ମ୍ୟାଚ୍‌ରେ ଚାଇନା ୧୩-୧ ଗୋଲରେ କାଜାଖସ୍ତାନକୁ ପରାସ୍ତ କରିଛି। ଏହି ବିଜୟ ଯୋଗୁ ଚାଇନା ସୁପର-୪ ପର୍ଯ୍ୟାୟରେ ପହଞ୍ଚିବାର ଆଶାକୁ ଉଜ୍ଜୀବିତ ରଖିଛି।

## ସାତ୍ତ୍ୱିକ-ଚିରାଗଙ୍କୁ ବ୍ରୋଞ୍ଜ୍ ପଦକ

**ପ୍ୟାରିସ୍, ୩୧।୮ (ପି.ଟି.):** ଭାରତର ଅଗ୍ରଣୀ ପୁରୁଷ ଡବଲ୍ସ ଯୋଡ଼ି ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ଏଠାରେ ଚାଲିଥିବା ବିଶ୍ୱ ଚାମ୍ପିୟନଶିପ୍ସରେ ବ୍ରୋଞ୍ଜ୍ ପଦକରେ ସନ୍ତୁଷ୍ଟ ରହିଛନ୍ତି। ପୁରୁଷ ଡବଲ୍ସ ସେମିଫାଇନାଲରେ ସାତ୍ତ୍ୱିକ ଓ ଚିରାଗ ୧୯-୨୧, ୨୧-୧୮, ୧୨-୨୧ ଗେମ୍‌ରେ ୧୧ତମ ସିଡ୍ ଚାଇନାର ଚେନ୍ ବୋ ୟାଙ୍ଗ୍ ଓ ଲ୍ୟୁ ୟିଙ୍ଗଠାରୁ ପରାସ୍ତ ହୋଇଛନ୍ତି। ୬୭ ମିନିଟ୍ ଧରି ଚାଲିଥିବା ମ୍ୟାଚ୍‌ର ପ୍ରଥମ ଗେମ୍‌ରେ ଅଳ୍ପକେ ପରାଜିତ ହୋଇଥିବା ଭାରତୀୟ ଯୋଡ଼ି ଦ୍ୱିତୀୟ ଗେମ୍ ଜିତି ମ୍ୟାଚ୍‌କୁ ଫେରିଥିଲେ। ହେଲେ ତୃତୀୟ ଗେମ୍‌ରେ ସେମାନେ ପ୍ରତିପକ୍ଷ ଚାଇନିଜ୍ ଯୋଡ଼ିର ଉଚିତ ମୁକାବିଲା କରିପାରି ନ ଥିଲେ। ଏହି ସମ୍ମାନ୍‌ଜନକ ଟୁର୍ନାମେଣ୍ଟରେ ଏହା ସାତ୍ତ୍ୱିକ-ଚିରାଗଙ୍କ ଲାଗି ଦ୍ୱିତୀୟ ପଦକ। ଏଥିପୂର୍ବରୁ ଏହି ଭାରତୀୟ ଯୋଡ଼ି ୨୦୨୨ ସଂସ୍କରଣରେ ମଧ୍ୟ ବ୍ରୋଞ୍ଜ୍ ପଦକ ଜିତିଥିଲା। ଏମାନଙ୍କ ପରାଜୟ ସହ ଚଳିତ ଟୁର୍ନାମେଣ୍ଟରେ ଭାରତର ପ୍ରତିଦ୍ୱନ୍ଦ୍ୱିତା ଶେଷ ହୋଇଛି। ହେଲେ ୨୦୧୧ଠାରୁ ଏହି ଟୁର୍ନାମେଣ୍ଟର ପ୍ରତ୍ୟେକ ସଂସ୍କରଣରେ ଅତିକମ୍‌ରେ ଜଣେ ଭାରତୀୟ ଶଟ୍‌ଲରଙ୍କ ପଦକ ଜିତିବା ଧାରା ଜାରି ରହିଛି।

# ଦେବାଶିଷ, ବ୍ରେଟ୍ ଲି ବ୍ରାଣ୍ଡ୍ ଆମ୍ବାସାଡର



ସ୍ୱତନ୍ତ୍ର ସାଧାରଣ ବୈଠକରେ ଉପସ୍ଥିତ ଓସିଏ କର୍ମକର୍ତ୍ତା।

**ଭୁବନେଶ୍ୱର, ୩୧।୮ (ତପନ ସ୍ୱାଇଁ)**
ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ସ୍ୱତନ୍ତ୍ର ସାଧାରଣ ବୈଠକ ପୁରୀସ୍ଥିତ ସ୍ୱସ୍ତି ପ୍ରିମିୟମ ବିଚ୍ ରିସର୍ଟରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ପଙ୍କଜ ଲୋଚନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପସଭାପତି ଜଗମୋହନ ପଟ୍ଟନାୟକ, ସମ୍ପାଦକ ସଞ୍ଜୟ ବେହେରା, ଯୁଗ୍ମ ସମ୍ପାଦକ ପ୍ରଭାତ ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଓସିଏ କାଉନ୍‌ସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ସିଇଓ ସୁବ୍ରତ ବେହେରା ଏବଂ ଅନ୍ୟ ଅନୁବନ୍ଧିତ ୟୁନିଟ୍‌ଗୁଡ଼ିକର ସଦସ୍ୟ ଉପସ୍ଥିତ ଥିଲେ। ବୈଠକ ପ୍ରାରମ୍ଭରେ ଓଡ଼ିଶା ପ୍ରୋ ଟି୨୦ ଲିଗ୍ ସମ୍ପର୍କରେ ଆଲୋଚନା ହୋଇଥିଲା। ସେପ୍ଟେମ୍ବର ୧୫ରୁ ୨୪ ପର୍ଯ୍ୟନ୍ତ ହେବାକୁଥିବା ଟୁର୍ନାମେଣ୍ଟରେ ମୋଟ ୬ଟି ଫ୍ରାଞ୍ଚାଇଜ୍ ଦଳ ଅଂଶଗ୍ରହଣ କରିବେ। ଆରିଭା ସ୍ପୋର୍ଟ୍ସ ସହଯୋଗରେ ଏହି ପ୍ରତିଯୋଗିତା ଆୟୋଜନ ହେବ। ପ୍ରତିଦିନ ୨ଟି ମ୍ୟାଚ୍ ଅନୁଷ୍ଠିତ ହେବ। ଷ୍ଟାର

**ଓଡ଼ିଶା ପ୍ରୋ ଟି୨୦**

ସ୍ପୋର୍ଟ୍ସରେ ପ୍ରତିଯୋଗିତାର ସିଧା ପ୍ରସାରଣ ଏବଂ ଫ୍ୟାନ୍‌କୋଡ୍ (ଓଟିଟି)ରେ ଲାଇଭ୍ ଷ୍ଟ୍ରିମିଂ ହେବ। ନିକଟରେ ହେବାକୁଥିବା ପ୍ଲେୟର୍ସ ଡ୍ରାଫ୍ଟ ମାଧ୍ୟମରେ ଫ୍ରାଞ୍ଚାଇଜ୍‌ଗୁଡ଼ିକ ଖେଳାଳି ଚୟନ କରିବେ। ପୂର୍ବତନ ଅଷ୍ଟ୍ରେଲିଆ ଫାଷ୍ଟ ବୋଲର ବ୍ରେଟ୍ ଲି ଏବଂ ଓଡ଼ିଶାର ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ଦେବାଶିଷ ମହାନ୍ତିଙ୍କୁ ଲିଗ୍‌ର ବ୍ରାଣ୍ଡ୍ ଆମ୍ବାସାଡର କରାଯାଇଛି। ପ୍ରଥମ ଦିବସରେ ଭବ୍ୟ ଉଦ୍‌ଘାଟନୀ ସମାରୋହ ହେବ ବୋଲି ଉକ୍ତ ବୈଠକରେ ନିଷ୍ପତ୍ତି ନିଆଯାଇଛି।

**ଓଡ଼ିଶା ସେଣ୍ଟର ଅଫ୍ ଏକ୍ସିଲେନ୍ସି**

ଡ. ହରେକୃଷ୍ଣ ମହତାବ ଫିଡର ସେଣ୍ଟର(ବାଳିକା ଓ ବାଳକଙ୍କ ପାଇଁ ୧୪ ବର୍ଷରୁ କମ୍ ରେସିଡେନ୍ସିଆଲ କ୍ରିକେଟ ଏକାଡେମୀ) ଏବଂ ସଚିନ ତେନ୍ଦୁଲକର ସ୍ପୋର୍ଟ୍ସ ସାଇନ୍ସ ସେଣ୍ଟର କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ବିଚାରବିମର୍ଶ ହୋଇଛି। ୨୦୨୬ ଜାନୁଆରୀ ବେଳକୁ ସେଣ୍ଟର ଅଫ୍ ଏକ୍ସିଲେନ୍ସି ଉଦ୍‌ଘାଟନ କରିବାକୁ ଆପାତତଃ ଧାର୍ଯ୍ୟ କରାଯାଇଛି।

**ବାରବାଟୀରେ ଅନ୍ତର୍ଜାତୀୟ ମ୍ୟାଚ**

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍ ଡିସେମ୍ବର ୯ରେ କଟକସ୍ଥିତ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହାକୁ ନେଇ ରାଜ୍ୟ ସରକାରଙ୍କ ସହ ଆଲୋଚନା ଏବଂ ମ୍ୟାଚ୍‌ର ସଫଳ ଆୟୋଜନ ଲାଗି ବିଭିନ୍ନ ନିଷ୍ପତ୍ତି ନେବାକୁ ନିର୍ବିବାଦରେ ଓସିଏ ସଭାପତି, ସମ୍ପାଦକ ଏବଂ ଅନ୍ୟ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି।

**ଓସିଏ ନିର୍ବାଚନ**

ଡିସେମ୍ବର ୯ରେ କଟକରେ ଭାରତ-ଦକ୍ଷିଣ ଆଫ୍ରିକା ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚ ପରେ ଓଡ଼ିଶା କ୍ରିକେଟ ଆସୋସିଏଶନର ନିର୍ବାଚନ ହେବ। ଏହି ପ୍ରସ୍ତାବ ନିର୍ବିବାଦରେ ଅନୁମୋଦିତ ହୋଇଥିଲା।

# କଳିଙ୍ଗରେ 'ସାଇକେଲ ସହିତ ରବିବାର' କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୩୧।୮ (ତପନ ସ୍ୱାଇଁ)**
ଅଗଷ୍ଟ ୨୯ରୁ ୩୧ ପର୍ଯ୍ୟନ୍ତ ୩ ଦିନ ଧରି ସାରା ଦେଶରେ ପାଳିତ ହୋଇଯାଇଛି ଜାତୀୟ କ୍ରୀଡ଼ା ଦିବସ। ଏହି ଅବସରରେ ରବିବାର ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ, ଭାରତୀୟ ଖେଳ ପ୍ରାଧିକରଣ ଏବଂ ଓଡ଼ିଶା ସାଇକେଲିଂ ଆସୋସିଏଶନ୍‌ର ମିଳିତ ଆନୁକୂଲ୍ୟରେ 'ସାଇକେଲ ସହିତ ରବିବାର' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ଆନୁଷ୍ଠାନିକ ଭାବେ ସାଇକେଲ୍ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। "ଜାତୀୟ କ୍ରୀଡ଼ା ଦିବସ କେବଳ କ୍ରୀଡ଼ାବିତ୍‌ଙ୍କ ପାଇଁ ନୁହେଁ, ବରଂ ସମସ୍ତ ଜନସାଧାରଣଙ୍କୁ ଏକ ସୁସ୍ଥ ଓ ନିରାମୟ ଜୀବନଚର୍ଯ୍ୟା ଆପଣାଇବା ପାଇଁ ବାର୍ତ୍ତା ପ୍ରଦାନ କରିଥାଏ। ସାଇକେଲ ଶୋଭାଯାତ୍ରା ମାଧ୍ୟମରେ ଆମେ ସମସ୍ତଙ୍କୁ ଫିଟ୍ ରହିବା ପାଇଁ ପ୍ରୋତ୍ସାହିତ କରୁଛୁ। ଏକ ସୁସ୍ଥ ଓ ନିରାମୟ ଜୀବନଯାପନ ପାଇଁ କେବଳ ଆଜି ନୁହେଁ, ବରଂ ଦୈନିକ ଯୋଗ ଓ ବ୍ୟାୟାମ କରିବା, ସାଇକେଲ ଚଳାଇବା ଆଦି କାର୍ଯ୍ୟକୁ ଆମ ଦୈନନ୍ଦିନ ଜୀବନରେ ସାମିଲ କରିବା ଉଚିତ"ବୋଲି କ୍ରୀଡ଼ାମନ୍ତ୍ରୀ ପ୍ରକାଶ କରିଛନ୍ତି। ଏଥିରେ ବହୁ ଜନସାଧାରଣ ଭାଗନେଇ ଫିଟ୍‌ନେସ୍ ଓ ଏକତାର ବାର୍ତ୍ତା ସଞ୍ଚାର କରିବା ସହିତ ଏକ ସୁସ୍ଥ ଓ ନିରାମୟ ଜୀବନଶୈଳୀ ଯାପନ କରିବା ନିମନ୍ତେ ସମସ୍ତଙ୍କୁ ପ୍ରୋତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସାଇକ୍ଲିଂ ଆସୋସିଏଶନ ସଭାପତି ମିନତି ମହାପାତ୍ର, ଓଡ଼ିଶା ହକି ପ୍ରମୋଶନ କାଉନ୍‌ସିଲର ସିଇଓ ଦୀପଙ୍କର ମହାପାତ୍ର, କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ପଣ୍ଡା ଓ ବିଜୟ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।


କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପତାକା ଦେଖାଇ 'ସାଇକେଲ ସହିତ ରବିବାର' କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି।

# ପାଠକ ଖେଳିଲେ ୧୫୦ତମ ମ୍ୟାଚ



କ୍ରିଶନ ବାହାଦୁର ପାଠକଙ୍କୁ ଦିଲୀପ ତିର୍କୀ ସମ୍ବର୍ଦ୍ଧିତ କରୁଛନ୍ତି।

**ରାଜଗିର, ୩୧।୮**
ଏଠାରେ ଚାଲିଥିବା ଏସିଆ କପ୍ ହକି ଟୁର୍ନାମେଣ୍ଟରେ ରବିବାର ଅନୁଷ୍ଠିତ ଜାପାନ ବିପକ୍ଷ ମ୍ୟାଚ୍‌ରେ କ୍ୟାରିୟରର ୧୫୦ତମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି ଗୋଲ୍‌କିପର କ୍ରିଶନ ବାହାଦୁର ପାଠକ। କିମ୍ବଦନ୍ତୀ ଗୋଲ୍‌କିପର ପି.ଆର୍. ଶ୍ରୀଜେଶଙ୍କ ଅବସର ପରେ ପଞ୍ଜାବ କପୁରତାଲାର ୨୮ ବର୍ଷୀୟ କ୍ରିଶନ ଏବେ ଭାରତର ପ୍ରଥମ ପସନ୍ଦ ଗୋଲ୍‌କିପର। ଏସିଆ କପ୍‌ରେ ଚାଇନାକୁ ୪-୩ ଗୋଲରେ ହରାଇ ଅଭିଯାନ ଆରମ୍ଭ କରିଥିବା ଭାରତ ଦ୍ୱିତୀୟ ମ୍ୟାଚରେ ଜାପାନକୁ ପରାସ୍ତ କରିଥିବାରୁ କ୍ରିଶନଙ୍କ ଲାଗି ଏହି ମାଇଲଖୁଣ୍ଟ ମ୍ୟାଚ୍ ସ୍ମରଣୀୟ ହୋଇଛି। ୨୦୧୬ରେ ଏଫ୍‌ଆଇଏଚ୍ ଜୁନିୟର ହକି ବିଶ୍ୱକପ୍ ବିଜୟୀ ଭାରତୀୟ ଦଳର ସଦସ୍ୟ ଥିବା ପାଠକ ୨୦୧୮ ଜାନୁଆରୀରେ ଏକ ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ଜାପାନ ବିପକ୍ଷ ମ୍ୟାଚ୍‌ରେ ସିନିୟରସ୍ତରରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଅଭିନନ୍ଦନ ଜଣାଇବା ସହ କହିଛନ୍ତି ଯେ, "ବର୍ତ୍ତମାନ ସମୟରେ କ୍ରିଶନ ହେଉଛନ୍ତି ଭାରତୀୟ ହକିର ପ୍ରାଚୀର। ଜୁନିୟର ସ୍ତରରୁ ଆରମ୍ଭକରି ବର୍ତ୍ତମାନ ଭାରତର ପ୍ରଥମ ପସନ୍ଦର ଗୋଲ୍‌କିପର ହେବା ପର୍ଯ୍ୟନ୍ତ ତାଙ୍କ ଯାତ୍ରା ଯୁବପିଢ଼ିଙ୍କ ପାଇଁ ପ୍ରେରଣା ସଦୃଶ।"

# ୩ ଭେନ୍ୟୁରେ ହେବ ଏଚ୍‌ଆଇଏଲ୍

**ରାଜଗିର(ବିହାର), ୩୧।୮(ପି.ଟି.)**
ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ପରବର୍ତ୍ତୀ ସଂସ୍କରଣ ଆସନ୍ତା ଜାନୁଆରୀରେ ୩ଟି ଭେନ୍ୟୁରେ ହେବ। ଏ ନେଇ ହକି ଇଣ୍ଡିଆ(ଏଚ୍‌ଆଇ) ସଭାପତି ଦିଲୀପ ତିର୍କୀ ରବିବାର କହିଛନ୍ତି। ପୁରୁଷ ଏଚ୍‌ଆଇଏଲ୍‌ରେ ପୂର୍ବଭଳି ୮ ଦଳ ଭାଗ ନେବେ। କିନ୍ତୁ ମହିଳା ଲିଗ୍‌ରେ ୪ ବଦଳରେ ୬ ଦଳ ଭାଗନେବେ। ଗୋନାସିକା(ପୁରୁଷ) ଏବଂ ଓଡ଼ିଶା ୱାରିଅର୍ସ(୨୦୨୫ ମହିଳା ଚାମ୍ପିୟନ) ବ୍ୟକ୍ତିଗତ କାରଣ ଦର୍ଶାଇ ଲିଗ୍‌ରୁ ଓହରି ଯାଇଛନ୍ତି। 'ଉଭୟ କାଟେଗୋରିରେ ଏଚ୍‌ଆଇଏଲ୍ ହେବ। ପୁରୁଷ ବିଭାଗରେ ଗୋନାସିକ ଛଡ଼ା ଅନ୍ୟ ସମସ୍ତ ଦଳ ଭାଗନେବେ। ଆମେ ଗୋନାସିକା ଦଳର ବଦଳ ଦଳ ଖୁବ୍‌ଶୀଘ୍ର ଘୋଷଣା କରିବୁ। ମହିଳା ବିଭାଗରେ ୪ ଓ ପୁରୁଷ ବିଭାଗରେ ୮ରୁ କମ୍ ଦଳ ଭାଗ ନେବେନାହିଁ। ଆମେ ମହିଳା ବିଭାଗରେ ଦଳ ସଂଖ୍ୟା ୪ରୁ ୬କୁ ବୃଦ୍ଧି କରିବାକୁ ଯୋଜନା କରିଛୁ। ଏଥର ୩ ଭେନ୍ୟୁରେ ଖେଳାଯିବ। ଓଡ଼ିଶାର ଭୁବନେଶ୍ୱର ଓ ରାଉରକେଲା ମଧ୍ୟରୁ ଗୋଟିଏ ଭେନ୍ୟୁରେ ଖେଳାଯିବ ବୋଲି ତିର୍କୀ ଏସିଆ କପ୍ ଅବସରରେ କହିଛନ୍ତି। ଏତଦ୍‌ବ୍ୟତୀତ ସେ ପ୍ରକାଶ କରିଛନ୍ତି ଯେ, ପଞ୍ଜାବରେ ମ୍ୟାଚ୍ ଆୟୋଜନ ଲାଗି ପ୍ରସ୍ତାବ ଆସିଛି। ହେଲେ ଚଣ୍ଡିଗଡ଼ ଓ ମୋହାଲି ଭଳି ସହରରେ ଜାନୁଆରୀରେ ପ୍ରବଳ କୁହୁଡ଼ିର ସମ୍ମୁଖୀନ ହେବାକୁ ପଡ଼ିବ। ଏ ସମ୍ପର୍କରେ ଆମେ ଭବିଷ୍ୟତରେ ଚିନ୍ତା କରିବୁ। ଓଡ଼ିଶା ୱାରିଅର୍ସ ସମ୍ପର୍କରେ ତିର୍କୀ ପ୍ରକାଶ କରିଛନ୍ତି ଯେ, ଓଡ଼ିଶା ୱାରିଅର୍ସ ତା'ର ଖେଳାଳିଙ୍କୁ ଟଙ୍କା ଦେବାରେ ବିଳମ୍ବ କରିଥିଲା। ଆମେ ସେମାନଙ୍କ ସହ ଆଲୋଚନା ପରେ ସେମାନଙ୍କ ପାଇଁ ଖେଳାଳିଙ୍କୁ ଟଙ୍କା ଦେଇଥିଲୁ। ଓଡ଼ିଶା ୱାରିଅର୍ସ ମହିଳାଙ୍କ ମଧ୍ୟରେ ଚାମ୍ପିୟନ ହୋଇଥିଲା। ଏଣୁ ସେମାନଙ୍କ ପୁରସ୍କାର ଟଙ୍କା ଆମ ପାଖରେ ଥିଲା ଏବଂ ଆମେ ସେମାନଙ୍କ ଅନୁମତି ନେବା ପରେ ଖେଳାଳିଙ୍କୁ ଦେଇଥିଲୁ। ଓଡ଼ିଶା ୱାରିଅର୍ସ ଓ ଗୋନାସିକା ଖେଳାଳିମାନେ ଅକ୍ସନକୁ ଯିବେ। କିଛି ଫ୍ରାଞ୍ଚାଇଜ୍ କେତେଜଣ ଖେଳାଳିଙ୍କୁ ରିଟେନ୍ କରି ଅନ୍ୟମାନଙ୍କୁ ରିଲିଜ୍ କରିଛନ୍ତି।




# ଏଫ୍‌ଆଇଭିବି ପ୍ରତିନିଧି ମଣ୍ଡଳୀର କିଟ୍-କିସ୍ ପରିଦର୍ଶନ

**ଭୁବନେଶ୍ୱର, ୩୧।୯ (ତପନ ସ୍ୱାଇଁ)**
ଅନ୍ତର୍ଜାତୀୟ ଭଲିବଲ ଫେଡେରେଶନ(ଏଫ୍‌ଆଇଭିବି)ର ଏକ ପ୍ରତିନିଧି ଦଳ ରବିବାର କିଟ୍ ଓ କିସ୍‌ର ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ପରିଦର୍ଶନ କରିଛି। ଏହି ପ୍ରତିନିଧି ମଣ୍ଡଳୀରେ ଏଫ୍‌ଆଇଭିବି କ୍ରୀଡ଼ା ନିର୍ଦ୍ଦେଶକ ଷ୍ଟିଭ୍ ଟଟନ ଏବଂ ହିତେଶ ମାଲ୍‌ହୋତ୍ରା ସାମିଲ ଥିଲେ। ଏହି ଅବସରରେ ସେମାନେ କିଟ୍-କିସ୍ ପରିସରରେ ଥିବା ଭଲିବଲ, ବିଚ୍ ଭଲିବଲ ଏକ୍ସିଲେନ୍ସି ସେଣ୍ଟର ସହିତ କିମ୍ସର ସୁପର ସ୍ପେଶିଆଲିଟି କମ୍ପ୍ଲେକ୍ସ, ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ ଦେଖି ଅଭିଭୂତ ହୋଇଥିଲେ। ପରେ ପ୍ରତିନିଧି ମଣ୍ଡଳୀ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ସାକ୍ଷାତ୍ କରି ଭାରତରେ ଭଲିବଲ୍ ବିକାଶରେ ତାଙ୍କର ଉତ୍ସର୍ଗୀକୃତ ମନୋଭାବ ପାଇଁ କୃତଜ୍ଞତା ଜଣାଇଥିଲେ। ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆର ସଭାପତି ଭାବେ ଅଚ୍ୟୁତଙ୍କ କାର୍ଯ୍ୟକାଳ ଅବସରରେ କିଟ୍ ଓ କିସ୍ ଏକାଧିକ ରାଜ୍ୟ ଓ ଜାତୀୟ ପ୍ରତିଯୋଗିତା ଆୟୋଜନ କରିଛି। ଜାତୀୟ ପ୍ରତିଯୋଗିତା ପୂର୍ବରୁ ଏଠାରେ କ୍ୟାମ୍ପମାନ ଅନୁଷ୍ଠିତ ହୋଇଥିବାରୁ ପିଲାମାନେ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ପଦକ ଜିତିବାରେ ସକ୍ଷମ ହୋଇଛନ୍ତି। ସାକ୍ଷାତ୍ ଅବସରରେ ପ୍ରତିନିଧି ଦଳ ଅଚ୍ୟୁତଙ୍କୁ ପ୍ୟାରିସ୍ ଅଲିମ୍ପିକ୍ ଭଲିବଲ ପ୍ରତିଯୋଗିତାରେ ବ୍ୟବହାର ହୋଇଥିବା ଏକ ଭଲିବଲ ଏବଂ ସ୍ମାରକୀ ପ୍ରଦାନ କରିଥିଲେ। କିଟ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାସ ଓ ଅନ୍ୟମାନେ ଉପସ୍ଥିତ ଥିଲେ।


ଏଫ୍‌ଆଇଭିବି ପ୍ରତିନିଧିଙ୍କ ସହ ଅଚ୍ୟୁତ ସାମନ୍ତ ଓ ଅନ୍ୟମାନେ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ